(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୫/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, January 25/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 63 | ମୂଲ୍ୟ ₹୭/-




**ନ୍ୟାୟପାଳିକାରେ କେନ୍ଦ୍ରର ହସ୍ତକ୍ଷେପ ବିପଜ୍ଜନକ**

ନ୍ୟାୟପାଳିକାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ବିପଜ୍ଜନକ ବୋଲି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏନ୍. ସନ୍ତୋଷ ହେଗଡେ କହିଛନ୍ତି।

୦୨

୧୧

**ଦିଗ୍‌ବିଜୟଙ୍କ ମନ୍ତବ୍ୟ ବ୍ୟକ୍ତିଗତ**

ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦେଇଥିବା ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।



## ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରି
# ହାଇଦ୍ରାବାଦ ୟୁନିଭର୍ସିଟିରେ ପ୍ରଦର୍ଶିତ

### କେରଳରେ ପ୍ରଦର୍ଶନ ଲାଗି ଘୋଷଣା

**ହାଇଦ୍ରାବାଦ/ଥିରୁଭାନନ୍ତପୁରମ୍,୨୪।୧**

ବ୍ରିଟେନ୍ ଜାତୀୟ ଗଣମାଧ୍ୟମ ବିବିସି ୨୦୦୨ ଗୁଜରାଟ ଦଙ୍ଗା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରକାଶ କରିଥିବା ବିବାଦୀୟ ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'କୁ ହାଇଦ୍ରାବାଦ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ପ୍ରଦର୍ଶନ କରାଯାଇଛି। ଶନିବାର ଉତ୍ତର କ୍ୟାମ୍ପସ୍‌ରେ ଥିବା ଶପିଂ କମ୍ପ୍ଲେକ୍ସରେ ଡକ୍ୟୁମେଣ୍ଟାରି ସ୍କ୍ରିନିଂକୁ ନେଇ ବିବାଦ ଦେଖାଦେଇଛି। ଏହା ବିରୋଧରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବିଶ୍ୱବିଦ୍ୟାଳୟ ପ୍ରଶାସନ ନିକଟରେ ପ୍ରତିବାଦ ଜଣାଇଛି। ଏନେଇ ପ୍ରଶାସନ କ୍ୟାମ୍ପସ୍ ସୁରକ୍ଷା ବିଭାଗଠାରୁ ସବିଶେଷ ରିପୋର୍ଟ ମାଗିଛି। ସେପଟେ କେରଳରେ ମଙ୍ଗଳବାର ବିଭିନ୍ନ ରାଜନୈତିକ ଦଳ ବିବାଦୀୟ ଡକ୍ୟୁମେଣ୍ଟାରିର ସ୍କ୍ରିନିଂ କରିବା ପାଇଁ ଘୋଷଣା କରିଛନ୍ତି। ଏଭଳି କାର୍ଯ୍ୟ ଦେଶ ପ୍ରତି ବିଶ୍ୱାସଘାତ କହି ଏହାକୁ ବନ୍ଦ କରିବା ଲାଗି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ତୁରନ୍ତ ହସ୍ତକ୍ଷେପ କରିବାକୁ ଭାଜପା ଅନୁରୋଧ କରିଛି।

ଡକ୍ୟୁମେଣ୍ଟାରିକୁ କେରଳରେ ପ୍ରଦର୍ଶନ କରିବା ଲାଗି ସିପିଆଇ(ଏମ୍) ଯୁବ ସଂଗଠନ ଡିୱାଇଏଫ୍‌ଆଇ ଫେସ୍‌ବୁକ୍ ପେଜ୍‌ରେ ଘୋଷଣା କରିବା ପରେ ଏହାକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଏହା ପରେ ସିପିଆଇ(ଏମ୍)ର ସହଯୋଗୀ ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇ, କେରଳ ପ୍ରଦେଶ କଂଗ୍ରେସ କମିଟିର ବିଭିନ୍ନ ସଂଗଠନ ପକ୍ଷରୁ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯିବା ଲାଗି ଘୋଷଣା କରାଯାଇଛି। ରାଜ୍ୟରେ ଉକ୍ତ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଅନୁମତି ନ ଦେବାକୁ ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ବିଦେଶୀ ଡକ୍ୟୁମେଣ୍ଟାରିକୁ ପ୍ରଦର୍ଶନ କରିବା ଦ୍ୱାରା ଦେଶର ଏକତା ଓ ସଂହତି ପ୍ରତି ବିପଦ ସୃଷ୍ଟି ହେବ। ଧର୍ମୀୟ ଉତ୍ତେଜନା ବଢ଼ାଇବା ଲକ୍ଷ୍ୟରେ ଦୁଇ ☞ପୃଷ୍ଠା-୪



ହାଇଦ୍ରାବାଦ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ପ୍ରଦର୍ଶିତ ବିବିସି ଡକ୍ୟୁମେଣ୍ଟାରି

### ସତ ଲୁଚି ରହିପାରିବନି: ରାହୁଲ

**ନୂଆଦିଲ୍ଲୀ,୨୪।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସିର ଡକ୍ୟୁମେଣ୍ଟାରିକୁ ଭାରତ ନିଷେଧ କରିଛି। ତେବେ ସତ୍ୟକୁ ଲୁଚାଇ ରଖାଯାଇପାରିବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଡକ୍ୟୁମେଣ୍ଟାରିକୁ ପକ୍ଷପାତମୂଳକ ଏବଂ ବସ୍ତୁନିଷ୍ଠ ନୁହେଁ କହି ଭାରତ ସରକାର ବ୍ୟାନ୍ କରିବା ରାଜନୈତିକ ଅସହିଷ୍ଣୁତା ବୋଲି ସେ ଭାବୁଥିବା କହିଛନ୍ତି। ଏହା ଗଣତାନ୍ତ୍ରିକ ଦେଶ। ଏଠାରେ ସତକୁ ଯେତେ ଘୋଡ଼ାଇଲେ ମଧ୍ୟ ତାହା ପଦାକୁ ବାହାରିବ ବୋଲି କଂଗ୍ରେସ ନେତା କହିଛନ୍ତି।

# ଓକିଲ ଧର୍ମଘଟ ରୋକିବାକୁ ଯୋଜନା କର

### ବିସିଆଇ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ
- ବୃତ୍ତିଗତ ଶିଷ୍ଟାଚାର ନିୟମ ମାନୁନାହାନ୍ତି ବାର୍ ସଦସ୍ୟ: ଖଣ୍ଡପୀଠ



**ନୂଆଦିଲ୍ଲୀ,୨୪।୧**

ଓଡ଼ିଶାର ବିଭିନ୍ନ ଭାଗରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ବାର୍ ଆସୋସିଏଶନ୍‌ଗୁଡ଼ିକୁ ଧର୍ମଘଟରୁ କ୍ଷାନ୍ତ ରହିବା ପାଇଁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ) କୌଣସି ବାସ୍ତବ ଯୋଜନା କରୁ ନ ଥିବାରୁ ସର୍ବୋଚ୍ଚ ଅଦାଲତ କଡ଼ା ଭର୍ତ୍ସନା କରିଛନ୍ତି।

ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବିରୋଧରେ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଅବମାନନା ଆବେଦନ ଦାଖଲ କରାଯାଇଛି। ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ବେଲା ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନ୍‌ର ଶୁଣାଣି କରି ବିସିଆଇର ଖାମଖିଆଲି ମନୋଭାବକୁ ନିନ୍ଦା କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ବାର୍ ସଦସ୍ୟଙ୍କ ବିରୋଧରେ ଯଦି ବିସିଆଇ ଯାହା କରିବା କଥା ସେଦିଗରେ ତ୍ୱରିତ ପଦକ୍ଷେପ ନ ନେବ ତେବେ ଆଉ କିଏ କାର୍ଯ୍ୟାନୁଷ୍ଠାନ ନେବ? ଆମେ ନିର୍ଦ୍ଦିଷ୍ଟ ଭାବେ ପ୍ରତିକାରମୂଳକ ଉପାୟ ଚାହୁଁଛୁ। ଆପଣ ନିଜ ସୁବିଧା ଅନୁସାରେ ଯୋଜନା କରିବେ, ତାକୁ ଆମେ ଅନୁମତି ଦେଇପାରିବୁ ନାହିଁ ବୋଲି ବିସିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅର୍ଦ୍ଧେନ୍ଦୁ ମଉଳି କୁମାର ପ୍ରସାଦଙ୍କୁ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ଶୁଣାଣି ବେଳେ ପ୍ରସାଦ ଯୁକ୍ତି ବାଢ଼ିଥିଲେ ଯେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକରେ ଅନୁଧ୍ୟାନ କରାଯାଉଛି। ଖଣ୍ଡପୀଠ କହିଥିଲେ, ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇପାରିବ ନାହିଁ। ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକ ମଧ୍ୟ ବିସିଆଇର ଅଂଶବିଶେଷ। ଆପଣଙ୍କ ସଦସ୍ୟମାନେ କେବଳ ରାଜ୍ୟ ବାର୍ କାଉନ୍‌ସିଲଗୁଡ଼ିକରେ ସାମିଲ ଅଛନ୍ତି। ତେଣୁ ବିସିଆଇ ଭିନ୍ନ ବୋଲି କୁହନ୍ତୁ ନାହିଁ। ପ୍ରସାଦ କହିଥିଲେ, ସଦସ୍ୟମାନେ ବାର୍ କାଉନ୍‌ସିଲରୁ ଆସୁଥିଲେ ମଧ୍ୟ ସେମାନଙ୍କ କ୍ଷମତା ଓ କାର୍ଯ୍ୟକାରିତା ଭିନ୍ନ। ଆସୋସିଏଶନ୍‌ଗୁଡ଼ିକୁ ସମ୍ବେଦନଶୀଳ କରାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏନେଇ ଜଷ୍ଟିସ୍ ତ୍ରିବେଦୀ କହିଥିଲେ, ସେମାନେ ସମସ୍ତେ ପ୍ରସଙ୍ଗର ସମ୍ବେଦନଶୀଳତାକୁ ବୁଝିସାରିଛନ୍ତି, କିନ୍ତୁ ସେସବୁକୁ ଅନୁସରଣ କରୁନାହାନ୍ତି। ଏହା ଉପରେ ଆଇନଜୀବୀ ପ୍ରସାଦ କହିଥିଲେ, ଓଡ଼ିଶା ଏବଂ କାଲ୍‌କାଟାରେ ବାର୍ ଆସୋସିଏଶନ ପଦାଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେତେଜଣଙ୍କୁ ନିଲମ୍ବନ ମଧ୍ୟ କରାଯାଇଛି। ଗତ ନଭେମ୍ବରରେ ସୁପ୍ରିମକୋର୍ଟଙ୍କ ଏକ ଅନ୍ୟ ଖଣ୍ଡପୀଠ କହିଥିଲେ, ପଶ୍ଚିମ ଓଡ଼ିଶାରେ ରାଜ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା

# ଓସ୍କାରରେ ନାଟୁ ନାଟୁ

- ଫାଇନାଲ୍ ସୂଚୀରୁ ବାଦ୍ ପଡ଼ିଲା 'ଛେଲୋ ଶୋ'
- ଡକ୍ୟୁମେଣ୍ଟାରି ଅଲ୍ ଦ୍ୟାଟ୍ ବ୍ରେଥ୍‌ସ, ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ ମଧ୍ୟ ମନୋନୀତ



**ନୂଆଦିଲ୍ଲୀ, ୨୪।୧**

ମନୋରଞ୍ଜନ ଜଗତ କ୍ଷେତ୍ରରେ ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର 'ଓସ୍କାର' ପାଇଁ ମନୋନୀତ ହୋଇଛି 'ନାଟୁ ନାଟୁ' ଗୀତ। ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ସିନେମା 'ଆର୍‌ଆର୍‌ଆର୍'ର ଏହି ଗୀତ ଖୁବ୍ ଚର୍ଚ୍ଚା ସାଉଁଟିବାରେ ଲାଗିଛି। ଅରିଜିନାଲ ସଙ୍ଗ୍ କାଟାଗୋରିରେ ନାଟୁ ନାଟୁକୁ ବଛାଯାଇଛି। ଅଭିନେତା ରିଜ୍ ଏହମଦ ଏବଂ ଏଲିସୋନ୍ ୱିଲିୟମ୍ସ ଓସ୍କାର ପୁରସ୍କାର ପାଇଁ ମନୋନୀତ ଫିଲ୍ମଗୁଡ଼ିକର ନାମ ତାଲିକା ଘୋଷଣା କରିଛନ୍ତି। ନିକଟରେ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ଜିତିଥିବା 'ନାଟୁ ନାଟୁ' ବ୍ୟତୀତ ଲେଡି ଗାଗାଙ୍କ 'ହୋଲ୍ଡ ମାଇଁ ହ୍ୟାଣ୍ଡ', ରିହାନାଙ୍କ 'ଲିଫ୍ଟ ମି ଅପ୍' ସମେତ ୪ ଗୀତକୁ ମଧ୍ୟ ନୋମିନେଟ୍ କରାଯାଇଛି।

ସେହିପରି ୨ ଭାରତୀୟ ଡକ୍ୟୁମେଣ୍ଟାରି ଫିଲ୍ମ 'ଅଲ୍ ଦ୍ୟାଟ୍ ବ୍ରେଥ୍‌ସ' ଏବଂ 'ଦ ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' (ଶର୍ଟ ଫିଲ୍ମ)କୁ ବେଷ୍ଟ ଡକ୍ୟୁମେଣ୍ଟାରି କାଟେଗୋରିରେ ଚୟନ କରାଯାଇଛି। ଓସ୍କାରର ଫାଇନାଲ ତାଲିକାରୁ କିନ୍ତୁ ବାଦ୍ ପଡ଼ିଛି ଛେଲୋ ଶୋ', ଯାହାକୁ ବେଷ୍ଟ ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ କାଟେଗୋରିରେ ବଛାଯାଇଥିଲା। ଆସନ୍ତା ମାର୍ଚ୍ଚ ୧୨ରେ ଲସ୍‌ଏଞ୍ଜିଲ୍ସରେ ଚଳିତବର୍ଷର ୯୫ତମ ଓସ୍କାର ସମାରୋହ ଅନୁଷ୍ଠିତ ହେବ। ଚାଟ୍ ଶୋ' ହୋଷ୍ଟ ଜିମ୍ମି କିମେଲ ତୃତୀୟ ଥର ପାଇଁ ସମାରୋହ ପରିଚାଳନା କରିବେ।

## ୪ ବର୍ଷର ଶିଶୁକୁ ହତ୍ୟା

**ଧରାକୋଟ, ୨୪।୧ (ଡି.ଏନ୍.ଏ)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ଜଣେ ୪ବର୍ଷର ଶିଶୁଙ୍କୁ ମଙ୍ଗଳବାର ରାତିରେ ପିଟି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଗୋବିନ୍ଦ ପାତ୍ରଙ୍କ ପୁଅ ଓ.ନୀତେଶ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମୁଣ୍ଡମରାଇ ଗ୍ରାମର ଗୋବିନ୍ଦ ପାତ୍ରଙ୍କ ୪ବର୍ଷର ପୁଅ ଓ.ନୀତେଶ ମଙ୍ଗଳବାର ଅପରାହ୍ଣ ସାଢ଼େ ୪ଟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତା'ର ସନ୍ଧାନ ପାଇ ନ ଥିଲେ। ତେବେ ସେହି ଗ୍ରାମର କୀର୍ତ୍ତନ ସେଠୀଙ୍କ ସାନ ପୁଅ ଶ୍ରୀକାନ୍ତ ନୀତେଶଙ୍କୁ ଧରିଥିବା ଅନ୍ୟ କେତେକ ବ୍ୟକ୍ତି ଦେଖିଥିଲେ ବୋଲି ପରିବାରକୁ ସୂଚନା ଦେଇଥିଲେ। ନୀତେଶଙ୍କ ମା' ଶ୍ରୀକାନ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ପରେ ସେଠାରେ ନୀତେଶଙ୍କ ଜୋତା ପଡ଼ିଥିବା ଦେଖିଥିଲେ। ଗ୍ରାମର ଅନ୍ୟ କେତେଜଣ ଲୋକ ଶ୍ରୀକାନ୍ତଙ୍କ ଘରେ ପହଞ୍ଚି ଖୋଜାଖୋଜି କରିବା ପରେ ନୀତେଶଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଛାତ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ନୀତେଶଙ୍କ ପରିବାର ପକ୍ଷରୁ ଥାନାରେ ତାଙ୍କ ପୁଅକୁ ପିଟି ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ଶ୍ରୀକାନ୍ତଙ୍କ ଘରକୁ ଯାଇ ମୃତଦେହ ଜବତ କରିବା ସହିତ ତାଙ୍କ ମା'ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

# ଓଡ଼ିଶାରେ ଦେଖାଦେଲା ଧୂମକେତୁ

- ୩୦ରୁ ଫେବୃୟାରୀ ୨ଯାଏ ଖାଲି ଆଖିରେ ଦେଖିହେବ
- ୨୩ ବର୍ଷ ପରେ ଖାଲି ଆଖିରେ ଦେଖିବାର ସୁଯୋଗ
- ୫୦ ହଜାର ବର୍ଷ ପରେ ପୁଣି ଆସିବ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

ରାଜ୍ୟର କେତେକ ସ୍ଥାନରେ ଧୂମକେତୁ ଦେଖାଗଲାଣି, ଯାହାର ନାମ ହେଉଛି 'ସି/୨୦୨୨ ଇ-୩'। ଗତ ୨୧ରୁ ୨୩ ତାରିଖ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ରାତି ଆକାଶରେ ଏହି ଧୂମକେତୁକୁ ସାଧାରଣ ଦୂରବୀକ୍ଷଣ ଓ ବାଇନାକୁଲାରରେ ଲୋକେ ଦେଖିଛନ୍ତି। ଭୁବନେଶ୍ୱରରେ ୨୨ ଓ ୨୩ ତାରିଖରେ ଏହାକୁ ବାଇନାକୁଲାରରେ ପଠାଣି ସାମନ୍ତ ପ୍ଲାନେଟୋରିୟମର କେତେଜଣ କର୍ମଚାରୀ ଦେଖିଥିବାବେଳେ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଦେଖାଯାଇଥିବା ସୂଚନା ମିଳିଛି। ଗତ ୨୨ରେ ଜୟପୁରରୁ ମଳୟ ପାତ୍ର ଏବଂ ୨୩ ତାରିଖରେ ଭୁବନେଶ୍ୱରରୁ ରାକେଶ ରାଉଳ ଏହାର ଫଟୋ ଉତ୍ତୋଳନ କରିଛନ୍ତି।

ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ଉତ୍ତର-ପୂର୍ବ ଦିଗ୍‌ବଳୟ ମେଘ, ଧୂଳି ଓ ସହର ଆଲୋକରୁ ମୁକ୍ତ ରହିଲେ ଧୂମକେତୁଟି ଆସନ୍ତା ୩୦ ତାରିଖରୁ ଫେବୃୟାରୀ ୨ତାରିଖ ଯାଏ ଖାଲି ଆଖିରେ ଦେଖିହେବ। ଦୀର୍ଘ ୨୩ବର୍ଷ ପରେ ଖାଲି ଆଖିରେ ଏକ ଧୂମକେତୁ ଦେଖିବାର ବିରଳ ସୁଯୋଗ ଆସିଛି। ବିଶେଷକରି ସହର ଆଲୋକଠାରୁ ଦୂରରେ ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ର ଏପରି ଏକ ବିରଳ ସୁଯୋଗ ହାତଛଡ଼ା କରନ୍ତୁ ନାହିଁ ବୋଲି ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଫେବୃୟାରୀ ୧ରେ ପ୍ରାୟ ୪.୨ କୋଟି କିଲୋମିଟର ଦୂରତାରେ ଏହା ପୃଥିବୀର ନିକଟତମ ଅବସ୍ଥାକୁ ଆସିବ। ଜାନୁୟାରୀ ୩୦ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ଧୂମକେତୁ ଦେଖିବାର ଉତ୍କୃଷ୍ଟ ସମୟ। ୩୦ ତାରିଖ ସନ୍ଧ୍ୟା ୭ଟା ୩୦ରେ ଉତ୍ତର-ପୂର୍ବ ଦିଗ୍‌ବଳୟର ପ୍ରାୟ ୨୦ଡିଗ୍ରୀ ଉପରେ ଏହା ଠିକ୍ ସପ୍ତର୍ଷିମଣ୍ଡଳ ଓ ଧ୍ରୁବ ତାରା ମଝିରେ ଦେଖାଯିବ। ପରେ ଧୀରେ ଧୀରେ ଉପର ଆଡ଼କୁ ଏକ ଘଣ୍ଟାରେ ପ୍ରାୟ ୧୫ଡିଗ୍ରୀ ହିସାବରେ ଗତି କରି ସାରା ରାତି ଖାଲି ☞ପୃଷ୍ଠା-୪



ଫଟୋ ସୌଜନ୍ୟ: ମଳୟ ପାତ୍ର, ଜୟପୁର




ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ଜାନୁୟାରୀ, ୨୦୨୩



ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ବଡ଼ ଧରଣର ପାୱାର ବ୍ରେକ୍‌ଡାଉନ୍ ହୋଇଛି। ବିଦ୍ୟୁତ୍ ସଙ୍କଟ ଉପୁଜିବା ଫଳରେ ରାଜଧାନୀ ଇସ୍‌ଲାମାବାଦ ସମେତ କରାଚୀ ଓ ଅନ୍ୟ ସହରଗୁଡ଼ିକ ଅନ୍ଧାରରେ ରହିଛି। ଲୋକଙ୍କ ସମସ୍ୟା ବହୁଗୁଣିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ମଙ୍ଗଳବାର ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି। କେଉଁ କାରଣରୁ ଏତେ ବଡ଼ ବିଭ୍ରାଟ ହେଲା ତାହା ଜାଣିବା ପାଇଁ ଶରିଫ୍ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଟୁଇଟ୍ କରିଛନ୍ତି।



## ସଂକ୍ଷେପରେ

### କୋଠା ଭୁଶୁଡ଼ି ୩ ମୃତ

**ଲକ୍ଷ୍ନୌ,୨୪।୧(ପି.ଟି.):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ହଜରତଗଞ୍ଜରେ ମଙ୍ଗଳବାର ଏକ ବହୁମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଏଥିରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ସମେତ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ସାମିଲ ହୋଇଛନ୍ତି। ଭଗ୍ନାବଶେଷ ତଳୁ ୩ଟି ମୃତଦେହ ବାହାର କରାଯାଇ ହସ୍ପିଟାଲ ପଠାଯାଇଥିବା ୟୁପି ଉପମୁଖ୍ୟମନ୍ତ୍ରୀ ବ୍ରିଜେଶ ପାଠକ କହିଛନ୍ତି। ୪ ଘଣ୍ଟା ପୂର୍ବରୁ ଭୂକମ୍ପ ହୋଇଥିବାରୁ ଏହାର ପ୍ରଭାବରେ ବିଲ୍ଡିଂ ଭୁଶୁଡ଼ିଲା କି ବୋଲି ପ୍ରଶ୍ନ ହେବାରୁ ବର୍ତ୍ତମାନ କିଛି କୁହାଯାଇ ପାରିବ ନାହିଁ ବୋଲି ଜିଲାପାଳ ସୂର୍ଯ୍ୟପାଲ ଗଙ୍ଗୱାର କହିଛନ୍ତି। ଆହତମାନଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

### ନଦୀପଠାରୁ ମିଳିଲା ପରିବାରର ୭ ଜଣଙ୍କ ମୃତଦେହ

**ପୁଣେ, ୨୪।୧:** ମହାରାଷ୍ଟ୍ର ପୁଣେର ପରଗାଓ ବ୍ରିଜ୍ ନିକଟରୁ ଗୋଟିଏ ପରିବାରର ୭ ଜଣଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ମଧ୍ୟରେ ଏକ ବୟସ୍କ ଦମ୍ପତି ଥିବାବେଳେ ସେମାନଙ୍କ ଝିଅ, ଜ୍ୱାଇଁ ଓ ୩ ପିଲାଙ୍କ ମୃତଦେହ ମିଳିଛି। ଭୀମାନଦୀ ପଠାରୁ ସୋମବାର ୩ ଜଣଙ୍କର ଓ ମଙ୍ଗଳବାର ଆଉ ୪ ଜଣଙ୍କ ମୃତଦେହ ମିଳିଥିବା ସ୍ଥାନୀୟ ପୋଲିସ କହିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ପୋଲିସର ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଚଳାଇଛି।

### ଭାଜପା ନେତାଙ୍କୁ ହତ୍ୟା

**ଇମ୍ଫାଲ,୨୪।୧:** ମଣିପୁରର ଥୌବାଲ ଜିଲାରେ ମଙ୍ଗଳବାର ଭାଜପର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଜଣକୁ ଗିରଫ କରି ତଦନ୍ତ ଚଳାଇଛି। ଲୈଶରାମ ରାମେଶ୍ୱର ସିଂ ଭାଜପା ରାଜ୍ୟ ଶାଖା ଏକ୍ସ-ସର୍ଭିସମେନ୍ ସେଲ୍‌ର ଆବାହକ ଥିଲେ। ମଙ୍ଗଳବାର ସକାଳେ କ୍ଷତ୍ରୀସ୍ଥିତ ବାସଭବନ ଗେଟ୍ ନିକଟରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ପୋଲିସ କହିଛି। ଆକ୍ରମଣକାରୀମାନେ ଏକ ନମ୍ବର ବିହୀନ କାରରେ ଆସିଥିଲେ।

### ନବୀନ ଜିନ୍ଦଲଙ୍କୁ ହତ୍ୟା ଧମକ

**ରାୟପୁର,୨୪।୧:** ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ୪୮ ଘଣ୍ଟା ମଧ୍ୟରେ ଯଦି ସେ ୫ ନିୟୁତ ପାଉଣ୍ଡ ପୈଠ ନ କରନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଚିଠିରେ ଉଲ୍ଲେଖ ରହିଛି। ବିଳାସପୁର କେନ୍ଦ୍ରୀୟ ଜେଲ୍‌ରେ ଥିବା ପୁଷ୍ପେନ୍ଦ୍ର ଚୌହାନ ଏହି ଚିଠି ପଠାଇଥିବା ରାଇଗଡ଼ ଏସ୍‌ପି ଅଭିଷେକ ମୀନା କହିଛନ୍ତି। ପୁଷ୍ପେନ୍ଦ୍ର ଜଣେ ପେସାଦାର ଅପରାଧୀ ଏବଂ ପୂର୍ବରୁ ସେ ଏଭଳି ଗୋଟିଏ ଦୁଇଟି ମାମଲାରେ ଜଡ଼ିତ ଅଛି। ସେ ପୂର୍ବରୁ ଛତିଶଗଡ଼ ରାଜ୍ୟପାଳ ଏବଂ ଭାରତର ରାଷ୍ଟ୍ରପତିଙ୍କୁ ହତ୍ୟା କରିବା ଲାଗି ଧମକପୂର୍ଣ୍ଣ ଚିଠି ପଠାଇଥିଲେ। ସେ ଏକ ପ୍ରକାର ମାନସିକ ବିକାରଗ୍ରସ୍ତ ବୋଲି ଅନୁଭବ କରାଯାଉଥିବା ଏସ୍‌ପି କହିଛନ୍ତି। ଜେଏସ୍‌ପିଏଲ୍‌ର ମହାପ୍ରବନ୍ଧକ ସୁଧୀର ରାୟଙ୍କ ଅଭିଯୋଗକ୍ରମେ କୋଟ୍ରା ରୋଡ୍ ପୋଲିସ ପୁଷ୍ପେନ୍ଦ୍ରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## କଫ୍ ସିରପ୍ ପିଇ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ମୃତ

# ଡବ୍ଲ୍ୟୁଏଚ୍ଓର ତନାଘନା






**ଜେନେଭା,୨୪।୧**

ବିଷାକ୍ତ କଫ୍ ସିରପ୍ ପିଇ ଅଦ୍ୟାବଧି ୩ ଦେଶର ୩୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଲାଣି। ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇଛି। ଭାରତ ଓ ଇଣ୍ଡୋନେସିଆରେ ପ୍ରସ୍ତୁତ କଫ୍ ସିରପ୍‌ଗୁଡ଼ିକରେ ଅତ୍ୟଧିକ ମାତ୍ରାରେ ଟକ୍ସିନ୍ ରହୁଥିବା ଦର୍ଶାଇ ଡବ୍ଲ୍ୟୁଏଚ୍ଓ ୬ ଫାର୍ମା କମ୍ପାନୀକୁ ଏଥିରେ ବ୍ୟବହୃତ କଞ୍ଚାମାଲର ବିସ୍ତୃତ ବିବରଣୀ ମାଗିଛି। କେବଳ ଏତିକି ନୁହେଁ, ସାରା ବିଶ୍ୱରେ ପିଲାମାନଙ୍କୁ କଫ୍ ସିରପ୍ ସେବନ କରାଇବା ଉପରେ ପୁନର୍ବିଚାର ନିମନ୍ତେ ପରିବାରଗୁଡ଼ିକୁ ପରାମର୍ଶ ଦେବାକୁ ମଧ୍ୟ ଜାତିସଂଘର ସ୍ୱାସ୍ଥ୍ୟ ଏଜେନ୍ସି ଚିନ୍ତା କରୁଛି। କାରଣ କେତେକ ଉତ୍ପାଦ ବ୍ୟବହାରର ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ଏବେ ବି ଅନୁତ୍ତରିତ ରହିଛି। ଏପରି ଉତ୍ପାଦଗୁଡ଼ିକ ଶିଶୁଙ୍କ ପାଇଁ କେତେ ଜରୁରୀ ତାହା ମଧ୍ୟ ଜାଣିବାକୁ ବିଶେଷଜ୍ଞମାନେ ବିଚାର କରୁଥିବା ଜଣାପଡ଼ିଛି।

ଗାମ୍ବିଆ, ଇଣ୍ଡୋନେସିଆ ଓ ଉଜ୍‌ବେକିସ୍ତାନର ୩୦୦ରୁ ଅଧିକ ଶିଶୁ କଫ୍ ସିରପ୍ ପିଇ ପ୍ରାଣ ହରାଇଥିବା କୁହାଯାଉଛି। ଏକ ବିବୃତି ଅନୁସାରେ ୨୦୨୨ ଜୁଲାଇରେ ଗାମ୍ବିଆର ଶିଶୁମାନେ ବିଷାକ୍ତ କଫ୍ ସିରପ୍ ପିଇବା ପରେ ସେମାନେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟୁନ ୭୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୨ ଡିସେମ୍ବର ୨୨ରେ ଉଜ୍‌ବେକିସ୍ତାନରେ ୧୮ ଶିଶୁ କଫ୍ ସିରପ୍ ସେବନ କରି ମୃତ୍ୟୁ ମୁଖରେ ପଡ଼ିଥିଲେ। ଗାମ୍ବିଆ ଶିଶୁ ମୃତ୍ୟୁ ପାଇଁ ହରିୟାଣାର ମେଡେନ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଉଜ୍‌ବେକିସ୍ତାନରେ ପିଲାଙ୍କ ମୃତ୍ୟୁ ଲାଗି ଉତ୍ତର ପ୍ରଦେଶର ମାରିଓନ୍ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଡୋକ୍-୧ ମ୍ୟାକ୍ସ ସିରପ୍‌କୁ ଦାୟୀ କରାଯାଉଛି। ମୃତ ଶିଶୁଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୫ ବର୍ଷରୁ କମ୍। ଅନୁରୂପ ଭାବେ ଗତବର୍ଷ ଶେଷ ୪ ମାସ ମଧ୍ୟରେ ଇଣ୍ଡୋନେସିଆରେ ୨୦୦ରୁ ଊର୍ଦ୍ଧ୍ୱ ଶିଶୁ କଫ୍ ସିରପ୍ ପିଇ ପ୍ରାଣ ହରାଇଥିଲେ। ଏହି ସିରପ୍‌ଗୁଡ଼ିକ ପିଟି ୟାରିଣ୍ଡୋ ଫାର୍ମାଟାମା, ପିଟି ୟୁନିଭର୍ସାଲ ଫାର୍ମାସ୍ୟୁଟିକାଲ, ପିଟି କୋନିମାକ୍ସ ଏବଂ ପିଟି ଏଏଫ୍ଆଇ ଫାର୍ମା ଦ୍ୱାରା ପ୍ରସ୍ତୁତ। ଡବ୍ଲ୍ୟୁଏଚ୍ଓ ପକ୍ଷରୁ ସୋମବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ ଏହି କଫ୍ ସିରପ୍‌ଗୁଡ଼ିକରେ ଅଧିକ ମାତ୍ରାରେ ଡାଇଥିଲିନ୍ ଗ୍ଲାଇକୋଲ୍ ଏବଂ ଏଥିଲିନ୍ ଗ୍ଲାଇକୋଲ୍ ରହିଛି। ଫିଲିପାଇନ୍ସ, ତିମୋର ଲେଷ୍ଟେ, ସେନେଗାଲ ଓ କମ୍ବୋଡିଆରେ ମଧ୍ୟ ଏଭଳି ସିରପ୍ ବିକ୍ରି ହେଉଥିବାରୁ ଏହି ଦେଶଗୁଡ଼ିକର ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଇପାରେ ବୋଲି ଡବ୍ଲ୍ୟୁଏଚ୍ଓ ମନେକରୁଛି। ଆଗକୁ ଶିଶୁ ମୃତ୍ୟୁ ରୋକିବା ପାଇଁ ୧୯୪ ସଦସ୍ୟ ରାଷ୍ଟ୍ରକୁ ତତ୍କାଳ ଆବଶ୍ୟକ ଓ ସମନ୍ୱିତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଏଭଳି ସିରପ୍ ବ୍ୟବହାର ନ କରିବା ପାଇଁ ପୂର୍ବରୁ ଡବ୍ଲ୍ୟୁଏଚ୍ଓ ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଯାହା କହୁଛି, ଜାତୀୟ ଓ ଅନ୍ତର୍ଜାତୀୟ ନିୟମାବଳୀ ଅନୁସାରେ ତା'ର ଅନୁପାଳନ କରାଯାଉଥିବା ବିଷୟ ମଙ୍ଗଳବାର ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ଫାର୍ମାସ୍ୟୁଟିକାଲ ମାନୁଫେକ୍ଚରର୍ସ ଆଣ୍ଡ ଆସୋସିଏଶନ୍ସ (ଆଇଏଫ୍‌ପିଏମ୍‌ଏ) ଏକ ବିବୃତିରେ ସ୍ପଷ୍ଟ କରିଛି। ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମେଡେନ୍ ଏବଂ ମାରିଓନ୍ ମାନୁଫାକ୍ଚରିଂ ୟୁନିଟ୍‌କୁ ବନ୍ଦ କରାଯାଇଛି। ନିଜ ଉତ୍ପାଦରେ କୌଣସି ସମସ୍ୟା ନ ଥିବା ଦୁଇ କମ୍ପାନୀ ଟେଷ୍ଟିଂ ପରେ କେନ୍ଦ୍ରକୁ ଜଣାଇଛନ୍ତି।

## ଶ୍ରଦ୍ଧା ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲ



**ନୂଆଦିଲ୍ଲୀ,୨୪।୧**

ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ଦିଲ୍ଲୀ ପୋଲିସ ମଙ୍ଗଳବାର ସାକେତ୍ କୋର୍ଟରେ ଅଭିଯୁକ୍ତ ଆଫ୍‌ତାବ ଅମିନ୍ ପୁନାୱାଲାଙ୍କ ବିରୋଧରେ ୬,୬୨୯ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଆଫ୍‌ତାବଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଫେବୃୟାରୀ ୭ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଆଫତାବ ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୩୫ ଖଣ୍ଡ କରି ଅନେକ ଦିନ ଯାଏ ସହରର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ।

## ଟୁଇଟରକୁ ଫେରିଲେ କଙ୍ଗନା



**ମୁମ୍ବାଇ**

ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରକୁ ପୁଣିଥରେ ଫେରିଲେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ। ଟୁଇଟର ନିୟମ ଉଲଂଘନ କରିଥିବାରୁ ତାଙ୍କ ଆକାଉଣ୍ଟକୁ ବ୍ୟାନ୍ କରାଯାଇଥିଲା। ତେବେ ଆକାଉଣ୍ଟରୁ ବ୍ୟାନ୍ ହଟାଯିବା ପରେ ମଙ୍ଗଳବାର ଅଭିନେତ୍ରୀ ପ୍ରଥମ ଟୁଇଟ୍ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ ଲେଖିଛନ୍ତି, ସମସ୍ତଙ୍କୁ ହ୍ୟାଲୋ, ପୁଣିଥରେ ଟୁଇଟରକୁ ଫେରି ଭଲ ଲାଗିଲା। ନିଜ ଆଗାମୀ ଫିଲ୍ମ ଏମର୍ଜେନ୍ସିର ଏକ ଭିଡିଓ ମଧ୍ୟ କଙ୍ଗନା ଶେୟାର କରିଛନ୍ତି। ୨୦୨୧ ମସିହା ମେ'ରେ କଙ୍ଗନାଙ୍କ ଆକାଉଣ୍ଟ ସସ୍‌ପେଣ୍ଡ କରାଯାଇଥିଲା। କଙ୍ଗନା ବାରମ୍ବାର ନିୟମ ଉଲଂଘନ କରୁଥିବା ଯୋଗୁ ଟୁଇଟର କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଥିଲେ।

## ପୁଣି ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ

### ଅନିର୍ଦ୍ଦିଷ୍ଟ କାଳ ଗୃହ ମୁଲତବୀ

**ନୂଆଦିଲ୍ଲୀ,୨୪।୧**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ଭାଜପା କାଉନ୍‌ସିଲରଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁ ମଙ୍ଗଳବାର ହେବାକୁ ଥିବା ଦିଲ୍ଲୀ ମେୟର ନିର୍ବାଚନ ଦ୍ୱିତୀୟ ଥର ପାଇଁ ଅଟକିଛି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ହାଉସ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଏମ୍‌ସିଡି ନିର୍ବାଚନରେ ଏଏପି ବିଜୟୀ ହୋଇଥିଲା। ନିର୍ବାଚନକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମେୟର ଓ ଡେପୁଟି ମେୟର ନିର୍ବାଚନ ହୋଇପାରୁ ନାହିଁ। ଗତ ୬ ତାରିଖରେ ୨୫୦ ସଦସ୍ୟ ବିଶିଷ୍ଟ ଏମ୍‌ସିଡି ହାଉସ୍‌ର ପ୍ରଥମ ବୈଠକ ବସିଥିଲା। ଭାଜପା ନିର୍ବାଚନ ହାରିଥିଲେ ମଧ୍ୟ ଏମ୍‌ସିଡିକୁ ନିୟନ୍ତ୍ରଣ କରିବା ଲାଗି ଉଦ୍ୟମ କରୁଥିବା ଅଭିଯୋଗ କରି ଏଏପି କାଉନ୍‌ସିଲରମାନେ ହଟ୍ଟଗୋଳ କରିବାରୁ ମେୟାର ନିର୍ବାଚନକୁ ୨୪ ତାରିଖକୁ ସ୍ଥଗିତ ରଖାଯାଇଥିଲା। ମଙ୍ଗଳବାର ମେୟର ନିର୍ବାଚନ ପାଇଁ କାଉନସିଲରମାନେ ଏକତ୍ରିତ ହୋଇଥିବାବେଳେ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିଯୁକ୍ତ କରିଥିବା ପ୍ରିଜାଇଡିଂ ଅଫିସର ଭାଜପାର ସତ୍ୟ ଶର୍ମା ପ୍ରଥମେ ୧୦ ଜଣ ମନୋନୀତ କାଉନସିଲରଙ୍କୁ ଶପଥ ପାଠ କରାଇଥିଲେ। ୬ ତାରିଖ ବୈଠକ ଭଳି ଏଥର ମଧ୍ୟ ଏଏପି ଶର୍ମାଙ୍କ କାର୍ଯ୍ୟକୁ ବିରୋଧ କରିଥିଲା। ଏହାକୁ ନେଇ ହଟ୍ଟଗୋଳ ଜାରି ରହିବାରୁ ମେୟର ନିର୍ବାଚନ ହୋଇ ନ ପାରି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

## ଗୋଇନ୍ଦା ତଥ୍ୟ ସାର୍ବଜନୀନ କରିବା ଗମ୍ଭୀର ପ୍ରସଙ୍ଗ: ରିଜିଜୁ

**ନୂଆଦିଲ୍ଲୀ,୨୪।୧(ଆଇଏଏନ୍ଏସ୍)**

ବିଚାରପତି ପଦବୀ ଲାଗି କଲେଜିୟମ ପ୍ରାର୍ଥୀଙ୍କ ନାମ ସୁପାରିସ କଲାବେଳେ ସେମାନଙ୍କ ସମ୍ପର୍କରେ ରିସର୍ଚ୍ଚ ଆଣ୍ଡ ଓ୍ୱିଙ୍ଗ (ର) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରିଦେଉଛନ୍ତି। ଏହା ଗମ୍ଭୀର ପ୍ରସଙ୍ଗ ବୋଲି କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ମଙ୍ଗଳବାର କହିଛନ୍ତି। ଇ-କୋର୍ଟ ପ୍ରକଳ୍ପର ପୁରସ୍କାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରିଜିଜୁ କହିଥିଲେ, ରାଷ୍ଟ୍ର ପାଇଁ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ 'ର' ଏବଂ ଗୋଇନ୍ଦା ବ୍ୟୁରୋର ସମ୍ବେଦନଶୀଳ ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରାଯିବା ଗମ୍ଭୀର ତଥା ଚିନ୍ତାଜନକ ବିଷୟ। କଲେଜିୟମ ପ୍ରସ୍ତାବ ସମ୍ପର୍କରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।



## 'ନ୍ୟାୟପାଳିକାରେ କେନ୍ଦ୍ରର ହସ୍ତକ୍ଷେପ ବିପଜ୍ଜନକ'

**ମହୀଶୂର,୨୪।୧(ଆଇଏଏନ୍ଏସ୍)**

ବିଚାରପତି ନିଯୁକ୍ତି ଏବଂ ନ୍ୟାୟିକ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଠିକ୍ ନୁହେଁ। ଏହା ବିପଜ୍ଜନକ ବୋଲି କର୍ଣ୍ଣାଟକର ପୂର୍ବତନ ଲୋକାୟୁକ୍ତ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏନ୍. ସନ୍ତୋଷ ହେଗଡେ ମଙ୍ଗଳବାର କହିଛନ୍ତି। ଗଣମାଧ୍ୟମ ସହ ଏକ ଆଲୋଚନା କାର୍ଯ୍ୟକ୍ରମରେ ଜଷ୍ଟିସ୍ ହେଗ୍‌ଡ଼େ କହିଥିଲେ, ନ୍ୟାୟପାଳିକାରେ କାର୍ଯ୍ୟପାଳିକା ହସ୍ତକ୍ଷେପ କରିବା ଉଚିତ ନୁହେଁ। ଏଭଳି ହସ୍ତକ୍ଷେପ ବିପଜ୍ଜନକ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ହେଗଡେ କହିଛନ୍ତି, ଲୋକାୟୁକ୍ତ ହେବା ପୂର୍ବରୁ ସମାଜ ସମ୍ପର୍କରେ ସେ ବିଶେଷ କିଛି ଜାଣି ନ ଥିଲେ। ଯେଉଁମାନେ ଧନୀ ସେମାନେ ସବୁ ସମ୍ମାନ ପାଆନ୍ତି। ଏପରିକି ଜେଲ୍‌ରୁ ବାହାରିଲେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଏ। ଧର୍ମ ଏବଂ ଭାଷାକୁ ନେଇ ମତଭେଦ ସୃଷ୍ଟି ହେବା ଦେଶ ପାଇଁ ବିପଦ ବୋଲି ପୂର୍ବତନ ଲୋକାୟୁକ୍ତ କହିଛନ୍ତି। ଦେଶରେ ଦୁର୍ନୀତି ନିୟନ୍ତ୍ରଣ ବାହାରେ। ଜନପ୍ରତିନିଧିମାନେ ନିଜକୁ ଜନତାଙ୍କ ମାଲିକ ଭାବୁଛନ୍ତି। ରାଜନେତାମାନେ ଦୁର୍ନୀତି ବିରୋଧରେ ବଡ଼ ବଡ଼ ଭାଷଣ ଦେଉଛନ୍ତି ଓ ପରସ୍ପର ବିରୋଧରେ ଅଭିଯୋଗ ଆଣୁଛନ୍ତି। ତେବେ ଦୁର୍ନୀତି ହଟାଇବା ଦିଗରେ କିଛି କରିବାକୁ ସେମାନେ ଚାହୁଁନାହାନ୍ତି ବୋଲି ଜଷ୍ଟିସ୍ ହେଗ୍‌ଡେ କହିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଲୋକେ ଶାସନ ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିବେ। ଏଭଳି ସ୍ଥିତି କେବେ ଆସିବ, ତାହା ସେ ଜାଣନ୍ତି ନାହିଁ ବୋଲି ହେଗ୍‌ଡ଼େ କହିଛନ୍ତି।



### ଜନପ୍ରତିନିଧି ନିଜକୁ ଜନତାଙ୍କ ମାଲିକ ଭାବୁଛନ୍ତି: ଜଷ୍ଟିସ୍ ହେଗ୍‌ଡ଼େ




Hero

ବର୍ଷ ବର୍ଷଧରି ସାଥ ନିଭାଇବାର ଶୁଭାରମ୍ଭ

ଭରସାର ଉପହାର ସହିତ

ଘରକୁ ଆଣନ୍ତୁ ନିଜର ମନପସନ୍ଦ ହିରୋ ଟୁ-ହ୍ୱିଲର ଆଉ କରନ୍ତୁ ନୂତନ ଯାତ୍ରାର ଶୁଭାରମ୍ଭ




ଆଡଭାନ୍ସଡ XTEC ଟେକ୍ନୋଲୋଜି | i3S ଟେକ୍ନୋଲୋଜି | XSENS FI

Exchange Powered By Wheels of Trust^^
କୌଣସି ବି ଟୁ-ହ୍ୱିଲର କୁ ନୂଆ ହିରୋ ସହିତ ସର୍ବୋତ୍ତମ ରିସେଲ୍ ମୂଲ୍ୟ ଉପରେ ଏକ୍ସଚେଞ୍ଜ କରନ୍ତୁ। ଅଧିକ ବିବରଣୀ ଜାଣିବା ପାଇଁ www.wheelsoftrust.com ରେ ଲଗ ଅନ୍ କରନ୍ତୁ।

70116 70116 | MISSED CALL TO CONNECT 8367796950 | HeroMotoCorp.com | CALL TOLL-FREE 1800 266 0018

IDFC FIRST Bank CREDIT CARDS | FEDERAL BANK YOUR PERFECT BANKING PARTNER | Bank of Baroda Credit Card

₹5,000/- ପର୍ଯ୍ୟନ୍ତ 5% କ୍ୟାଶବ୍ୟାକ୍ 31 ଜାନୁଆରୀ 2023 ପର୍ଯ୍ୟନ୍ତ ବୈଧ।*

କୋଟି କୋଟିଙ୍କର ଭରସା

Hero 100 MILLION | INDIA'S FIRST 5 YEAR WARRANTY* *Conditions apply

ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. Available at select dealerships. *Finance scheme is at the sole discretion of financiers & subject to its respective terms & conditions. Offer is for limited period or till stock lasts. Offers amount & combination of offers may vary for model/variant & states. For more details please visit your nearest authorised Hero outlet. *Terms and Conditions apply.

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 7799766378, **DD Hero,** Ph: 7799766329, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jagatsinghpur: Trishul Hero,** Ph: 9289922675, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736.

WT.5507.2023ODI

MARUTI SUZUKI ARENA

କରନ୍ତୁ ଗୋଟିଏ ନୂତନ ଆରମ୍ଭ

ନୂତନ ଅନୁଭବ ସହିତ।

ଘରକୁ ନେଇ ଆସନ୍ତୁ ଆପଣଙ୍କ ମନପସନ୍ଦର ମାରୁତି ସୁଜୁକୀ ଏରିନା କାର ଆକର୍ଷଣୀୟ ଅଫର୍ସ ଗୁଡ଼ିକ ସହିତ।



**BIG SAVINGS** | WAGONR ₹43 000* | CELERIO ₹40 100* | ALTO K10 ₹43 000* | EECO ₹25 100* | S-PRESSO ₹60 100*

FINANCE OFFERS: BUY NOW, PAY LATER | 100%* ON-ROAD FUNDING AVAILABLE | EMI STARTING FROM ₹799* PER LAKH

WAGONR | ALTO K10 | S-PRESSO | CELERIO | EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ORBIT MOTORS**
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

**LEGEND CARS**
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

*Offer includes consumer offer, exchange bonus, institutional or rural offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st January, 2023.

**ଆଜିର ମନ୍ତବ୍ୟ**

“ଭାଜପା ଜମ୍ମୁ-କଶ୍ମୀରକୁ ପୃଥକ୍ କରିଛି। କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ସାଙ୍ଗକୁ ବିଧାନସଭା ନିର୍ବାଚନ କରାଯାଉ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇଁ ନ ଦିଶେ ହସି ପଶେ**
**ଉତ୍ତର ମେଘ ଦକ୍ଷିଣ ଆସେ**
**ସଜ ଗୋବରରେ ଅଂଶେଇ ବସେ**
**ନାଥ ବୋଲେ ପୁତା ନିଶ୍ଚେ ବରଷେ।**

ଯଦି ସୂର୍ଯ୍ୟ ଉଦୟ ବେଳେ ଦିଶନ୍ତି ନାହିଁ ଓ ଅସ୍ତ ବେଳେ ପଶ୍ଚିମ ଦିଗ ଲାଲ ଦିଶେ, ଉତ୍ତର ଦିଗରେ ବାଦଲ ଆଚ୍ଛାଦିତ ହୋଇ ଦକ୍ଷିଣ ଦିଗକୁ ଆସେ, ତେବେ ବର୍ଷା ହେବାର ସମସ୍ତ ଲକ୍ଷଣ ଦେଖାଦିଏ। ସେହିପରି ଗୋବରରେ ଏକ ପ୍ରକାର ନୀଳବର୍ଣ୍ଣ ମାଛି ବସିଥିବାର ଦେଖାଗଲେ ବର୍ଷା ହେବାର ସମ୍ଭାବନା ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଉଖୁଡ଼ା ଖାଇଲା ବେଳକୁ ହଣ ହଣ**
**ଦେଲା ବେଳକୁ ଏ କ'ଣ ସେ କ'ଣ।**

ଖାଇଲା ବେଳକୁ ଆଗଭର, ଅଥଚ ଦେବା କଥା ପଡ଼ିଲେ କେତେକଙ୍କ ନାହି ଶୁଖିଯାଏ। ଦେବାରୁ କିପରି ମୁକୁଳିବେ ସେ ନେଇ ଯୋଜନା କରିବସୁଥିବା ବେଳେ ଲୋଭୀ ବ୍ୟକ୍ତିଙ୍କର ଏପରି ମନ୍ଦ ପ୍ରକୃତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଏୟାର ଇଣ୍ଡିଆକୁ ୧୦ ଲକ୍ଷ ଜରିମାନା

## ବିଶୃଙ୍ଖଳିତ ଯାତ୍ରୀଙ୍କ ସମ୍ପର୍କରେ ଡିଜିସିଏକୁ ଜଣାଇ ନ ଥିଲା

ନୂଆଦିଲ୍ଲୀ,୨୪।୧

ଗତବର୍ଷ ଡିସେମ୍ବର ୬ରେ ପ୍ୟାରିସ-ଦିଲ୍ଲୀ ବିମାନରେ ଦୁଇଜଣ ବିଶୃଙ୍ଖଳିତ ଯାତ୍ରୀଙ୍କ ସମ୍ପର୍କରେ ଠିକ୍ ସମୟରେ ରିପୋର୍ଟ କରି ନ ଥିବା ଏୟାର ଇଣ୍ଡିଆ ଉପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ସେଦିନ ଏଆଇ-୧୪୨ ବିମାନରେ ଜଣେ ମଦ୍ୟପ ଯାତ୍ରୀ କ୍ରିଉ ସଦସ୍ୟଙ୍କ ପରାମର୍ଶ ନ ମାନି ଶୌଚାଳୟରେ ଧୂମପାନ କରିଥିଲେ। ସେହିପରି ଅନ୍ୟ ଜଣେ ଯାତ୍ରୀ ଏକ ଖାଲି ସିଟ୍‌ରେ ଆରାମ କରିବା ସହ ଜଣେ ମହିଳା ଯାତ୍ରୀଙ୍କ କମ୍ବଳକୁ ବ୍ୟବହାର କରିଥିଲେ। ବିଶୃଙ୍ଖଳିତ ଯାତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଜଣାଇବା ପାଇଁ ଡିଜିସିଏ ପୂର୍ବରୁ ଏୟାର ଇଣ୍ଡିଆ ମ୍ୟାନେଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଏୟାର ଇଣ୍ଡିଆ ଜବାବ ରଖିବା ପରେ ଏହା ଉପରେ ଡିଜିସିଏ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି।

**ପ୍ରଥମ ପୃଷ୍ଠାରୁ...**

## ଓକିଲ ଧର୍ମଘଟ...

ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଆନ୍ଦୋଳନରତ ଆଇନଜୀବୀମାନଙ୍କ ଲାଇସେନ୍ସଗୁଡ଼ିକୁ ବିସିଆଇ ରଦ୍ଦ କରିବା ନେଇ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ଆପଣ କିଛି ବାସ୍ତବ କାର୍ଯ୍ୟଯୋଜନା ନେଇ ଆସିବେ ବୋଲି ଆମେ ମନେକରୁଥିଲୁ। ପରବର୍ତ୍ତୀ ଶୁଣାଣି ପାଇଁ ସମ୍ପୂର୍ଣ୍ଣ ବିବରଣୀ ନେଇ ଆସନ୍ତୁ ବୋଲି ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଉପରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବେ ବୋଲି ପ୍ରସାଦ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଖଣ୍ଡପୀଠ ଆହୁରି କହିଥିଲେ, ବିସିଆଇ ପକ୍ଷରୁ କରାଯାଉଥିବା ଅବହେଳାରୁ ଆମକୁ କୌଣସି ସୁଫଳ ମିଳୁନାହିଁ। ଆଚରଣ ଓ ବୃତ୍ତିଗତ ଶିଷ୍ଟାଚାର ଉପରେ ପୂର୍ବରୁ ନିୟମ ରହିଆସିଛି, ଯାହାର ଅନୁପାଳନ ହେଉନାହିଁ ବୋଲି ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ପ୍ରସଙ୍ଗରେ ଆବେଦନକାରୀ ଏନ୍‌ଜିଓ 'କମନ୍ କଜ୍' ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲ ଭାରତୀୟ ସେନାର ପୂର୍ବତନ ଅଧିକାରୀ ହରିଶ ଉପ୍ପଲ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଅବତାରଣା କରିଛନ୍ତି। ପିଟିଶନ୍‌ରେ ସେ ଉଲ୍ଲେଖ କରିଛନ୍ତି ଯେ, ଆନ୍ଦୋଳନକୁ ଓହ୍ଲାଉଥିବା ଆଇନଜୀବୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ଅନେକ ରାୟ ରହିଛି। କିନ୍ତୁ ସେଗୁଡ଼ିକର ଅନୁପାଳନ ହେବା ଦରକାର। ବିସିଆଇ କଠୋର ହୋଇଥିଲେ ଆଇନଜୀବୀମାନେ ପରିଣାମ ସମ୍ପର୍କରେ ସଚେତନ ହୋଇଥାଆନ୍ତେ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ, ବିସିଆଇର ଅନେକ ଅଧିକାର ଓ କର୍ତ୍ତବ୍ୟ ରହିଛି। ତେଣୁ ବିସିଆଇ ଦାୟିତ୍ୱବାନ୍ ଆଚରଣ କରିବା ଉଚିତ। ଏହାର ସମ୍ବେଦନଶୀଳତା ଦେଖାଯିବା ଜରୁରୀ। ଏନେଇ ଆମେ ଦ୍ୱିତୀୟ ଥର ପାଇଁ ସତର୍କ କରାଉଛୁ ବୋଲି ଶୁଣାଣି ବେଳେ ଜଷ୍ଟିସ୍ ମାହେଶ୍ୱରୀ ବିସିଆଇକୁ ତାଗିଦ କରିଥିଲେ। ଆସନ୍ତା ମାର୍ଚ୍ଚ ୧୬ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ। ସେତେବେଳେ ଆମେ ବିସିଆଇଠାରୁ ଆଉ ଥରେ 'ସରି' ଶୁଣିବାକୁ ଚାହୁଁନାହୁଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

## ହାଇଦ୍ରାବାଦ ୟୁନିଭର୍ସିଟିରେ...

ଦଶନ୍ଧି ତଳର ଦୁର୍ଭାଗ୍ୟଜନକ ଘଟଣାକୁ ପୁଣିଥରେ ଉଖୁରାଯାଉଥିବା ସୁରେନ୍ଦ୍ରନ୍ କହିଛନ୍ତି। ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଅନୁମତି ନ ଦେବାକୁ କେନ୍ଦ୍ର ବହିର୍ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ କେରଳ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟ ଖାରଜ କରିଦେଇଥିବା ମାମଲାକୁ ପୁନର୍ବାର ପ୍ରଦର୍ଶନ କରିବା ସର୍ବୋଚ୍ଚ ଅଦାଲତଙ୍କ ବିଶ୍ୱସନୀୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଉଭୟ ସୁରେନ୍ଦ୍ରନ ଏବଂ ମୁରଲୀଧରନ ବିବିସି ଡକ୍ୟୁମେଣ୍ଟାରିର ସ୍କ୍ରିନିଂକୁ ଦେଶଦ୍ରୋହ ବୋଲି କହିଛନ୍ତି। ୟୁଟ୍ୟୁବରେ ବିବିସି ଡକ୍ୟୁମେଣ୍ଟାରିର ପ୍ରଥମ ଅଧ୍ୟାୟ 'ଇଣ୍ଡିଆ: ଦି ମୋଦି କ୍ୱେଶ୍ଚନ'କୁ ବ୍ଲକ୍ କରିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଥିଲା। ଟୁଇଟ୍ ହୋଇଥିବା ଏହାର ଲିଙ୍କ୍‌କୁ ଡିଲିଟ୍ କରିବା ଲାଗି ଟୁଇଟରକୁ କୁହାଯାଇଥିଲା।

ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଏକ ଛାତ୍ର ସଂଗଠନ ମଙ୍ଗଳବାର କ୍ୟାମ୍ପସ୍‌ରେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରୁଥିବାବେଳେ ଟେକାମାଡ଼ ହୋଇଥିଲା। ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ ନ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିବା କ୍ୟାମ୍ପସ୍ ପରିସରରେ ବିଜୁଳି ଓ ଇଣ୍ଟରନେଟ ସେବା ବନ୍ଦ କରିଥିଲେ। ଏଭଳି ଅନଧିକୃତ କାର୍ଯ୍ୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଭଙ୍ଗ କରିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ଏହା ସତ୍ତ୍ୱେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ ବେଳେ କେତେଣ ଦୁର୍ବୃତ୍ତ ଟେକା ଫିଙ୍ଗିଥିବା ଅଭିଯୋଗ ହୋଇଛି।

## ଓଡ଼ିଶାରେ ଦେଖାଦେଲା...

ଆଖିରେ ଦେଖାଯାଇପାରେ। ପରବର୍ତ୍ତୀ ଦିନଗୁଡ଼ିକରେ ଏକା ସମୟ ଅର୍ଥାତ୍ ସନ୍ଧ୍ୟା ୭ଟା ୩୦ରେ ପୂର୍ବଦିନଠାରୁ ପ୍ରାୟ ୫ଡିଗ୍ରୀ ଉପରେ ଦେଖାଯିବ ଓ ପୂର୍ବଦିନ ତୁଳନାରେ ଅସ୍ତ ହେବାକୁ ୫ରୁ ୧୦ମିନିଟ୍ କମ୍ ସମୟ ନେବ। ଏହିପରି ଦିନ ପରେ ଦିନ ଧୀରେ ଧୀରେ ଏହା ଉପରୁ ଉପରକୁ ଦେଖାଯିବ। ଧୂମକେତୁଟି ସୂର୍ଯ୍ୟଠାରୁ ଦୂରେଇ ଯାଉଥିବା ଫଳରେ ଏହାର ଉଜ୍ଜ୍ୱଳତା କମି କମି ୩ ତାରିଖ ପରେ ଏହାକୁ ଖାଲି ଆଖିରେ ଦେଖିବା ସମ୍ଭବ ହେବନାହିଁ। ଏହି ଧୂମକେତୁଟି ପୁଣି ଆଉଥରେ ଆମ ପାଖକୁ ୫୦ହଜାର ବର୍ଷ ପରେ ଆସିବ। ସୂଚନାଯୋଗ୍ୟ, ଧୂମକେତୁଟି ଖାଲି ଆଖିରେ ଏକ ତାରା ଓ ତାକୁ ଲାଗିରହିଥିବା ଝାପ୍‌ସା ମେଘ ଭଳିଆ ଖୁବ୍ ଛୋଟ ଲାଞ୍ଜଟିଏ ପରି ଦେଖାଯିବ। ବିଭିନ୍ନ ଫଟୋ ବା ଟିଭିରେ ଦେଖାଯାଉଥିବା ଚିତ୍ର ଭଳି ଏହା ଏତେ ବଡ଼ ଓ ଉଜ୍ଜ୍ୱଳ କେବେ ବି ଖାଲି ଆଖିରେ ଦେଖାଯିବ ନାହିଁ। ବିଭିନ୍ନ ଗଣମାଧ୍ୟମରେ ଆସୁଥିବା ଚିତ୍ରଗୁଡ଼ିକ ଦୂରବୀକ୍ଷଣରେ ନିଆଯାଇଥାଏ ବୋଲି ପଟ୍ଟନାୟକ କହିଛନ୍ତି।

# ନେପାଳରେ ଭୂକମ୍ପ, ଦିଲ୍ଲୀରେ ଝଟକା

ନୂଆଦିଲ୍ଲୀ,୨୪।୧(ପି.ଟି.)

ନେପାଳରେ ମଙ୍ଗଳବାର ଅପରାହ୍ନରେ ୫.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ଝଟକା ଦିଲ୍ଲୀ, ଜୟପୁର ସମେତ ଉତ୍ତରପଶ୍ଚିମ ଭାରତରେ ଅନୁଭବ କରାଯାଇଛି। ଏହାର ପ୍ରଭାବରେ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀ, ରାଜସ୍ଥାନରେ ଆସବାବପତ୍ର,

**ନେପାଳର ବଜୁରା ଜିଲାରେ ମହିଳା ମୃତ**

ସିଲିଂ ଫ୍ୟାନ୍, କାନ୍ଥରେ ଲାଗିଥିବା ଫ୍ରେମ୍ ଆଦି ଦୋହଲିଥିଲା। ଦିଲ୍ଲୀରେ ବହୁମହଲା ବିଶିଷ୍ଟ ଘରେ ରହିଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ ବୋଲି କହିଛନ୍ତି।

ଅପରାହ୍ନ ୨ଟା ୨୮ରେ ଭୂକମ୍ପ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ପଶ୍ଚିମ ନେପାଳ ଏବଂ ଉତ୍ତରାଖଣ୍ଡଠାରୁ ୧୪୮ କିଲୋମିଟର ପୂର୍ବରେ ବୋଲି ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବଜୁରା ଜିଲାରେ ଜଣେ ୩୫ ବର୍ଷୀୟ ମହିଳା ଘାସ କାଟୁଥିବାବେଳେ ପଥର ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ଭୂକମ୍ପରେ ପ୍ରାୟ ୪୦ଟି ଘର କ୍ଷତିଗ୍ରସ୍ତ ହୋଇଛି। ଅଧିକ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ସଂଗ୍ରହ କରାଯାଉଥିବା ଜଣେ ପୋଲିସ ଅଫିସର କହିଛନ୍ତି। ବାଡ଼ିମାଲିକା ମ୍ୟୁନିସିପାଲିଟିରେ ଏକ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି। ଭୂକମ୍ପ ଯୋଗୁ ଭୂସ୍ଖଳନ ଘଟି ୪୦ରୁ ଅଧିକ ମେଣ୍ଢା ମରିଥିବାବେଳେ ଜଣେ ଲୋକ ଆହତ ହୋଇଛନ୍ତି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ନେପାଳ ପୋଲିସ ଓ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି।

ହିମାଳୟ କୋଲିଜନ ଜୋନ୍ ଭୂକମ୍ପ ପ୍ରବଣ ଅଞ୍ଚଳ। ଏହାର ୨,୪୦୦ କିଲୋମିଟର ଅଞ୍ଚଳ ମଧ୍ୟରେ ଗତ ୨୪ ଘଣ୍ଟାରେ ୪ ଥର ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି। ସୋମବାର ରାତି ୭ଟା ୧୨ରେ ଆସାମର ଚାଚର ଅଞ୍ଚଳରେ ୪.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ମଙ୍ଗଳବାର ସକାଳ ୧୦ଟା ୫୫ ଏବଂ ମଧ୍ୟାହ୍ନ ୧୨ଟା ୫୩ରେ ଭୁଟାନରେ ଭୂକମ୍ପ ହୋଇଥିଲା ବୋଲି ସିସ୍‌ମୋଲୋଜି କେନ୍ଦ୍ର ପକ୍ଷରୁ କୁହାଯାଇଛି।



# ଅଧ୍ୟକ୍ଷ ଶୂନ୍ୟ ମାନବାଧିକାର କମିଶନ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ଶୂନ୍ୟ ହୋଇଛି। ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ୍ ବି.କେ. ପଟେଲଙ୍କ କାର୍ଯ୍ୟକାଳ ଜାନୁୟାରୀ ୨୨ରେ ଶେଷ ହେବା ପରେ ଏହି ପଦବୀ ଖାଲିପଡ଼ିଛି। ଏବେ କମିଶନରେ ଜଣେମାତ୍ର ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ ରହିଛନ୍ତି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷହେବା ପରେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପର୍ଯ୍ୟନ୍ତ କାହାରିକୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇନାହିଁ। ଫଳରେ ମାନବାଧିକାର କମିଶନରେ କୌଣସି ନୂତନ ମାମଲା ଗ୍ରହଣ କରାଯାଇ ପାରୁନାହିଁ। ତୁରନ୍ତ ଅଧ୍ୟକ୍ଷ ପଦବୀ ପୂରଣ ନ ହେଲେ ମାମଲା ଶୁଣାଣି ନେଇ ସମସ୍ୟା ହେବ ବୋଲି ମାନବାଧିକାର କର୍ମୀମାନେ ଆଶଙ୍କା କରିଛନ୍ତି। ମିଳିଥିବା ସୂଚନା ମୁତାବକ ଅଧ୍ୟକ୍ଷ ଚୟନ କମିଟି ବୈଠକ ମଙ୍ଗଳବାର ଅପରାହ୍ନରେ ବସିବାର ଥିଲା। ତେବେ ଏହାକୁ ପରବର୍ତ୍ତୀ ସମୟକୁ ଘୁଞ୍ଚାଇ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ମାନବାଧିକାର କମିଶନରେ ଜଣେ ଅଧ୍ୟକ୍ଷଙ୍କ ବ୍ୟତୀତ ୨ ଜଣ ସଦସ୍ୟଙ୍କୁ ସରକାର ନିଯୁକ୍ତି ଦେଇଥାଆନ୍ତି। ସଦସ୍ୟ

**ଚୟନ କମିଟି ବୈଠକ ଘୁଞ୍ଚିଲା**

**ନିଯୁକ୍ତ ହୋଇନାହାନ୍ତି କାର୍ଯ୍ୟକାରୀ ଅଧ୍ୟକ୍ଷ**

ଜଷ୍ଟିସ ଅସୀମ ଅମିତାଭ ଦାସଙ୍କ କାର୍ଯ୍ୟକାଳ ୨୦୨୨ ଅଗଷ୍ଟ ମାସରୁ ଶେଷ ହୋଇଛି। ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲେ ମଧ୍ୟ ତାହାକୁ ପୂରଣ କରାଯାଇନାହିଁ। ମାନବାଧିକାର କମିଶନରେ କେବଳ ଜଣେ ସଦସ୍ୟ ରହିଛନ୍ତି।

ବୈଠକ ନେଇ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ବୈଠକରେ ଯୋଗଦେବାକୁ କୁହାଯାଇଥିଲା। ବିରୋଧୀ ଦଳରୁ ଏକମାତ୍ର ସଦସ୍ୟ ହୋଇଥିଲେ ମଧ୍ୟ ତାଙ୍କ କଥାର ଗୁରୁତ୍ୱ ରହୁ ନାହିଁ। ଚୟନ କମିଟି ବୈଠକରେ ଯୋଗଦେବାର ମାନେ କ'ଣ। ସରକାର ଯାହାଙ୍କୁ ଚାହିଁବେ ତାଙ୍କୁ ଅଧ୍ୟକ୍ଷ ପଦବୀରେ ବସାଇ ଦେବେ। ଆମ ଉପସ୍ଥିତିର କୌଣସି ଗୁରୁତ୍ୱ ନାହିଁ ବୋଲି ସେ କହିଛନ୍ତି।

# କୃଷି କ୍ଷେତ୍ରରେ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦରକାର: ଓୟୁଏଟି କୁଳପତି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

କୃଷିକ୍ଷେତ୍ରରେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ସୁବିନିଯୋଗ ଦରକାର। ଏହାଦ୍ୱାରା କୃଷି ଉତ୍ପାଦନରେ ବୃଦ୍ଧି ନ ଘଟିଲେ ଆଗାମୀ ଦିନରେ ଦେଶରେ ଖାଦ୍ୟ ସମସ୍ୟା ଉତ୍କଟ ହେବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ କୃଷି ଇଞ୍ଜିନିୟରିଂ କଲେଜରେ ମଙ୍ଗଳବାର ୨୧ ଦିନିଆ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଫେସର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଳ ପରିଚାଳନା ସଂସ୍ଥାନ (ଆଇସିଏଆର୍) ନିର୍ଦ୍ଦେଶକ ଅର୍ଜମାଦତ୍ତ ଷଡ଼ଙ୍ଗୀ ମଧ୍ୟ ଯୋଗଦେଇଛନ୍ତି।

ଏହି ଅବସରରେ ଅର୍ଜମାଦତ୍ତ କହିଛନ୍ତି, କୃଷି ଉତ୍ପାଦନ ପାଇଁ ଜଳର ଆବଶ୍ୟକତା ଓ ସୁବିନିଯୋଗ ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ କୃଷି ଇଞ୍ଜିନିୟରିଂ କଲେଜର ଡିନ୍ ପ୍ରଫେସର ସଞ୍ଜୟ କୁମାର ଦାଶ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଜଗଦୀଶ ଚନ୍ଦ୍ର ପାଲ ମଧ୍ୟ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନର ସହକାରୀ ଅଧ୍ୟାପକ ଓ ରିସର୍ଚ୍ଚ ସ୍କଲାର, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଓୟୁଏଟିର ଗବେଷଣାରତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ଭରତ ଚନ୍ଦ୍ର ସାହୁ ଏବଂ କୁଳପତି ପ୍ରଫେସର ରାଉଳଙ୍କ ଉଦ୍ୟମ ଯୋଗୁ ଏହି ଶିବିର ସଫଳ ହୋଇପାରିବା ସହ ୨୧ ଦିନିଆ କାର୍ଯ୍ୟକ୍ରମରେ ଇସ୍ରୋ, ଆଇଆଇଟି, ଦିଲ୍ଲୀ, ଖଡ଼ଗପୁର ଆଦି ଅନୁଷ୍ଠାନରୁ ବିଶେଷଜ୍ଞମାନେ ଯୋଗଦେବା କାର୍ଯ୍ୟକ୍ରମ ଅଛି ବୋଲି ସୂଚନା ଦିଆଯାଇଛି।

# ତଦନ୍ତ ରିପୋର୍ଟ ୮ ସପ୍ତାହରେ ଦେବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୨୪।୧

**ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତ ଘଟଣା**

ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମୃତ୍ୟୁ ମାମଲାରେ ଗତ ୧୪ ତାରିଖରେ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଟିମ୍ ତଦନ୍ତ ଏବଂ ରାଜଶ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଲଢ଼େଇ ପରିବାରର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସି କେସ ନମ୍ବର ୭୬୯/ଇନ୍/୨୦୨୩ରେ ଦାଏର କରିଥିଲେ। ତେବେ ମଙ୍ଗଳବାର ଉକ୍ତ ମାମଲାର ବିଚାର କରି ଜାତୀୟ ମାନବ ଅଧିକାର କମିଶନ କମିଶନରେଟ ପୋଲିସ କଟକଙ୍କୁ ୮ ସପ୍ତାହ ଭିତରେ ଘଟଣାର ତଦନ୍ତ କରି ଅଭିଯୋଗକାରୀ ଏବଂ କମିଶନଙ୍କ ନିକଟରେ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖ ପୁରୀ ରାମଚଣ୍ଡୀ ଥାନା ଅଧୀନ ଭୁଆଁ ଗ୍ରାମର ମହିଳା କ୍ରିକେଟର ରାଜଶ୍ରୀଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ରାଜଶ୍ରୀ କଟକର ମହାବୀର ପ୍ୟାଲେସରେ ଏକ ହଷ୍ଟେଲରେ ରହୁଥିଲେ। ରାଜଶ୍ରୀ ଜଣେ ଭଲ କ୍ରିକେଟର ଭାବେ ସୁନାମ ଅର୍ଜନ କରିଥିବା ବେଳେ ଓସିଏ ଚୟନ କମିଟିରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ପରେ ଗତ ୧୧ ତାରିଖରେ ରାଜଶ୍ରୀ କଟକରୁ ନିଖୋଜ ହୋଇଥିଲେ। ଏହି ନିଖୋଜ ମାମଲାକୁ ନେଇ ଓସିଏ ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ରାଜଶ୍ରୀଙ୍କ ପରିବାର ପକ୍ଷରୁ ପୁରୀ ଜିଲା ରାମଚଣ୍ଡୀ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ୧୩ତାରିଖ ଦିନ କଟକର ଏକ ଜଙ୍ଗଲରୁ ରାଜଶ୍ରୀଙ୍କ ସ୍କୁଟି ଏବଂ କିଛି ଦୂରରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ରାଜଶ୍ରୀଙ୍କ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ତେଣୁ ଉକ୍ତ ଘଟଣାକୁ ଗୁରୁତର ସହ ନେଇ ମାମଲାର ବିଚାର କରିବା ପାଇଁ ସଭାପତି ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶସ୍ଥ ତିନୋଟି ଗ୍ରହଯୋଗର ସୁପ୍ରଭାବରେ ଆପଣଙ୍କୁ ଆଦୌ କଳ୍ପନା କରି ନ ଥିବା କୌଣସି ମର୍ଯ୍ୟାଦାଜନକ ସ୍ଥିତିକୁ ନେଇଯାଇପାରେ। ସାମାଜିକ ଜୀବନ ଉନ୍ନତତର ରହିବ। ଅର୍ଥନୈତିକ ଅଭିବୃଦ୍ଧି, କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତାର ଦ୍ୟୋତକ ସାଜିପାରେ। ଈର୍ଷାପରାୟଣ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**ବୃଷ**
ପାପଗ୍ରହଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ଥିତି ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଥାଇ ସୁଦ୍ଧା କର୍ମକ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ ରହିବେ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଯତ୍ପରୋନାସ୍ତି ଚେଷ୍ଟା କରିପାରନ୍ତି। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ନିଜ ପରିସରରେ ଘଟିଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିମାନଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ**
ଚନ୍ଦ୍ର ସ୍ୱ ଭାବରୁ ଅଷ୍ଟମସ୍ଥ ହେତୁ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ସଜ୍ଜନମାନଙ୍କ ସଙ୍ଗ ଲାଭକରି ସାମୟିକ ଖୁସୀ ରହିବେ। ପାରିବାରିକ,ଲୋକ ସମ୍ପର୍କ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ**
ପରିସ୍ଥିତି ବଦଳି ଯିବାର ଶୁଭ ସୂଚନା ପାଇ ମନ ଖୁସୀ ହୋଇଯିବ। ଅଫିସ୍ କାମରେ କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ନିର୍ମାଣାଧୀନ କାମ ଓ ଜମିଜମା ବିବାଦୀୟ ପରିସ୍ଥିତି ସ୍ଥଗିତ ରହିଯିବ। ଚେଷ୍ଟାସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ସିଂହ**
ସମ୍ପର୍କୀୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ଅସଂଯତ କାର୍ଯ୍ୟକଳାପଜନିତ ଅଭିଯୋଗ ଦ୍ୱାରା ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ।

**କନ୍ୟା**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଯେଉଁ କାମ ପାଇଁ ଚିନ୍ତିତ, ସେଥି ସକାଶେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସମ୍ପନ୍ନ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ଏକ ଭିନ୍ନ ପରିବେଶରେ କୌଣସି ବ୍ୟକ୍ତିଙ୍କ ସହ ମିତ୍ର ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା ମନ୍ଥର ହୋଇପାରେ ; ଯାହା କୁ ନେଇ ଅନୁଶୋଚନା କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ମନ ବଳାଇବେ।

**ବିଛା**
ଆପଣଙ୍କ ଭୁଲ୍ ନିଷ୍ପତ୍ତି ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ଯାହା ହୋଇ ପାରିନାହିଁ, ସେଥିପାଇଁ ଚିନ୍ତା ନ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଉପକୃତ ହେବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ସତ୍ୟର ପରିପନ୍ଥୀ ହେତୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। କିନ୍ତୁ ଅନ୍ୟ ଦିଗରୁ ଉପକୃତ ହେବେ।

**ଧନୁ**
ଆଜି ଦିନଟିରେ ସହଜରେ କାମ ହାସଲ ହେବା କଷ୍ଟକର ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି କାରଣରୁ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

**ମକର**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲର ରାସ୍ତା ଉନ୍ମୁକ୍ତ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଂସ୍କୃତିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ କୌଣସି କାମ ଅଟକି ରହିବ ନାହିଁ।

**କୁମ୍ଭ**
ଦୂରଦର୍ଶିତା ଗୁଣ ହେତୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଆଡଜଷ୍ଟ କରାଇ ନେବାରେ ଅସୁବିଧା ରହିବ ନାହିଁ। ପାରିବାରିକ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ।

**ମୀନ**
କୌଣସି କାମ ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ସାଙ୍ଗରେ ନେବା ଜିନିଷକୁ ଭୁଲି ଯାଇପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଆପଣଙ୍କ ପ୍ରତିଷ୍ଠା ନ୍ୟୂନ ହେବ ନାହିଁ। ଅର୍ଥସଂକଟ ଦୂରୀଭୂତ ପାଇଁ ବିଶେଷ କିଛି ଚିନ୍ତା କରିବାକୁ ପଡ଼ିବ ନାହିଁ।

ଆଜି ମାଘ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ବୁଧବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମବେଶ, ବଡଛତାମଠ ପକ୍ଷରୁ ବେଶଲାଗି ଓ କ୍ଷିରିଭୋଗ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଜାନୁୟାରୀ ୨୫ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

# ଅକ୍ସିଜେନ୍ ନ ମିଳିବାରୁ ରୋଗୀ ମୃତ୍ୟୁ ଅଭିଯୋଗ

## ଏସ୍‌ସିବି ମେଡିକାଲ

**କଟକ ଅଫିସ,୨୪।୧**

ଏସ୍‌ସିବି ମେଡିକାଲରେ ଜଣେ ରୋଗୀଙ୍କୁ ଠିକ୍ ସମୟରେ ଅକ୍ସିଜେନ୍ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଭାଗବତ ମହାନ୍ତି(୮୨)।



ଏସ୍‌ସିବି ମେଡିକାଲରେ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ସମ୍ପର୍କୀୟ।

ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ସମ୍ପର୍କୀୟମାନେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଭାଗବତ ଶ୍ୱାସରୋଗରେ ପୀଡ଼ିତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସୋମବାର ରାତିରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କାଜୁଆଲ୍‌ଟିରେ ଡାକ୍ତର ତାଙ୍କୁ ଦେଖିବା ପରେ ମେଡିସିନ ୱାର୍ଡକୁ ପଠାଇଦେଇଥିଲେ। ସେଠାରେ ଭାଗବତ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ କାର୍ଯ୍ୟରତ ନର୍ସଙ୍କୁ ଅକ୍ସିଜେନ ଦେବା ପାଇଁ ଅନୁରୋଧ କରିଥିଲେ। ହେଲେ ନର୍ସ ଜଣକ ଅକ୍ସିଜେନ ନାହିଁ ବୋଲି କହିଥିଲେ। ଇତିମଧ୍ୟରେ ପ୍ରାୟ ୧ ଘଣ୍ଟା ବିତିଯାଇଥିଲେ ମଧ୍ୟ ମେଡିସିନ ୱାର୍ଡରେ ତାଙ୍କୁ ଅକ୍ସିଜେନ ମିଳି ନ ଥିଲା। ଫଳରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା ବୋଲି ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଏଠାରେ ରୋଗୀଙ୍କ ପ୍ରତି ଘୋର ଅବହେଳା କରାଯାଉଥିବା ନେଇ ମୃତକଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, କାଜୁଆଲ୍‌ଟି ଓ ମେଡିସିନ ବିଭାଗ ମୁଖ୍ୟଙ୍କୁ ଏ ନେଇ ପଚରାଯାଇଛି। ଏଥିସହ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇ ଘଟଣାର ଅନୁଧ୍ୟାନ କରାଯାଉଛି। ରୋଗୀ ଚିକିତ୍ସାରେ ଅବହେଳା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବୌଦ୍ଧ,୨୪।୧(ସ୍ୱ.ପ୍ର.)**

ବୌଦ୍ଧ ଏନଏସି ପକ୍ଷରୁ ନିର୍ମିତ ବିଭିନ୍ନ ପ୍ରକଳ୍ପ ମଙ୍ଗଳବାର ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସହରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟକରଣ ସହ ପ୍ରାତଃଭ୍ରମଣ ଓ ଶାରିରୀକ ବ୍ୟାୟାମର ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି। ଜିଲା ଷ୍ଟାଡିୟମର ଉନ୍ନତୀକରଣ ସାଙ୍ଗକୁ ଷ୍ଟାଡିୟମ ଭିତରପଡିଆର ଚାରିପଟେ ଚଲାପଥ ନିର୍ମାଣ କରାଯାଇଛି। ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟର ସମ୍ମୁଖ ପଡିଆର ଉନ୍ନତିକରଣ କରାଯାଇ ସେଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବସିବା, ବ୍ୟାୟାମ କରିବା ଓ ଶିଶୁମାନଙ୍କ ପାଇଁ ବିଭିନ୍ନ କ୍ରୀଡା ସାମଗ୍ରୀ ଲଗାଯାଇଛି। ଯୋଗୀନ୍ଦ୍ର ଦେବ ଉଦ୍ୟାନ ମଧ୍ୟରେ ପ୍ରସ୍ତରର ଏକ ବିରାଟ ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ଉଦ୍ୟାନ ମଧ୍ୟରେ ସୁନ୍ଦର ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ ଅମାତଙ୍କ ଦ୍ୱାରା ଏସବୁ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ସେହିପରି ଜିଲା ସଂଗ୍ରହାଳୟ ସମ୍ମୁଖରେ ରହିଥିବା ଅସ୍ଥାୟୀ ଦୋକାନ ଗୃହଗୁଡିକୁ ଭଙ୍ଗାଯାଇ ମୁକ୍ତା ଯୋଜନାରେ ଭେଣ୍ଡିଂ ଜୋନ ସୃଷ୍ଟି କରାଯାଇ ୧୪ ଗୋଟି ଦୋକାନ ଗୃହକୁ ଅସ୍ଥାୟୀ ଦୋକାନୀମାନଙ୍କୁ ବଣ୍ଟନ କରାଯାଇଛି। ମନ୍ତ୍ରୀ ଅମାତ ଭେଣ୍ଡିଂଜୋନକୁ ଉଦଘାଟନ କରିବା ସହିତ ଦୋକାନୀମାନଙ୍କୁ ଗୃହ ଚାବି ପ୍ରଦାନ କରିଛନ୍ତି। ଯୋଗୀନ୍ଦ୍ର ଦେବ ଉଦ୍ୟାନରେ ଏନଏସି ଅଧ୍ୟକ୍ଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଅମାତ ଯୋଗଦେଇ ଏନଏସିର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଏନଏସି ଉପାଧ୍ୟକ୍ଷା ସୁଭାଷିନୀ ସେଠୀ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ



ଘଟଣାସ୍ଥଳରେ ପୋଲିସର ଛାନ୍‌ବିନ୍।

**ସଇଁତଳା, ୨୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଦେଡ଼େଲ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ମଙ୍ଗଳବାର ଜବତ କରିଛି। ମହିଳା ଜଣକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଠୁରନୀକାନୀ ଗ୍ରାମର ରତନୀ ରଣା(୫୫) ବୋଲି ଚିହ୍ନଟ କରାଯାଇଛି। ସୋମବାର ଦେଡ଼େଲ ଜଙ୍ଗଲ ନିକଟ ତାଙ୍କ କପାବିଲକୁ ରତନୀ ଯାଇଥିଲେ। ସନ୍ଧ୍ୟା ଯାଏ ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମ ସମୀପ ଦେଡ଼େଲ ଜଙ୍ଗଲରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାର ମୃତାଙ୍କ ବୋହୂ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରତନୀଙ୍କର ବୋଲି ଚିହ୍ନଟ କରିଥିଲେ। ବଲାଙ୍ଗୀର ଜାମଗାଁର ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା ରତନୀଙ୍କ ସ୍ୱାମୀ ରସିକ ରଣା ଘରକୁ ଆସିବା ପରେ ସଇଁତଳା ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମାର, ସଇଁତଳା ଥାନାଧିକାରୀ ଅବନୀ ସାହୁ, ଏସ୍‌ଆଇ ଥବୀର ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବଲାଙ୍ଗୀରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚିଥିଲେ। ଘଟଣାସ୍ଥଳରୁ ହଳେ ଚପଲ, ଗୋଟିଏ ଛୋଟ ଛୁରି, କିଛି କପଡ଼ା ଓ ମଦ ପାଉଚ ଜବତ କରାଯାଇଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ରତନୀଙ୍କ ପୁଅ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଇଛନ୍ତି। ସ୍ୱାମୀ ବଲାଙ୍ଗୀରରେ କାମ କରୁଥିବା ବେଳେ ଘରେ ରତନୀ ବୋହୂ ସହ ରହୁଥିଲେ। ଏ ନେଇ ଥାନାରେ ଏକ ମାମଲା(୧୮/୨୩) ରୁଜୁ ହୋଇଛି। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି କହିଛନ୍ତି ଏସ୍‌ଡିପିଓ।

# ଓଏସ୍‌ଏଚ୍‌ଇସି ଉପାଧ୍ୟକ୍ଷଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର, ୨୪।୧(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି) ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ପ୍ରଫେସର ଦାସଙ୍କ କାର୍ଯ୍ୟକାଳ ଆସନ୍ତା ୨୬ ତାରିଖରେ ଶେଷ ହେବାକୁ ଥିବାବେଳେ ରାଜ୍ୟ ସରକାର ଆଉ ବର୍ଷେ ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି। ରାଜ୍ୟର ବୃହତ୍ ଏକାଡେମିକ ଇଣ୍ଟରେଷ୍ଟକୁ ଦୃଷ୍ଟିରେ ରଖି ତାଙ୍କର ଏହି କାର୍ଯ୍ୟକାଳ ଅବଧି ବୃଦ୍ଧି କରାଯାଇଛି। ଫଳରେ ଆସନ୍ତା ୨୦୨୪ ଜାନୁୟାରୀ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଫେସର ଦାସ ଓଏସ୍‌ଏଚ୍‌ଇସିର ଉପାଧ୍ୟକ୍ଷ ପଦବୀରେ ରହିବେ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# କୋର୍ଟରେ ହାଜର ହେଲେନି ଶ୍ରଦ୍ଧାଞ୍ଜଳି

**ବେଆଇନ ଅର୍ଥ କାରବାର ମାମଲା**
- ଫେବୃୟାରୀ ୭ରେ ହାଜର ହୋଇପାରନ୍ତି
- ଜାମିନ ଆବେଦନ କଲେ ଖଗେଶ୍ୱର

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ମୁଖ୍ୟ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ସମନ ସତ୍ତ୍ୱେ ମଙ୍ଗଳବାର କୋର୍ଟରେ ହାଜର ହୋଇନାହାନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ବେଆଇନ ଅର୍ଥ କାରବାର ମାମଲାରେ ଶ୍ରଦ୍ଧାଞ୍ଜଳି ୪ର୍ଥ ଅଭିଯୁକ୍ତ ଥିବାରୁ ଗିରଫ ହେବା ଭୟରେ ସେ କୋର୍ଟରେ ହାଜର ହୋଇ ନ ଥିବା ଚର୍ଚ୍ଚା ହେଉଛି। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ କୋର୍ଟଙ୍କୁ ସେ ଆଉ କିଛି ଦିନ ସମୟ ମାଗିଛନ୍ତି।

ଅନ୍ୟପକ୍ଷରେ କୋର୍ଟରେ ଶ୍ରଦ୍ଧାଞ୍ଜଳିଙ୍କ ପାଇଁ ୨ଜଣ ଓକିଲ ପାୱାର ଫାଇଲ (ଓକଲତ୍‌ନାମା) କରିଛନ୍ତି। ଫଳରେ ଏହାକୁ ନେଇ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତାଙ୍କ ଓକିଲ କିଏ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବାକୁ ଶ୍ରଦ୍ଧାଞ୍ଜଳିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ଫେବୃୟାରୀ ୭ରେ ଶ୍ରଦ୍ଧାଞ୍ଜଳି କୋର୍ଟରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି। ଜେଲରେ ଥିବା ଅର୍ଚ୍ଚନା, ତାଙ୍କ ସ୍ୱାମୀ ଜଗବନ୍ଧୁ ଓ ଖଗେଶ୍ୱର ଭିଡିଓ କଲ୍ ଜରିଆରେ କୋର୍ଟରେ ହାଜର ହୋଇଥିବାବେଳେ ଶ୍ରଦ୍ଧାଞ୍ଜଳିଙ୍କ ସହ ସେମାନେ ମଧ୍ୟ ୭ତାରିଖରେ କୋର୍ଟଙ୍କ ନିକଟରେ ହାଜର ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଖଗେଶ୍ୱରଙ୍କ ପକ୍ଷରୁ କୋର୍ଟରେ ତାଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। ଏଥିସହ ଖଗେଶ୍ୱରଙ୍କ ସମ୍ପତ୍ତି ଜବତ ନେଇ କୋର୍ଟ କରିଥିବା ନୋଟିସ୍‌ର ଜବାବ ମଧ୍ୟ ରଖାଯାଇଛି। ଫେବୃୟାରୀ ୨ରେ ଖଗେଶ୍ୱରଙ୍କ ଜାମିନ ଆବେଦନର ଶୁଣାଣି ହେବାର ରହିଛି। ଇଡି ପକ୍ଷରୁ ଦୁର୍ବଳ ତଦନ୍ତ ହୋଇଥିବାରୁ ଖଗେଶ୍ୱରଙ୍କୁ ଜାମିନ ମିଳିଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ୍ ଘରକୁ ଆଟାଚ୍ କରିଥିବାବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି।

# ଭାରତ ଅପରେଟିଂ ସିଷ୍ଟମ୍‌ର ପରୀକ୍ଷଣ ସଫଳ: କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମ-'ଭାରତ ଅପରେଟିଂ ସିଷ୍ଟମ'ର ପରୀକ୍ଷଣ ସଫଳ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆଇଆଇଟି ମାଡ୍ରାସ୍‌ର ସଫଳ ପ୍ରଚେଷ୍ଟାକୁ ପ୍ରଶଂସା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ସଶକ୍ତ, ସ୍ୱଦେଶୀ ଏବଂ ଆତ୍ମନିର୍ଭର ଭାରତର ଡିଜିଟାଲ ଭିତ୍ତିଭୂମିକୁ ପୂରଣ କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ସରକାରଙ୍କ ପଦକ୍ଷେପ ସହ ନୀତି ନିର୍ଦ୍ଧାରକଙ୍କୁ ପ୍ରୋତ୍ସାହନ ଦେବା, ପ୍ରଧାନମନ୍ତ୍ରୀଙ୍କ ଭିଜନରେ ଏହା ଏକ ପରୀକ୍ଷାମୂଳକ ପଦକ୍ଷେପ। ଡାଟା ପ୍ରାଇଭେସି ଦିଗରେ ଭାରତ ଅପରେଟିଂ ସିଷ୍ଟମ ଏକ ସଫଳ ଶୁଭାରମ୍ଭ। ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଦୂରଦୃଷ୍ଟି ଆଧାରରେ ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ଭାରତ ଅପରେଟିଂ ସିଷ୍ଟମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଉଲ୍ଲେଖନୀୟ, ଧର୍ମେନ୍ଦ୍ରଙ୍କ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗାୟକ ସୁଖବିନ୍ଦର ସିଂ



**ସମଗ୍ର ଭାରତ, ସଙ୍ଗୀତ ଜଗତ ଆପଣଙ୍କୁ ଧନ୍ୟବାଦ ଦେଉଛି**

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଲୋକପ୍ରିୟ ଗାୟକ ସୁଖବିନ୍ଦର ସିଂ ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ହକି ସଙ୍ଗୀତ ପାଇଁ ମୁଖ୍ୟମନ୍ତ୍ରୀ ସୁଖବିନ୍ଦରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାର ଜବାବରେ ସୁଖବିନ୍ଦର କହିଛନ୍ତି, ସମଗ୍ର ଭାରତବର୍ଷ ଆପଣଙ୍କୁ ଧନ୍ୟବାଦ କହିବା ଉଚିତ। ଆପଣ ହକି ବିଶ୍ୱକପ୍ ଆୟୋଜନ କରିଛନ୍ତି। ହକିକୁ ଆପଣ ଯେଉଁ ସମ୍ମାନ ଦେଇଛନ୍ତି ସେଥିପାଇଁ ସମଗ୍ର ଓଡ଼ିଶା, ଭାରତ ଏବଂ ସଙ୍ଗୀତ ଜଗତ ଆପଣଙ୍କୁ ଧନ୍ୟବାଦ ଦେଉଛି। ସମସ୍ତ ହକି ଗ୍ରାଉଣ୍ଡ ଦେଖିଛି। ଏହା ମୋତେ ବହୁତ ଖୁସି ଦେଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ହକି ଜର୍ସି ଦେଇ ସ୍ୱାଗତ କରିଥିଲେ।

# ମହିଳା ମାଓବାଦୀ, ତାଙ୍କ ସମର୍ଥକ ଗିରଫ



ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଖବରଦାତା ସମ୍ମିଳନୀରେ ଗିରଫ ମାଓବାଦୀ ଓ ତାଙ୍କ ସମର୍ଥକଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

**ନବରଙ୍ଗପୁର/ରାଇଘର, ୨୪।୧(ବି.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ପୋଲିସ ମେନପୁର ନୂଆପଡ଼ା ଡିଭିଜନର ଜଣେ ମହିଳା ମାଓବାଦୀ ଓ ତାଙ୍କ ସମର୍ଥକଙ୍କୁ ଗିରଫ କରିଛି। ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି। ଗିରଫ ମହିଳା ମାଓବାଦୀ ହେଲେ ଛତିଶଗଡ଼ ରାଜ୍ୟ ସୁକ୍‌ମା ଜିଲା ଗୋରିଆସ ଥାନା ଅଧୀନ ମଟୋଡ଼ି ଗାଁର ପୋଜେ ମାଣ୍ଡବୀ ଓରଫ ଅନୀତା(୨୫)। ଅନ୍ୟପକ୍ଷରେ ସହଯୋଗୀ ଜଣକ ହେଲେ ନୂଆପଡ଼ା ଜିଲା ସେନାପଲି ଥାନା ଅଞ୍ଚଳର ସମୁଦ୍ର ବାଘ। ସେ କ୍ୱାକ୍ ଭାବେ କାମ କରନ୍ତି। ପୋଜେ ମାଣ୍ଡବୀଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବାବେଳେ ରାଇଘର ହାତୀଗାଁ ସଂରକ୍ଷିତ ଜଙ୍ଗଲରୁ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ କରି ସେମାନଙ୍କୁ ଗିରଫ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

୨୦୧୦ରେ ମାଓବାଦୀ ନେତା ରମେଶଙ୍କ ସହଯୋଗୀ ଭାବେ ପୋଜେ କାମ କରୁଥିଲେ। ପରେ ୨୦୧୦ରୁ ୨୦୧୩ ବଡ଼ଚଟିଆ ଏଲ୍‌ଓସିରେ କାମ କରୁଥିବାବେଳେ ତାଙ୍କୁ ମେନପୁର ନୂଆପଡ଼ା ଡିଭିଜନକୁ ବଦଳି କରାଯାଇଥିଲା। ଏହାପରେ ମୁରଲୀ ଓରଫ ସଂଗ୍ରାମ ଓରଫ ମାଳା ରାଜିରେଡ୍ଡୀଙ୍କ ସହଯୋଗୀ ଭାବେ ପୋଜେ କାମ କରୁଥିଲେ। ସେ ୩୦୩ ରାଇଫଲ ପରିଚାଳନା କରୁଥିଲେ। ୨୦୧୯ରେ ଗୁଡୁ ଓରଫ ଜୟରାମଙ୍କ ସୁରକ୍ଷାରେ ତାଙ୍କୁ ନିୟୋଜିତ କରାଯାଇଥିଲା। ପୋଜେ ନୂଆପଡ଼ା, କଳାହାଣ୍ଡି, ଗରିଆବନ୍ଦ, ଜିଲାରେ ଅନେକ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ନୂଆପଡ଼ା ଅଞ୍ଚଳରେ ହୋଇଥିବା ବିଭିନ୍ନ ଫାୟାରିଂ କେସ୍‌ରେ ପୋଜେଙ୍କ ନାଁ ରହିଛି। ନବରଙ୍ଗପୁର ଜିଲାରେ ପୋଷ୍ଟର ମରା କାମରେ ସେ ଜଡ଼ିତ ଥିବା ଖବରଦାତା ସମ୍ମିଳନୀରେ ଡିଆଇଜି ସୂଚନା ଦେଇଛନ୍ତି। ସମୁଦ୍ର ବାଘ ୨୦୧୭ରୁ ମାଓବାଦୀଙ୍କ ସହଯୋଗୀଭାବେ ଜଡ଼ିତ ଅଛନ୍ତି ବୋଲି ଡିଆଇଜି ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ ଓ ସିଆର୍‌ପିଏଫ୍ ୧୨ ବାଟାଲିୟନ କମାଣ୍ଡାଣ୍ଟ ଏନ୍. କେ.କେ. ପ୍ରସାଦ ଉପସ୍ଥିତ ଥିଲେ।

## ହାର୍ଡକୋର ମାଓବାଦୀ ଚେଣ୍ଟିଙ୍କୁ ଗିରଫକଲା ଏନ୍‌ଆଇଏ

**ମାଲକାନଗିରି,୨୪।୧ (ଡି.ଏନ.ଏ.):** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରୁ ହାର୍ଡକୋର ମାଓବାଦୀ ଚେଣ୍ଟିଙ୍କୁ ମଙ୍ଗଳବାର ଏନ୍‌ଆଇଏ ଗିରଫ କରିଛି। ତାଙ୍କ ନାମରେ ୩ ଲକ୍ଷ ଟଙ୍କାର ପୁରସ୍କାର ପୂର୍ବରୁ ଘୋଷଣା ହୋଇଥିଲା। ୨୦୧୨ ଜୁଲାଇରେ ଚେଣ୍ଟି ବିଏସ୍‌ଏଫ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ୪ ଜଣ ଯବାନ ଶହୀଦ ହୋଇଥିଲେ। ୨୦୧୩ରେ ଚେଣ୍ଟିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ୨୦୧୮ରେ ଜାମିନରେ ଆସି ଆଉ କୋର୍ଟରେ ହାଜର ହୋଇ ନ ଥିଲେ। ବିଏସ୍‌ଏଫ୍ ଉପରେ ଆକ୍ରମଣ ଘଟଣାରେ ଏନ୍‌ଆଇଏ ମଧ୍ୟ ନିକଟରେ ଏକ ମାମଲା ରୁଜୁ କରିଥିଲା। ଏହା ପରଠାରୁ ଏନ୍‌ଆଇଏ ଚେଣ୍ଟିଙ୍କୁ ଖୋଜୁଥିଲା। ଓଡ଼ିଶା ପୋଲିସ ଓ ଏନ୍‌ଆଇଏ ମିଳିତ ଭାବେ ସ୍ୱାଭିମାନ ଅଞ୍ଚଳରୁ ଚେଣ୍ଟିଙ୍କୁ ଧରିବାରେ ସଫଳ ହୋଇଛନ୍ତି।

# ନକଲି ଏସ୍‌ସିଙ୍କୁ ବାଦ୍ ଦାବିରେ ବିକ୍ଷୋଭ




ନକଲି ଏସସିଙ୍କୁ ବାଦ୍ ଦାବିରେ ବିକ୍ଷୋଭ ଶୋଭାଯାତ୍ରା।

**ବରଗଡ଼ ଅଫିସ୍,୨୪।୧**

ଅନୁସୂଚିତ ଜାତି (ଏସ୍‌ସି) ତାଲିକାରେ କିଛି ଭିନ୍ନ ଜାତିର ଲୋକ ତାଲିକାଭୁକ୍ତ ହୋଇଥିବା ଅନୁସୂଚିତ ଜାତି (ଏସ୍‌ସି) ସମାଜ ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ନକଲି ଏସ୍‌ସିଙ୍କୁ ତାଲିକାରୁ ବାଦ୍ ଦାବିରେ ମଙ୍ଗଳବାର ବରଗଡ଼ ସହରରେ ଏକ ବିକ୍ଷୋଭ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ଜିଲାପାଳଙ୍କ ଅଫିସରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ ସ୍ମାରକପତ୍ର ଗ୍ରହଣ କରିଥିଲେ। ନକଲି ଏସ୍‌ସି ସାର୍ଟିଫିକେଟ ହାତେଇ ଅନ୍ୟ ଜାତିର ଲୋକ ଫାଇଦା ଉଠାଉଥିବାରୁ ପ୍ରକୃତ ଏସ୍‌ସି ବର୍ଗର ଲୋକେ ସେଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଆଶିଷ କୁମାର ସୁନା, ମନୋଜ କଲେତଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ।

# ନାରୀ ଶିକ୍ଷିତ ହେଲେ ସମାଜରେ ପରିବର୍ତ୍ତନ ହୋଇପାରିବ

**ବୌଦ୍ଧ,୨୪।୧(ସ୍ୱ.ପ୍ର.):** ବୌଦ୍ଧ ଟାଉନହଲଠାରେ ଜାତୀୟ ଶିଶୁ କନ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଶିଶୁ କନ୍ୟାମାନଙ୍କ ମଧ୍ୟରେ କୌତୁକ ପୋଷାକ, ଚିତ୍ରାଙ୍କନ, ସ୍ଲୋଗାନ ଲିଖନ, ସୃଜନଶୀଳ ଲେଖନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମିନା ଯୋଗଦେଇ ଶିଶୁକନ୍ୟାମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଯୋଗଦେଇ ଶିଶୁମାନେ କଠିନ ପରିଶ୍ରମ କରି ଭଲ ପାଠ ପଢି ସୁନାଗରିକ ହେବାକୁ କହିଥିଲେ । ନାରୀ ଶିକ୍ଷିତ ହେଲେ ସମାଜରେ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝୀ, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆର.ବଳିଆରସିଂହ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ପାଇଁ ଗୌରବ ଆଣିଥିବା ଦଶମ ଶ୍ରେଣୀ ଟପର ୨ଜଣ ଶିଶୁ କନ୍ୟାଙ୍କୁ ସମ୍ମାନିତ କରାଯାଇଥିଲା।

# ମହାପ୍ରଭୁଙ୍କୁ ଦର୍ଶନକଲେ ଅନନ୍ତ ଅମ୍ବାନୀ

**ପୁରୀ ଅଫିସ,୨୪।୧**

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଓ ନୀତା ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀ ମଙ୍ଗଳବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିସରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅନନ୍ତ ଅମ୍ବାନୀ ପ୍ରାୟ ଅପରାହ୍ଣ ୩ଟା ୪୫ ମିନିଟ୍‌ରେ କାର୍ ଯୋଗେ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ତେବେ ଅନନ୍ତ ଶ୍ରୀମନ୍ଦିର ପରିସରକୁ ଯିବା ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭକୁ ପ୍ରମାଣ କରିବା ସହ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରି ବାଇଶ ପାହାଚ ଦେଇ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଭିତର କାଠ ନିକଟରେ ରତ୍ନସିଂହାସନ ଉଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ



ଦର୍ଶନ କରି ଆଶିଷ ଲାଭ କରିଥିଲେ। ପରେ ମୁକ୍ତିମଣ୍ଡପ ନିକଟକୁ ଯାଇ ସେଠାରେ ଆଶୀର୍ବାଦ ନେବା ସହ ଆଦି ନୃସିଂହ, ମା' ବିମଳା, ମା' ମହାଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା କାନପତା ହନୁମାନଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରିଥିଲେ। ଏହି ଅବସରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଓ ସେବାୟତମାନଙ୍କୁ କିଛି ଅର୍ଥଦାନ କରିଥିଲେ। ପରେ ବାଇଶ ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ତେବେ ବାଇଶ ପାହାଚ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ମାହାର୍ଦ୍ଦ, ଶ୍ରୀମନ୍ଦିର କ୍ୟାଲେଣ୍ଡର ସହ ମହାପ୍ରଭୁଙ୍କ ରଥଯାତ୍ରା କାଠ, ଦଉଡି, ଆଦି ସ୍ମୃତି ପ୍ରଦାନ କରାଯାଇଥିଲା। ତେବେ ମହାପ୍ରଭୁଙ୍କ ଦର୍ଶନ କରି ଅନନ୍ତ ଭାବବିହ୍ୱଳ ହେବା ସହ ଜୟ ଜଗନ୍ନାଥ କହିଥିଲେ। ମହାପ୍ରଭୁଙ୍କ କୃପା ରହୁ ବୋଲି ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ବିଶିଷ୍ଟ ଶିଳ୍ପପତି ବିରେନ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ମର୍ଚ୍ଚାଣ୍ଟଙ୍କ ସହିତ ତାଙ୍କର ନିର୍ବନ୍ଧ ହୋଇଛି। ତେବେ ବିବାହ ପୂର୍ବରୁ ବିଭିନ୍ନ ପୀଠ ଯାଇ ଠାକୁର ଓ ଠାକୁରାଣୀଙ୍କ ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ପୂର୍ବରୁ ଅନନ୍ତ ଗୁଆହାଟୀର କାମାକ୍ଷା ପୀଠ ଯାଇ ଦର୍ଶନ କରିଥିବା ଜଣାପଡିଛି।

# ବିକାଶରେ ଜାତୀୟ ପରାକ୍ରମ ଦିବସ

**ବରଗଡ଼ ଅଫିସ୍,୨୪।୧**




ବିକାଶରେ ଅନୁଷ୍ଠିତ ଜାତୀୟ ପରାକ୍ରମ ଦିବସ।

ବରଗଡ଼ର ବିକାଶ ଲ ସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଜାତୀୟ ପରାକ୍ରମ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ବିକ୍ରମ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶେଷବର୍ଷ ଛାତ୍ରୀ ଉପାସନା ମିଶ୍ର, ଛାତ୍ର ଦିବ୍ୟପ୍ରକାଶ ପାଣିଗ୍ରାହୀ ଉକ୍ତ ବୀରପୁରୁଷଙ୍କ ବୀରତ୍ୱ ଗାଥା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନୀ କୁମାର ସାହୁ, ଅଭିନବ ସ୍ୱାଇଁ, ଅଭିନନ୍ଦନ ଖୁଣ୍ଟିଆ, ଅଧ୍ୟାପିକା ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ, ଖୁସିରାମ ସାହୁ ସହଯୋଗ କରିଥିଲେ। ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲିକ୍ରୀଷ୍ଣା, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ବିକାଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ପରାକ୍ରମ ଦିବସରେ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଯୋଗଦାନ କରିଥିଲେ। ଛାତ୍ରମାନେ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବେଶଭୂଷାରେ ସଜ୍ଜିତ ହୋଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ଜାନୁୟାରୀ, ୨୦୨୩



ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। –ଶ୍ରୀମା

# ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା

କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ କ୍ରମାଗତ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ଆକ୍ରମଣ କରିଚାଲିଛନ୍ତି। ବିଶେଷକରି କଲେଜିୟମ୍ ବ୍ୟବସ୍ଥାକୁ ସମାଲୋଚନା କରି ବିଚାରପତିମାନେ ବିଚାରପତିଙ୍କୁ ବାଛିବା ପରମ୍ପରାକୁ ସେ ନାପସନ୍ଦ କରି ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଅବାଞ୍ଛିତ ମତ ଗଣମାଧ୍ୟମକୁ ଦେଉଛନ୍ତି। ଏହା ସତ୍ତ୍ୱେ ରିଜିଜୁ କହୁଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟ ତରଫରୁ ସରକାରୀ ପୋଲିସ ଗୋଇନ୍ଦା ସଂସ୍ଥାର ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବା ଫଳରେ ଦେଶର କ୍ଷତି ଘଟୁଛି। ସମ୍ବିଧାନରେ କଲେଜିୟମ୍ ନ ଥିଲା ଓ ଏହା ବିଚାରପତିମାନଙ୍କ ଦ୍ୱାରା ସୃଷ୍ଟ ବ୍ୟବସ୍ଥା ବୋଲି ରିଜିଜୁ କହିଛନ୍ତି। ସେଥିପାଇଁ ସେ ନ୍ୟାଶନାଲ ଜୁଡିସିଆଲ୍ ଆପଏଣ୍ଟମେଣ୍ଟସ କମିଶନ (ଏନ୍‌ଜେଏସି)କୁ ଲାଗୁ କରିବା ଉପରେ ଜୋର ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କଲେଜିୟମ୍ ବ୍ୟବସ୍ଥାରେ ଭାରତର ପ୍ରଧାନ ବିଚାରପତି ଓ ସୁପ୍ରିମକୋର୍ଟର ୪ ଜଣ ବରିଷ୍ଠ ବିଚାରପତି ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟଗୁଡ଼ିକରେ ଥିବା ଉଚ୍ଚନ୍ୟାୟାଳୟ ସକାଶେ ବିଚାରପତିଙ୍କ ପଦୋନ୍ନତି ଓ ହାଇକୋର୍ଟ ବିଚାରପତିଙ୍କ ବଦଳି ଆଦି ନିଷ୍ପତ୍ତି ନେଇଥାଆନ୍ତି। ଅନ୍ୟପକ୍ଷରେ ଏନ୍‌ଜେଏସିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏକ୍ସ–ଅଫିସିଓ ଅଧ୍ୟକ୍ଷ ଥିବା ବେଳେ ତାଙ୍କ ପରେ ଥିବା ଦୁଇ ବରିଷ୍ଠ ବିଚାରପତି, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଦୁଇ ଜଣ ପ୍ରଖ୍ୟାତ ବ୍ୟକ୍ତିଙ୍କୁ କମିଟିରେ ସ୍ଥାନିତ କରିବାର ବ୍ୟବସ୍ଥା କରାଯାଇଥିଲା। ତେବେ ସେହି ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା (ଏଭଳି ନେତାଙ୍କ ଅଭାବ ଥିଲେ ଲୋକ ସଭାରେ ବିରୋଧୀଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ରାଜନୈତିକ ଦଳର ନେତା) ମନୋନୀତ କରିବାର ବିଧି ସୃଷ୍ଟି କରାଯାଇଥିଲା। କଲେଜିୟମ୍ ବ୍ୟବସ୍ଥାଠାରୁ ଏନ୍‌ଜେଏସି ଅଧିକ ସ୍ୱଚ୍ଛ ବୋଲି ଯୁକ୍ତି ଦର୍ଶାଯାଇଥାଏ। କାରଣ ଏଥିରେ କେବଳ ବିଚାରପତି ନୁହନ୍ତି, ଅନ୍ୟାନ୍ୟ ବର୍ଗଙ୍କ ଅଂଶଗ୍ରହଣ ରହୁଛି। ତେବେ ସୁପ୍ରିମକୋର୍ଟଙ୍କ ତରଫରୁ ଏନ୍‌ଜେଏସିକୁ ଅସାମ୍ବିଧାନିକ ଘୋଷଣା କରାଯିବା ପରଠାରୁ କେନ୍ଦ୍ର ଓ କଲେଜିୟମ୍ ବ୍ୟବସ୍ଥାକୁ ସମର୍ଥନ କରୁଥିବା ଶ୍ରେଣୀ ମଧ୍ୟରେ ସଂଘର୍ଷ ଚାଲିଛି।

ରିଜିଜୁ ଯେତେବେଳେ କଲେଜିୟମ୍‌ରେ ବିଚାରପତିଙ୍କ ନିଯୁକ୍ତି ପ୍ରଧାନ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବିଚାରପତିଙ୍କ ଦ୍ୱାରା କରାଯାଉଥିବା କଥା କହୁଛନ୍ତି, ସେତିକିବେଳେ ଅନ୍ୟ କେତେକ ସଂସ୍ଥାରେ ମଧ୍ୟ ସର୍ବୋଚ୍ଚରେ ଥିବା ବ୍ୟକ୍ତି ଏକାକୀ ନିଷ୍ପତ୍ତି ନେଇଥାଆନ୍ତି କିଏ ତାଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିପାରିବେ। ଉଦାହରଣ ସ୍ୱରୂପ, ପ୍ରଧାନମନ୍ତ୍ରୀ ଏକାକୀ ନିଷ୍ପତ୍ତି ନେଇ କେନ୍ଦ୍ର କ୍ୟାବିନେଟ୍ ପାଇଁ ସଦସ୍ୟ ବାଛିଥାଆନ୍ତି, ଯାହାର ଲାଭ ରିଜିଜୁ ନିଜେ ଏବେ ଉପଭୋଗ କରୁଛନ୍ତି। ସେଥିରେ କୌଣସି ପୋଲିସ ଗୋଇନ୍ଦା ସଂସ୍ଥାର ରିପୋର୍ଟ ମଗାଯାଏ ନାହିଁ କିମ୍ବା ତାଙ୍କର କୌଣସି ଅନ୍ୟ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବାର ପ୍ରୟୋଜନ ଉପୁଜେ ନାହିଁ। ସେହିଭଳି ଭାବେ ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱଇଚ୍ଛାରେ ମନ୍ତ୍ରିମଣ୍ଡଳ ଗଠନ କରିଥାଆନ୍ତି। କେବଳ ଜାତୀୟ ଦଳଗୁଡ଼ିକରେ ହାଇକମାଣ୍ଡଙ୍କ ସବୁଜ ସଙ୍କେତ ଲୋଡ଼ାଯାଇଥାଏ। ନଚେତ୍ ସବୁ ଆଞ୍ଚଳିକ ଦଳର ସର୍ବୋଚ୍ଚ ନେତା ଯେତେବେଳେ ମୁଖ୍ୟମନ୍ତ୍ରୀ ହୁଅନ୍ତି, ମନଇଚ୍ଛାରେ ଅପାଠୁଆ ଓ ଅପାରଗଙ୍କୁ ମନ୍ତ୍ରୀ ଭାବେ ବସାଇ ଦିଅନ୍ତି। ଆଜି ମୋଦିଙ୍କ କ୍ୟାବିନେଟ୍ ମଧ୍ୟ ଏହି ଚିରାଚରିତ ଢଙ୍ଗଠାରୁ କୌଣସି ଭାବେ ଭିନ୍ନ ନୁହେଁ। ସେଥିପାଇଁ ଯଦି ରିଜିଜୁଙ୍କ କଥାକୁ ସମର୍ଥନ ଦିଆଯାଏ, ତେବେ ପ୍ରଧାନମନ୍ତ୍ରୀ ଏବଂ ପ୍ରତ୍ୟେକଟି ରାଜ୍ୟର ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ୍ ଗଠନ ବେଳେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ବା ହାଇକୋର୍ଟ ମୁଖ୍ୟ ବିଚାରପତି, ସବୁଠାରୁ ବଡ଼ ବିରୋଧୀ ଦଳ ନେତା, ଦୁଇ ଜଣ ପ୍ରଖ୍ୟାତ ବ୍ୟକ୍ତିଙ୍କ ମତ ଲୋଡ଼ି କ୍ୟାବିନେଟ୍ ପ୍ରସ୍ତୁତ କଲେ ଦେଶର ଅନେକ ମଙ୍ଗଳ ଏହି ପ୍ରଥମ ପଦକ୍ଷେପରୁ ହୋଇପାରନ୍ତା। ପରକୁ ଉପଦେଶ ଦେବା ପୂର୍ବରୁ ନିଜ ପରିସ୍ଥିତିକୁ ବୁଝିବା ହୁଅନ୍ତା ରିଜିଜୁଙ୍କ ପାଇଁ ଅତ୍ୟନ୍ତ ଜ୍ଞାନୋଦୟକାରୀ। ପରିବର୍ତ୍ତିତ ପରିସ୍ଥିତିରେ ମନେହେଉଛି ଯେପରି ସରକାର ଏକ ଉତ୍ସର୍ଗୀକୃତ ନ୍ୟାୟବ୍ୟବସ୍ଥା ସୃଷ୍ଟି କରିବାକୁ ଚାହୁଁଛନ୍ତି, ଯେ କି ପ୍ରତ୍ୟେକ ପଦକ୍ଷେପକୁ ସମର୍ଥନ କରି 'ଭାରତ ମାତା କୀ ଜୟ ଧ୍ୱନି'ରେ ଘୋଡ଼ାଇ ଦେବେ।

# ପୁରୁଣା ମେଧା

ଯୁବପିଢ଼ି ପାଇଁ ଆଇଟି ସେକ୍ଟର କର୍ମଶକ୍ତି ଭାବେ ଉଭାହୋଇଛି। ସେଥିପାଇଁ ଅଧିକ ସଂଖ୍ୟକ ଭାରତୀୟ ଆଇଟି ପ୍ରଫେସନାଲ ନିଯୁକ୍ତି ଓ ରୋଜଗାର ଆଶାରେ ଆମେରିକା, କାନାଡା, ଇଂଲଣ୍ଡ, ଜର୍ମାନୀ ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶକୁ ଯାଉଛନ୍ତି। ସବୁଠୁ ଅଧିକ କର୍ମଚାରୀ ଅଛନ୍ତି ଆମେରିକାରେ। ୱାଶିଂଟନ ପୋଷ୍ଟ ରିପୋର୍ଟ ଅନୁଯାୟୀ, ଗତବର୍ଷ ନଭେମ୍ବରରୁ ଏଯାବତ ଆଇଟି ସେକ୍ଟର ପାଖାପାଖି ୨,୦୦,୦୦୦ କର୍ମଚାରୀଙ୍କୁ ଚାକିରିରୁ ବିଦା କରିଛି। ରିପୋର୍ଟ ଅନୁସାରେ ବିଦା ହୋଇଥିବା ଆଇଟି ପ୍ରଫେସନାଲଙ୍କ ମଧ୍ୟରେ ୩୦ରୁ ୪୦ ପ୍ରତିଶତ ଭାରତୀୟ (ପ୍ରାୟ ୬୦ରୁ ୮୦ ହଜାର) ଅଛନ୍ତି, ଯେଉଁମାନେ ଏଚ୍–୧ବି ଓ ଏଲ–ଏ ଭିଜା ନେଇ ରହିଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଯେ, ଏତେ ସଂଖ୍ୟକ କର୍ମଚାରୀଙ୍କ ଚାକିରି ଯିବା ପରେ ଏଚ୍–୧ବି ଭିଜା ଦ୍ୱାରା ଯେଉଁମାନେ ଯାଇଥିଲେ ସେମାନେ ରୋଜଗାର ପାଇଁ ସଂଘର୍ଷ କରୁଛନ୍ତି। ବଡ଼ କଥା ହେଉଛି ସେମାନଙ୍କୁ ଏହି ସମୟ ମଧ୍ୟରେ ଭିଜା ସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡ଼ିବ, ନଚେତ ସେମାନେ ଆପଣାଇଥିବା ଦେଶକୁ ଛାଡ଼ିବାକୁ ହେବ। ଅନେକେ ମଧ୍ୟ ଆମେରିକାରୁ ଘର ଦ୍ୱାର ବିକ୍ରି କରି ପଳାଇ ଆସିଲେଣି। କାରଣ ସେଠାରେ ଚାକିରି ଗଲେ ରୋଜଗାର ନ କରି ବଞ୍ଚିବାର ଅନ୍ୟ ଉପାୟ ନାହିଁ। ସେଠାରୁ ଛାଡ଼ି ଆସି ଏଠାରେ ସମ୍ପତ୍ତିରେ ଭାଗ ବସାଉଛନ୍ତି। ଏଠାକାର ପରିମଳ ଓ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି। ମନେରଖିବାକୁ ହେବ ଯେ ସେମାନେ ଭାରତର ପ୍ରତ୍ୟେକ ଟିକସଦାତାଙ୍କ ଅର୍ଥରେ ପଢିଛନ୍ତି। ପଢିସାରିବା ପରେ ଏଠାରେ ସେମାନଙ୍କ ଜ୍ଞାନ ଉପଯୋଗ ନ କରି ଅଧିକ ରୋଜଗାର ଆଶାରେ ଆମେରିକା କିମ୍ବା ଅନ୍ୟ ଦେଶକୁ ଚାଲି ଯାଉଛନ୍ତି। ସେମାନେ ହେଉଛନ୍ତି ବାସ୍ତବ ପଳାତକ, ଯେଉଁମାନେ ମାତୃଭୂମିର ଭବିଷ୍ୟତ ପିଢ଼ିକୁ ଅଣଦେଖା କରି କେବଳ ନିଜର ସୁବିଧା ପାଇଁ ଜନ୍ମଭୂମି ଛାଡ଼ି ପଳାଇଥିଲେ। କିନ୍ତୁ ଏବେ ଆଇଟି ସେକ୍ଟର ଏକ ପରିବର୍ତ୍ତିତ ଧାରାରେ ଆଗଉଥିବା ସମୟରେ ଏମାନେ ଅଲୋଡ଼ା ହୋଇଯାଉଛନ୍ତି। କୁହାଯାଉଛି, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବିଶ୍ୱରେ ଅଭିବୃଦ୍ଧିର ମାନ୍ଦାବସ୍ଥା ଦେଖାଦେବ ବୋଲି ସତର୍କ ବାଣୀ ଶୁଣାଇବା ପରେ ଆଇଟି କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରୁଛନ୍ତି। କିନ୍ତୁ ପ୍ରକୃତ କାରଣ ହେଉଛି ଟ୍ୟାଲେଣ୍ଟ ବା ମେଧା ପୁରୁଣା ହୋଇଯାଉଛି। ଏହି ପଳାତକମାନେ ଯାହା ପଢ଼ିକି ଯାଇଥିଲେ ତାହା ଏବେ ପୁରାତନ ଜ୍ଞାନ ଭାବେ ବିବେଚିତ ହେଉଥିବାରୁ ତାଙ୍କର ଚାହିଦା ହ୍ରାସ ପାଉଛି। ଆମେରିକାର ମ୍ୟାନପାୱାର ଗ୍ରୁପର ରିପୋର୍ଟ ମୁତାବକ ଏବେ ପରିବର୍ତ୍ତିତ ଆଇଟି କ୍ଷେତ୍ରରେ ଟେକ୍ ଟ୍ୟାଲେଣ୍ଟ ବା ପ୍ରଯୁକ୍ତି ମେଧାର ଅଭାବ ଥିବା ଦର୍ଶାଯାଇଛି। ଆଇଟି ଇଣ୍ଡଷ୍ଟ୍ରି ଏମ୍ପ୍ଲୟର ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ, ୭୬% କର୍ମଚାରୀଙ୍କଠାରେ ହାର୍ଡ ଓ ସଫ୍ଟ ସ୍କିଲରେ କଠିନତା ଲକ୍ଷ୍ୟ କରାଯାଇଛି। ଏଥିପାଇଁ ୨୦୨୩ରେ ଆମେରିକାର ଆଇଟି କମ୍ପାନୀଗୁଡ଼ିକ ଟେକ୍ ଟ୍ୟାଲେଣ୍ଟକୁ ଗୁରୁତ୍ୱ ଦେଇ ୩୫% ଯୋଗ୍ୟ ଆଇଟି ପ୍ରଫେସନାଲଙ୍କୁ ଆଣିବାକୁ ଯୋଜନା କରିଥିବା ଜଣାପଡ଼ିଛି। ମ୍ୟାନପାୱାର ଗ୍ରୁପ ରିପୋର୍ଟ ଏହା ମଧ୍ୟ ଦର୍ଶାଇଛି ଯେ ୨୦୨୩ର ପ୍ରଥମ ତ୍ରୈମାସିକରେ ଆଇଟି ଇଣ୍ଡଷ୍ଟ୍ରି ପକ୍ଷରୁ ୭୦% ନୂଆ ଟେକନିକାଲ ସ୍କିଲ ସମ୍ପନ୍ନ ମେଧାଙ୍କୁ ଅଣାଯିବାର ଯୋଜନା କରାଯାଇଛି। ଏଥିରୁ ବୁଝାପଡୁଛି ଯେ, ପଦବୀ ପୂରଣ ପାଇଁ ଆଇଟି ସେକ୍ଟରଗୁଡ଼ିକ ଟ୍ୟାଲେଣ୍ଟ ଅନ୍ୱେଷଣରେ ଅଛନ୍ତି। ଏଣୁ ବିକାଶଶୀଳ ଆଇଟି କ୍ଷେତ୍ରରେ ମେଧା ଆବଶ୍ୟକତାକୁ ଲକ୍ଷ୍ୟ କରି ଛଟେଇ କରାଯାଉଥିବା ପ୍ରକ୍ରିୟାକୁ ସ୍ୱୀକାର କରିବାକୁ ହେବ। ଭାରତୀୟମାନଙ୍କ ମେଧା ସ୍ତର ଓ ନିଯୁକ୍ତିଭିତ୍ତିକ ଯୋଗ୍ୟତା ଉପରେ ଅନୁଧ୍ୟାନ କରୁଥିବା ଆସ୍ପାୟାରିଂ ମାଇଣ୍ଡସ୍‌ର ୨୦୧୭ ରିପୋର୍ଟ ବି ଏହାକୁ ସ୍ପଷ୍ଟ କରିଥିଲା। ଏହା ଦର୍ଶାଇଛି ଯେ, ଭାରତରେ ୯୫% ଇଞ୍ଜିନିୟର ସଫ୍ଟୱେର ଡେଭଲପମେଣ୍ଟ ଚାକିରି ପାଇଁ ଯୋଗ୍ୟ ନୁହନ୍ତି। ଯେହେତୁ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକରେ ଆଇଟି କ୍ଷେତ୍ରରେ ଭାରତୀୟଙ୍କ ଉପସ୍ଥିତି ଅଧିକ , ସେଥିପାଇଁ ଧାରଣା ରହିଛି ଯେ ସେମାନେ ମେଧା ସମ୍ପନ୍ନ, ସମୃଦ୍ଧ କୌଶଳୀ। ସେମାନେ କାର୍ଯ୍ୟରେ ନିଶ୍ଚିତ ସଫଳ ହେବେ, ଏଭଳି ତ୍ରୁଟିପୂର୍ଣ୍ଣ ଧାରଣା ମଧ୍ୟ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୮

- ରୁଷିଆର ମହାକାଶ କେନ୍ଦ୍ର 'ମୀର'ରେ ଦେଖାଦେଇଥିବା ବିଭ୍ରାଟକୁ ସଜାଡ଼ିବା ପାଇଁ ଏକ ମହାକାଶ ଯାନ ପ୍ରେରଣ।
- ଗଞ୍ଜାମ ଜିଲାର ତତ୍କାଳୀନ ପାତ୍ରପୁର ନିର୍ବାଚନମଣ୍ଡଳିର ବିଧାୟକ ତ୍ରିଲୋଚନ ଜାନିଙ୍କ ପରଲୋକ।

# ଓଡ଼ିଶାରେ ଶିଳ୍ପାୟନର ଦିଶା



ଅନିଲ ବିଶ୍ୱାଳ

ସାରା ବିଶ୍ୱରେ ଆଜିର ସମୟରେ ଅର୍ଥନୀତି ଦୃଷ୍ଟିରୁ ଦୁଇଟି ସମସ୍ୟା ସବୁ ଦେଶ ପାଇଁ ଆହ୍ୱାନ ହୋଇ ଠିଆ ହୋଇଛି। ଗୋଟିଏ ହେଲା ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାର ଆହ୍ୱାନ ଓ ଅନ୍ୟଟି ହେଲା ଦେଶ ଚଳାଇବା ପାଇଁ ରାଜକୋଷକୁ ଅର୍ଥ ଯୋଗାଡ଼ କରିବାର ଆହ୍ୱାନ। ଏହି ଦୁଇଟି ପ୍ରସଙ୍ଗରେ ଶିଳ୍ପାୟନର ବଡ଼ ଭୂମିକା ରହିଛି। ଆଧୁନିକ ବିଶ୍ୱରେ ଶିଳ୍ପର ପରିଭାଷା ମଧ୍ୟ ବଦଳିଛି। ଶିଳ୍ପ କହିଲେ ଆଉ ଆଗ ଭଳି କେବଳ ବଡ଼ ବଡ଼ କଳକାରଖାନାକୁ ବୁଝାଯାଉନି। ବର୍ତ୍ତମାନ ସମୟରେ ସଫ୍ଟୱେରରୁ ନେଇ ପର୍ଯ୍ୟଟନ, ଫ୍ୟାଶନରୁ ନେଇ ମନୋରଞ୍ଜନ, ଖାଦ୍ୟ ପ୍ରକ୍ରିୟାକରଣ, ଇ–କର୍ମସ ଏସବୁକୁ ମଧ୍ୟ ଶିଳ୍ପର ମାନ୍ୟତା ମିଳିଛି ଓ ଏହିଭଳି ନୂଆ ନୂଆ କ୍ଷେତ୍ରରେ ହିଁ ବେଶି ଅର୍ଥନୈତିକ କାରବାର ହେଉଛି, ବେଶି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ଅନେକ ଦୃଷ୍ଟିରୁ ଭାଗ୍ୟବାନ୍। ଏଠାରେ ଅନେକ ପ୍ରକାର ପ୍ରାକୃତିକ ଖଣିଜ ସମ୍ପଦର ଅମାପ ଭଣ୍ଡାର ରହିଛି। ୪୫୦ କିମିର ସୁଦୀର୍ଘ ବେଳାଭୂମି ରହିଛି। ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ମାନବ ସମ୍ବଳ ଏସବୁରେ ମଧ୍ୟ ଓଡ଼ିଶା ସମୃଦ୍ଧ, ପରିପୁଷ୍ଟ। ଏହା ବାଦ୍ ଆମ ପାଖରେ କୃଷି ପାଇଁ ବିସ୍ତୀର୍ଣ୍ଣ ଉର୍ବର ଭୂମି ଅଛି। ପର୍ଯ୍ୟଟନରୁ ନେଇ ହସ୍ତଶିଳ୍ପ, ହସ୍ତତନ୍ତରେ ଆମ ପାଖରେ ଯଥେଷ୍ଟ ଭିତ୍ତିଭୂମି ରହିଛି। ସେ ଦୃଷ୍ଟିରୁ ଆମେ ଶିଳ୍ପାୟନର ଠିକ୍ ଉପଯୋଗ କରି ଦେଶରେ ଏକ ସମ୍ପନ୍ନ ରାଜ୍ୟ ହେବାର ଯଥେଷ୍ଟ ସୁଯୋଗ ରହିଛି।। ଏବେ ରାଜ୍ୟରେ ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ସରିଛି। ଅନେକ ବଡ଼ ବଡ଼ ପୁଞ୍ଜି ନିବେଶକାରୀମାନେ ପୁଞ୍ଜି ନିବେଶର ପ୍ରସ୍ତାବ ନେଇ ଏଠାକୁ ଆସିଥିଲେ। ଆଗରୁ ମଧ୍ୟ ଦୁଇ ଦୁଇଟି ମେକ୍ ଇନ୍ ଓଡ଼ିଶା ହୋଇଛି।

ହେଲେ ଓଡ଼ିଶାରେ ଶିଳ୍ପାୟନର ସ୍ୱରୂପ କ'ଣ ତାହା ଏକ ଆଲୋଚନାର ବିଷୟ। ୨୦୧୬ରେ ଓ ୨୦୧୮ରେ ହୋଇଥିବା ମେକ୍ ଇନ୍ ଓଡ଼ିଶା ଆୟୋଜନରେ ଖର୍ଚ୍ଚ ହୋଇଥିଲା ୫୫ କୋଟି ଟଙ୍କା। ଦୁଇଟିଯାକରେ ସମୁଦାୟ ପୁଞ୍ଜି ପ୍ରସ୍ତାବ ଆସିଥିଲା ୬ ଲକ୍ଷ ୨୬ ହଜାର କୋଟି ଟଙ୍କାର। ୭ ଲକ୍ଷ ୨୮ ହଜାର ୬୮୧ ନିଯୁକ୍ତି ସମ୍ଭାବନାର ଆକଳନ କରାଯାଇଥିଲା। ଏବେ ସୁଦ୍ଧା ମୋଟ ପ୍ରସ୍ତାବିତ ୨୮୬ ପ୍ରସ୍ତାବରୁ ୧୬୪ଟିକୁ ଅନୁମୋଦନ ମିଳିଛି। ସେଥିରୁ ମାତ୍ର ୧୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହୋଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ୧୬ଟି ପ୍ରକଳ୍ପର ପୁଞ୍ଜି ନିବେଶ ପରିମାଣ ହେଉଛି ୫ ହଜାର ୬୭୪ କୋଟି ଟଙ୍କା ଓ ନିଯୁକ୍ତି ମିଳିଛି ୫ ହଜାର ୮୭୮ ଜଣଙ୍କୁ। ତେଣୁ କେଉଁଠି ନା କେଉଁଠି ସରକାର ଯାହା ଆଶା ରଖିଥିଲେ, ତାହାଠାରୁ କମ୍ ସଫଳତା ମିଳିଛି। ଆମେ ଆଶା ରଖିବା ଯେ ଆଗାମୀ ଦିନରେ ପ୍ରସ୍ତାବ ଆସିଥିବା ସମସ୍ତ ପ୍ରକଳ୍ପ କିପରି କ୍ରିୟାନ୍ୱୟନ ହେଉ।

ଏବେ ହୋଇଥିବା ୨୦୨୨ ମେକ୍ ଇନ୍ ଓଡ଼ିଶାରେ ମୋଟ ୧୦.୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଛି। ସେଥିରୁ କେବଳ ଖଣିଜ ସମ୍ପଦ ଯଥା ଲୁହାପଥର, ବକ୍ସାଇଟ, ମାଙ୍ଗାନିଜ, ଆଦିକୁ ଭିତ୍ତି କରି ଆସିଥିବା ବିଭିନ୍ନ ପ୍ରକଳ୍ପର ପରିମାଣ ହେଉଛି ୫.୫ ଲକ୍ଷ କୋଟି ଟଙ୍କାର। ସେହିଭଳି ଏହି ଶିଳ୍ପମାନଙ୍କ ଉପରେ ନିର୍ଭର କରି ଅନ୍ୟ କ୍ଷେତ୍ର ଯଥା ଶକ୍ତି ଉତ୍ପାଦନ, ପରିବହନ ଆଦିରେ ଯାହା ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି,



ତାହାର ପରିମାଣ ହେଉଛି ୩.୫୮ ଲକ୍ଷ କୋଟି ଟଙ୍କାର। ଅର୍ଥାତ୍ ମୋଟ ପୁଞ୍ଜି ନିବେଶ ପ୍ରସ୍ତାବର ପାଖାପାଖି ୮୬% ହେଉଛି ଆମ ରାଜ୍ୟରେ ଥିବା ଖଣିଜ ସମ୍ପଦକୁ ଆଧାର କରି। ବାକି ୧୪% ହେଉଛି ବାକି ଯେତେ ପ୍ରକାରର ଶିଳ୍ପ ରହିଗଲା। ସେହିଭଳି ଯେଉଁ ପୁଞ୍ଜି ନିବେଶ ପ୍ରସ୍ତାବ ଖଣିଜ ସମ୍ପଦ କ୍ଷେତ୍ରରେ ଆସିଛି, ସେଥିରେ ମଣିଷର ଦୈନନ୍ଦିନ ଜୀବନରେ ବ୍ୟବହାରରେ ଆସୁଥିବା ବିଭିନ୍ନ ସାମଗ୍ରୀ, ଯାହାକୁ ଆମେ କଞ୍ଜ୍ୟୁମର ଗୁଡ୍ ବୋଲି କହୁ ତାହାର ଉତ୍ପାଦନ ପାଇଁ ସେଭଳି କିଛି ଆଖିଦୃଶିଆ ପ୍ରସ୍ତାବ ନାହିଁ। ପ୍ରାୟ ସମସ୍ତ ପ୍ରସ୍ତାବ ହେଉଛି ଷ୍ଟିଲ, ବକ୍ସାଇଟ ନହେଲେ ଆଉ କିଛି ଧାତବ ପଦାର୍ଥର ଉତ୍ପାଦନକୁ ନେଇ। ଆମେ କାହିଁକି ଆମ ରାଜ୍ୟରେ ଉତ୍ପାଦିତ ଷ୍ଟିଲ୍‌ରେ ଆମର ଏଇଠି ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଯୋଜନା ହେବ ନାହିଁ ତାହା ଏକ ପ୍ରସଙ୍ଗ।

ଆଜିବି ଓଡ଼ିଶାରେ ଆମେ ଦୈନନ୍ଦିନ ଜୀବନଶୈଳୀରେ ବ୍ୟବହାର କରୁଥିବା ବିଭିନ୍ନ ଜିନିଷମାନଙ୍କର ସେଭଳି କୌଣସି ନାମକରା ବ୍ରାଣ୍ଡର କାରଖାନା ନାହିଁ। ଆମେ ଏକ ଲମ୍ବା ସମୟ ପାଇଁ ଏଠାରେ ମିଳୁଥିବା ଲୁହାପଥର ବା ଅନ୍ୟ ଖଣିଜ ପଦାର୍ଥକୁ ତରଳାଇ ସେଥିରୁ ଲୁହା ବା ବକ୍ସାଇଟ ବାହାର କରିବାର କାରଖାନା ପ୍ରତିଷ୍ଠାରେ ସମୟ ବିତାଇଛେ। ହେଲେ ଏହାର ପରବର୍ତ୍ତୀ ଶିଳ୍ପ କଥା ଆମେ ଭାବିନେ। ଆମରି ରାଜ୍ୟରୁ ଉତ୍ପାଦିତ ଲୁହା ଉପରେ ନିର୍ଭର କରି ଆଜି ପଞ୍ଜାବ, ହରିୟାନାରେ ଶହ ଶହ ଗାଡ଼ି ତିଆରି କାରଖାନା ଗଢ଼ି ଉଠିଛି। ଆମର ଏଠି ସାଇକେଲ କାରଖାନାଟିଏ ବି ନାହିଁ।

ମେକ୍ ଇନ୍ ଓଡ଼ିଶା ୨୦୨୨ରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ମାତ୍ର ୭ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି, ଯାହା ମୋଟ ପୁଞ୍ଜି ନିବେଶର ପାଖାପାଖି ମାତ୍ର ୦.୭%। କିନ୍ତୁ ସେଥିରେ ଯେଉଁ କର୍ମନିଯୁକ୍ତି ସୃଷ୍ଟି ହେବାର ଆକଳନ ହୋଇଛି, ତାହା ହେଉଛି ୧ ଲକ୍ଷ ୪୪ ହଜାର ; ଯାହା ମୋଟ ଆକଳନ ହୋଇଥିବା ନିଯୁକ୍ତି ସୁଯୋଗର ୧୪%। ସେହିଭଳି ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ମାତ୍ର ୨୬୪୦ କୋଟି ଟଙ୍କାର, କିନ୍ତୁ କର୍ମନିଯୁକ୍ତି ଆକଳନ ହୋଇଛି ୩୩ ହଜାର ୫୮୭। ୦.୨%ର ପୁଞ୍ଜି କିନ୍ତୁ ନିଯୁକ୍ତି ୩.୨%, ଯାହାକି ଅନ୍ୟ କ୍ଷେତ୍ରର ନିଯୁକ୍ତି ହାର ଅପେକ୍ଷା ଅଧିକ। ସେହି ସମାନ ସ୍ଥିତି କୃଷି ବିପଣନ ଓ ଏଗ୍ରି ବିଜିନେସ୍‌ରେ। କମ୍ ପୁଞ୍ଜି ନିବେଶ ପ୍ରସ୍ତାବ କିନ୍ତୁ ଅଧିକ କର୍ମ ନିଯୁକ୍ତିର ସମ୍ଭାବନା। କିନ୍ତୁ ଆମେ ଯଦି ଖଣିଜ ପଦାର୍ଥ ଆଧାରିତ ପୁଞ୍ଜି ନିବେଶର ହାର ଓ ନିଯୁକ୍ତିକୁ ଦେଖିବା, ତା'ହେଲେ ଏହି ହାର କମ୍। ଶିଳ୍ପାୟନର ଯେଉଁ ଦୁଇଟା ଉଦ୍ଦେଶ୍ୟ ଅଛି ଯଥା ରାଜକୋଷକୁ ଟିକସ ଆଣିବା ଓ ନିଯୁକ୍ତି ସୃଷ୍ଟି କରିବା, ଏହି ଦୁଇଟା ଭିତରେ ଯଦି ସମନ୍ୱୟ ନ ରୁହେ ; ତାହାଲେ ରାଜ୍ୟ ହୁଏତ ଧନୀ ହୋଇଯାଇପାରେ ; କିନ୍ତୁ ରାଜ୍ୟର ଲୋକମାନେ ଗରିବ ହୋଇଯିବେ। ଆମ ଶିଳ୍ପାୟନର ଦିଶା କୁଆଡ଼େ ? ନିଯୁକ୍ତି ସୃଷ୍ଟି କରିବା ନା କେବଳ ରାଜକୋଷ ପାଇଁ ଟିକସ ସଂଗ୍ରହ କରିବା ?

ଆଜିର ସମୟରେ ସମଗ୍ର ଅଟୋମୋବାଇଲ ଶିଳ୍ପରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି, ତାହା ହେଉଛି ଇ–ଯାନ ବା ବିଦ୍ୟୁତଚାଳିତ ଗାଡ଼ି। ହେଲେ ଏଥରକ ମେକ୍ ଇନ୍ ଓଡ଼ିଶାରେ ସେ କ୍ଷେତ୍ରରେ ମାତ୍ର ୫୦୦ କୋଟିର ପ୍ରସ୍ତାବ ଆସିଛି। ସାରା ଦେଶରେ ଏବେ ଇ–ଯାନ ଶିଳ୍ପର ଯେଉଁ ଭିତ୍ତିଭୂମି ଅଛି, ତାହା ହେଉଛି ପାଖାପାଖି ୧ ଲକ୍ଷ କୋଟିର ; ଯାହା ଆଗାମୀ ୫ ବର୍ଷ ଭିତରେ ୩ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଯିବ। ସେହି ସ୍ଥିତିରେ ଏହି ୫୦୦ କୋଟିର ପ୍ରକଳ୍ପ କ'ଣ ଓଡ଼ିଶାକୁ ଇ–ଯାନ ଶିଳ୍ପର ଏକ କେନ୍ଦ୍ର ବୋଲି ମାନ୍ୟତା ଦେଇପାରିବ କି? ଆମେ ଅତୀତରେ ସବୁ ସୁବିଧା ଥାଇ ମଧ୍ୟ ଅଟୋମୋବାଇଲ ଶିଳ୍ପରେ ଉତ୍ପାଦନ କେନ୍ଦ୍ର ହେବାର ସୁଯୋଗକୁ ହାତଛଡ଼ା କରିଥିଲେ, ସମାନ ସ୍ଥିତି ଏବେ ହେବାକୁ ଯାଉଛି। ସେହିଭଳି ଓଡ଼ିଶାରେ ଅକ୍ଷୟ ଶକ୍ତିର ପ୍ରବଳ ସମ୍ଭାବନା ଅଛି। ଏବେ ସୁଦ୍ଧା ଓଡ଼ିଶାର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ମାତ୍ର ୬୨୭ ମେଗାୱାଟ୍। ଭବିଷ୍ୟତ ବିଶ୍ୱର ଶକ୍ତି ଉତ୍ସ ହେଉଛି ଅକ୍ଷୟ ଶକ୍ତି। ତେଣୁ କେଉଁଠି ନା କେଉଁଠି ଆମର ଶିଳ୍ପାୟନର ଦିଶା ଆଗାମୀ ଭବିଷ୍ୟତରେ ଯାହା ଯାହା ପରିବର୍ତ୍ତନ ହେବାକୁ ଯାଉଛି, ସେହି ଦିଗରେ ଯିବାର ଆବଶ୍ୟକତା ରହିଛି।

ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିର କାହାଣୀ ୧୯୫୦ ଦଶକରେ ଅତି ଖରାପ ସ୍ଥିତିରୁ ଆରମ୍ଭ ହୋଇ ଅନେକ ଉତ୍ଥାନ ପତନ ଭିତରେ ଆଜିର ସମୟରେ ବଳକା ବଜେଟରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଆତ୍ମନିଯୁକ୍ତି ଏବଂ ନିଯୁକ୍ତି ସୃଷ୍ଟି କରିବା। ଯେବେଯାଏ ପ୍ରତ୍ୟେକ ବ୍ୟକ୍ତି ପାଖରେ ଅର୍ଥ ଉପାର୍ଜନ କ୍ଷମତା ନ ପହଞ୍ଚିଛି, ସେତେବେଳ ଯାଏ ଗରିବୀ ହଟିବନି। ତେଣୁ ଆମକୁ ନୂଆ ବିକଳ୍ପର ରାସ୍ତା ବାହାର କରିବାକୁ ପଡ଼ିବ।

ହରିରାଜପୁର, ପୁରୀ
ମୋ: ୯୪୩୮୫୭୯୨୯୦

## ଏଇ ଭାରତରେ

ଛତୁ ଚାଷ ରୋଜଗାରର ବାଟ ଦେଖାଉଥିବା ବେଳେ ଛତୁ କଫି ଷ୍ଟାର୍ଟଅପ୍ ଏବେ ଚର୍ଚ୍ଚାର ବିଷୟ ହୋଇଛି। କେରଳର ଲାଲୁ ଥୋମାସ ଛତୁ ମିଶ୍ରିତ କଫି ନୂଆ କରି କୋଲାମସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ସହଯୋଗରେ ତିଆରି କରିଛନ୍ତି। ସେ ସଂଯୁକ୍ତ ଆରବ ରାଷ୍ଟ୍ରରେ ଜଣେ ସେଫ୍ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ୧୫ ବର୍ଷ ରହିବା ପରେ ଭାରତ ଫେରି ଛତୁ ଚାଷ ଆରମ୍ଭ କରିଥିଲେ। କେବଳ ଛତୁ ଉତ୍ପାଦନ କରି ସେଥିରୁ ଅଧିକ ଲାଭ ପାଇବା କଷ୍ଟକର ବୋଲି ଅନୁଭବ କରିବା ପରେ ସେ ଏଥିରୁ ଅନ୍ୟ କିଛି ଉତ୍ପାଦ ପ୍ରସ୍ତୁତ କରିବା ଚିନ୍ତା କରିଥିଲେ। ପରେ ସେ 'ସେଫ୍ ବେ' ଷ୍ଟାର୍ଟଅପ୍ ଗଠନ କରି ଛତୁ କଫି ବିକ୍ରି କରୁଛନ୍ତି। ଛତୁ ଓ କଫି ମିଶ୍ରଣ (୭୦ ପ୍ରତିଶତ ଛତୁ ଓ ୩୦% କଫି)କୁ ପାଉଡର କରିବା ପରେ ଏଥିରେ ପାନୀୟ ତିଆରି କରୁଛନ୍ତି। ଆମେ ବଜାରରେ ପିଉଥିବା କଫିଠାରୁ ଏହା କୌଣସି ଗୁଣରେ ବିକମ୍ ନୁହେଁ। ସାଧାରଣତଃ କଫି ଯେମିତି ତିଆରି କରାଯାଏ ଏହାକୁ ମଧ୍ୟ ସେଭଳି କରାଯାଇପାରିବ। ଏହା ବ୍ୟତୀତ ଏହାକୁ ବିନା କ୍ଷୀର କିମ୍ବା ଚିନିରେ କେବଳ ଉଷୁମ ପାଣିରେ କରାଯାଇପାରୁଛି। ଲାଲୁ ୫ ପ୍ରକାର ଛତୁକୁ ଧୋଇ ଶୁଖାଇ ତାହାକୁ ସୌର ଚାଳିତ ମେଶିନରେ ପାଉଡର କରୁଛନ୍ତି। ଏସବୁ ଛତୁ ସେ ନିଜେ ଉତ୍ପାଦନ କରୁଛନ୍ତି ଓ କଫି ବାହାରୁ ଆଣୁଛନ୍ତି। ଏହା ମଧ୍ୟ ସ୍ୱାସ୍ଥ୍ୟବର୍ଦ୍ଧକ ବୋଲି କାଉନ୍‌ସିଲ ଫର୍ ଫୁଡ ଆଣ୍ଡ ରିସର୍ଚ୍ଚ ଡେଭଲପମେଣ୍ଟ (ସିଏଫଆର୍‌ଡି) ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଏହି କଫି ମାର୍ଚ୍ଚ ୨୦୨୩ରୁ ଦେଶର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ ବୋଲି କହନ୍ତି ଲାଲୁ।

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭୁରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନୂତନ ପର୍ଯ୍ୟଟନ ନୀତି



ଅରୁଣ କୁମାର ତ୍ରିପାଠୀ

ଯେ କୌଣସି ରାଷ୍ଟ୍ରର ଉନ୍ନତିରେ ପର୍ଯ୍ୟଟନ ଶିଳ୍ପର ଭୂମିକା ପ୍ରଣିଧାନଯୋଗ୍ୟ। ଅନ୍ୟ ସମସ୍ତ ନିବେଶ କ୍ଷେତ୍ରରେ ପରିବେଶକୁ ଧୂଆଁ ନିର୍ଗତ ହେଉଥିବା ସ୍ଥଳେ, ପର୍ଯ୍ୟଟନ ଶିଳ୍ପକୁ ଧୂମବିହୀନ ଶିଳ୍ପର ମାନ୍ୟତା ଦିଆଯାଏ। ଆରୁବା, ବ୍ରିଟିଶ ଉପଦ୍ୱୀପ, ମାଳଦ୍ୱୀପ, ସେଚିଲସ, ବାହାମସ ଆଦି ଅର୍ଥନୀତିରେ ମୋଟ ଘରୋଇ ଉତ୍ପାଦର ପ୍ରାୟତଃ ୩୦ ଶତକଡ଼ା ଏହି ପର୍ଯ୍ୟଟନ ଶିଳ୍ପରୁ ମିଳେ। ବିକାଶଶୀଳ ତଥା ତୃତୀୟ ବିଶ୍ୱର ଅର୍ଥନୀତିରେ ସ୍ଥାନୀୟ ଆଧାରିକ ସଂରଚନା ତଥା ନିୟୋଜନ ପ୍ରଦାନ କରି ବିକାଶମୁହାଁ କରେଇବାରେ ଧୂମବିହୀନ ଶିଳ୍ପର ଭୂମିକା ଅନେକ ଗୁରୁତ୍ୱ ବହନ କରେ।

ନିକଟରେ ପ୍ରଣୀତ ଓଡ଼ିଶାର ନୂତନ ପର୍ଯ୍ୟଟନ ନୀତିରେ ଆକର୍ଷଣୀୟ ପ୍ରସ୍ତାବ ମାନ ରହିଅଛି, ଯାହା ନିବେଶକାରୀଙ୍କୁ ଲୋଭ ଦେଖାଇ ଏହି ଧୂମବିହୀନ ଶିଳ୍ପ ଆଡ଼କୁ ନିମନ୍ତ୍ରଣ କରିବ। ରାଜ୍ୟ କ୍ୟାବିନେଟରେ ଅନୁମୋଦିତ ହୋଇ ଗେଜେଟ ଘୋଷଣାନାମା ସହ ପ୍ରକାଶ ପାଇଥିବା ଏହି ନୀତିରେ ଋଣରେ ବିଶେଷ ରିହାତି, ଭୂମି ପଞ୍ଜୀକରଣ ଦେୟଛାଡ଼, କିସମ ପରିବର୍ତ୍ତନ ଦେୟ ଛାଡ଼, ନିଯୁକ୍ତି ଦରରେ ରିହାତି ସହ ନିରନ୍ତର ବିକାଶ ବିଷୟକ ନିବେଶରେ ମଧ୍ୟ କିଛିକାଂଶରେ ରିହାତି ଦିଆଯାଇଅଛି। ଡିସେମ୍ବର ପହିଲା ପରଠୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ନିବେଶ ପରିପ୍ରେକ୍ଷୀରେ ଏହି ରିହାତି ପ୍ରଦାନ କରାଯିବ। ୫୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ଉପରେ ୩୦ ପ୍ରତିଶତର ରିହାତି ସହ ସର୍ବାଧିକ ୧୫ କୋଟି ପର୍ଯ୍ୟନ୍ତ ଛାଡ଼ର ପ୍ରାବଧାନ ରଖାଯାଇଅଛି। ପୁନଶ୍ଚ ୫୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶ କ୍ଷେତ୍ରରେ ୩୦ ପ୍ରତିଶତ ରିହାତି ସହ ସର୍ବାଧିକ ୨୦ କୋଟିର ଛାଡ଼ ପ୍ରଦାନର ବ୍ୟବସ୍ଥା କରାଯାଇଅଛି। ଏଣୁ କୁହାଯାଇପାରିବ ସର୍ବାଧିକ ୨୦ କୋଟିର ରିହାତି ଏହି ନୀତି ମାଧ୍ୟମରେ ନିବେଶକ ଗଣ ପାଇପାରିବେ।

କିନ୍ତୁ କିଛି ସ୍ୱତନ୍ତ୍ର ଅଞ୍ଚଳ ଯଥା ଚିଲିକା ହ୍ରଦ, ଅବିଭକ୍ତ କୋରାପୁଟ,ବଲାଙ୍ଗୀର ଓ କଳାହାଣ୍ଡି ଜିଲା, କନ୍ଧମାଳ ଓ ଗଜପତି ଜିଲାରେ ନିବେଶ, ମହିଳା ତଥା ସମନ୍ୱିତ ବର୍ଗଙ୍କ ଦ୍ୱାରା ପ୍ରାଧିକୃତ ନୂତନ ନିବେଶ ଆଦିରେ ଏହି ରିହାତିରେ ଅଧିକା ୫ ପ୍ରତିଶତ ଦାବି ଉଦ୍ୟୋକ୍ତା କରିପାରିବେ। ସରକାରଙ୍କ ଯୋଜନାରେ ଅଧିକୃତ ଇକୋ–ରିଟ୍ରିଟ ଏବଂ ସ୍ୱତନ୍ତ୍ର ଚାହିଦା ଥିବା ସ୍ଥାନମାନଙ୍କରେ ତମ୍ବୁ ବ୍ୟବସ୍ଥାରେ ପର୍ଯ୍ୟଟନର ଆଖିଦୃଶିଆ ବିକାଶକୁ ନଜର ରଖି ଏହିସବୁ ନୂତନ ରିହାତି ଦର ବ୍ୟବସ୍ଥିତ କରାଯାଇଅଛି। ଜଳଜ ପର୍ଯ୍ୟଟନରେ ୨୫ ପ୍ରତିଶତ ରିହାତି, ସର୍ବାଧିକ ୫୦ ଲକ୍ଷର ପରିମାଣ ସହ ସ୍ଥିର କରାଯାଇଅଛି। ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି ଯୋଜନାରେ ପୂର୍ବରୁ ଭଲ ସଫଳତା ଅର୍ଜନ ତଥା ଋଣ ଖିଲାପ କରି ନ ଥିବା ଉଦ୍ୟୋକ୍ତାମାନଙ୍କୁ ସୁଧ ଉପରେ ୫ ପ୍ରତିଶତର ରିହାତି, ଯାହା ଏକ କୋଟିର ସୀମା ମଧ୍ୟରେ ରହିବାର ବ୍ୟବସ୍ଥା କରାଯାଇଅଛି।



ଏହି ନିୟମରେ ଘରୋଇ ନିବେଶକୁ ପ୍ରୋତ୍ସାହନ ନିମନ୍ତେ ଷ୍ଟାମ୍ପ ଡ୍ୟୁଟିରେ ଶତ ପ୍ରତିଶତ ଛାଡ଼, ଜମିର କିସମ ପରିବର୍ତ୍ତନ କରରେ ଶତ ପ୍ରତିଶତ ଫେରସ୍ତର ବ୍ୟବସ୍ଥା ମଧ୍ୟ କରାଯାଇଅଛି। ଏହି ନୀତିରେ ଶକ୍ତି କ୍ଷେତ୍ରରେ ନିବେଶର ପ୍ରାରମ୍ଭିକ ୫ ବର୍ଷ ପର୍ଯ୍ୟନ୍ତ ୫ ମେଗା ଭୋଲ୍ଟ ଏମ୍ପାୟାରର ବିଦ୍ୟୁତ୍ କର ଛାଡ଼ର ବ୍ୟବସ୍ଥା ରହିଅଛି। ନୂତନ ତଥା ନବୀକରଣ ଯୋଗ୍ୟ ଶକ୍ତି ଉପଭୋଗ କ୍ଷେତ୍ରରେ ଉପାଂଶ ଖର୍ଚ୍ଚର ଅର୍ଦ୍ଧେକ ସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଅଛି।

ରାଜ୍ୟ ମଧ୍ୟରେ ନିୟୋଜନର ବିକାଶ ନିମନ୍ତେ ଏହି ନିୟମରେ ଅନେକ ସହାୟତା ପ୍ରଦାନ କରାଯାଇଅଛି। ଯେକୌଣସି ନିୟୋଜନ କ୍ଷେତ୍ରରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ତଥା ସୁରକ୍ଷା ବୀମାର ବ୍ୟବସ୍ଥା ରହିଅଛି। ପର୍ଯ୍ୟଟନ ନୀତିରେ ଏହି ନିବେଶର ପ୍ରଥମ ପାଞ୍ଚ ବର୍ଷ ଉଦ୍ୟୋକ୍ତାଙ୍କ ଅଂଶ ସରକାରଙ୍କ ଦ୍ୱାରା ବହନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଅଛି। ପୁନଶ୍ଚ କର୍ମଚାରୀଙ୍କ ତାଲିମ ନିମନ୍ତେ ମୁଣ୍ଡପିଛା ୨୦୦୦ ଟଙ୍କାର ଖର୍ଚ୍ଚ ସରକାର ବର୍ତ୍ତମାନ ବହନ କରିବେ ବୋଲି କଥା ଦେଇଅଛନ୍ତି।

ନିରନ୍ତର ବିକାଶ ତଥା ପରିବେଶର ସୁରକ୍ଷା ନିମନ୍ତେ ଏହି ନୀତିରେ ଅନେକ ବ୍ୟବସ୍ଥା କରାଯାଇଅଛି । ପରିବେଶ ନିରାପତ୍ତା ସଂରକ୍ଷଣ ସଂରଚନା କ୍ଷେତ୍ରରେ ବ୍ୟବହୃତ ବିନିମୟ ଉପଚାରିତ ଦ୍ରବ୍ୟ ଓ ବ୍ୟବସ୍ଥିତ ସ୍ଥାନାନ୍ତରଣ ଯୋଜନା କ୍ଷେତ୍ରରେ ୨୦ ପ୍ରତିଶତର ରିହାତି ହିସାବରେ ସର୍ବାଧିକ ୨୦ ଲକ୍ଷର ଛାଡ଼ ବ୍ୟବସ୍ଥା କରାଯାଇଅଛି।

ଦେଶରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟନ ସହାୟକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁ ବିଦେଶୀ ପର୍ଯ୍ୟଟକମାନଙ୍କୁ ଭ୍ରମଣ ଉଦ୍ଦେଶ୍ୟରେ ନିଅନ୍ତି, ସେମାନଙ୍କୁ ସଂପୃକ୍ତ ଅଞ୍ଚଳର ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟରେ ପଞ୍ଜୀକରଣ କରେଇବାକୁ ପଡ଼େ। ସେହି ପଞ୍ଜୀକରଣ ଦେୟରେ ୭୫ ପ୍ରତିଶତ ରିହାତି ସହ ବିଭିନ୍ନ ସ୍ଥାନରେ ପ୍ରବେଶ ଶୁଳ୍କ ଉପରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଅଛି। ମୋଟ ଉପରେ କୁହାଯାଇପାରେ ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଏହା ଏକ ମାଇଲଖୁଣ୍ଟ ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସବୁ ନିୟମ ସହ ଅନାବିଷ୍କୃତ ସ୍ଥାନମାନଙ୍କରେ ଉପଯୁକ୍ତ ଆଧାରିକ ସଂରଚନାର ବିକାଶ ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସଂପୃକ୍ତ ସ୍ଥାନମାନଙ୍କୁ ଉପଯୁକ୍ତ ସ୍ଥାନ ଦେଇପାରିଲେ ରାଜ୍ୟର ପ୍ରଭୂତ ଉନ୍ନତି ସାଧିତ ହେଇପାରିବ।

ମୋ–୯୦୭୮୮୩୮୬୨୭

## sudoku / ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 7 | | 6 | | |
| | | | | 9 | | | | |
| | 4 | | 3 | | | 9 | | 8 |
| | | | | 2 | | | 5 | 1 |
| 8 | 1 | | | | | | | |
| | | | | 3 | 1 | | | 6 |
| 4 | | 9 | 5 | | | | | 3 |
| 5 | 8 | | | | 6 | 2 | | |
| 2 | 7 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 4 | 6 | 5 | 2 | 3 | 8 | 1 |
| 1 | 5 | 6 | 8 | 3 | 9 | 2 | 4 | 7 |
| 3 | 8 | 2 | 7 | 1 | 4 | 9 | 6 | 5 |
| 9 | 4 | 7 | 5 | 6 | 3 | 8 | 1 | 2 |
| 2 | 3 | 5 | 4 | 8 | 1 | 7 | 9 | 6 |
| 8 | 6 | 1 | 9 | 2 | 7 | 5 | 3 | 4 |
| 4 | 1 | 9 | 2 | 7 | 8 | 6 | 5 | 3 |
| 5 | 2 | 3 | 1 | 9 | 6 | 4 | 7 | 8 |
| 6 | 7 | 8 | 3 | 4 | 5 | 1 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା ପ୍ରଦାନ ଏକ ପ୍ରହସନ

ମହାଶୟ, ଓଡ଼ିଶାର ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ତଥ୍ୟର ସତ୍ୟାସତ୍ୟ ଉପରେ ସନ୍ଦେହ ରହିଛି। ଏଥିରେ ଅନେକ ତଥ୍ୟ ଲୁଚା ଯାଇଥିବାର ଅଭିଯୋଗ ହେଉଛି। ଯେଉଁ ସମ୍ପତ୍ତି ତାଲିକା ଦିଆଯାଇଛି, ତା'ର ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମନ୍ତ୍ରୀମାନେ କ୍ଷମତାକୁ ଆସିବା ପରେ କେତେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି, ତାହା ଜାଣିବାର କୌଣସି ବ୍ୟବସ୍ଥା ନାହିଁ। ସେମାନେ ଯେଉଁ ସମ୍ପତ୍ତି ଅର୍ଜନ କରିଛନ୍ତି, ତା'ର ଉତ୍ସ ସ୍ୱଚ୍ଛ କିମ୍ବା ଅସ୍ୱଚ୍ଛ ତାହା କେହି ଜାଣିପାରିବେ ନାହିଁ। ଏଣୁ ଏହି ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହୋଇଛି।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ପଦ୍ମପୁର,୨୪।୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଜମଲା ପଞ୍ଚାୟତ ହାଇସ୍କୁଲ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ କମିଟି ଅଧକ୍ଷ ଉତ୍ତମ ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ବିପିନ ବିହାରୀ ମିଶ୍ର ମୁଖ୍ୟଅତିଥି, ଜୟକୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷକ ଧର୍ମ କୁମାର ବେହେରା, ଉଗ୍ରସେନ ପଧାନ, ଅଶୋକ ପଧାନ, ଶୁସିଲ ବରିହା, ବିଶ୍ୱଜିତ ଟପ୍ପୋ, ମିନାକ୍ଷୀ ବରିହା, ଲୁପ୍ତପ୍ରଭା ଆଦା, ସଂଯୁକ୍ତା ସାହୁ, ରୋଷନ ସାହୁ, ବିରେନ ସିଦାର, ବୈକୁଣ୍ଠ ଭୋଇ, ପ୍ରହଲ୍ଲାଦ ଛତର, ଶ୍ରୁତି ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ଘର ନ ପାଇ ନିରାଶରେ ଫେରିଲେ ଯୁବତୀ

**ଭେଡେନ,୨୪।୧(ଡି.ଏନ.ଏ) :** ଭେଡେନ ବ୍ଲକ ଲୁହାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବରପଦର



ଗ୍ରାମରକ୍ଷୀ ସୂତା କର୍ମୀ। ବୟସ ପ୍ରାୟ ୩୦ ବର୍ଷ। ପିଲାଟି ଦିନରୁ ମା'ବାପାଙ୍କୁ ହରାଇ ସେ ଏକାକୀ ଜୀବନ ବିତାଉଛନ୍ତି। ତାଙ୍କ ବାପାଙ୍କ ନାମରେ ରହିଛି ସିଲିଂରେ ପାଇଥିବା ମାତ୍ର ୬୦ ଡେସିମିଲ ଜମି। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନ ଥିବାରୁ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସରକାରୀ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ସେ ୨୦୧୮ରୁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଦରଖାସ୍ତ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ତାଲିକାରେ ତାଙ୍କ ନାମ ନ ଥିବାରୁ ସେ ନିରାଶରେ ଘରକୁ ଫେରିଥିବା କହିଛନ୍ତି।

### ଗୋଷ୍ଠୀ ଶୌଚାଳୟର ଭୂମିପୂଜନ ଉତ୍ସବ

**ବରଗଡ଼ ଅଫିସ୍,୨୪।୧:** ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ଗ୍ରାମରେ ଗୋଷ୍ଠୀ ଶୌଚାଳୟ ତିଆରି ପାଇଁ ମଙ୍ଗଳବାର ଭୂମିପୂଜନ ହୋଇଛି। ସରପଞ୍ଚ ପ୍ରଭାସିନୀ ବିଭାର, ସମ୍ପାଦକ ମନୋଜ କୁମାର ସାହୁ, ୱାର୍ଡ଼ସଭ୍ୟ ଅଙ୍ଗଦ ବାଗ ପ୍ରମୁଖ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ବରଗଡ଼ ନେହେରୁ ଯୁବକେନ୍ଦ୍ରର ଶ୍ରମଦାନ ଶିବିର ଉଦଘାଟନ ଉତ୍ସବରେ ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥି ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଅନିଲ ସାହୁ, ସୁଶାନ୍ତ କାଲ୍‌ସା, ବୁଲୁ କାଲସା, ମହେନ୍ଦ୍ର ବନଛୋର, ପିଣ୍ଟୁ ବିଶି ଏବଂ ସ୍ଥାନୀୟ ଆଥଲେଟିକ ଆସୋସିଏଶନର ସଭ୍ୟମାନେ ସହଯୋଗ କରିଥିଲେ।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

## ହିଲୁଙ୍ଗ ଟିକରାସାହିରେ ପାନୀୟ ଜଳ ସଙ୍କଟ

**ଅମରପାଲି,୨୪।୧(ଡି.ଏନ.ଏ.)**

ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ନ ହେବାରୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ଅମରପାଲି ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଛନ୍ତି ମହିଳା। ଉକ୍ତ ରାସ୍ତାର ହିଲୁଙ୍ଗ ଛକ ନିକଟରେ ପୂର୍ବାହ୍ନ ୧୦ଟାରୁ ମହିଳାମାନେ ଗରା ବାଲଟି ଧରି ରାସ୍ତାରୋକୋ କରିଥିଲେ। ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ ରାସ୍ତାରୋକୋରୁ ହଟିବେ ନାହିଁ ବୋଲି କହିଥିଲେ। ରାସ୍ତାରୋକୋ ଯୋଗୁ ସମ୍ପୃକ୍ତ ପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଏବିଡିଓ ପୁରୁଷୋତ୍ତମ ଧରୁଆ ଘଟଣାସ୍ଥଳକୁ ଯାଇ ମହିଳାମାନଙ୍କ ସହିତ ଆଲୋଚନା କରଥିଲେ। ଅଚଳ ନଳକୂପଗୁଡିକ ତତ୍କାଳ ମରାମତି ମରାମତି କରାଯିବ। ଦଶ ଦିନ ମଧ୍ୟରେ ପାଇପ ଲାଇନ ମରାମତି କରି ଜଳ ଯୋଗାଣ କରାଯିବା ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୩ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା।

ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତର ସଦର ଟିକରାସାହିରେ ୪୦ ପରିବାର ବାସ କରନ୍ତି। ହିଲୁଙ୍ଗ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ହେଉଥିଲେ ମଧ ଆଜିକୁ ପ୍ରାୟ ୫ ବର୍ଷ ହେବା ଟିକ୍ରାସାହିକୁ ପାଇପ ଜଳ ଯୋଗାଣ ହେଉନାହିଁ। ଉକ୍ତ ସାହିକୁ ଲାଗିଥିବା ପାଇପ ଫାଟି ଯିବା ସହିତ ଷ୍ଟାଣ୍ଡ ପୋଷ୍ଟଗୁଡିକ ମଧ ଭାଙ୍ଗି ଯାଇଛି। ଦୀର୍ଘଦିନ ହେଲା ଉକ୍ତ ସାହିକୁ ପାଣି ଆସୁନାହିଁ। ଏପରିକି ଉକ୍ତ ସାହିରେ ଥିବା ନଳକୂପଗୁଡିକ ମଧ ଅଚଳ ହୋଇ ପଡିଛି। ଏନେଇ ସ୍ଥାନୀୟ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ମହିଳାମାନେ। ଅନ୍ୟନୋପାୟ ହୋଇ ସେମାନେ ମଙ୍ଗଳବାର ନିଜ ପିଲାଛୁଆ ଧରି ରାସ୍ତାରେ ଗରା, ବାଲଟି ଧରି ରାସ୍ତାରୋକୋ କରିଥିବା କହିଛନ୍ତି।


ହିଲୁଙ୍ଗ ଛକରେ ମହିଳାମାନେ ପାଣି ପାଇଁ ଗରା, ବାଲଟି ରଖି ରାସ୍ତାରୋକୋ କରିଛନ୍ତି।

# ୫୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

**ପଦ୍ମପୁର,୨୪।୧(ଡି.ଏନ.ଏ.)**

ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜମଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ତରଫରୁ ରାମ ବାଜପେୟୀଙ୍କ ନେତୃତ୍ୱରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜମଲା ସରପଞ୍ଚ ଐଶ୍ୱର୍ଯ୍ୟା ପାଣିଗ୍ରାହୀ ଓ ସମିତି ସଭ୍ୟା ପ୍ରତିନିଧି ପିଣ୍ଟୁ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଆୟୁର୍ବେଦ ମହାବିଦ୍ୟାଳୟ କାୟା ଚିକିତ୍ସା ବିଭାଗର ସହକାରୀ ପ୍ରଫେସର ଡ. ପ୍ରିତମ ସାହୁ, ପଞ୍ଚକର୍ମ ଚିକିତ୍ସା ବିଭାଗର ସହଯୋଗୀ ପ୍ରଫେସର ଡ. ମନୋଜ ବେହେରା, କୌମାର ଭୃତ୍ୟ ବିଭାଗ ପ୍ରଫେସର ଡ. କାମିନୀ କର, ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ନଳିନୀ ଦାସ, ଶଲ୍ୟ ଚିକିତ୍ସା ବିଭାଗର ଡ. ମଞ୍ଜରୀ ଚନ୍ଦ୍ରବଂଶୀ, ଚର୍ମ ଓ ଗୁପ୍ତ ରୋଗ ବିଭାଗର ଡ. ଅନୁପମ କାଳିଆ ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୫୫୦ ଜଣ ବୟୋଜେଷ୍ଠ ବ୍ୟକ୍ତିଙ୍କ ସହିତ ବିଭିନ୍ନ ବୟସର ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ। ମନୋରଞ୍ଜନ ପୁରୋହିତ, ଗିରିଜା ଶଙ୍କର ପାଣିଗ୍ରାହୀ, ମନୀଷ ଦୀକ୍ଷିତ, କଳାକର ଭୋଇ, ବିନୋଦ ବିହାରୀ ବେହେରା, ଈଶ୍ୱର ପଟ୍ଟନାୟକ, ଲକ୍ଷ୍ମୀ କାନ୍ତ ଭୋଇ, ସୁଦୀପ୍ତ ଭୋଇ, ନେପାଳ ମେହେର, ସୁବନ ଜୁଏଡ, ହରିବୋଲ ଜୁଏଡ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଯୋଗଦେଇ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତର।

# ଜ୍ୟୋତିସ୍ପୋର୍ଟିଂ କ୍ରିକେଟ୍ ଟୁର୍ନାମେଣ୍ଟ: ବୌଦ୍ଧ ଚାମ୍ପିୟନ


ଅତିଥିଙ୍କ ସହିତ ଟ୍ରଫି ସହ ଚାମ୍ପିୟନ ବୌଦ୍ଧ ଦଳର ଖେଳାଳି।

**ଅମରପାଲି,୨୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହାଇସ୍କୁଲ ପଡିଆରେ ଚାଲିଥିବା ୧୬ତମ ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବୈରାଗୀପାଲିକୁ ହରାଇ ମେହେର ସୁପରଷ୍ଟାର ବୌଦ୍ଧ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବୌଦ୍ଧ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୯ ଉଇକେଟ ହରାଇ ୧୧୬ରନ କରିଥିଲା। ଦଳର ତାପସ ପଧାନ ୧୩ବଲରୁ ୪୩ରନ କରିଥିଲେ। ଯବାବରେ ବୈରାଗୀପାଲି ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୦୭ରନ କରିଥିଲା। ଦଳର ଅନିଲ ମଲ୍ଲିକ ୧୧ବଲରୁ ୩୩ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ବୌଦ୍ଧ ୬ଓଭରରେ ୪ ଉଇକେଟ ହରାଇ ୭୦ରନ କରିଥିଲା। ଦଳର ପ୍ରଶାନ୍ତ ବିଶି ୧୨ବଲରୁ ୩୦ରନ କରିଥିଲେ। ଯବାବରେ ବୈରାଗୀପାଲି ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୬୫ରନ କରିଥିଲା। ଦଳର ବଷ୍ଟି ୩୬ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ମେହେର ସୁପରଷ୍ଟାର ବୌଦ୍ଧ ଚାମ୍ପିୟନ ହୋଇଥିଲା। ଆୟୋଜକ କମିଟଇ ସଭାପତି ତରଣୀସେନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ସମିତି ସଭ୍ୟା ସୁଷମା ସେଠୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ପୂର୍ବତନ ସମିତି ସଭ୍ୟ ଋଷଭ ପ୍ରଧାନ, ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଖବରଦାତା ଶେଷଦେବ ବାରିକ, ରବୀନ୍ଦ୍ର ହୋତା, କ୍ରୀଡାବିତ ପ୍ରଦୀପ ମହାକୁର ଯୋଗଦେଇଥିଲେ। ବୌଦ୍ଧର ଅମିୟଙ୍କୁ ପ୍ଲେୟାର ଅଫ ଦି ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବୌଦ୍ଧ ଦଳକୁ ଟ୍ରଫି ସହିତ ନଗଦ ୧୬ହଜାର ଟଙ୍କା ଏବଂ ରନର୍ସ ଅପ ବୈରାଗୀପାଲି ଦଳକୁ ନଗଦ ୮ହଜାତ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

# କେନ୍ଦ୍ର, ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳ

## ଖବରଦାତା ସମ୍ମିଳନୀରେ ବର୍ଷିଲା ଆମ ଆଦମୀ ପାର୍ଟି

**ଡୁଙ୍ଗୁରିପାଲି, ୨୪।୧(ଡି.ଏନ.ଏ.)**

ଲୋକଙ୍କ ମୌଳିକ ସମସ୍ୟା ସମାଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରକୃତ ବାସହୀନ ପାଖରେ ପହଞ୍ଚି ପାରୁନି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ବେକାର ଯୁବତୀଯୁବକଙ୍କ ପାଖରେ କର୍ମସଂସ୍ଥାନ ନାହିଁ। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହିଭଳି ଅଭିଯୋଗ କରିଛି ଆମ ଆଦମୀ ପାର୍ଟି। ଦଳର ରାଜ୍ୟ ସମ୍ପାଦକ ବାଳକୃଷ୍ଣ ଦଣ୍ଡସେନା, ବରଗଡ଼ ଜିଲା ସଭାପତି ଭବନୀ ପ୍ରସାଦ ସାହୁ, ବରପାଲି ବ୍ଲକ ସଭାପତି ଶ୍ରୀରାମ ସାହୁ, ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ, ତରଭା ବ୍ଲକ ବାଲିଖମାର ପଞ୍ଚାୟତ ସଭାପତି ବଶିଷ୍ଟ ସାହୁ ଏଥିରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଥିବା କହିଥିଲେ। ଏହି ପରିସ୍ଥିତିରେ ଦଳକୁ ବୁଥସ୍ତରରୁ ମଜଭୁତ କରି ଆଗାମୀ ସାଧାରଣ ନିର୍ବାଚନରେ ଜନସାଧାରଣଙ୍କ ଆଶୀର୍ବାଦ ଲୋଡିବ ବୋଲି ନେତୃବର୍ଗ କହିଥିଲେ। ଏହି ଅବସରରେ କେତେକ ବ୍ୟକ୍ତି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ପଞ୍ଚାୟତ ସଭାପତି ଭାବେ ଭିକାରୀ କୁଅଁରଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ଭେଡେନରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଭେଡେନ,୨୪।୧(ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୭୭, ପିଡିଏସ୍ ୧୩, ବାର୍ଦ୍ଧକ୍ୟ ଭତ୍ତା ୧୯ ଏବଂ ଜମିଜମା ସମ୍ବନ୍ଧୀୟ ୫ଟି ମାମଲାର ଶୁଣାଣି ହୋଇଥିଲା। ଭେଡେନ ବିଡିଓ ରଘୁନାଥ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ଏସ୍‌ପି ପି. ପରମାର ସ୍ମିତ, ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବୃଦ୍ଧାବୃଦ୍ଧଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯାଉଥିବାରୁ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଥିଲା। ଏପରିକି ମାସ ମାସ ଧରି ଅନେକ ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି। ସପ୍ତାହକ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଶିବିରରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଗଣ।

# ତଳମୁଣ୍ଡକୁ ପାଣି ଯାଉନି, ଏସ୍‌ଡିଓଙ୍କୁ ଦାବିପତ୍ର

**ଜାମଟିକ୍ରା,୨୪।୧(ଡି.ଏନ.ଏ.)**

ଅତାବିରା ବ୍ଲକ ବାବେବିରା ଓ ବୁଗବୁଗାର ଅଞ୍ଚଳକୁ ବାବେବିରା ଡିଷ୍ଟ୍ରିବ୍ୟୁଟି କେନାଲ ପାଣି ମାଡୁନାହିଁ। ଉପରମୁଣ୍ଡରେ କ୍ରସ୍‌ବନ୍ଧ ଯୋଗୁ ଶହ ଶହ ଏକର ଜମି ପଡିଆ ରହିବା ଆଶଙ୍କା ପ୍ରକାଶ ପାଇଛି। ଏବେ ରବି ଋତୁ ଚାଷ ପାଇଁ କେନାଲ ତଳମୁଣ୍ଡ ଚାଷୀଙ୍କୁ ପାଣି ଚିନ୍ତା ଘାରିଛି। ଏହି ପରିପ୍ରେକ୍ଷୀରେ ତଳମୁଣ୍ଡ ଚାଷୀମାନେ ରେଙ୍ଗାଲି କ୍ୟାମ୍ପ କେନାଲ ବିଭାଗ ଏସ୍‌ଡିଓ ରବିନ୍ଦ୍ର ସେଟ୍ଟୀଙ୍କୁ ତୁରନ୍ତ ପାଣି ସମସ୍ୟା ଦୂର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଦେବା ସମୟରେ ଚାଷୀ ବେଦବ୍ୟାସ ଠାଟି, ଅଶୋକ ମହାକୁର, ହରିବୋଲ ପ୍ରଧାନ, ଗଜାନନା ମହାକୁର, ନବୀନ ବାଗ, ଶ୍ରୀକାନ୍ତ ମାହାର, ଜୟ କୁମାର ଗୁରୁ, ତରଣୀସେନ ମହାପାତ୍ର ପ୍ରମୁଖ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ

**ସୋନପୁର,୨୪।୧(ନି. ପ୍ର.)**

ସୁବର୍ଣ୍ଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ସମିତି ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଆୟୋଜନରେ ଜାତୀୟ କନ୍ୟା ସନ୍ତାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବିଶମର ବେହେରା, ସମଗ୍ର ଶିକ୍ଷା ଅଭିଯାନର ଜେଣ୍ଡର ଇକିଲିଟି କୋଅର୍ଡିନେଟର ମାନସ କୁମାର ସେଠ , ସହକାରୀ ମ୍ୟାନେଜର ଆଇନ ସହାୟତା ଶୋଭନା ଦାଶ ଓ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଦାଶ ପ୍ରମୁଖ ଯୋଗଦେଇ ସମାଜରେ କ୍ରମଶଃ ଝିଅଙ୍କ ସଂଖ୍ୟା କମୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବୋଲି ଅତିଥି ବୃନ୍ଦ କହିଥିଲେ।

ଅପରାହ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଶ୍ୱରଞ୍ଜନ ପତି ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯାଗୀଙ୍କୁ ପୁରସ୍କୃତ କରିଥିଲେ। ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଶ୍ରେୟା ଦାଶ, ଦ୍ୱିତୀୟ ଜ୍ୟୋତ୍ସାମୟୀ ନାଗ, ତୃତୀୟ ପି.ପି.ପ୍ରଧାନ ରହିଥିଲେ। ରଙ୍ଗୋଲୀ ପ୍ରତିଯୋଗିତାରେ ପ୍ରଥମରେ ସୁନିତା କବାଟ, ଦ୍ୱିତୀୟରେ ସୁରୁନନୀ ପଧାନ ଓ ତୃତୀୟ ହୋଇଥିଲେ ଲିପ୍ସା ମହାନନ୍ଦ। ସେହିପରି ନୃତ୍ୟ ପ୍ରତିଯୋଗିତାରେ ପ୍ରୀତି ରଞ୍ଜିତା ମିଶ୍ର ପ୍ରଥମ, ମୌସୁମୀ ଉଗେର ଦ୍ୱିତୀୟ ଓ ରଚନା କୁମ୍ଭାର ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ତର୍କ ପ୍ରତିଯୋଗିତାରେ ବିଚାରକ ଭାବରେ ଥିଲେ କବି ନରେନ୍ଦ୍ର କୁମାର ଭୋଇ, ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ଅଭିନେତା ବନମାଳୀ ପଣ୍ଡା। ନୃତ୍ୟ ପ୍ରତିଯୋଗିତାରେ ଶୀବରାଜ କମ୍ପ, ଦେବାଶିଷ ପଟ୍ଟନାୟକ ଓ ବିଜୟ ମହାରଣା ବିଚାରକ ଦାୟିତ୍ୱ ତୁଲାଇଥିବା ବେଳେ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ ସାହୁ , ସଞ୍ଜୟ ପଣ୍ଡା ଓ କ୍ଷୀରୋଦ ବିଶ୍ୱାଳ ବିଚାରକ ଭାବରେ ଥିଲେ ।


କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

# ମଣ୍ଡିରୁ ଉଠୁନି ଧାନ, ରାସ୍ତାରେ ଚାଷୀ

## ଧାନବସ୍ତା ରଖି ବୀରମହାରାଜପୁର-ଅମରପାଲି ରାସ୍ତାରେ ବସିଲେ

**ଅମରପାଲି,୨୪।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ମଣ୍ଡିରେ ଦେଖାଦେଇଛି ଅଚଳାବସ୍ଥା। ଧାନକିଣାରେ ପାତରଅନ୍ତର ହେଉଛି। ମଙ୍ଗଳବାର ପର୍ଯ୍ୟନ୍ତ ମଣ୍ଡିରେ ପ୍ରାୟ ୨୨ହଜାରରୁ ଅଧିକ ପ୍ୟାକେଟ ଧାନ ପଡି ରହିଛି। ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ଏହାର ପ୍ରତିବାଦ କରି ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ବୀରମହାରାଜପୁର-ଅମରପାଲି ରାସ୍ତାରେ ଧାନ ଜମା କରି ଚାଷୀ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା।

ହିଲୁଙ୍ଗ ପ୍ୟାକ୍ସରେ ହିଲୁଙ୍ଗ ଓ ଚମ୍ପାମାଳ ପଞ୍ଚାୟତର ଚାଷୀ ଧାନ ବିକ୍ରି କରନ୍ତି। ଚାଷୀମାନେ ଧାର୍ଯ୍ୟ ତାରିଖରେ ଧାନ ବିକ୍ରି କରିବା ପାଇଁ ମଣ୍ଡିକୁ ଆଣିଥିଲେ। ମାତ୍ର କାହାର ଧାନ ୧୦ଦିନ ତ କାହାର ୧୫ଦିନ ହେଲା ମଣ୍ଡିରେ ପଡି ରହିଛି। ଠିକ୍ ସମୟରେ ଧାନ ବିକ୍ରି ହୋଇପାରୁ ନାହିଁ।ଫଳରେ ଚାଷୀମାନେ ବାଧ ହୋଇ ବୀରମହାରାଜପୁର-ଅମରପାଲି-ଯୁଯୁମୁରା ରାସ୍ତାର ପଥରଘାଟ ହନୁମାନ ବାଟିକା ନିକଟରେ ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବାକ ମଣ୍ଡିରେ ଧାନବିକ୍ରିରେ ପାତର ଅନ୍ତର ହେଉଛି। ଚାଷୀ ହାତଗୁଞ୍ଜା ଟଙ୍କା ନ ଦେଲେ ଧାନ ବିକ୍ରି ହୋଇପାରୁ ନାହିଁ। ଫଳରେ ଚାଷୀ ଶିତ କାକରେ ମଣ୍ଡିରେ ପଡିରହୁଛି। ଧାନର ଏଫଏକ୍ୟୁ ମାନକୁ ଆଳ କରି କୁଇଣ୍ଟାଲ ପିଛା ୨ରୁ ୩ କେଜି ଲେଖାଏ କଟନି ହେଉଛି। ଧାନ ବିକ୍ରି ତାରିଖରେ ଅଦଳ ବଦଳ ହେଉଛି। ପାକ୍ସ କର୍ମଚାରୀଙ୍କ ଅବହେଳା ଯୋଗୁଁ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ମଣ୍ଡିରୁ ଚାଷୀଙ୍କ ଧାନ ତୁରନ୍ତ ଉଠିବା ସହିତ କଟନି ଛଟନି ବନ୍ଦ ହେବା, ମଣ୍ଡିରେ ଦଲାଲରାଜ ବନ୍ଦ ଦାବି କରିଥିଲେ ଚାଷୀମାନେ। ଅପରାହ୍ନରେ ଏସଇଏସଓ ଲଳିତ ମୋହନ ପଟ୍ଟାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଯୋଗାଣ ଅଧିକାରୀ ପିଙ୍କୁ ଭୁଏଙ୍କ ସହିତ ଆରଏମସି କର୍ମଚାରୀ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ମଣ୍ଡିରୁ ଧାନ ଉଠାଇବା ପାଇଁ ଗାଡି ଅଣାଯାଇଥିଲା। ଚାଷୀଙ୍କ ସମସ୍ତ ଦାବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟିଥିଲା। ତେବେ ତାଙ୍କ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ହିଲୁଙ୍ଗ ସମବାୟ ସମିତି ସମ୍ପାଦକ ହାରାଧନ ପଧାନ।


ହିଲୁଙ୍ଗ ମଣ୍ଡିରେ ଅଚଳାବସ୍ଥା ପ୍ରତିବାଦରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ବ୍ଲଡ ବ୍ୟାଙ୍କ ମ୍ୟାନେଜିଂ କମିଟି ବୈଠକ

**ପଦ୍ମପୁର,୨୪।୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ବ୍ୟାଙ୍କ ମ୍ୟାନେଜିଂ କମିଟି ବୈଠକ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ସେଠଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର କୈଳାସ ମେହେର ରକ୍ତ ଭଣ୍ଡାରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୨ ବର୍ଷରେ ରକ୍ତ ଭଣ୍ଡାର ଦ୍ୱାରା ୩୨୫୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସେଥିରୁ ୩୯ଟି କ୍ୟାମ୍ପରେ ୧୩୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଅଧାପକ ପ୍ରମୋଦ କୁମାର ପାଣିଗ୍ରାହୀ, ନିରୋଜ ଦୋରା, ଅଶୋକ ମିଶ୍ର, ବିଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର ଦିବ୍ୟ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାବ ଟେକ୍ନିସିଆନ ସଂଗ୍ରାମ କେଶରୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ଗାଇସିଲେଟ୍,୨୪।୧(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ପଞ୍ଚାୟତ ସମିତି କଲେଜରେ ମଙ୍ଗଳବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପକ ମାନସ କୁମାର ଦାଶ ପ୍ରମୁଖ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ର ଯଶୋବନ୍ତ କୁମାର ସଙ୍ଗୀତ ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ ସହିତ ନାରୀଶକ୍ତି ଉପରେ କବିତା ପାଠ କରିଥିଲେ। ଡଃ ଜୟକେତନ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିବିର ସଂଯୋଜକ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମରେ ଭାଗ ନେଇଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଉଲୁଣ୍ଡା,୨୪।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହରେ ମଙ୍ଗଳବାର ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୪୨ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୧୮ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୪ ଟି ଆପତ୍ତି ଅଭିଯୋଗ ଦରଖାସ୍ତ କୁ ନିର୍ଦ୍ଦିଷ୍ଟ ସମୟ ମଧରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମସାଗର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ସିଡିଓ ତଥା ଇଓ ଜିଲାପରିଷଦ ନିହାର ରଞ୍ଜନ କହଁର, ଉପଜିଲାପାଳ ବୀରମହାରାଜପୁର ଅଶୋକ କୁମାର ଭୋଇ, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ.ବିଭୁ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି ପୋଲିସ

**ବରଗଡ଼ ଅଫିସ୍,୨୪।୧**



ଖବରଦାତା ସମ୍ମିଳନୀରେ ଏତଲାକାରୀ ଏବଂ ଅନ୍ୟମାନେ ।

ଏକ ସ୍କର୍ପିଓ (ନଂ.ଓଡ଼ି୧୭ଆର/୩୨୫୪) କିଣାବିକା ଠକେଇ ମାମଲାରେ ପୋଲିସର ସମ୍ପୃକ୍ତିକୁ ନେଇ ବରଗଡ଼ ଜିଲାରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାରେ ବରଗଡ଼ ଟାଉନ ଥାନାର ତତ୍କାଳୀନ ଏଏସ୍‌ଆଇ ତଥା ବର୍ତ୍ତମାନ ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ସ୍ମିତାରାଣୀ ଦାଶ, ଭାଇ ହେମସାଗର ଦାଶ ଏବଂ ରାଜେଶ କୁମାରଙ୍କ ନାମରେ ଦଫା ୪୨୦, ୩୮୪, ୫୦୬, ୩୪ଆଇପିସିରେ ଏକ ମାମଲା (ନଂ.୬୯୯/୨୨) ରୁଜୁ ହୋଇଛି। ମାମଲା ରୁଜୁ ହେବାର ପ୍ରାୟ ଅଢ଼େଇ ମାସ ବିତିଯାଇଛି । ହେଲେ ପୋଲିସ ଏପର୍ଯ୍ୟନ୍ତ ଉକ୍ତ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ଛଡ଼ା ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇ ପାରିନାହିଁ। ନିଜେ ଜଣେ ପୋଲିସ୍ ଏଏସ୍‌ଆଇ ଏବଂ ତାଙ୍କ ପରିବାର ଲୋକେ ଏହି ଠକେଇ ମାମଲାରେ ସମ୍ପୃକ୍ତ ଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ସୁରକ୍ଷା ଯୋଗାଉଛି ବୋଲି ଏତଲାକାରୀ ବରଗଡ଼ ଜିଲା ଭଟଲି ଥାନା ଭଡ଼ିଗାଁ ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବଲାଙ୍ଗୀର ଜିଲା ତୁଷୁରାରେ ରହୁଥିବା ଅନିଲ ମହାପାତ୍ର ଅଭିଯୋଗ କରିଛନ୍ତି । ଏ ନେଇ ସେ ବରଗଡ଼ ଏସ୍‌ପିଙ୍କୁ ମଧ୍ୟ ଅବଗତ କରିଛନ୍ତି। କିନ୍ତୁ କିଛି ସୁଫଳ ମିଳିନାହିଁ।

**ସ୍କର୍ପିଓ କିଣାବିକା ଠକେଇ ମାମଲା**

ଆବଶ୍ୟକ ହେଲେ ଉତ୍ତରାଞ୍ଚଳ ଡିଆଇଜିଙ୍କୁ ମଧ୍ୟ ଭେଟିବେ ବୋଲି ମଙ୍ଗଳବାର ଅପରାହ୍ଣରେ ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅନିଲ କହିଥିଲେ।

ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଅନିଲ କହିଥିଲେ, ଏଏସ୍‌ଆଇ ସ୍ମିତାରାଣୀଙ୍କଠାରୁ ସେ ଉକ୍ତ ସ୍କର୍ପିଓ କିଣିଥିଲେ। ସେତେବେଳେ ସେ ତାଙ୍କୁ ୯ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ମାଲିକାନା ପରିବର୍ତ୍ତନ ପାଇଁ କହିବାରୁ ସ୍ମିତାରାଣୀଙ୍କ ସ୍ୱାମୀ ରାଜେଶ କୁମାର ଆହୁରି ୧ଲକ୍ଷ ଟଙ୍କା ଦାବି କରିଥିଲେ। ଏହାସତ୍ତ୍ୱେ ସେ ମାଲିକାନା ପରିବର୍ତ୍ତନ କରି ନ ଥିଲେ। ଅନ୍ୟପଟେ ଦରକାର ପଡ଼ିବାରୁ ଅନିଲ ସେହି ସ୍କର୍ପିଓକୁ ବୌଦ୍ଧ ଜିଲାର ବ୍ରଜବନ୍ଧୁ ମହାନ୍ତିଙ୍କୁ ବିକ୍ରି କରିଦେଇଥିଲେ। ଏହାପରେ ମଧ୍ୟ ଅନିଲ ସ୍ମିତାରାଣୀଙ୍କୁ ସ୍କର୍ପିଓର ମାଲିକାନା ପରିବର୍ତ୍ତନ ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ମାଲିକାନା ପରିବର୍ତ୍ତନ ବଦଳରେ ସେ ଓ ତାଙ୍କ ସ୍ୱାମୀ ନାନା ଧମକଚମକ ଦେଇ ଆସୁଥିଲେ ଏବଂ ବ୍ରଜବନ୍ଧୁଙ୍କ ପାଖରେ ଥିବା ସ୍କର୍ପିଓକୁ ରାଜେଶ କୁମାର ଚୋରି କରି ନେଇଥିବା ଅନିଲ ଅଭିଯୋଗ କରିଛନ୍ତି। ଏଭଳି ଏକ ଠକେଇ ଘଟଣାରେ ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ବରଗଡ଼ ଟାଉନ ଥାନା ପୋଲିସ ଏବଂ ଏସ୍‌ପିଙ୍କୁ ବାରମ୍ବାର ନିବେଦନ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନିଲଙ୍କ ବାପା ରାମ ଚରଣ, ଡ୍ରାଇଭର ପିଙ୍କୁ ଭୋଇ ଏବଂ ଅନିଲଙ୍କଠାରୁ ସ୍କର୍ପିଓ କିଣିଥିବା ବ୍ରଜବନ୍ଧୁ ଉପସ୍ଥିତ ଥିଲେ। ଏହି ମାମଲା ଉପରେ ମତାମତ ନେବା ପାଇଁ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡନକେଲଙ୍କୁ ତାଙ୍କ ମୋବାଇଲ ନଂ. ୯୫୫୬୦୭୨୯୧୪ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ତେବେ ସ୍ମିତାରାଣୀଙ୍କ ଏତଲା କ୍ରମେ ଅନିଲଙ୍କ ବିରୋଧରେ ମଧ୍ୟ ପୋଲିସ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

# କନ୍ୟା ଲିଙ୍ଗହାର ଅନୁପାତ ହ୍ରାସକୁ ନେଇ ଉଦ୍‌ବେଗ

**ସୋନପୁର,୨୪।୧(ନି. ପ୍ର )**

ପିସି-ପିଏନଡିଟି ଜିଲା ପରାମର୍ଶଦାତା କମିଟି ବୈଠକ ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ପ୍ରାଧିକରଣ ପିସି ଏଣ୍ଡ ପି ଏନ ଡି ଟି ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନରୱଣେ କନ୍ୟା ଲିଙ୍ଗ ହାର ଅନୁପାତ ଜିଲାରେ ନୈରାଶ୍ୟଜନକ ଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ବୃଦ୍ଧି ନିମନ୍ତେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ସଦସ୍ୟା ସଦସ୍ୟଙ୍କୁ କନ୍ୟା ଲିଙ୍ଗ ହାର ହ୍ରାସର କାରଣ ସାତ ଦିନ ମଧରେ ଖୋଜି ବାହାର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏକ ସ୍ୱତନ୍ତ୍ର ବୈଠକରେ ଏହି ରିପୋର୍ଟ ଉପସ୍ଥାପନା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ, ଡାକ୍ତର ଶାନ୍ତି ମଞ୍ଜରୀ ମିଶ୍ର, ଡକ୍ଟର ପ୍ରକାଶ ଦଣ୍ଡସେନା, ଡକ୍ଟର ନାରାୟଣ ମେହେର, ଡକ୍ଟର ନରେନ୍ଦ୍ର ମେହେର, ସ୍ୱାଧୀନ ମେହେର, ସରକାରୀ ଓକିଲ ଅଟଳ ବିହାରୀ ମହାପାତ୍ର, ରେଣୁବାଳା ଦାଶ, ବିଶ୍ୱ ରଞ୍ଜନ ବେହେରା, ରାକେଶ ପ୍ରଧାନ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ଶୋଭାନା ଦାଶ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଗ୍ରାମସ୍ତରରେ ଅଧିକ ସଚେତନତା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜନସାଧାରଣ ସଠିକ ସୂଚନା ପ୍ରଦାନ କଲେ ତିନୋଟି କିସ୍ତିରେ ଅର୍ଥ ପୁରସ୍କାର ପ୍ରଦାନ ପାଇଁ ସ୍ଥିର ହୋଇଥିଲା।

# ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପିତ



ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସହ କିଛି ମହିଳା ନାଚିବାକୁ ମଞ୍ଚ ଉପରକୁ ଯାଇଛନ୍ତି।

**ବଲାଙ୍ଗୀର ଅଫିସ, ୨୪।୧**

ଏକବିଂଶତମ ବଲାଙ୍ଗୀର ଲୋକଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଗତ ୫ଦିନ ଧରି ଚାଲିଥିବା ଲୋକଉତ୍ସବ ରଙ୍ଗାରଙ୍ଗ ଷ୍ଟାରନାଇଟ୍ କାର୍ଯ୍ୟକ୍ରମରେ ଶେଷ ହୋଇଛି। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ପଙ୍କଜ ଜାଲଙ୍କ ପରିବେଷିତ ଗୀତନୃତ୍ୟ କାର୍ଯ୍ୟକ୍ରମକୁ ସହସ୍ରାଧିକ ଜନସାଧାରଣ ଉପଭୋଗ କରିଥିଲେ। ବିଶେଷକରି ଯୁବବର୍ଗଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସମ୍ବଲପୁରୀ, ଓଡିଆ ଏବଂ ହିନ୍ଦୀ ଗୀତର ତାଳେ ତାଳେ ନୃତ୍ୟାଙ୍ଗନାମାନେ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ନାଟକ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ସଙ୍ଗୀତ ସାଧକ କାଳୀପ୍ରସାଦ ଷଡଙ୍ଗୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ମହେନ୍ଦ୍ର କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ନିର୍ବାହ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ କୁମାର ନାଗଭୂଷଣ, ସିଆରପିଏଫ୍ କମାଣ୍ଡାଣ୍ଟ ପବନ କୁମାର ତିୱାରୀ, ଆଡିସନାଲ ଏସ୍‌ପି ସୁରେଶ ନାଏକ, ଏସ୍‌ଡିପିଓ ତୋଫାନ ବାଗ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ପଙ୍କଜ ଜାଲ ଓ ସାଥୀ ସମ୍ବଲପୁରୀ ଭଜନ, ଓଡିଆ ସିନେମା ଓ ଆଲବମ୍ ଗୀତ ଗାଇଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥୀ ଓଡିଆ, ହିନ୍ଦୀ ଓ ସମ୍ବଲପୁରୀ ଗୀତ ସହିତ ସହକଳାକାରଙ୍କ ସହ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀଙ୍କ ଗୀତ, ସଙ୍ଗୀତରେ ଦର୍ଶକମାନେ ମତୁଆଲା ହୋଇ ଝୁମିଥିଲେ। ବାଣଫଟ୍‌କାରେ କୋଶଳ କଳାମଣ୍ଡଳ ପଡିଆ କମ୍ପି ଉଠିଥିଲା। ହଜାର ହଜାର ଦର୍ଶକ ଏହି ଷ୍ଟାର ନାଇଟ୍‌ର ମଜା ଉଠାଇଥିଲେ। କାର୍ଯ୍ୟକ୍ରମ କିଛି ସମୟ ଦେଖିବା ପରେ ବିଧାୟକ ମିଶ୍ର, ଜିଲାପାଳ ରାଣା, ଏସପି କୁଶଲକର ଫେରିଯାଇଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଗୀତ ଗାଉଥିବାବେଳେ କିଛି ସ୍ଥାନୀୟ ଯୁବତୀଙ୍କୁ ଷ୍ଟେଜ୍ ଉପରକୁ ନାଚିବା ପାଇଁ ଡାକିଥିଲେ। ଏହାପରେ ପ୍ରାୟ ୧୫ ଜଣ ଯୁବତୀ ଓ ମହିଳା ଷ୍ଟେଜ୍ ଉପରକୁ ନାଚିବା ପାଇଁ ଚାଲିଯାଇଥିଲେ। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରାଯାଇଥିଲା। ପରିସ୍ଥିତି ଏଭଳି ହେଲେ ଦର୍ଶକଙ୍କୁ ସମ୍ଭାଳିବା କଷ୍ଟକର ହୋଇପଡିବ ବୋଲି ଆଡିସନାଲ ଏସ୍‌ପି ଓ ଏସ୍‌ଡିପିଓ, ଏଡିଏମ୍ କହିବା ପରେ ନାଚିବା ପାଇଁ ଯାଇଥିବା ଯୁବତୀ ଓ ମହିଳାମାନେ ତଳକୁ ଓହ୍ଲାଇଥିଲେ। କିଛି ବୟୋଜ୍ୟେଷ୍ଠ କଳାକାର ଏଭଳି ଷ୍ଟାର ନାଇଟ୍ କାର୍ଯ୍ୟକ୍ରମକୁ ନାପସନ୍ଦ କରିଛନ୍ତି। ମନୋରଞ୍ଜନ ନାଁରେ ଏହା ଟଙ୍କା ଅପଚୟ ଓ ଅପସଂସ୍କୃତିକୁ ପ୍ରଚାର ବୋଲି କହିଛନ୍ତି। ସ୍ଥାନୀୟ କଳାକାରମାନେ ମଧ ଏଭଳି ଷ୍ଟାର ନାଇଟ୍ କାର୍ଯ୍ୟକ୍ରମକୁ ନେଇ ଭିନ୍ନ ମତ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା।

## କେଉଟ, କୈବର୍ତ୍ତ, ଧୀବରଙ୍କୁ ଏସ୍‌ସି ସଂରକ୍ଷଣ ତାଲିକାରୁ ବାଦ୍ ଦାବି

**ବଲାଙ୍ଗୀର ଅଫିସ, ୨୪।୧**

ବଲାଙ୍ଗୀର ଜିଲା କେଉଁଟ କୈବର୍ତ୍ତ ଓ ଧୀବର ହଟାଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟି ପକ୍ଷରୁ ଡିଙ୍ଗର କୁମ୍ଭାର କହିଥିଲେ ଯେ, ୧୯୭୮ ମସିହାରେ ଅନୁସୂଚିତ ଜାତିବର୍ଗ ଭିତରକୁ ଜଣେ ବିଚାରପତିଙ୍କ ଆଦେଶ ବଳରେ କେଉଁଟ କୈବର୍ତ୍ତ ଓ ଧୀବର ଗଳି ଆସିଥିଲେ। ଏହି ବର୍ଗର ଲୋକମାନେ ଗାଁରେ ସବର୍ଣ୍ଣ ଜାତି ସହ ମିଶିକରି ରହୁଛନ୍ତି। ଏହାସତ୍ତ୍ୱେ ଏମାନେ ଅନୁସୂଚିତ ବର୍ଗ ସଂରକ୍ଷଣ ତାଲିକା ଭିତରେ ପଶିଯିବା ଫଳରେ ସେମାନେ ପ୍ରକୃତ ଅନୁସୂଚିତ ବର୍ଗଙ୍କ ସଂରକ୍ଷଣର ଲାଭ ଉଠାଇ ନେଉଛନ୍ତି। ରାଜ୍ୟରେ ୮୦ ଲକ୍ଷ ଅନୁସୂଚିତ ବର୍ଗ ରହିଥିବାବେଳେ ପ୍ରାୟ ୪ ଲକ୍ଷ କେଉଁଟ କୈବର୍ତ୍ତ ଓ ଧୀବର ରହିଛନ୍ତି। ଏମାନେ ପ୍ରକୃତ ଅନୁସୂଚିତ ବର୍ଗର ସମସ୍ତ ସଂରକ୍ଷଣ ସୁବିଧା ମାରି ନେଉଛନ୍ତି ବୋଲି କହିଥିଲେ। କେଉଁଟ କୈବର୍ତ୍ତ ଓ ଧୀବରମାନେ ଅଛୁଆଁବର୍ଗର ନୁହନ୍ତି ଓ ସେମାନେ ସବର୍ଣ୍ଣବର୍ଗ ସହ ଗାଁ ଭିତରେ ମିଶିମିଶି ରହିଆନ୍ତି। ଏହା କୁହାଯିବା ପରେ ମଧ ଜାଣିଶୁଣି କିଛି ଆଇନଗତ ପଦକ୍ଷେପ ନିଆଯାଉନାହିଁ। ଏଣୁ ଏହାକୁ ବିରୋଧ କରିବା ପାଇଁ ଜିଲାସ୍ତରରୁ କେଉଁଟ କୈବର୍ତ୍ତ ଓ ଧୀବର ହଟାଓ ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ। ଏହି ବିକ୍ଷୋଭ ସମାବେରେ ଦ୍ରୋଣ କୁମ୍ଭାର, ଡ. ବିପିନ କୁଶଲିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ଏସ୍‌ସି ତାଲିକାରୁ ବାଦ୍ ଦିଅ



ଅସ୍ପୃଶ୍ୟ ଅନୁସୂଚିତ ଜାତି ସୁରକ୍ଷା ପରିଷଦ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

**ସୋନପୁର,୨୪।୧(ନି.ପ୍ର.)**

ଅନୁସୂଚିତ ଜାତି ସୁରକ୍ଷା ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରିଷଦ କର୍ମକର୍ତ୍ତାମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ଭରାସାଗରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସ୍ମାରକପତ୍ର ପ୍ରଦାନ କରିବା ସହ ଅନୁସୂଚିତ ଜାତି ତାଲିକାରେ ସାମିଲ ଥିବା କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ବାଦ୍ ଦେବା ପାଇଁ ଦାବି କରିଛନ୍ତି । ସରକାର ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଯୁବନେତା ସୁରଜ କୁଶଳ, ଅନିଲ ତାଣ୍ଡି, ଗରିବ ବାଗ, କୃଷ୍ଣ ନାଗ, ଅନାଦି ଜଗଦଲା, ପ୍ରଦୀପ ଜାଲ, ରାମ ମହାନନ୍ଦ, ପ୍ରକାଶ ହରିପାଲ, ମଞ୍ଜୁ ମହାନନ୍ଦ, ଲକ୍ଷ୍ମଣ ସୁନା ଓ ସୁବାସ ସୁନା ପ୍ରମୁଖ କର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଦାବି



ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼ ଅଫିସ୍,୨୪।୧**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର-୧ ଏବଂ ୩କୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ଏହି ଦାବିରେ ମଙ୍ଗଳବାର ଆପ୍ ପକ୍ଷରୁ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଆପ୍ ଅତାବିରା ଶାଖାର ଜୟକୃଷ୍ଣ ଛୁରିଆ, ସୁବଳ କହଁର, ବ୍ଲକ ସଭାପତି ଯଦୁମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏକମାସ ମଧ୍ୟରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରା ନ ଗଲେ ଆପ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ପାତାଳି ଶ୍ରୀକ୍ଷେତ୍ର ବିକାଶ ପାଇଁ ସହଯୋଗ ଲୋଡ଼ା

**ସୋନପୁର, ୨୪।୧(ନି. ପ୍ର )**

ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରର ପାରିପାର୍ଶିକ ବିକାଶର ବାର୍ତ୍ତା ନେଇ ମଙ୍ଗଳବାର ଜିଲାର ସମସ୍ତ ସରକାରୀ ଅଧିକାରୀ ତ୍ରିକୁଟ ପାହାଡ ଚଢି ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଜିଲାପାଳ ଆବୋଲି ସୁନିଲ ନରୱେଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶିପୁନମ ମିଞ୍ଜ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଇଂ.ଦାମୋଦର କୈବର୍ତ୍ତ, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଏମଡିଆଇସି ବଳଭଦ୍ର ନାୟକ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ଓ ଉଲୁଣ୍ଡା ତହସିଲଦାର ବିପିନ ପଧାନଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଅଧିକାରୀ ବୃନ୍ଦ ତ୍ରୀକୁଟ ପାହାଡରୁ ଓହ୍ଲାଇଲା ପରେ ପାହାଡ ପାଦଦେଶରେ ଜିଲାପାଳ ନରୱଣେ ପାତାଳୀ ଶ୍ରୀକ୍ଷେତ୍ରର ପାରିପାର୍ଶିକ ବିକାଶ କେମିତି ଭାବରେ ହୋଇପାରିବ ସେଥି ନିମନ୍ତେ ପ୍ରତ୍ୟେକ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଅଧିକାରୀ ପାତଳୀ ଶ୍ରୀକ୍ଷେତ୍ରର ପାରିପାର୍ଶିକ ବିକାଶରେ ସ୍ୱତଃ ସାମିଲ ହେବାକୁ ଜିଲାପାଳ ପରାମର୍ଶ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବୀରମହାରାଜପୁର ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଏକ ବିକାଶ ସହାୟତା ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା । ଜିଲାର ସମସ୍ତ ସରକାରୀ ଅଧିକାରୀ ପାତାଳି ଶ୍ରୀକ୍ଷେତ୍ର ପାରିପାର୍ଶିକ ବିକାଶ ପାଇଁ ବ୍ୟକ୍ତିଗତ ଭାବ ସହାୟତା କରିବେ। ଆର୍ଥିକ ସହଯୋଗ ପାଇଁ ଅରକ୍ଷୀ ଅଧିକ୍ଷକ ପଣ୍ଡା ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେବା ସହିତ ବ୍ୟକ୍ତିଗତ ଭାବରେ ନିଜେ ପ୍ରଥମେ ୨୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପାତାଳୀ ଟ୍ରଷ୍ଟର ଉତ୍ତର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ଅନେକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ ।



ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ ପାହାଡ଼ ଓ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ଝିଅଙ୍କ ଉପଯୁକ୍ତ ଯତ୍ନରେ ବିକଶିତ ରାଷ୍ଟ୍ର ସମ୍ଭବ




ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିଶୁକନ୍ୟା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।




ବିକାଶ ଆବାସିକ ସ୍କୁଲର ଶିଶୁକନ୍ୟାଙ୍କ ନୃତ୍ୟ ପରିବେଷଣ ।

**ବରଗଡ଼ ଅଫିସ୍,୨୪।୧**

ବରଗଡ଼ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ କନ୍ୟା ସନ୍ତାନର ଗୁରୁତ୍ୱକୁ ପରିବାର ଲୋକେ ବୁଝିବା ସହିତ

**ବରଗଡ଼ରେ ଜାତୀୟ ଶିଶୁକନ୍ୟା ଦିବସ**

ଝିଅମାନଙ୍କ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଝିଅମାନଙ୍କ ଉପଯୁକ୍ତ ଯତ୍ନ ନେଲେ ତାହା ଏକ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ବରଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାସ ଶର୍ମା, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମୃତା ସାହୁ, ଜେଣ୍ଡର ସଂଯୋଜକ ସ୍ୱର୍ଣ୍ଣପ୍ରଭା ପଣ୍ଡା, ପୁଷ୍ପାଞ୍ଜଳି ଦାଶ, ଶିଶୁ ସାହିତ୍ୟିକା ସୁପ୍ରଭା ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁକନ୍ୟାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ଅରବିନ୍ଦ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସେହିପରି ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଳିକା ଦିବସ ପାଳିତ ହୋଇଥିଲା। ଶିଶୁକନ୍ୟାମାନେ ନାଚଗୀତ ମାଧ୍ୟମରେ ନାରୀଶକ୍ତିର ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଯୋଗଦେଇ ଶିଶୁକନ୍ୟା ଲକ୍ଷ୍ମୀଙ୍କ ଅବତାର ବୋଲି କହିଥିଲେ। ଏହି ଅବସରରେ ଶିଶୁକନ୍ୟା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

# ଜୈବିକ ପ୍ରଣାଳୀରେ କଲରାଚାଷ


ମାନସ ରଞ୍ଜନ ପଟ୍ଟନାୟକ

ପନିପରିବା ମଧ୍ୟରେ କଲରା ବେଶ ପରିଚିତ। ଏହାର ସ୍ୱାଦ ଖୁବ୍ ପିତା ହେଲେ ହେଁ ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ବିଶେଷଭାବରେ ମଧୁମେହ ବା ଡାଇବେଟିସ୍ ଏବଂ କୃମିଜନିତ ରୋଗ ପାଇଁ ଏହା ଲାଭପ୍ରଦ । କଲରାରୁ କଲରା ଜୁସ୍, କଲରା ଆଚାର, କଲରା ଚଟଣି, କଲରା ବଡ଼ି, କଲରା ଚିପ୍ସ ଆଦି ପ୍ରସ୍ତୁତ କରାଯାଇପାରିବ। ଏଥିରେ ଅନେକ ପ୍ରକାର ପୋଷକତତ୍ତ୍ୱ ଭରି ରହିଛି। କଲରାରେ ପୁଷ୍ଟିସାର ୨୧ ପ୍ରତିଶତ, ସ୍ନେହସାର ୧.୦ ପ୍ରତିଶତ, ଶ୍ୱେତସାର ୯.୮ ପ୍ରତିଶତ, ଖଣିଜ ଲବଣ ୧.୪ ପ୍ରତିଶତ ଏବଂ ଜୀବନିକା ୨.୫ ପ୍ରତିଶତ ରହିଛି।

ଆମ ଦେଶରେ ବିଭିନ୍ନ ପ୍ରକାର ଦେଶୀ ଓ ବଣୁଆ କିସମ କଲରା ଦେଖିବାକୁ ମିଳେ। ମହାରାଷ୍ଟ୍ର, କେରଳ, କର୍ନାଟକ, ତାମିଲନାଡୁ ଏବଂ ଓଡ଼ିଶା ଆଦି ରାଜ୍ୟରେ କଲରା ବହୁଳ ପରିମାଣରେ ଚାଷ ହେଉଛି। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲା ଯଥା-କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ ବ୍ୟତୀତ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀରରେ ଏହାକୁ ଚାଷ କରାଯାଇପାରିବ। ବର୍ତ୍ତମାନ ଢେଙ୍କାନାଳ ଜିଲାରେ ବର୍ଷସାରା ଏହାକୁ ଚାଷ କରାଯାଇପାରୁଛି ଏବଂ ସେଥିରୁ ଲାଭ ମଧ୍ୟ ମିଳୁଛି।

**ଜଳବାୟୁ**

ଅତ୍ୟଧିକ ଶୀତ ଏବଂ ଅତ୍ୟଧିକ ଉତ୍ତାପ ସମୟରେ କଲରା ଚାଷ କରାଯାଇପାରିବ। ଯଦି ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହୁଏ ତେବେ ଏଥିରେ ଅଣ୍ଡିରାଫୁଲ ହୋଇଥାଏ। ତାପମାତ୍ରା ୧୮ ଡିଗ୍ରୀରୁ କମ୍ ଏବଂ ୪୦ ଡିଗ୍ରୀରୁ ଅଧିକ ହେଲେ କଲରା ଫସଲରେ ରୋଗ ପ୍ରାଦୁର୍ଭାବ ଅଧିକ ଥାଏ।

**ମୃତ୍ତିକା**

ଉର୍ବର, ନିଗିଡ଼ା ତଥା ଦୋରସା ଏବଂ ବାଲିଆ-ଦୋରସା ଏବଂ ଯେଉଁ ମାଟିର ଅମ୍ଳତା ୬.୫ରୁ ୭.୦ ଥାଏ ସେଭଳି ମାଟିରେ କଲରା ଚାଷ ଭଲ ହୋଇପାରିବ।

**କିସମ**

ଆକାର ଅନୁସାରେ କଲରା ୨ ପ୍ରକାର- ଛୋଟ ଏବଂ ଲମ୍ବା। ଛୋଟ କଲରାର ଉନ୍ନତ କିସମଗୁଡ଼ିକ ହେଲା-ଆର୍କାହରିତ୍, ପ୍ରୀତି,ନଖରା ଇମ୍ପ୍ରୁଭ। ଲମ୍ବା କଲରାର ଉନ୍ନତ କିସମ ମଧ୍ୟରେ ରହିଛି-ସିଓ-୧, ଏମ୍‌ଡିୟୁ ୧, ପୁଷା ଦୋ ମୌସୁମୀ, ଆର୍କା ହରିତ, ଲଙ୍ଗ୍‌ଗ୍ରୀନ୍। ସଙ୍କରଜାତୀୟ କିସମଗୁଡ଼ିକ ହେଲା-ହାଇବ୍ରିଡ୍ ୪, ହ୍ୱାଇଟ୍ ଲଙ୍ଗ୍, ଗ୍ରୀନ୍ ଲଙ୍ଗ୍, ଚମନ୍, ସମର ଗ୍ରୀନ୍, ସୋନମ୍, କିରଣ, ପ୍ରାଚୀ, ଶ୍ରୀୟା, ପୁଷା ଏବଂ ପୁଷା ହାଇବ୍ରିଡ୍।

**ମଞ୍ଜି ବୁଣିବା ପ୍ରଣାଳୀ**

କଲରା ଲଗାଇବା ପାଇଁ ଧାଡ଼ିକୁ ଧାଡ଼ି ୪ ଫୁଟ ଏବଂ ଗଛକୁ ଗଛ ୪ ଫୁଟ ଦୂରତାରେ ମନ୍ଦା କରାଯାଏ। ଲଗାଇବା ପାଇଁ ଏକର ପ୍ରତି ୭ କି.ଗ୍ରା. ମଞ୍ଜିର ଆବଶ୍ୟକତା ପଡ଼ିଥାଏ।

**ମଞ୍ଜି ବିଶୋଧନ**

କଲରା ମଞ୍ଜି ଲଗାଇବା ପୂର୍ବରୁ ମଞ୍ଜିକୁ ଗୋମୂତ୍ରରେ ୩-୪ ଘଣ୍ଟା ଭିଜାଇ ରଖନ୍ତୁ। ତା'ପରେ ସେଗୁଡ଼ିକୁ ଛାଇରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା କଲରା ଚାଷରେ ବିହନଜନିତ ରୋଗ ଆଶଙ୍କା ଅନେକାଂଶରେ କମ୍ ଥାଏ। କଲରା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ମଞ୍ଜିଗୁଡ଼ିକୁ ଲଗାଇବା ପୂର୍ବରୁ ସେଗୁଡ଼ିକୁ ୨୦-୨୪ ଘଣ୍ଟା ବତୁରାଇ ୪୮-୭୨ ଘଣ୍ଟା ଯାଏଁ ଓଦା କନାରେ ଗୁଡ଼ାଇ ରଖାଯାଏ। ଗାତ ପ୍ରତି ୪-୫ଟି ମଞ୍ଜି କିମ୍ବା ଗଜା ହୋଇଥିବା ୨-୩ଟି ମଞ୍ଜି ଲଗାଯାଇଥାଏ। ଉଇ ହେଉଥିବା ସ୍ଥାନରେ ଗାତ ପ୍ରତି ୨୦-୨୫ ଗ୍ରାମ କ୍ଲୋରୋଫାଇରାଫସ୍ ଗୁଣ୍ଡ ଦେଇ ଗାତ ପୂରଣ କରାଯାଏ।



**ଲଗାଇବା ସମୟ**

କଲରା ଉଭୟ ଶୀତ ଓ ଖରାଦିନେ ଲଗାଯାଇପାରିବ। ଏଥିପାଇଁ ଜୁନ୍, ଅକ୍ଟୋବରରୁ ନଭେମ୍ବର କିମ୍ବା ଫେବୃୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ମଞ୍ଜି ଲଗାଇପାରିବେ।

**ଖତସାର**

ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୧୦ ଟନ୍ ଶଢ଼ା ଖତ/୫ ଟନ୍ କମ୍ପୋଷ୍ଟ/୨ ଟନ୍ ଜିଆଖତ ପ୍ରୟୋଗ କରନ୍ତୁ। ଏକର ପ୍ରତି ୪୦ କି.ଗ୍ରା. ନିମ୍ବ ପିଡ଼ିଆ ମଧ୍ୟ ବ୍ୟବହାର କରନ୍ତୁ। ଏହାଦ୍ୱାରା ସୂତ୍ରଜୀବମାନଙ୍କଠାରୁ ଫସଲକୁ ରକ୍ଷା କରିହେବ। କଲରା ଲଗାଇବାର ଏକ ସପ୍ତାହ ପୂର୍ବରୁ ଏକର ପ୍ରତି ୨ କି.ଗ୍ରା. ଆଜୋସ୍ପିରିଲମ୍, ୨ କିଗ୍ରା ଫସପୋବ୍ୟାକ୍ଟିରିୟା ୨୪ କିଗ୍ରା କମ୍ପୋଷ୍ଟ ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ। କଲରା ମଞ୍ଜି ଲଗାଇବାର କିଛି ଘଣ୍ଟା ପୂର୍ବରୁ ପ୍ରତି ମଳାରେ ଆଞ୍ଜୁଳାଏ ଲେଖାଏ ଜିଆଖତ, କିଛି ପାଉଁଶ ତଥା ପାଣି ଦେଇ ଲଗାନ୍ତୁ।

**ଜଳସେଚନ**

ଯଦି ବର୍ଷାଦିନେ କଲରାଚାଷ କରୁଛନ୍ତି ତେବେ ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର। ଖରାଦିନେ ମଧ୍ୟ ଜଳସେଚନ ବ୍ୟବସ୍ଥା କରନ୍ତୁ।

**ରୋଗପୋକ ପରିଚାଳନା**

କଲରା ଫସଲରେ ମଧ୍ୟ ରୋଗପୋକ ଆକ୍ରମଣ କରିଥାଏ। ଫଳମାରି ପୋକ ଦମନ ପାଇଁ ଘୋଳଦହିକୁ ୪୦ ଦିନ ରଖିବା ପରେ ୫୦ ମି.ଲି. ଘୋଳଦହି ସହିତ ୧ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ କରନ୍ତୁ। ଏହାଦ୍ୱାରା ମଧ୍ୟ କଲରାରେ ଫଳବିନ୍ଧା ପୋକ ଦମନ କରାଯାଇପାରିବ। ଏହି ଚାଷରେ ରୋଗପୋକ ଦମନ ପାଇଁ ବିଭିନ୍ନ ନିମଜାତୀୟ ଔଷଧ ବ୍ୟବହାର କରାଯାଇପାରିବ। ଏଥିରେ ପାଉଁଶିଆ ରୋଗ ଦମନ ପାଇଁ ୨ କି.ଗ୍ରା. ହଳଦୀ ଗୁଣ୍ଡ ସହ ୮ କି.ଗ୍ରା. ଗୁଣ୍ଡ ପାଉଁଶ ଭଲ ଭାବରେ ମିଶାନ୍ତୁ। ଏହି ମିଶ୍ରଣକୁ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ପତ୍ରରେ କାକର ଲାଗିଥିବା ସମୟରେ ଭଲ ଭାବରେ ଛିଞ୍ଚି ଦିଅନ୍ତୁ। ଏହା ମଧ୍ୟ ଶୋଷକ ପୋକକୁ ନିୟନ୍ତ୍ରଣ କରିପାରିବ।କଲରାକୁ ଗଛରୁ ତୋଳି ଅମଳ କରାଯାଏ। ଉପଯୁକ୍ତ ଯତ୍ନ ସହକାରେ ଚାଷ କଲେ ଏକର ପ୍ରତି ପ୍ରାୟ ୨୮ କୁଇଣ୍ଟାଲ ଅମଳ କରାଯାଇପାରିବ।



-ପ୍ରିନ୍ସିପାଲ୍,ଆଗ୍ରୋପଲିଟେକନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୯୬୩୮୦୦୪

## ରାଶି ବୁଣୁଥିଲେ...

ଜାନୁୟାରୀ ଶେଷରୁ ଫେବୃୟାରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।



## ଚାଷୀଙ୍କ ପାଇଁ

➤ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

➤ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ। ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍।

➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।



# ଖରିଫ ଧାନ ସଂରକ୍ଷଣ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇବା ଜରୁରୀ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଳିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

# କୋବି ଫସଲରେ ରୋଗପୋକ ପରିଚାଳନା

(ଶେଷ ଭାଗ)

**ଘରାକଟା ରୋଗ :** ଏହି ରୋଗ ପ୍ରାୟ ତଳିପଟିରେ ଅଧିକ ଦେଖାଯାଏ। ଏହା ହେଲେ ମାଟିକୁ ଲାଗିଥିବା କୋବି ଚାରା ପଚିଯାଇ କୋମଳ ହୋଇଯାଏ। ନିମ୍ନଭାଗ ପଚିଯାଇ କୋମଳ ହୋଇଯିବାରୁ ଗଛ ନିଜର ଭାରସାମ୍ୟ ରକ୍ଷା କରିପାରେ ନାହିଁ ଏବଂ ତଳେ ପଡ଼ିଯାଏ। ତଳି ପଟିରେ ଚେକା ଚେକା ହୋଇ ଗଛ ମରିଯାଏ। ଆକ୍ରାନ୍ତ ଅଂଶ ବାଦାମୀ କିମ୍ବା କଳାମିଶା ବାଦାମୀ ରଙ୍ଗର ହୁଏ। ଚାରା ମୁଖ୍ୟ ଜମିରେ ରୋଇଲା ପରେ ଏହି ରୋଗ ହେଲେ ମାଟିର ଠିକ୍ ଉପର ଅଂଶ ପୋଡ଼ି ଗଛ ଢଳିପଡ଼େ। ଏହି ରୋଗ ପାଇଁ ଦାୟୀ ଫିମ୍ପିମାନେ ମୃତ୍ତିକାରେ ରହନ୍ତି ଓ ଅଧିକ ଆପେକ୍ଷିକ ଆର୍ଦ୍ରତା ଓ ମାଟି ଓଦା ରହିଲେ ସଂକ୍ରମଣ ବଢ଼ିଥାଏ।

**ପରିଚାଳନା :** ଘରାକଟା ରୋଗର ପରିଚାଳନା ପାଇଁ ପ୍ରୋକ୍ଲୋରେଜା ୫.୭ ପ୍ରତିଶତ ସହ ଟେବୁକୋନାଜୋଲ ୧.୪ ଇଏସ୍ ପ୍ରତି କି.ଗ୍ରା. ବିହନରେ ୧.୫ ମି.ଲି. ମିଶାଇ ବିହନ ବିଶୋଧନ କରାଯାଏ। ପ୍ରତି ଲିଟର ପାଣିରେ ପେନ୍ ଫ୍ଲୁଫେନ୍ ୧୩.୨୮ ସହ ଟ୍ରାଇଫ୍ଲୋକ୍ସାଷ୍ଟ୍ରେବିନ୍ ୧୩.୨୮ ପ୍ରତିଶତ ଏଫ୍‌ଏସ୍ ମିଶାଇ ତଳିକୁ ସିଞ୍ଚନ କରନ୍ତୁ।



**ନିମ୍ନମୁଖୀ ପତ୍ରପୋଡ଼ା ରୋଗ :** ଏହି ରୋଗର ଆକ୍ରମଣ ପୁରୁଣା ଗଛ ଅପେକ୍ଷା ନୂଆ ଗଛରେ ଅଧିକ ହୁଏ। ପତ୍ରରେ ଏହି ରୋଗର ଲକ୍ଷଣ ଦେଖାଯାଏ। ପତ୍ରର ତଳଭାଗରେ ଅତି ସୂକ୍ଷ୍ମ ନିମ୍ନମୁଖୀ କବକ ବୃଦ୍ଧି ହୋଇଥାଏ। ଏହି କବକ ବୃଦ୍ଧି ନିକଟରେ ଖୁବ୍ ଛୋଟ ଛୁଞ୍ଚି ମୁନ ପରି ବାଦାମୀ ଦାଗ ଦେଖାଯାଏ। ପରବର୍ତ୍ତୀ ସମୟରେ ଏହି ଦାଗଗୁଡ଼ିକ ଲାଗି ଯାଇ ପତ୍ରର ବିଶେଷ ଭାଗ କ୍ଷତି ହୁଏ।

**ପରିଚାଳନା :** ନିମ୍ନମୁଖୀ ପତ୍ରପୋଡ଼ା ରୋଗ ପରିଚାଳନା ପାଇଁ ମେଟାଲକ୍ସିଲ ୩୫ ପ୍ରତିଶତ ଡବ୍ଲ୍ୟୁପି ପ୍ରତି କି.ଗ୍ରା. ବିହନରେ ୫ ଗ୍ରାମ ମିଶାଇ ବିହନ ବିଶୋଧନ କରନ୍ତୁ। ଏକର ପ୍ରତି ମେଟିରାମ୍ ୫୫ ପ୍ରତିଶତ ସହ ପାଇରାକ୍ଲୋଷ୍ଟ୍ରାବିନ୍ ୫ ପ୍ରତିଶତ ଡବ୍ଲ୍ୟୁଜି ୬୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଅଲ୍‌ଟରନାରିଆଜନିତ ପତ୍ରଦାଗ :** ଅଲ୍‌ଟରନାରିଆଜନିତ ପତ୍ରଦାଗ ରୋଗ ଫୁଲ କୋବିରେ ପ୍ରାଥମିକ ଅବସ୍ଥାରେ ଦେଖାଯାଉଥିବା ବେଳେ ପତ୍ରକୋବିରେ ଗଛ ବଢ଼ିଲା ପରେ ଦେଖାଯାଏ। ଛୋଟ ଗଛର ପତ୍ରରେ ଛୋଟ, ଗାଢ଼ ରଙ୍ଗର ଚିହ୍ନ ଦେଖାଯାଏ, ଯାହାଦ୍ୱାରା ଗଛ ବଢ଼ି ନ ପାରି ରହିଯାଏ। ଏହା ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ବିଶେଷ ଭାବରେ ଦେଖାଯାଏ। ବଡ଼ ଗଛର ଉପରିଭାଗର ପତ୍ର ସଂକ୍ରମଣ ହୁଏ ଏବଂ ପତ୍ରରେ ପ୍ରଥମେ ଛୋଟ ବାଦାମୀ ରଙ୍ଗର ଦାଗ ଦେଖାଯାଏ। ଏହି ଦାଗ ପରେ ବଢ଼ିଯାଏ ଏବଂ ଏହାର ଚାରିପଟରେ ଗୋଲାକାରରୁ ବର୍ତ୍ତୁଳାକାର ଚିହ୍ନ ହୁଏ।

**ପରିଚାଳନା :** ଏହି ରୋଗର ଦମନ ପାଇଁ ପ୍ରୋପିନେବ୍ ୭୦ ପ୍ରତିଶତ ଡବ୍ଲ୍ୟୁପି ୩୦୦ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୧ କି.ଗ୍ରା. କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ୧୧ ପ୍ରତିଶତ ସହ ଟେବୁକୋନାଜୋଲ ୧୮.୩ ପ୍ରତିଶତ ଏସ୍‌ପି ୩୦୦ ମି.ଲି. କିମ୍ବା କପର ହାଇଡ୍ରୋକ୍ସାଇଡ୍ ୭୭ ପ୍ରତିଶତ ଡବ୍ଲ୍ୟୁପି ୭୫୦ ଗ୍ରାମ ୨୦୦ ମି.ଲି. ପାଣିରେ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ। ଏହିସବୁ ଉପାୟ ଅବଲମ୍ବନ ଦ୍ୱାରା କୋବି ଫସଲରେ ରୋଗପୋକ ଆକ୍ରମଣଜନିତ କ୍ଷତି କମାଇପାରିବା ଏବଂ ଅଧିକ ଲାଭବାନ୍ ହୋଇପାରିବା।

-**ପ୍ରତ୍ୟୁଷ ପଣ୍ଡା,** ଏମ୍‌ଏସ୍‌ସି, କୀଟତତ୍ତ୍ୱ ବିଜ୍ଞାନ (ପ୍ରଥମ ବର୍ଷ), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ,
ମୋ : ୭୮୭୩୮୨୭୮୩୦

## ଡାଲିଜାତୀୟ ଫସଲ ସମ୍ପର୍କରେ...



ଡାଲିଜାତୀୟ ଫସଲ ଲାଗି ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିଡ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

## ମାଛଙ୍କ ପାଇଁ ଖାଦ୍ୟ

୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।



## ପିଆଜରେ ଆଞ୍ଝୁଡ଼ା ଦାଗ



ପିଆଜର ପତ୍ରପୋଡ଼ା ସହ ଆଞ୍ଝୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।



କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲ ଜିତିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।





ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ଅତିଥି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

# ସେମିରେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ

**ଭୁବନେଶ୍ୱର, ୨୪।୧ (କ୍ରୀଡ଼ା ପ୍ରତିନିଧି)**

ତିନିଥର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଗତ ସଂସ୍କରଣର ଟାଇଟଲ ବିଜେତା ବେଲଜିୟମ ଚଳିତ ହକି ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ସ୍ପେନ୍‌କୁ ହରାଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡର ଅଭିଯାନ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଶେଷ ହୋଇଛି। ବେଲଜିୟମ-ନ୍ୟୁଜିଲାଣ୍ଡ ମ୍ୟାଚ ଆରମ୍ଭରେ ପୁରୀ ଗଜପତି ଦିବ୍ୟସିଂହ ଦେବ ଅତିଥିଭାବେ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ।

କ୍ରସ୍‌ଓଭରରେ ଉତ୍ସାହୀ ପ୍ରଦର୍ଶନ କରି ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଭାରତକୁ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ବେଲଜିୟମ ବିପକ୍ଷରେ କିନ୍ତୁ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବେଲଜିୟମ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧୦ମ ମିନିଟରେ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗୋଲ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରିଥିଲେ ଟମ୍ ବୁନ୍। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ମୋମେଣ୍ଟମ ବଜାୟ ରଖିଥିଲା ଗତଥରର ଚାମ୍ପିୟନ ଦଳ। ୧୬ତମ ମିନିଟରେ ସିମନ ଗୁଗନାର୍ଡଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ବେଲଜିୟମର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ ଫ୍ଲୋରେଣ୍ଟ ଭାନ୍ ଅଉବେଲ। ୨୪ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବାକୁ ବେଲଜିୟମ ନିକଟରେ ସୁଯୋଗ ଥିଲା। ମାତ୍ର ପେନାଲ୍ଟି କର୍ନରରୁ ଗୋଲ ହୋଇପାରି ନ ଥିଲା। ୨୮ତମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା ନ୍ୟୁଜିଲାଣ୍ଡ। ମାତ୍ର ବେଲଜିୟମର ରକ୍ଷଣଭାଗକୁ ଭେଦ କରିବାରେ ଅସମର୍ଥ ରହିଥିଲା। ୪୬ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଫଳ ସମାନ ରହିଥିଲା। ଶେଷ ୬ ମିନିଟ ଗୋଲକିପର ହଟାଇ ଖେଳିଥିଲା ନ୍ୟୁଜିଲାଣ୍ଡ। ଅର୍ଥାତ୍ ୧୧ ଜଣ ଖେଳାଳିଙ୍କୁ ନେଇ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିଲା। ଏହି ସମୟ ମଧ୍ୟରେ ବେଲଜିୟମ ରଣନୀତି ବଦଳାଇ ରକ୍ଷଣଭାଗକୁ ଗୁରୁତ୍ୱ ଦେଇଥିଲା। ଖେଳାଳିମାନେ ଅଧିକାଂଶ ସମୟ ଏରିଏଲ୍ ପାସ୍ ଦେଇ ସମୟ ଅତିକ୍ରମ କରିଥିଲେ। ୫୯ତମ ମିନିଟରେ ନ୍ୟୁଜିଲାଣ୍ଡ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ବେଲଜିୟମ ରକ୍ଷଣଭାଗ ପ୍ରାଚୀର ସଦୃଶ ଏହାକୁ ପ୍ରତିରୋଧ କରିଥିଲେ। ବେଲଜିୟମ ଅଧିନାୟକ ଫେଲିକ୍ସ ଡେନେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଂଲଣ୍ଡ-ଜର୍ମାନୀ କ୍ୱାର୍ଟର ଫାଇନାଲର ବିଜେତାକୁ ଅଷ୍ଟ୍ରେଲିଆ ସେମିଫାଇନାଲରେ ଭେଟିବ। ସେହିପରି ନେଦରଲାଣ୍ଡସ୍-ଦକ୍ଷିଣ କୋରିଆ କ୍ୱାର୍ଟର ଫାଇନାଲର ବିଜେତା ସହ ବେଲଜିୟମର ମୁକାବିଲା ହେବ। ୨ଟି ଯାକ ସେମିଫାଇନାଲ ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।



ୱେଷ୍ଟ ଷ୍ଟାଣ୍ଡରେ ସ୍ପେନ୍ ପ୍ରଶଂସକ।



ବେଲ୍‌ଜିୟମ-ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## କଳିଙ୍ଗ କର୍ନର

### ଚାର୍ଲେଟଙ୍କୁ ଟପିଲେ ହେୱାର୍ଡ

**ଭୁବନେଶ୍ୱର, ୨୪।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପ୍‌ରେ ମଙ୍ଗଳବାର ଅନୁଷ୍ଠିତ ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲରେ ଏକାକୀ ୨ଟି ଗୋଲ ସ୍କୋର କରିଥିଲେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ। ଏଥିସହ ଟୁର୍ନାମେଣ୍ଟର ଟପ୍ ସ୍କୋରର ତାଲିକାରେ ସେ ଫ୍ରାନ୍ସର ଭିକ୍ଟର ଚାର୍ଲେଟଙ୍କୁ ପଛରେ ପକାଇ ଦେଇଥିଲେ। ଚାର୍ଲେଟ ୬ଟି ଗୋଲ ଦେଇ କ୍ରସ୍ ଓଭର ପର୍ଯ୍ୟାୟ ଶେଷ ପର୍ଯ୍ୟନ୍ତ ଟପ୍ ସ୍କୋରର ଥିଲେ। ମାତ୍ର ପ୍ରଥମ କ୍ୱାର୍ଟର ଫାଇନାଲରେ ତାଙ୍କୁ ଟପିଥିଲେ ଜେରେମି। ସ୍ପେନ୍ ବିପକ୍ଷ ୨ ଗୋଲ ସହିତ ଜେରେମି ହେୱାର୍ଡଙ୍କ ଗୋଲ ସଂଖ୍ୟା ୭ରେ ପହଞ୍ଚିଛି। ଆର୍ଜେଣ୍ଟିନାର ନିକୋଲାସ ଡେଲା ଟୋରେ, ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ, ବେଲ୍‌ଜିୟମର ଟମ୍ ବୁନ୍, ଜର୍ମାନୀର ନିକ୍ଲାସ ୱେଲେନ, ନେଦରଲାଣ୍ଡସର ଥିଏରୀ ବ୍ରିଙ୍କ୍‌ମାନ ଓ ଜିପ୍ ଜାନସେନ ୫ଟି ଲେଖାଏ ଗୋଲ ଦେଇ ମିଳତଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

### ବିଦେଶୀ ଦର୍ଶକଙ୍କ ସଂଖ୍ୟା ବଢ଼ିଲା

ହକି ବିଶ୍ୱକପ୍ ୧୫ତମ ସଂସ୍କରଣର କ୍ରସ୍ ଓଭରରୁ ଭାରତ ବିଦାୟ ନେଇଛି। କାର୍ଯ୍ୟସୂଚୀ ଅନୁସାରେ ଘରୋଇ ଦଳ କ୍ଲାସିଫିକେଶନ ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିବ। ତେଣୁ କ୍ୱାର୍ଟର ଫାଇନାଲ ସମେତ ସେମିଫାଇନାଲ ଏବଂ ଫାଇନାଲରେ ବିଦେଶୀ ଦଳଗୁଡ଼ିକ କଳିଙ୍ଗ ଷ୍ଟାଡିୟମରେ ଖେଳିବେ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବିଦେଶୀ ଦର୍ଶକଙ୍କ ସଂଖ୍ୟା ବଢ଼ିଛି। ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ଅଷ୍ଟ୍ରେଲିଆ-ସ୍ପେନ୍ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ନ୍ୟୁଜିଲାଣ୍ଡ-ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଳରେ ୱେଷ୍ଟ ଷ୍ଟାଣ୍ଡରେ ଉକ୍ତ ୪ ଦଳର ବହୁ ବିଦେଶୀ ଦର୍ଶକ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଦଳର ପ୍ରତ୍ୟେକ ମୁଭ୍ ସମୟରେ ସେମାନେ ଜାତୀୟ ପତାକା ଦେଖାଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳର ଦର୍ଶକ ଉଲ୍ଲସିତ ହୋଇଥିବାବେଳେ ପରାଜିତ ଦଳର ପ୍ରଶଂସକ ନିରାଶ ମନରେ ବିଦାୟ ନେଇଥିଲେ।

# ୱେଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ଦର୍ଶକ, ଟମ୍‌ଙ୍କ ପରିବାର

**ଭୁବନେଶ୍ୱର, ୨୪।୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅଷ୍ଟ୍ରେଲିଆ ଓ ସ୍ପେନ୍ ମଧ୍ୟରେ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୱେଷ୍ଟ ଷ୍ଟାଣ୍ଡରେ ବ୍ୟାନର ଧରି ଉପସ୍ଥିତ ଥିଲେ ଅଷ୍ଟ୍ରେଲିଆ ଦର୍ଶକ। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦଳର ୨ ନମ୍ବର ଖେଳାଳି ଟମ୍ କ୍ରେଗ୍‌ଙ୍କ ପରିବାର ଆକର୍ଷଣର କେନ୍ଦ୍ରରେ ରହିଥିଲେ। ପୁଅକୁ ସମର୍ଥନ କରିବା ପାଇଁ ନ୍ୟୁ ସାଉଥ୍‌ୱେଲ୍ସର ଲେନ୍‌କୋଭରୁ ଟମ୍‌ଙ୍କ ମା'ବାପା ଓଡ଼ିଶା ଆସି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଉପଭୋଗ କରିଥିଲେ। ମ୍ୟାଚ ଆରମ୍ଭରେ ଅଷ୍ଟ୍ରେଲିଆ ଏକଦା ୦-୨ ଗୋଲରେ ପଛୁଆ ଥିଲେ ହେଁ ଅଷ୍ଟ୍ରେଲିଆ ଦର୍ଶକ ଜାତୀୟ ପତାକା ପ୍ରଦର୍ଶନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ଜାରି ରଖିଥିଲେ। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରି ୪-୩ ଗୋଲରେ ବିଜୟୀ ହୋଇଥିଲା। ମିଡ୍ ଫିଲ୍ଡର ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପୁଅର ପ୍ରଦର୍ଶନ ଏବଂ ଅଷ୍ଟ୍ରେଲିଆର ବିଜୟରେ ଟମ୍‌ଙ୍କ ମା'ବାପା ଖୁସି ପ୍ରକଶ କରିଥିଲେ।



ଅଷ୍ଟ୍ରେଲିଆରୁ ଆସିଥିବା ଦର୍ଶକମାନେ ଜାତୀୟ ପତାକା ଦେଖାଇ କଳିଙ୍ଗରେ ନିଜ ଦଳକୁ ଉତ୍ସାହିତ କରୁଛନ୍ତି।

# ସ୍ପେନ୍‌ର ଅଭିଯାନ ଶେଷ

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୪।୧**

ତିନିଥର ଚାମ୍ପିୟନ, ଦୁଇଥର ରନରଅପ୍ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଚଳିତ ହକି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଏହି ଦଳ ୪-୩ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ଅନ୍ୟପକ୍ଷରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିବାର ସୁବର୍ଣ୍ଣ ସୁଯୋଗ ହାତଛଡ଼ା ସ୍ପେନ୍ ପାଇଁ ମହଙ୍ଗା ପଡ଼ିଛି। ଦଳର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ପେନାଲ୍ଟି ଷ୍ଟ୍ରୋକ୍ ସେଭ୍ କରିଥିବା ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ରୁ ଚାର୍ଟର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚ ଆରମ୍ଭରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ। ଟୁର୍ନାମେଣ୍ଟର ସବୁଠାରୁ ଅଧିକ ପଦକ ହାସଲ କରିଥିବା ଅଷ୍ଟ୍ରେଲିଆ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୨ ଓ ୨୦୦୬ରେ ରନରଅପ୍ ଏବଂ ୧୯୭୮, ୧୯୮୨, ୧୯୯୦, ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛି। ଗୋଟିଏ ସଂସ୍କରଣ ବ୍ୟବଧାନରେ ଟାଇଟଲ ଜିତିବାକୁ ଆଶା ରଖିଥିବା ଏହି ଦଳ ଏଥର ମଧ୍ୟ ଲକ୍ଷ୍ୟପଥରେ ଅଗ୍ରସର ହୋଇଛି।

ଅଷ୍ଟ୍ରେଲିଆ ଏହାର ପାରମ୍ପରିକ ଷ୍ଟାଇଲ୍ ଅର୍ଥାତ୍ ଆରମ୍ଭରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ ହେଁ ପ୍ରଥମ କ୍ୱାର୍ଟରରେ ଭାଗ୍ୟ ସାଥ୍ ଦେଇ ନ ଥିଲା। କେବଳ ଏହି କ୍ୱାର୍ଟରରେ ଅର୍ଥାତ୍ ୩, ୧୨ ଓ ୧୪ତମ ମିନିଟରେ ଦଳ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଯାହାକି ଖୁବ୍ ବିରଳ ଦେଖିବାକୁ ମିଳିଥାଏ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଦଳକୁ ଆରମ୍ଭରୁ ସଫଳତା ମିଳି ନ ଥିଲା। ବରଂ ସ୍ପେନ୍‌ର ଜାଭିଅର ଗିସପର୍ଟ ୨୦ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ କରାଇଥିଲେ। କେବଳ ସେତିକି ନୁହେଁ ୨୨ତମ ମିନିଟରେ ଅଷ୍ଟ୍ରେଲିଆ ପାଇଥିବା ୪ର୍ଥ ପେନାଲ୍ଟି କର୍ନରକୁ ମିସ୍ କରିଥିବାବେଳେ ୨୪ତମ ମିନିଟରେ ମାର୍କ ରେକାସେନ୍ସ ଆଉ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ବିପର୍ଯ୍ୟୟ ସୃଷ୍ଟିର ପଥ ପ୍ରସ୍ତୁତ କରିଥିଲେ। ମାତ୍ର ଅଷ୍ଟ୍ରେଲିଆ ସହଜେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ୩୦ତମ ମିନିଟରେ ମ୍ୟାଟ୍ ଡସନଙ୍କଠାରୁ ପାସ୍ ପାଇଥିବା ଫ୍ଲାଇନ ଓଗିଲିଭ୍ ବଲ୍‌କୁ ନିୟନ୍ତ୍ରଣରେ ରଖି ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍ପେନ୍ ୨-୧ ଗୋଲରେ ଅଗ୍ରଣୀ ରହିଥିଲା।

ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ହୋଇଥିଲା ଅସଲ ଖେଳ। ଉଭୟ ଦଳ ଚମତ୍କାର ହକି ଖେଳର ନମୁନା ପ୍ରଦର୍ଶନ କରିଥିଲେ। ୩୨ତମ ମିନିଟରେ ସ୍ପେନ୍‌ର ଡି' ଏରିଆ ବାହାରେଥିବା ଅଷ୍ଟ୍ରେଲିଆର ମ୍ୟାଟ୍ ଡସନ ଭିତରେ ପ୍ରସ୍ତୁତ ଥିବା ଜ୍ୟାକ୍ ହ୍ୱିଟନଙ୍କୁ ପାସ୍ ଦେଇଥିଲେ। ହ୍ୱିଟନ କାଳବିଳମ୍ବ ନ କରି ବଲ୍‌କୁ ଅଧିନାୟକ ଆରନ ଜେଲସ୍କିଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ଅଭିଜ୍ଞ ଜେଲସ୍କି କୌଣସି ଭୁଲ ନ କରି ଦଳ ପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ଫଳରେ ୨-୨ ସ୍ଥିତିକୁ ମ୍ୟାଚ ଚାଲି ଆସିଥିଲା। ଏତିକିରେ ସନ୍ତୁଷ୍ଟ ନ ହୋଇ ଅଷ୍ଟ୍ରେଲିଆ ଆକ୍ରମଣ ଜାରି ରଖି ୩୨ ଓ ୩୬ତମ ମିନିଟରେ ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ଏହି ଦୁଇଟିକୁ ଗୋଲରେ ପରିଣତ କରି ଜେରେମି ହେୱାର୍ଡ ଅଷ୍ଟ୍ରେଲିଆକୁ ୪-୨ରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ସ୍ପେନ୍ ୩୮ ଏବଂ ୪୧ତମ ମିନିଟରେ ଲଗାତର ୨ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ୩ଟି ମିସ୍ ହୋଇଥିବାବେଳେ ଅନ୍ତିମ ପେନାଲ୍ଟି କର୍ନରରୁ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ ଅଧିନାୟକ ମାର୍କ ମିରାଲେସ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଅଷ୍ଟ୍ରେଲିଆ ୪-୩ ଗୋଲରେ ଅଗ୍ରଣୀ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ସ୍ପେନ୍ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ୫୬ତମ ମିନିଟରେ ଡି' ଏରିଆ ମଧ୍ୟରେ ଅଷ୍ଟ୍ରେଲିଆର ନାଥାନ ଇଫ୍ରୁମ୍ସ ଷ୍ଟିକ୍ ଚେକ୍ କରିବାରୁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଅଷ୍ଟ୍ରେଲିଆ ଖେଳାଳି ରେଫରାଲ ମାଗିଥିଲେ ମଧ୍ୟ ତାହା ନାକଚ ହୋଇ ଯାଇଥିଲା। ମାତ୍ର ଭାଗ୍ୟଦେବୀ ସାଥ୍ ଦେଇ ନ ଥିଲେ। ସ୍ପେନ୍ ଅଧିନାୟକ ମାର୍କ ମିରାଲେସଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ରୁ ଚାର୍ଟର ଦକ୍ଷତାର ସହ ସେଭ୍ କରି ଦେଇଥିଲେ। ଏହିଠାରେ ହିଁ ମ୍ୟାଚ ଅଷ୍ଟ୍ରେଲିଆ ସପକ୍ଷକୁ ଚାଲି ଆସିଥିଲା। ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଉ ସମୟ ନ ଥିଲା। ଅଷ୍ଟ୍ରେଲିଆ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

### ପେନାଲ୍ଟି ଷ୍ଟ୍ରୋକ୍ ମିସ୍ ସ୍ପେନ୍ ପାଇଁ ମହଙ୍ଗା ପଡ଼ିଲା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଇଶାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୮ରୁ ପୁଣି ପଦଯାତ୍ରା ଆରମ୍ଭ କରିବେ ଶର୍ମିଳା

**ହାଇଦ୍ରାବାଦ,୨୪।୧:** ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳାଙ୍କ ପ୍ରଜା ପ୍ରସ୍ଥାନମ୍ ପଦଯାତ୍ରା ଦୁଇ ମାସ ବନ୍ଦ ରହିବା ପରେ ଆସନ୍ତା ୨୮ ତାରିଖରୁ ପୁଣିଥରେ ତେଲଙ୍ଗାନାରେ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାର ଯେଉଁଠାରେ ତାଙ୍କ ପଦଯାତ୍ରାକୁ ରୋକିଥିଲେ, ସେହିଠାରୁ ହିଁ ଏହା ଆରମ୍ଭ ହେବ। କେ. ଚନ୍ଦ୍ରଶେଖର ରାଓ (କେସିଆର୍) ସରକାରଙ୍କ ଶାସନ ବିରୋଧରେ ତାଙ୍କ ଲଢ଼େଇ ଜାରି ରହିବ ବୋଲି ଶର୍ମିଳା ଘୋଷଣା କରିଛନ୍ତି। ୯ ବର୍ଷର ଶାସନ କାଳରେ କେସିଆର୍ ରାଜ୍ୟବାସୀଙ୍କୁ ଦୁର୍ଗତି ମଧ୍ୟକୁ ଠେଲିଦେଇଥିବା ୱାଇଏସ୍ଆର୍ ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷା କହିଛନ୍ତି।

# 'ସେନା ପ୍ରମାଣ ଦେବା ଆବଶ୍ୟକ ନାହିଁ'

## ଦିଗ୍‌ବିଜୟଙ୍କ ମନ୍ତବ୍ୟକୁ ବ୍ୟକ୍ତିଗତ କହିଲେ ରାହୁଲ

**ଜମ୍ମୁ,୨୪।୧ :** ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦେଇଥିବା ବିବାଦୀୟ ମନ୍ତବ୍ୟଠାରୁ ରାହୁଲ ଗାନ୍ଧୀ ତାଙ୍କ ଦଳକୁ ଦୂରେଇ ରଖିଛନ୍ତି। ଭାରତର ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ଦିଗ୍‌ବିଜୟ ପ୍ରଶ୍ନ ଉଠାଇବା ସହ କଂଗ୍ରେସ ଏକମତ ନୁହେଁ। ଦିଗ୍‌ବିଜୟଙ୍କ ମନ୍ତବ୍ୟକୁ ନେଇ ଭାରତ ଯୋଡ଼ୋ ଯାତ୍ରା ଅବସରରେ ଖବରଦାତାମାନେ ପ୍ରଶ୍ନ କରିବାରୁ ରାହୁଲ କହିଥିଲେ, ଏଭଳି କୌତୂହଳପୂର୍ଣ୍ଣ ମନ୍ତବ୍ୟ ଦଳର ନୁହେଁ। ଦଳର ମତାମତ ଆଲୋଚନାରୁ ଉତ୍ପନ୍ନ ହୋଇଥାଏ। ଦିଗ୍‌ବିଜୟ ନିଜର ବ୍ୟକ୍ତିଗତ ମତାମତ ରଖିଛନ୍ତି। ସଶସ୍ତ୍ର ବଳ ଅସାଧାରଣ କାର୍ଯ୍ୟ କରିଛି। ସେମାନଙ୍କୁ ଏହାର ପ୍ରମାଣ ଦେବାର ଆବଶ୍ୟକତା ନାହିଁ ବୋଲି ରାହୁଲ କହିଛନ୍ତି। ସୋମବାର ଜମ୍ମୁରେ ଦିଗ୍‌ବିଜୟ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଦେବା ପରେ ରାହୁଲ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ୨୦୧୬ରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ରେ ଆତଙ୍କବାଦୀ ମରିଥିବାର କୌଣସି ପ୍ରମାଣ ନାହିଁ, ଏହା ଶାସକ ଦଳର ତାହା ମିଛ ବୋଲି ଦିଗ୍‌ବିଜୟ ସୋମବାର କହିଥିଲେ।


ଭାରତ ଯୋଡୋ ଯାତ୍ରା: ଜମ୍ମୁ ଜିଲାର ନାଗ୍ରୋଟାଠାରେ ରାହୁଲ ଗାନ୍ଧୀ, ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର।

# ତୁଟୁନି ବିଜେଡି-ଭାଜପା କଳି

## ସରିଲା ଆବାସ ଅଭିଯୋଗର ସମୟସୀମା

- ଆଜି ସବୁ ବ୍ଲକରେ ଆନ୍ଦୋଳନ କରିବ ଭାଜପା
- ୭ ଦିନରେ ଚୂଡ଼ାନ୍ତ ତାଲିକା ନ ଦେଲେ ଜୋର୍‌ଦାର ଆନ୍ଦୋଳନ ଚେତାବନୀ
- ଭାଜପା ଅଯୋଗ୍ୟ ତାଲିକା ପ୍ରକାଶକରୁ: ବିଜେଡି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ବିଜେଡି ଏବଂ ଭାଜପା ମଧ୍ୟରେ ଆବାସ ତାଲିକା ପ୍ରସ୍ତୁତି ଏବଂ ଘର ବଣ୍ଟନକୁ ନେଇ ମୁହାଁମୁହିଁ ପରିସ୍ଥିତି ଜାରି ରହିଛି। ମଙ୍ଗଳବାର ରାଜ୍ୟର କେତୋଟି ବ୍ଲକରେ ଭାଜପା ଆନ୍ଦୋଳନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜେଡି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍‌ଦେଇ ଦଳୀୟ ଆଧାରରେ ଆବାସ ବଣ୍ଟନ କରୁଥିବା ଭାଜପା ଅଭିଯୋଗ କରୁଛି। ଏହାସହ ଲକ୍ଷାଧିକ ଅଭିଯୋଗ ଆସି ପହଞ୍ଚିଥିବା ମଧ୍ୟ ସେମାନେ କହିଛନ୍ତି। ତେବେ ମଙ୍ଗଳବାର ଆବାସ ଘର ଦୁର୍ନୀତି ନେଇ ଅଭିଯୋଗ ଦାଖଲର ସମୟସୀମା ଶେଷ ହୋଇଛି। ଆସନ୍ତା ୨୬ ଏବଂ ୩୦ ତାରିଖରେ ଗ୍ରାମସଭା ହେବ। ଏହାପରେ ଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ତେବେ ଭାଜପା ବୁଧବାର ରାଜ୍ୟର ସବୁ ବ୍ଲକରେ ଆନ୍ଦୋଳନ କରିବାକୁ ଥିବାବେଳେ ଆସନ୍ତା ୭ ଦିନ ମଧ୍ୟରେ ଅଭିଯୋଗର ତର୍ଜମାକରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବାକୁ ଦାବି କରିଛି। ଯଦି ୭ ଦିନରେ ସରକାର ଏହି କାମ ନ ସାରନ୍ତି ଭାଜପା ଆନ୍ଦୋଳନକୁ ଆହୁରି ତୀବ୍ର କରିବା ସହ ଆଗକୁ ବିଧାନସଭା ଘେରାଉ କରିବ ବୋଲି ଚେତାବନୀ ଦେଇଛି। କିନ୍ତୁ ଭାଜପା ପାଖରେ ଦୁର୍ନୀତି ନେଇ କି ପ୍ରକାର ଅଭିଯୋଗ ରହିଛି ତାହା ଦେଖାଉ ବୋଲି ବିଜେଡି କହିଛି।

ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଆବାସ ଯୋଜନାରେ ଯେଉଁମାନେ ଯୋଗ୍ୟ କେବଳ ସେମାନଙ୍କୁ ଘର ଦିଆଯାଉ। ସମସ୍ତେ ଏହା ଉପରେ ନଜର ରଖିଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ପୂର୍ବରୁ ଭଲ ଭାବେ ରାଜ୍ୟ ସରକାର ସମୀକ୍ଷା କରନ୍ତୁ। ଯେଉଁ ତାଲିକା ପ୍ରକାଶ ପାଇବ ତାହା ଅଣ୍ଡର ଟେବୁଲ ନ ହେଉ ବୋଲି ଅପରାଜିତା କହିଛନ୍ତି।

ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ଯେତିକି ଘର ଦେବା ଲାଗି ମନ୍ତ୍ରଣାଳୟ ରାଜି ହୋଇଥିଲା ଆସିବା ବେଳକୁ ସେଥିରୁ ୨୦ ପ୍ରତିଶତ କମିଗଲାଣି। ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନେ ତଥ୍ୟ ଓ ପ୍ରମାଣ ରଖି କଥା କୁହନ୍ତୁ। ସେଥିଲାଗି ଅଭିଯୋଗ କରିବା ପାଇଁ ସମୟ ଦିଆଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ଜାରି କରୁ ବୋଲି ଦେବୀ କହିଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଅଭିଯୋଗ କରିବା ଲାଗି ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ସମୟ ଦିଆଗଲା। ଏଥିଲାଗି ବାକ୍ସରେ ଚିଠି ପକାଇବାଠାରୁ ଆରମ୍ଭକରି ଇ-ମେଲ୍, ଫୋନ୍ ଏବଂ ମେସେଜ ମାଧ୍ୟମରେ ଅଭିଯୋଗ କରିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଆଉ ଏଥିପାଇଁ ଅନେକ ସମୟ ମଧ୍ୟ ଦିଆଯାଇଛି। ତେଣୁ ଆଗକୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଯାହା କିଛି କରାଯିବ ବୋଲି ସେ କହିଛନ୍ତି।

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**୰ସୁଦାମ ଚରଣ ପଟ୍ଟନାୟକ**
ଆବିର୍ଭାବ : ୧୬.୧୦.୧୯୩୦
ତିରୋଧାନ : ୨୫.୦୧.୨୦୧୯
ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା। ତମ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତମର ସ୍ନେହ, ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ।
ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ ପ୍ରସାଦ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପି-ବିବେକ, ରୁଷାଲୀ, ସୋନୁ, ଗୁଡ୍ଡି, ସୋମି, ପିନୁ ଓ ନୋରା
ଧ-୬୧୯୪୭

### ଦ୍ୱାବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ଼, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୬୯

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE

**SS 10th +2 (Sci. | Arts. | Comm.)**
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Estd.-1979 Ph:7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No.1530003)
NUA-KHAIRPALI, PO.-LARASARA, DIST.-BARGARH-768027 (ODISHA)
Email: thekosalaschool1979@gmail.com
Mob- 6371537828 / 6371532877 / 6370708544
**KOSALA ENTRANCE TEST 2023-2024**
● Admissions open for classes UKG to Std- IX for Boarders. Very few seats are available from LKG to Std-VIII for Day Scholars. ● Interested candidates are to appear Entrance Test in English, Mathematics and General Knowledge. Entrance Test for **Day Scholars:- 05/03/2023,** Entrance Test for **Boarders:- 12/03/2023** ● Entrance Test will be conducted by strictly adhering to Covid-19 safety guidelines. ● Candidates qualified in Entrance Test will get admission strictly on merit basis. ● Enquiry time over phone - 09.00am to 1.00pm on all working days. ● Entrance test timings - 10.30am to 12.30pm, Reporting Time- 09.00 am ● Selling of Admission Forms will start from 27th January 2023 onwards.
Sd./- Principal




# Classified Everyday
0674-2580101, 2549949


MATRIMONIAL

**BRIDE WANTED**

Divorce Khandayat Boy45/MNC Manager/ P.M- 80,000. 'SUHAG' 9938199964. D-2556

Divorcee/Widow caste no bar 40 to 50 age working woman required for Bhubaneswar based Brahmin Professor 8917227438. D-2544

**Sarkar Bengali (Kayastha) 32yr/5'8" Btech ETC own Business 5Lac PA. Parents pensioners, Only Son, sister married, expects graduate Housewife, 9937164930.** D-2543

Brahmin Boy 1988 5'7", B.Tech, MS. Software Engineer Imfosys "SUNASANSAR". 9937512659, 8249969649. D-2549

**GROOM WANTED**

40 ବୟସ୍କା, ସୁନ୍ଦର ଅବିବାହିତା ବ୍ରାହ୍ମଣ ସରକାରୀ ଚାକିରି କରୁଥିବା ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 8658185147. D-2557


REAL ESTATE

**SALE**

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

Schedulecaste ପ୍ଲଟ୍ ଝାଁଲା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। 7978671232 Whatsapp- 8908710655.** D-74189

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

**Urgent sale new 3BHK flat, 71 Lakhs, Nandan Vihar, Close to KIIT. No broker Contact- 7567785789.** D-2570

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex ମିଳୁଛି। 8327785834, 9658122456.** D-74197

କଟକ - ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980.** D-74187

ଗଙ୍ଗପଡ଼ା NHରୁ 700mtr. distance (per sqft- 500/-), 200mtr. ଦୂରତାରେ (per sqft- 1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

**ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829.** D-74173

Duplex sale at Bhubaneswar @ 45 Lakhs only- Contact: 9777433701. D-74199

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

**ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣ୍ଟପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322.** D-74184

**NH side plot (gharabari, boundarywall), Nakhara to Niali road, Cuttack. 8249851363.** D-74628

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652.** D-74192

**କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511.** D-2509


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583




Newly open full body massage ladies and gents. 8327740003, 8093860513. D-74631

Newly open health benefits SPA special offer@999 Nayapalli. 7846814019. D-73676

**Full body massage by experience therapist @ 999 only. 9078484455 (Bhubaneswar).** D-2453

Newly open SPA positively health benefits with expert therapist. 7849011931. D-73677

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632


BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା


(ଇଶାନ)
**ଦେବାଂଶ ଦାଶ**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ ଯେ, ତୋର ଚଳାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ। **ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା', ଆଈ, ପାପା, ମାମା, ପିଉସା, ମାମାନାନୀ, ଗୁରୁନାନୀ, ମାମୁ, ମାଈଁ, ମଉସା, ମାଉସୀ, ତିତିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ଯାଶିକା ଓ ଯେଶିଲ।
ଧ-୭୩୭୪୧

**AFFIDAVIT**

Affidavit 19.01.2023 before Executive Magistrate, Bhubaneswar my name has changed from Sujata Nayak to Sujata Samantaray as per my husband surname. So Sujata Nayak & Sujata Samantaray is one and same person. At- Bairipur, PO.- Bantuligrama, P.S- Gop, Dist.- Puri for all purpose. D-46576

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖଣିଜପାଣ୍ଠିକୁ ଯେପରି ଟିକସ ଯିବା କଥା ସେଭଳି ଯାଉନି: ଅପରାଜିତା

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଦୀର୍ଘ ଦଶନ୍ଧି ପରେ ଓଡ଼ିଶାରେ ପୁଣିଥରେ ଲକ୍ଷାଧିକ କୋଟି ଟଙ୍କାର ଖଣି ଦୁର୍ନୀତି ଓ ଅନିୟମିତତା ହୋଇଛି। ରାଜ୍ୟ ସରକାର ଏହି ଅନିୟମିତତାକୁ ସ୍ୱୀକାର କରିବା ସହ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ସହ ତଦନ୍ତ ମାଧ୍ୟମରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ସରକାରଙ୍କୁ ଅବଗତ କରିଛନ୍ତି। କିନ୍ତୁ ରାଜ୍ୟର ଏହି ଉତ୍ତର କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିପାରିନାହିଁ ଓ ପୁଣିଥରେ ବିସ୍ତୃତ ରିପୋର୍ଟ ପଠାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଅପରାଜିତା ରାଜ୍ୟରେ ଖଣି ଦୁର୍ନୀତି ଓ ଅନିୟମିତତା ପ୍ରସଙ୍ଗରେ କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ଏକ ଚିଠିକୁ ଉଲ୍ଲେଖକରି କହିଛନ୍ତି, ଓଡ଼ିଶାରେ ଘରୋଇ ଖଣି ଲିଜ୍‌ଧାରୀ କମ୍ପାନୀଗୁଡ଼ିକ ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଲୁହାପଥର(୫୫%ରୁ କମ୍) ଦର୍ଶାଇଥିବାରୁ ରାଜକୋଷକୁ ହଜାର ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏପରିକି ଜିଲା ଖଣିଜ ପାଣ୍ଠିକୁ ଯେଉଁ ପରିମାଣରେ ଟିକସ ଯିବା କଥା ସେଭଳି ମଧ୍ୟ ଯାଉନାହିଁ। ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟକୁ ମଧ୍ୟ ପାଣ୍ଠି ହ୍ରାସ ହୋଇଛି। ଆଗାମୀ ଦିନରେ ଏଭଳି ଅନିୟମିତତା ଯେପରି ନ ହେବ ତା'ର ଗ୍ୟାରେଣ୍ଟି କ'ଣ ଓ କିଭଳି ପଦକ୍ଷେପ ନିଆଯାଉଛି ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଦରକାର। ୨୦୨୧-୨୨ ଆର୍ଥିକ ବର୍ଷରେ ଯେଉଁ ଲିଜ୍‌ଧାରୀମାନେ ଏଭଳି ଦୁର୍ନୀତି ଓ ଅନିୟମିତତା କରିଛନ୍ତି ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ରାଜକୋଷକୁ ହୋଇଥିବା କ୍ଷତିକୁ ଭରଣା ନିମନ୍ତେ କ'ଣ ପଦକ୍ଷେପ ନିଆଯାଇଛି ତାହା ରାଜ୍ୟ ସରକାର ଜଣାନ୍ତୁ ବୋଲି ଅପରାଜିତା କହିଛନ୍ତି।

ଭାରତର ନିର୍ବାଚନ ଆୟୋଗ

୧୩ତମ ଜାତୀୟ ମତଦାତା ଦିବସ

ଅବସରରେ ସମସ୍ତ ମତଦାତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି

୨୫ ଜାନୁୟାରୀ, ୨୦୨୩

ଭୋଟିଂ ଭଳି କିଛି ନାହିଁ ଭୋଟ ମୁଁ ନିଶ୍ଚୟ ଦେବି
NVD2023

ଥିମ୍:

ଭୋଟିଂ ଭଳି କିଛି ନାହିଁ,
ଭୋଟ ମୁଁ ନିଶ୍ଚୟ ଦେବି



ମୁଖ୍ୟ ଅତିଥି
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ଭାରତର ମାନ୍ୟବର ରାଷ୍ଟ୍ରପତି

ସମ୍ମାନିତ ଅତିଥି
ଶ୍ରୀ କିରେନ୍ ରିଜିଜୁ
ମାନ୍ୟବର ଆଇନ ଓ ନ୍ୟାୟ ମନ୍ତ୍ରୀ

କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ
ପୁରସ୍କାର
ସର୍ବଶ୍ରେଷ୍ଠ ନିର୍ବାଚନୀ ପଦ୍ଧତି
ବଣ୍ଟନ
ନୂଆ ଭୋଟରଙ୍କୁ ଇପିଆଇସି
ଇସିଆଇ ସଙ୍ଗୀତ ଉନ୍ମୋଚନ
ମୈଁ ଭାରତ ହୁଁ, ହମ୍ ଭାରତ କେ ମତଦାତା ହେଁ
ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କୁ ସାଦର ଭେଟି
'ଇଲେକ୍ଟିଂ ଦି ଫାର୍ଷ୍ଟ ସିଟିଜେନ୍ - ଆନ୍ ଇଲୁଷ୍ଟ୍ରେଟେଡ୍ କ୍ରୋନିକଲ୍ ଅଫ୍ ଇଣ୍ଡିଆସ୍ ପ୍ରେସିଡେନ୍ସିଆଲ୍ ଇଲେକ୍ସନ୍ସ'

ଅବାଧ ଏବଂ ନିରପେକ୍ଷ ନିର୍ବାଚନୀ ପ୍ରକ୍ରିୟାକୁ ସକ୍ଷମ କରୁଛି ପ୍ରଯୁକ୍ତିବିଦ୍ୟା

ଭୋଟର ହେଲ୍ପଲାଇନ୍ ଆପ୍ | ସକ୍ଷମ ଇସିଆଇ ଆପ୍ | ନୋ ୟୋର୍ କ୍ୟାଣ୍ଡିଡେଟ୍ ଆପ୍ | ସି-ଭିଜିଲ ଆପ୍ | ଭୋଟର ଟର୍ନଆଉଟ୍ ଆପ୍ | ବୁଥ୍ ଆପ୍ | ଗରୁଡ଼ ଆପ୍ | ଏନ୍‌କୋର୍ | ଅବ୍‌ଜର୍ଭର୍ ଆପ୍ | ଇଭିଏମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ | ଇଆରଓ ନେଟ୍

FB.com/ECI @ecisveep youtube.com/eci @ecisveep
1950 ଭୋଟର ହେଲ୍ପଲାଇନ୍
CBC 52101/13/0032/2223

## ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ

# ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

**ଇଷ୍ଟ ଲଣ୍ଡନ (ଦକ୍ଷିଣ ଆଫ୍ରିକା), ୨୪।୧ (ପି.ଟି.)**

ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ ଭାରତ ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଟି୨୦ ସିରିଜର ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୫୬ ରନରେ ପରାସ୍ତ କରିଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଧିମା ରହିଥିଲା। ପ୍ରଥମ ୧୦ ଓଭରରେ ୨ ଉଇକେଟ ହରାଇ ମାତ୍ର ୬୦ ରନ କରିଥିଲା। ମାତ୍ର ସ୍ମୃତି ଓ ହରମନପ୍ରୀତ ଦଳର ସ୍କୋରକୁ ଆଗେଇ ନେଇଥିଲେ। ସ୍ମୃତି ତାଙ୍କ ୭୪ ରନର ଅପରାଜିତ ଇନିଂସରେ ୫୧ ବଲ୍‌ରୁ ୧୦ ଚୌକା ଓ ଗୋଟିଏ ଛକା ଲଗାଇଥିବା ବେଳେ ହରମନପ୍ରୀତ ୩୫ ବଲ୍‌ରେ ୮ଚୌକା ସହ ୫୬ ରନ କରି ଅପରାଜିତ ରହିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ବିନିମୟରେ ୧୬୭ ରନ କରିପାରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ଦଳ ପକ୍ଷରୁ ସିମେନି କ୍ୟାମ୍ପବେଲ ୪୭ ଓ ହେଲି ମାଥ୍ୟୁସ ୩୪ ରନ କରି ଅପରାଜିତ ରହିଥିଲେ। ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା ଦଳ: ୨୦ ଓଭରରେ ୧୬୭/୨ (ସ୍ମୃତି ମନ୍ଧାନା-୭୪*, ହରମନପ୍ରୀତ୍ କୌର-୫୬*)। ୱେଷ୍ଟଇଣ୍ଡିଜ ମହିଳା ଦଳ: ୨୦ ଓଭରରେ ୧୧୧/୪ ( ସିମେନି କ୍ୟାମ୍ପବେଲ-୪୭, ହେଲି ମାଥ୍ୟୁସ-୩୪*; ଦୀପ୍ତି ଶର୍ମା-୨/୨୪,ରାଧାଯାଦବ-୧/୧୦)।

# ଭାରତର କ୍ଲିନ୍ ସୁଇପ୍

## ରୋହିତ, ଗିଲ୍‌ଙ୍କ ଶତକ





ଶତକ ହାସଲକାରୀ ଶୁବମନ ଗିଲ୍ ଓ ରୋହିତ ଶର୍ମା।

**ଇନ୍ଦୋର,୨୪।୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚକୁ ୯୦ ରନରେ ଜିତିବା ସହିତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ୍‌କୁ କ୍ଲିନ୍ ସୁଇପ୍ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରି ଭାରତ ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଶତକ ବଳରେ ୯ ଉଇକେଟରେ ୩୮୫ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୪୧.୨ ଓଭରରେ ୨୯୫ ରନରେ ଅଲଆଉଟ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଡେଭନ କନୱେ ୧୩୮ ରନ୍ କରିଥିଲେ।

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅଧିନାୟକ ରୋହିତ ଶର୍ମା (୧୦୧) ଓ ଓପନର ଶୁବମନ ଗିଲ(୧୧୨) ପ୍ରଥମ ଉଇକେଟରେ ୨୧୨ ରନ୍ ଯୋଡି ଭାରତକୁ ଏକ ଦୃଢ ମୂଳଦୂଆ ପ୍ରଦାନ କରିଥିଲେ। ରୋହିତ ୮୫ ବଲ୍ ଖେଳି ୯ ଚୌକା ଓ ୬ ଛକା ମାରିଥିବା ବେଳେ ଗିଲ୍ ୭୮ ବଲରୁ ୧୩ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ୫୪ ରନ୍ କରିଥିବା ବେଳେ ବିରାଟ କୋହଲି ୩୬ ଓ ଶାର୍ଦ୍ଦୂଳ ଠାକୁର ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବ୍ଲେୟାର ଟିକ୍‌ନର ଓ ଜାକବ୍ ଡଫି ୩ଟି ଲେଖାଏ ଉଇକେଟ ନେଇଥିଲେ। ୩୮୬ ରନ୍‌ର ପିଛା କରୁଥିବା ନ୍ୟୁଜିଲାଣ୍ଡ ପ୍ରଥମ ଓଭରରେ ଓପନର ଫିନ୍ ଆଲେନଙ୍କ ଉଇକେଟ ହରାଇଥିଲା। ତେବେ ଡେଭନ୍ କନୱେ(୧୩୮) ଓ ହେନରୀ ନିକୋଲ୍ସ(୪୨) ଦ୍ୱିତୀୟ ଉଇକେଟରେ ୧୦୬ ରନ୍ ଯୋଡିଥିଲେ। ଦୁଇ ଓଭର ମଧ୍ୟରେ ଶାର୍ଦ୍ଦୂଳ ଠାକୁର ତିନି ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। ୧୦୦ ବଲ୍ ଖେଳି ୧୨ ଚୌକା ଓ ୮ ଛକା ମାରିଥିବା କନୱେ ଆଉଟ ହେବା ସହିତ ନ୍ୟୁଜିଲାଣ୍ଡ ଇନିଂସ ଭୁଶୁଡି ପଡିଥିଲା। ମିଚେଲ୍ ସାଣ୍ଟନର ୩୪ ଓ ମାଇକେଲ ବ୍ରେସୱେଲ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଓ କୁଲଦୀପ ଯାଦବ ୩ଟି ଲେଖାଏ ଉଇକେଟ ନେଇଥିଲେ। ୟୁଜବେନ୍ଦ୍ର ଚହଲ ୨, ଉମ୍ରାନ ମଲିକ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାର୍ଦ୍ଦୂଳ ଠାକୁରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ଶୁବମନ ଗିଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୮୫/୯(ଶୁବମନ ଗିଲ-୧୧୨, ରୋହିତ ଶର୍ମା-୧୦୧, ହାର୍ଦ୍ଦିକ ପାଣ୍ଡ୍ୟା-୫୪, ବ୍ଲେୟାର ଟିକ୍‌ନର-୩/୭୬, ଜାକବ୍ ଡଫି-୩/୧୦୦, ମାଇକେଲ ବ୍ରେସୱେଲ-୧/୫୧)। ନ୍ୟୁଜିଲାଣ୍ଡ ୪୧.୨ ଓଭରରେ ୨୯୫/୧୦ (ଡେଭନ୍ କନୱେ-୧୩୮,ହେନରୀ ନିକୋଲ୍ସ-୪୨, ମିଚେଲ ସାଣ୍ଟନର-୩୪, ଶାର୍ଦ୍ଦୂଳ ଠାକୁର-୩/୪୫, କୁଲଦୀପ ଯାଦବ-୩/୬୨, ୟୁଜବେନ୍ଦ୍ର ଚହଲ-୨/୪୩)।

### ଭାରତ ନମ୍ବର ୱାନ

ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ କ୍ଲିନ୍ ସୁଇପ୍ କରିବା ସହିତ ଇଂଲଣ୍ଡକୁ ପଛରେ ପକାଇ ଭାରତ ଆଇସିସି ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଭାରତ ୧୧୪ ରେଟିଂ ପଏଣ୍ଟ ହାସଲ କରିଥିବା ବେଳେ ବିଶ୍ୱ ଚାମ୍ପିୟନ୍ ଇଂଲଣ୍ଡ ୧୧୩ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ୩ ଓ ୪ ନମ୍ବର ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ଯଦି ଦକ୍ଷିଣ ଆଫ୍ରିକା ସିରିଜକୁ ୩-୦ରେ ବିଜୟୀ ହୁଏ ତେବେ ଏହା ପୁନର୍ବାର ଏକ ନମ୍ବର ସ୍ଥାନ ହାସଲ କରିବ।

ଆଖିର
କ୍ଲାନ୍ତି
ଦୂର କରିବାର
ସହଜ ସମାଧାନ






Helps in:
- Eye Strain
- Eye Tiredness
- Eye Dryness
- Eye Freshness
- Eye Cleanliness

ଆଇ ମନ୍ତ୍ରା
Ayurvedic Eye Relief Drops

ମୋର ନାମ ହୁକୁମ ସିଂହ, ବୟସ 29 ବର୍ଷ, ଜିଲ୍ଲା ଯୋଧପୁର, ରାଜସ୍ଥାନର ବାସିନ୍ଦା । ଦୀର୍ଘ ସମୟ ଧରି ମୋ ଆଖିରେ ଜଳନ, କ୍ଲାନ୍ତି ଓ ଆଖିରୁ ପାଣି ଝରିବା ସମସ୍ୟା ରହୁଥିଲା । ମୁଁ ଅନେକ ଔଷଧ ବ୍ୟବହାର କରି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ସମ୍ପୂର୍ଣ୍ଣ ସୂଚନା ନେବା ପରେ ମୁଁ ନିୟମିତ ଏହାକୁ ବ୍ୟବହାର କରିବା ଆରମ୍ଭ କଲି । ମାତ୍ର କିଛିଦିନ ମଧ୍ୟରେ ହିଁ ମୋତେ ଆଖି ସମ୍ବନ୍ଧୀୟ ସମସ୍ତ ସମସ୍ୟାରୁ ବହୁତ ଉପଶମ ମିଳିଲା । ଏବେ ମୋତେ ଆଖିର କୌଣସି ସମସ୍ୟା ନାହିଁ । **ଆଇ ମନ୍ତ୍ରା ବାସ୍ତବରେ ବହୁତ ଲାଭଦାୟକ ଅଟେ ।**

ମୋର ନାମ ଶେଖ୍ ଅବ୍ବାସ ହୁସେନ୍, ବୟସ 62 ବର୍ଷ, ମହାରାଷ୍ଟ୍ରର ବାସିନ୍ଦା ଅଟେ । ଅନେକ ସମୟ ଧରି ମୋ ଆଖିରୁ ପାଣି ଝରିବା, ଶୁଷ୍କତା, ଜଳନ ଭଳି ସମସ୍ୟା ଦେଖାଯିବାକୁ ଲାଗିଥିଲା । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ନିର୍ଦ୍ଦେଶ ଅନୁସାରେ ଏବଂ ପୂର୍ଣ୍ଣ ବିଶ୍ୱାସ ସହିତ ବ୍ୟବହାର କରିବା ପରେ ମାତ୍ର ଅଳ୍ପ କିଛି ଦିନରେ ହିଁ ମୋ ଆଖିରୁ ପାଣି ଝରିବା, ଶୁଷ୍କତା ଆଦି ସମସ୍ୟାରୁ ବହୁ ମାତ୍ରାରେ ଉପଶମ ମିଳିଲା । ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । ସବୁଠାରୁ ଭଲ କଥା ହେଉଛି କି ଏହା ଏକ **ଆୟୁର୍ବେଦିକ ପ୍ରଡକ୍ଟ ଅଟେ ଯାହାର କୌଣସି ସାଇଡ୍-ଇଫେକ୍ଟ ମଧ୍ୟ ନାହିଁ ।**

ମୁଁ ମାଷ୍ଟର ଧର୍ମ ସିଂହ, ବୟସ 70 ବର୍ଷ, ଅମୃତସରର ନିବାସୀ ଅଟେ । କିଛି ମାସ ପୂର୍ବେ ମୋ ଆଖିରୁ ପାଣି ଝରିବା, କ୍ଲାନ୍ତି, ଜଳନ ଭଳି ସମସ୍ୟା ରହୁଥିଲା । ଏହି କାରଣରୁ ମୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲି । ଦିନେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ ବିଷୟରେ ସୂଚନା ମିଳିଲା । ଏହାକୁ ଦୈନିକ ବ୍ୟବହାର କରିବା ଦ୍ୱାରା ମାତ୍ର ଅଳ୍ପ କିଛି ଦିନରେ ହିଁ ମୋର ଆଖି ସମ୍ବନ୍ଧୀୟ ସମସ୍ୟାରେ ବହୁତ ଲାଭ ମିଳିଲା । ଆଇ ମନ୍ତ୍ରା ପାଇଁ ମୁଁ କମ୍ପାନୀକୁ ଧନ୍ୟବାଦ କରୁଛି ଏବଂ ଯଦି ଅନ୍ୟ କାହାକୁ ମଧ୍ୟ ଏପରି କିଛି ସମସ୍ୟା ଅଛି ତେବେ **ଥରେ 'ଆଇ ମନ୍ତ୍ରା' ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ ।**

ମୋର ନାମ ସୁରେନ୍ଦ୍ର ଗୁର୍ଜର, ବୟସ 29 ବର୍ଷ, ରାଜସ୍ଥାନର ବାସିନ୍ଦା ଅଟେ । ବିଗତ ଅନେକ ସମୟ ଧରି ପାଠପଢ଼ା ସମୟରେ ମୋ ଆଖିରୁ ପାଣି ଝରିବା, ଜଳନ, ଶୁଷ୍କତା ଭଳି ସମସ୍ୟା ରହୁଥିଲା । ଏହି କାରଣରୁ ମୋ ମୁଣ୍ଡବ୍ୟଥା ମଧ୍ୟ ହେଉଥିଲା । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସର ବିଜ୍ଞାପନ ଦେଖିଲି । ସମ୍ପୂର୍ଣ୍ଣ ସୂଚନା ହାସଲ କରିବା ପରେ ମୁଁ ଏହାର ବ୍ୟବହାର ଆରମ୍ଭ କରିଦେଲି । ବିଶ୍ୱାସ କରନ୍ତୁ, ଅଳ୍ପ କିଛି ଦିନରେ ହିଁ ମୋତେ ଏହାର ବହୁତ ଭଲ ପରିଣାମ ମିଳିଲା । ଏବେ ତ ମୁଁ ସମ୍ପୂର୍ଣ୍ଣ ଠିକ୍ ଅଛି । **ମୁଁ ଆୟୁର୍ବେଦିକ 'ଆଇ ମନ୍ତ୍ରା'କୁ ହୃଦୟରୁ ଧନ୍ୟବାଦ ଦେଉଛି ।**

24x7 Helpline: 8196822222 • www.eyemantra.com • Available at all leading medical stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୫/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, January 25/2023 Page 20 ₹ 7.00 SAMBALPUR



**ଆଇସିସି ଟେଷ୍ଟ ଦଳରେ ପନ୍ତ୍**

ଆଇସିସି ପକ୍ଷରୁ ମନୋନୀତ ଟେଷ୍ଟ କ୍ରିକେଟ ଦଳରେ ଭାରତର ଏକ ମାତ୍ର ଖେଳାଳି ରିଷଭ ପନ୍ତଙ୍କୁ ସ୍ଥାନ ମିଳିଛି।

୦୫

୦୪

**ଆଜି 'ପଠାନ୍' ରିଲିଜ୍**

ବଲିଉଡ୍ ମେଗାଷ୍ଟାର୍ ଶାହରୁଖ୍ ଖାନ୍ଙ୍କ ଅଭିନୀତ ଫିଲ୍ମ 'ପଠାନ୍' ୧୦୦ରୁ ଊର୍ଦ୍ଧ୍ୱ ଦେଶର ୫ ହଜାର ସିନେମା ହଲ୍‌ରେ ରିଲିଜ୍ ହେଉଛି।





କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ସ୍ପେନ୍ ବିପକ୍ଷ ହକି ବିଶ୍ୱକପ କ୍ୱାର୍ଟର ଫାଇନାଲରେ ପେନାଲ୍ଟି ଷ୍ଟ୍ରୋକ ସେଭ୍ କରିବା ପରେ ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ରୁ ଚାର୍ଟରଙ୍କୁ ସାଥୀ ଖେଳାଳିଙ୍କ ବଧେଇ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ବିଜୟୀ ହୋଇଛି।

**ହକି ବିଶ୍ୱକପ୍**



**ବୁଧବାର ମ୍ୟାଚ୍**

ଇଂଲଣ୍ଡ ବନାମ ଜର୍ମାନୀ
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୪.୩୦

ନେଦରଲାଣ୍ଡ୍ସ ବନାମ କୋରିଆ
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭.୦୦

**ମଙ୍ଗଳବାର ମ୍ୟାଚ ଫଳାଫଳ**

ଅଷ୍ଟ୍ରେଲିଆ-୪ ସ୍ପେନ୍-୩
ବେଲଜିୟମ-୨ ନ୍ୟୁଜିଲାଣ୍ଡ-୦

# କନଷ୍ଟେବଲ ନିଯୁକ୍ତି ବୟସ ସୀମା ୪ବର୍ଷ କୋହଳ



- **କେବଳ ଚଳିତ ବର୍ଷ ପାଇଁ ସର୍ବାଧିକ ବୟସ ସୀମା ୨୩ରୁ ୨୭କୁ ବୃଦ୍ଧି**
- **୪,୭୯୦ ପଦବୀ ପାଇଁ ପ୍ରକାଶ ପାଇଥିଲା ବିଜ୍ଞପ୍ତି**
- **୩ ମାମଲାର ଏକତ୍ର ଶୁଣାଣି କରି ରାୟ ପ୍ରକାଶ**

**କଟକ ଅଫିସ,୨୪।୧**

କନଷ୍ଟେବଲ ନିଯୁକ୍ତି ପାଇଁ ବୟସ ସୀମା କୋହଳ ପ୍ରସଙ୍ଗରେ ହାଇକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ କନଷ୍ଟେବଲ ନିଯୁକ୍ତି ହୋଇ ନ ଥିବାରୁ ଆଶାୟୀଙ୍କ ସର୍ବାଧିକ ବୟସ ସୀମାକୁ ବିଚାରକୁ ନେଇ ୪ବର୍ଷ କୋହଳ କରାଯାଇଛି। ଏହି ନିର୍ଦ୍ଦେଶ କେବଳ ଚଳିତ ବର୍ଷ ପାଇଁ ଲାଗୁ ହେବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଅଦାଲତ କୌଣସି ଶାରୀରିକ ଦକ୍ଷତା(ଫିଟ୍‌ନେସ) ପ୍ରସଙ୍ଗରେ କୋହଳ କରି ନାହାନ୍ତି। ବୟସ ସୀମା କୋହଳ ପାଇଁ ହାଇକୋର୍ଟରେ ଆଗତ ୩ଟି ମାମଲାର ଏକତ୍ର ଶୁଣାଣି କରି ବିଚାରପତି ଏ.କେ. ମହାପାତ୍ର ଏହି ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ୪,୭୯୦ କନଷ୍ଟେବଲ ପଦବୀ ପୂରଣ ପାଇଁ ୨୦୨୨ ଡିସେମ୍ବର ୩୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଆବେଦନକାରୀଙ୍କ ସର୍ବନିମ୍ନ ବୟସ ୧୭ ଏବଂ ସର୍ବାଧିକ ବୟସ ୨୩ ରଖାଯାଇଥିଲା। ଆବେଦନର ଶେଷ ତାରିଖ ୨୦୨୩ ଜାନୁୟାରୀ ୨୨ ରହିଥିଲା। ହେଲେ କୋଭିଡ୍ ଯୋଗୁ ଗତ ୪ବର୍ଷ ହେଲା କନଷ୍ଟେବଲ ନିଯୁକ୍ତି ହୋଇ ନ ଥିବା କାରଣରୁ ବହୁ ଆଶାୟୀ ଆବେଦନ କରିପାରି ନ ଥିଲେ ଏବଂ ସର୍ବାଧିକ ବୟସ ପାର କରିଯାଇଥିଲେ। ତେଣୁ ବୟସ ସୀମା କୋହଳ କରିବାକୁ ନଗେନ ଭୋଇ, ରଶ୍ମିରଞ୍ଜନ ବେହେରା, ସତ୍ୟଜିତ ପ୍ରଧାନ ଏବଂ ଅନ୍ୟମାନେ ହାଇକୋର୍ଟରେ ପୃଥକ ଆବେଦନ କରିଥିଲେ, ଯାହା ଯଥାକ୍ରମେ ଡବ୍ଲ୍ୟୁପିସି ନଂ. ୩୪୧/୨୦୨୩, ଡବ୍ଲ୍ୟୁପିସି ନଂ. ୩୧୪/୨୦୨୩ ଏବଂ ଡବ୍ଲ୍ୟୁପିସି ନଂ. ୮୮୦/୨୦୨୩ରେ ପଞ୍ଜୀକୃତ ହୋଇଥିଲା। ଗତ ୧୭ତାରିଖରେ ଉକ୍ତ ୩ମାମଲାର ବିଚାରପତି ମହାପାତ୍ରଙ୍କ ପୀଠରେ ଏକତ୍ର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଥିଲା। ଅଦାଲତ ମଙ୍ଗଳବାର ଏହାର ରାୟ ପ୍ରକାଶ କରି ଗୃହ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ କନଷ୍ଟେବଲ ପଦବୀ ପାଇଁ ସର୍ବାଧିକ ବୟସ ସୀମାକୁ ୪ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା କେବଳ ଚଳିତ ଥର ପାଇଁ ଲାଗୁ ହେବ। ଏଥିସହିତ ଗତ ୩୦ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବେ ଖାରଜ ନ କରି କେବଳ ବୟସ ସୀମା ୪ବର୍ଷ ☞ପୃଷ୍ଠା-୫

# ଫେବୃୟାରୀ ୧୫ରୁ ଅସମ୍ଭାଳ ହେବ ତାତି

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଚଳିତ ବର୍ଷ ଶୀତର ପ୍ରକୋପ ନାହିଁ। ଜାନୁୟାରୀ ପ୍ରଥମ ସପ୍ତାହରେ ୨/୪ ଦିନ ରାଜ୍ୟରେ ଥଣ୍ଡାର ପ୍ରକୋପ ଦେଖା ଦେଇଥିବା ବେଳେ ଶୀତ ଏକପ୍ରକାର ଗାଏବ ହୋଇଯାଇଛି। ଜାନୁୟାରୀରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସକୁ ଟପିଗଲାଣି। ଆସନ୍ତା ଫେବୃୟାରୀ ୧୫ରୁ ରାଜ୍ୟରେ ଅସହ୍ୟ ତାତିର ପ୍ରକୋପ ସହ୍ୟ କରିବାକୁ ପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞ ସତର୍କ କଲେଣି।

ରାଜ୍ୟରେ ତାତି ବଢ଼ିବା ଆରମ୍ଭ ହୋଇଛି। ଗତ କିଛିଦିନ ହେବ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଲାଣି। ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ପାରଦ ଉପରମୁହାଁ ହେବ। ଚଳିତ ମାସ ଶେଷ ଯାଏ ପାଗରେ କୌଣସି ପରିବର୍ତ୍ତନର ସୂଚନା ନାହିଁ। ନିକଟରେ ମଧ୍ୟ ବର୍ଷାର ☞ପୃଷ୍ଠା-୫

# ୱେବ୍‌ଚ୍ୟାନେଲ ଅଫିସରେ ସେକ୍ସ ର୍‍ୟାକେଟ

- **୪ ଦେହଜୀବୀଙ୍କ ସହ ୨ ଗ୍ରାହକ ଅଟକ**
- **ମାଷ୍ଟରମାଇଣ୍ଡ ଗିରଫ**

**କଟକ ଅଫିସ,୨୪।୧**

କଟକ ବାଦାମବାଡ଼ି ଥାନା ଅନ୍ତର୍ଗତ ସୂର୍ଯ୍ୟବିହାର ଲେନ-୨ସ୍ଥିତ ଏକ ୱେବ ଚ୍ୟାନେଲ ଅଫିସରେ ଚାଲିଥିବା ଏକ ସେକ୍ସ ର୍‍ୟାକେଟକୁ ପୋଲିସ ମଙ୍ଗଳବାର ଧରିଛି। କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସମୟରେ ୫ଜଣ ଦେହଜୀବୀଙ୍କ ସମେତ ୨ ଗ୍ରାହକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୪ ଜଣ ଦେହ ବ୍ୟବସାୟୀ ଅଟକ ଥିଲାବେଳେ ମାଷ୍ଟରମାଇଣ୍ଡ ଜଣେ ମହିଳାଙ୍କୁ ପୋଲିସ ଗିରଫ ଦର୍ଶାଇଛି। ଉଦ୍ଧାର ସମୟରେ ଅନେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରାଯିବା ସହ ବାଦାମବାଡ଼ି ଥାନାରେ ଇମୋରାଲ୍ ଟ୍ରାଫିକିଂ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି ଯେ, କେତେଦିନ ପୂର୍ବରୁ ଏହି ଅନୈତିକ କାର୍ଯ୍ୟ ଉକ୍ତ ୱେବ ଚ୍ୟାନେଲ ଅଫିସରେ ଚାଲିଥିଲା, ଏଥିରେ ୱେବ ଚ୍ୟାନେଲର ସମ୍ପୃକ୍ତି ରହିଛି କି ନାହିଁ ତାହା ତଦନ୍ତ ପରିସରଭୁକ୍ତ ରହିଛି। ଚଢ଼ାଉ ବେଳେ ଉଦ୍ଧାର ଗ୍ରାହକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ଏହି ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଡିସିପି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସୂର୍ଯ୍ୟବିହାର ଲେନ୍-୨ର ଏକ ଘର ସମ୍ମୁଖରେ ଏକ ୱେବ ଚ୍ୟାନେଲର ସାଇନ୍ ବୋର୍ଡ ମରାଯାଇଥିବାବେଳେ ଅଫିସ ଭିତରେ ଦୀର୍ଘ ଦିନ ହେବ ସେକ୍ସ ର୍‍ୟାକେଟ ଚାଲୁଥିଲା। ଏନେଇ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ। ଏହି ସେକ୍ସ ର୍‍ୟାକେଟ ଚଳାଉଥିବା ମାଷ୍ଟରମାଇଣ୍ଡ କୁହାଯାଉଥିବା ମହିଳା ଜଣକ କଟକ ସହର ବାସିନ୍ଦା କି ବାହାରର ସେ ସମ୍ପର୍କରେ ପୋଲିସ ଖୋଳତାଡ଼ କରୁଛି। ଉକ୍ତ ୱେବ ଚ୍ୟାନେଲକୁ ନେଇ ମଧ୍ୟ ପୋଲିସ ତଦନ୍ତ ଆରମ୍ଭ କରିଛି। ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହାକୁନେଇପୋଲିସଅଧିକତଦନ୍ତଚଳାଇଛି।

# ପ୍ଲାଷ୍ଟିକ୍ ବର୍ଜ୍ୟରୁ ଇନ୍ଧନ






- **ସବୁଜଗୃହ ବାଷ୍ପକୁ ବ୍ୟବହାରଯୋଗ୍ୟ କରିହେବ**
- **କେମ୍ବ୍ରିଜ୍ ବୈଜ୍ଞାନିକ ବିକଶିତ କଲେ ରିଆକ୍ଟର**

**ଲଣ୍ଡନ, ୨୪।୧**

ବିଶ୍ୱରେ ସବୁଜଗୃହ ବାଷ୍ପ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟର ପରିମାଣ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ଉଭୟ ବାୟୁମଣ୍ଡଳ ଓ ପରିବେଶ ଦୂଷିତ ହେଉଛି। ବିଷାକ୍ତ ବାଷ୍ପ ଓ ପ୍ଲାଷ୍ଟିକ୍ ଯୋଗୁ ଲୋକଙ୍କୁ ବହୁ ଅଜଣା ରୋଗ ଗ୍ରାସ କରୁଥିବାବେଳେ ଅନେକ ପ୍ରଜାତିର ଜୀବ ଏବେ ବିଲୁପ୍ତ ହେବାକୁ ବସିଛନ୍ତି। ସବୁଜଗୃହ ବାଷ୍ପ ଓ ପ୍ଲାଷ୍ଟିକ୍ ବର୍ଜ୍ୟକୁ ବ୍ୟବହାରଯୋଗ୍ୟ କରିବା ଲାଗି ବ୍ରିଟେନସ୍ଥିତ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଏକ ସିଷ୍ଟମ ବା ରିଆକ୍ଟର ଉଦ୍ଭାବନ କରିଛନ୍ତି। ଏହା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଇନ୍ଧନରେ ରୂପାନ୍ତରିତ କରିବ।

ରେଇଜ୍‌ନର ଲ୍ୟାବ୍‌ରେ ପ୍ରଫେସର୍ ଇରୱିନ୍ ରେଇଜ୍‌ନରଙ୍କ ଅଧ୍ୟକ୍ଷତାରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଏହି ରିଆକ୍ଟର ତିଆରି କରାଯାଇଛି। ଏହା ସୌର ଶକ୍ତି ଦ୍ୱାରା ପରିଚାଳିତ। ଏଥିରେ ଦୁଇଟି କମ୍ପାର୍ଟମେଣ୍ଟ ବା କକ୍ଷ ରହିଥାଏ। କାର୍ବନ ଡାଇଅକ୍ସାଇଡ୍ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ ପୃଥକ୍ ଭାବେ ବ୍ୟବହାର ଉପଯୋଗୀ ପଦାର୍ଥରେ ରୂପାନ୍ତରିତ କରାଯାଏ ବୋଲି ଗବେଷକ ମୋତିଆର୍ ରହମାନ କହିଛନ୍ତି। ରିଆକ୍ଟର ବ୍ୟବହାର ଦ୍ୱାରା କାର୍ବନ ଡାଇଅକ୍ସାଇଡ୍ ଓ ପ୍ଲାଷ୍ଟିକ୍ ୱେଷ୍ଟରୁ ସିନ୍‌ଗ୍ୟାସ୍, ଫର୍ମିକ ଏସିଡ୍ ଏବଂ ଗ୍ଲାଇକୋଲିକ୍ ଏସିଡ୍‌ରେ ପରିବର୍ତ୍ତନ କରାଯାଇଥାଏ। ତରଳ ଇନ୍ଧନ ତିଆରି କ୍ଷେତ୍ରରେ ସିନ୍‌ଗ୍ୟାସ୍ ବ୍ୟବହାର କରାଯାଉଥିବାବେଳେ ଫର୍ମିକ୍ ଏସିଡ୍‌କୁ ଚମଡ଼ା କାରଖାନା ଏବଂ ଗ୍ଲାଇକୋଲିକ୍ ଏସିଡ୍‌କୁ ଔଷଧ ନିର୍ମାଣରେ ବହୁଳ ମାତ୍ରାରେ ବ୍ୟବହାର କରାଯାଏ। ବର୍ଜ୍ୟକୁ ବ୍ୟବହାର ଉପଯୋଗୀ ପଦାର୍ଥର ରୂପାନ୍ତରିତ କାର୍ଯ୍ୟ ଫୋଟୋ ଇଲେକ୍ଟ୍ରୋଡ୍‌ସ ପ୍ରସେସ୍‌ରେ ହେଉଥିବାବେଳେ ସମ୍ପୂର୍ଣ୍ଣ ପ୍ରଣାଳୀରେ ଏହା କାଟାଲିଷ୍ଟ (କେମିକାଲ ରିଆକ୍ସନ୍‌ରେ ବ୍ୟଗ୍ରତା ଆଣୁଥିବା ପଦାର୍ଥ) ଭାବେ କାର୍ଯ୍ୟ କରିଥାଏ ବୋଲି ରହମାନ ସୂଚନା ଦେଇଛନ୍ତି। କାଟାଲିଷ୍ଟ ପରିବର୍ତ୍ତନ କରି ବର୍ଜ୍ୟ ଓ କ୍ଷତିକାରକ ଗ୍ୟାସ୍‌ରୁ ଅନେକ ବ୍ୟବହାର ଉପଯୋଗୀ ପଦାର୍ଥର ଉଦ୍ଭାବନ କରାଯାଇ ପାରିବ ବୋଲି ଷ୍ଟଡିର ଆଉଜଣେ ଗବେଷକ ଶୁଭଜିତ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି। ବହୁ ଦେଶ ଏହି ରିଆକ୍ଟରର ବ୍ୟବହାର କରି ଜଳବାୟୁ ପରିବର୍ତ୍ତନ ଜନିତ ଅସୁବିଧାରୁ ମଧ୍ୟ ନିସ୍ତାର ପାଇ ହେବ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ଉଭୟ ଭଟ୍ଟାଚାର୍ଯ୍ୟ ଏବଂ ରେହମାନ ଭାରତୀୟ ବୋଲି ଜଣାପଡ଼ିଛି।



## ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ହାଇସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଉମାକାନ୍ତ ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାନପୁର ସରପଞ୍ଚ ରିନା ଜାଲ, ସମ୍ମାନିତ ଅତିଥି ସମିତି ସଭ୍ୟା ଯାଶୋବନ୍ତି ତାଣ୍ଡି, ଟେକେନ୍ଦ୍ର ଜାଲ, ଗୁଣନିଧି ବେହେରା, କାଳାଚାନ୍ଦ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ। ପରେ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଏକଦିବସୀୟ ଫୁଟବଲ: ଏବିଏଫ୍ଏ ଲୋଇସିଂହା ଚାମ୍ପିୟନ

ଲୋଇସିଂହା,୨୪।୧(ଡି. ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଜଡାମୁଣ୍ଡା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ କଲେଜ ଖେଳପଡିଆରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟ ରେ ଏବିଏଫଏ ଲୋଇସିଂହା ଓ ଛତାବାହାଲ ମଧରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଏବିଏଫଏ ଲୋଇସିଂହା ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସିଦ୍ଧେ ପୁରୁଷୋତ୍ତମ ବେଷ୍ଟ ପ୍ଲେୟାର ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉସବରେ ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ପଧାନ ଓ ବୁଲୁ ବାଦି ଟୁନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### ରାଜ୍ୟ ସ୍କୁଲ ବ୍ୟାଡମିଣ୍ଟନରେ ଟିଟିଲାଗଡ଼ର ୩ଖେଳାଳି

ଟିଟିଲାଗଡ,୨୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଓମଭେଲି ସ୍କୁଲର ୩ଜଣ ବ୍ୟାଡମିଣ୍ଟନ ଖେଳାଳ ଜିଲାସ୍ତର ପ୍ରତିଯୋଗିତାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୭ବର୍ଷରୁ କମ୍ ବର୍ଗ ଏକକରେ ଶ୍ରୀତମ ପ୍ରଧାନ ଓ ଡବଲସରେ ସାଥୀ ଖେଳାଳି ଅରଜିତ ସାହୁଙ୍କ ସହିତ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳିକା ୧୪ବର୍ଷ ବିଭାଗରେ ସାଇଶ୍ରୁତି ପାଣିଗ୍ରାହୀ ଓ ବାଳକ ବିଭାଗରେ ଆଶୁତୋଷ ଚକ୍ରବର୍ତ୍ତୀ ପ୍ରଥମ ହୋଇ ରାଜ୍ୟ ଚାମ୍ପିୟନଶିପରେ ଭାଗ ନେବେ। ଏଥିନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି।

### ସ୍ୱତନ୍ତ୍ର ଗ୍ରାମସଭା ବର୍ଜନ କରିବ ବ୍ଲକ ସରପଞ୍ଚ ସଂଘ

ଖପ୍ରାଖୋଲ,୨୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସରପଞ୍ଚ ସଂଘ ଆଗାମୀ ସାଧାରଣତନ୍ତ୍ର ଦିବସରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମସଭାକୁ ବର୍ଜନ କରିବ । ଏ ନେଇ ମଙ୍ଗଳବାର ସଂଘ ପକ୍ଷରୁ ଏକ ଦାବିପତ୍ର ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ପତ୍ର ସଂଖ୍ୟା ୧୨୭୯/ତା୨୦/୧ରିଖରେ ସରପଞ୍ଚ ମାନଙ୍କୁ ଆବାସ ସମ୍ବନ୍ଧୀୟ ସ୍ୱତନ୍ତ୍ର ଗ୍ରାମ ସଭା କରିବା ପାଇଁ କୁହାଯାଇଥିଲା । ହେଲେ ଜିଲା ସରପଞ୍ଚ ସଂଘ ସ୍ୱତନ୍ତ୍ର ଗ୍ରାମସଭା ବର୍ଜନ ନିଷ୍ପତି ନେଇଥିବାରୁ ଖପ୍ରାଖୋଲ ସରପଞ୍ଚ ସଂଘ ଏହାକୁ ସମର୍ଥନ କରିବ। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସଂଘ ସଭାପତି ସୀମାଞ୍ଚଳ ପୁରୋହିତ, ସମ୍ପାଦକ ବୈଦ୍ୟନାଥ ମିଶ୍ର, ସୁଶିଲ ଗୁରୁ, ଅନୁସୟା ସାହୁ, ସୁମତି ପଧାନ, ତାରାକାନ୍ତି ତାଣ୍ଡି ଓ ଅନ୍ୟ ସରପଞ୍ଚ ଉପସ୍ଥିତ ଥିଲେ।

# 'ଧର୍ମ ନାଁରେ ଭାରତ ଆଉ ବିଭାଜିତ ହେବନାହିଁ'




ଭାରତ ଯୋଡ଼ୋ ଯାତ୍ରା ବଲାଙ୍ଗୀରରେ ପହଞ୍ଚିବା ପରେ କଂଗ୍ରେସର ବରିଷ୍ଠ ନେତାମାନେ ପଦଯାତ୍ରାରେ ଯାଉଛନ୍ତି।

ବଲାଙ୍ଗୀର ଅଫିସ, ୨୪।୧

କଂଗ୍ରେସ ଦଳର ଭାରତ ଯୋଡୋ ଯାତ୍ରା ମଙ୍ଗଳବାର ବଲାଙ୍ଗୀର ପହଞ୍ଚିବା ପରେ କଂଗ୍ରେସ ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଭାରତ ଯୋଡୋ ଯାତ୍ରା ବଲାଙ୍ଗୀର ଗାନ୍ଧୀନଗରପଡାଠାରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ କଂଗ୍ରେସ କର୍ମୀ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ଭାରତ ଜୋଡୋ ଯାତ୍ରାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଅସିତ ମିଶ୍ର, ମନୀଷ ମିଶ୍ର, ବୁଲୁ ଦାନୀ, ସନ୍ତକ ବହିଦାର, ବିଧୁଭୂଷଣ ତ୍ରିପାଠୀ, ସତ୍ୟ ଭୋଇ, ଅମିତ ନାୟକ, ଆକାଶ ମିଶ୍ର, ମହିଳା ସଭାନେତ୍ରୀ ମିଳନୀ ସାହୁ ସାମିଲ ହୋଇଥିଲେ।

ପିସିସି ସଭାପତି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଭାରତରେ ଜାତୀୟ ଏକତା ପ୍ରତିଷ୍ଠା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ କନ୍ୟାକୁମାରୀରୁ କଶ୍ମୀର ଭାରତ ଯୋଡୋ ଯାତ୍ରା ଆରମ୍ଭ କରିଛନ୍ତି। ଏହି ମର୍ମରେ ଓଡିଶାରେ ବି କଂଗ୍ରେସ ପକ୍ଷରୁ ଭାରତ ଯୋଡୋ ଯାତ୍ରା କରାଯାଉଛି

**ବଲାଙ୍ଗୀରରେ ପହଞ୍ଚିଲା ଭାରତ ଜୋଡ଼ୋ ଯାତ୍ରା, କଂଗ୍ରେସର ଶକ୍ତି ପ୍ରଦର୍ଶନ**

ଓ ଆଜି ଏହା ବଲାଙ୍ଗୀର ପହଞ୍ଚିଛି। ଆଜି ଭାରତକୁ ପୁଣି ଥରେ ଧର୍ମ, ଜାତି, ସମ୍ପ୍ରଦାୟ ନାଁରେ ଭାଗ ଭାଗ କରିବାକୁ ଚେଷ୍ଟା କରାଯାଉଛି। ଲୋକଙ୍କ ଭିତରେ ସଂକୀର୍ଣ୍ଣତା ଭରାଯାଉଛି। ମାତ୍ର କଂଗ୍ରେସ ଏଭଳି ସଂକୀର୍ଣ୍ଣତାକୁ ବରଦାସ୍ତ କରିବ ନାହିଁ। ସମ୍ବିଧାନ ହେଉଛି ଭାରିର ଆତ୍ମା। ସମସ୍ତ ଭାରତୀୟଙ୍କୁ ନିର୍ଭୀକ ଭାବେ ଭାରତରେ ରହିବାର ସୁଯୋଗ ଦେବା ଭାରତ ଯୋଡୋର ମୂଳ ଲକ୍ଷ୍ୟ। ଆଗକୁ ୯ରୁ ୯୦ ମିଶନ ସଫଳ କରାଯିବ ବୋଲି ସେ କହିଥିଲେ। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନାଁରେ ଭାରତକୁ ଆଉ ବିଭାଜନ କରିବାକୁ ଦିଆଯିବନାହିଁ ବୋଲି ସେ କହିଥିଲେ। ଏହି ମର୍ମରେ ସେ କେନ୍ଦ୍ର ଭାଜପା ସରକାର ଓ ରାଜ୍ୟ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ୩୧ ଅକ୍ଟୋବାରରୁ ଆରମ୍ଭ ହୋଇଥିବା ଏହି ଭାରତ ଯୋଡୋ ଯାତ୍ରା ୧ ହଜାର କିଲୋମିଟର ଅତିକ୍ରମ କରି ବଲାଙ୍ଗୀର ପହଞ୍ଚିଛି ବୋଲି କହିଥିଲେ। ବିଧାୟକ ନରସିଂହ ମିଶ୍ର ଗଣମାଧମକୁ କହିଥିଲେ ଯେ, ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତି ସମୟରୁ କଂଗ୍ରେସ ଦଳ ହିଁ ଲୋକଙ୍କୁ ଲୋକଙ୍କ ସହ ଯୋଡି ଦେଶକୁ ଏକଜୁଟ କରିଥିଲା । ୨୦୧୪ ପରବର୍ତ୍ତି ସମୟରେ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଲୋକଙ୍କ ଏକତା ଦୁର୍ବଳ ହୋଇଛି। କେନ୍ଦ୍ର ସରକାର ଜାଣିଶୁଣି ସମ୍ବିଧାନ ଓ ସାମ୍ବିଧାନିକ ସଂସ୍ଥା ଭିତରେ ଅସ୍ଥିରତା ସୃଷ୍ଟି କରି ଚାଲିଛନ୍ତି । ତେଣୁ ଏହି ଭାରତ ଯୋଡ ଯାତ୍ରା ମହତ୍ୱ ଲୋକେ ବୁଝିବା ଦରକାର । ବିଧାୟକ ସାଲୁଜା ତାଙ୍କ ବକ୍ତବ୍ୟରେ ଭାରତ ଯୋଡୋ ଯାତ୍ରାକୁ ଜନସାଧାରଣ ଯେଭଳି ଭାବେ ସମର୍ଥନ କରୁଛନ୍ତି ସେଥିରେ ଉଭୟ କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାର ଭୟଭୀତ ହୋଇପଡିଲେଣି। ଏହା ଟ୍ରେଲର ଆଗକୁ ଫିଲ୍ମ ବାକି ରହିଛି ବୋଲି ସେ କହିଥିଲେ। ଏହି ପଦଯାତ୍ରାରେ ଜିଲାର ବରିଷ୍ଠ ନେତାମାନେ ଦଳରେ ଏକତ୍ରିତ ଏବଂ ଶୃଙ୍ଖଳିତ ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ।

## ଆବାସ ତାଲିକାରୁ ବାଦ୍ ପଡ଼ିଲେ ୨ଶ୍ରମିକ

ଲାଠୋର,୨୪।୧(ଡି.ଏନ.ଏ.)

ବଲଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତର ୨ଶ୍ରମିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ୍ ପଡିଛନ୍ତି। ତାଲିକା ପ୍ରକାଶ ପରେ ଏ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି ସାନଗୁର୍ଜିଭଟା ଗ୍ରାମର ଶ୍ରମିକ ଦୁର୍ଯ୍ୟୋଧନ ତାଣ୍ଡି ଏବଂ ମସିଣା ଗ୍ରାମର ଦେବରାଜ ଶଗଡ଼ିଆ। ଦୁର୍ଯ୍ୟୋଧନ ପତ୍ର ବନ୍ଧାଳି ଶ୍ରମିକ ଭାବେ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। କୁଡ଼ିଆ ଘରେ ଚାରିପ୍ରାଣୀ କୁଟୁମ୍ବ ଧରି ରହୁଥିଲେ ଦୁର୍ଯ୍ୟୋଧନ। ୨୦୨୧ ମସିହାରେ ତାଙ୍କ କୁଡ଼ିଆ ଭାଙ୍ଗି ଯିବା ପରେ ପର ଘର ବାରଣ୍ଡାରେ ପରିବାର ନେଇ ରହୁଛନ୍ତି। ମସିଣାର ଦେବରାଜ ସ୍ତ୍ରୀ ତେଜମନ୍ତି, ଦୁଇ ଝିଅ କୁନ୍ତଳା ଏବଂ ସୁଶିଲା ଓ ପୁଅ ଅକ୍ରୂରଙ୍କୁ ନେଇ ଯାଇତାଇ ଜୀବନ ଜିଉଁଛନ୍ତି। ବର୍ଷର ୬ ମାସ ମୂଲମଜୁରୀ ଏବଂ ଅବଶିଷ୍ଟ ସମୟ ଦାଦନ ଖଟି ଯାଇଥାନ୍ତି। ବର୍ତ୍ତମାନ ମଧ ଏହି ପରିବାର ଆନ୍ଧ୍ରପ୍ରଦେଶ ଦାଦନ ଖଟିବାକୁ ଯାଇଛନ୍ତି। ଅନେକ ଦିନରୁ ଏହି ପରିବାର ବାସଗୃହ ଯୋଗାଇ ଦେବାକୁ ପଞ୍ଚାୟତ ଓ ବ୍ଲକ ଅଫିସରେ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଦେବରାଜ ଶଗଡ଼ିଆଙ୍କ ପରିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ କରିଥିବା ଗୁହାଳରେ ରହୁଛନ୍ତି। ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଯେଉଁମାନେ ବାସ ଗୃହ ପାଇବା ପାଇଁ ଯୋଗ୍ୟ, ଅଥଚ ତାଲିକାରେ ତାଙ୍କ ନାମ ନାହିଁ ସେମାନଙ୍କ ପାଇଁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସିନାହିଁ ବୋଲି କହିଛନ୍ତି।

# ଠିକ୍ ଚୟନ ନହେଲେ ଜୋରଦାର ଆନ୍ଦୋଳନ



ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ସରପଞ୍ଚ ଓ ଆବାସ ଯୋଜନାରୁ ବଞ୍ଚିତ ଲୋକେ।

ଲୋଇସିଂହା, ୨୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ଏଥିସହ ବ୍ଲକକୁ ଆବାସ କୋଟା ପ୍ରଦାନରେ ମଧ୍ୟ ନିରାଶ ହରବାକୁ ପଡିଛି। ଏହାର ପ୍ରତିବାଦରେ ବ୍ଲକ ଅଫିସ ଆଗରେ ସରପଞ୍ଚ ସଂଘ ସଭାପତି ସଞ୍ଜୟ ଗଡତ୍ୟାଙ୍କ ନେତୃତ୍ୱରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଏହି ଅନିୟମିତତା ପାଇଁ ବ୍ଲକ ପ୍ରଶାସନକୁ ସରପଞ୍ଚ ସଂଘ ଦାୟୀ କରିଛି। ପୁନଃ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକସ୍ଥଳେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି

**ଆବାସ ଯୋଜନା ତାଲିକା ପ୍ରସ୍ତୁତି ଅନିୟମିତତା, ସରପଞ୍ଚ ସଂଘ ଧାରଣା**

ସଂଘ ଧମକ ଦେଇଛି। ପ୍ରତିବାଦ ସଭାରେ କୁଶମେଲ ସରପଞ୍ଚ କୌସ୍ତୁବ ସାହୁ କହିଥିଲେ, ତ୍ରୁଟିପୂର୍ଣ୍ଣ ତାଲିକା ପ୍ରକାଶ ପରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀ ପଞ୍ଚାୟରର ସରପଞ୍ଚମାନଙ୍କୁ ଦାୟୀ କରୁଛନ୍ତି। ଯୋଗ୍ୟବ୍ୟକ୍ତି ହକ୍ ପାଇବା ପର୍ଯ୍ୟନ୍ତ ଲଢାଇ ଜାରି ରହିବ ବୋଲି ସେ କହିଥିଲେ। ତାଲିକା ପ୍ରସ୍ତୁତିରେ ଅନିୟମିତତା ପାଇଁ ଏବିଡିଓଙ୍କୁ ଦାୟି କରି ତାଙ୍କର ବଦଳି ଦାବି କରିଥଇଲେ ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ। ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ଉଦ୍‌ବେଗ ପ୍ରକାଶ କରି ବ୍ଲକ ପ୍ରଶାସନ ଏହାର ଜବାବ ରଖନ୍ତୁ ବୋଲି କହିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କ ମୁଣ୍ଡରେ ଛାତ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାହା କୁଆଡେ ଗଲା ବୋଲି ତଲିଉଡାର ପଞ୍ଚାୟତର ନାଏବ ସରପଞ୍ଚ ସୋମନାଥ ପଟେଲ କହିଥିଲେ। ଏହି ଧାରଣାରେ ଆବାସ ଯୋଜନାରୁ ବାଦ୍ ପଡିଥିବା ବହୁ ଯୋଗ୍ୟ ହିତାଧିକାରୀ ସାମିଲ ହୋଇଥିଲେ। ପ୍ରତିବାଦ ସଭାପରେ ଏବିଡିଓ ବିଜୟ କୁମାର ହୋତା ଧାରଣା ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଅଭିଯୋଗ ସଂକ୍ରାନ୍ତ ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ ।

## ଲୋଇସିଂହାରେ ଭାରତ ଯୋଡ଼ୋ ପଦଯାତ୍ରା

ଲୋଇସିଂହା,୨୪।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାରେ କଂଗ୍ରେସର ଭାରତ ଯୋଡୋ ପଦଯାତ୍ରା ମଙ୍ଗଳବାର ପହଞ୍ଚି ଥିଲା। ପିସିସି ସଭାପତି ଶରତ ପଟ୍ଟନାୟକ ପୂର୍ବାହ୍ନ ସାଢେ ୧୧ଟାରେ ଲୋଇସିଂହା ଅଗ୍ରସେନ ଭବନ ନିକଟରେ ପହଞ୍ଚିଲେ। ଯୁବନେତା ଆକାଶ ମିଶ୍ର, ବ୍ଲକ ସଭାପତି ଅରବିନ୍ଦ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ସରପଞ୍ଚ କୌସ୍ତୁବ ସାହୁ, ନବକିଶୋର ନାଏକଙ୍କ ସମେତ ଶତାଧିକ କର୍ମୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ପିସିସି ସଭାପତି କର୍ମୀଙ୍କ ଗହଣରେ କଲେଜ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ବ୍ଲକ ଛକଠାରେ ସେ ଜଣସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ପକ୍ଷପାତପୂର୍ଣ୍ଣ ଆବାସ ଯୋଜନା ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇଥିବା ନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଲୋଇସିଂହା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ପ୍ରତିବାଦରେ ଧାରଣା ଦେଉଥିବା ସରପଞ୍ଚ ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଉଥିବା କହିଥିଲେ। ବିକାଶ ନାଁରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶାବାସୀଙ୍କୁ ଭୂଆଁ ବୁଲାଉ ଥିବା କହିଥିଲେ ପିସି ସଭାପତି ପଟ୍ଟନାୟକ।

## ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଅ

ମୁରିବାହାଲ, ୨୪।୧(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ଦାବି କରିଛ ମୁରିବାହାଲ ବ୍ଲକ ଶାଖା ଭାଜପା। ମଙ୍ଗଳବାର ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ ଏକ ପ୍ରିତିନିଧି ଦଳ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୮-୧୯ ମସିହାରେ ରାଜ୍ୟ ସରକାର ହିତାଧିକାରୀଙ୍କ ଯେଉଁ ତାଲିକା ପ୍ରସ୍ତୁତ କରିଥିଲେ ତାହା ତ୍ରୁଟିପୂର୍ଣ୍ଣ ଥିବାରୁ ଏହାକୁ ବିରୋଧୀ କରୁଛୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଣୁ ବ୍ଲକର ସମସ୍ତ ୨୨ପଞ୍ଚାୟତରେ ଯୋଗ୍ୟ

**ବିଡିଓଙ୍କୁ ଦାବିପତ୍ର ଦେଲା ଭାଜପା**

ହିତାଧିକାରୀ ଚୟନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଏଥଇରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗାଁରେଇ ମଣ୍ଡଳ ସଭାପତି ମହାଦେବ ଟାହାଣୀ, ସାଧାରଣ ସମ୍ପାଦକ ସୁବାସ ପୋଢ଼, ପଦ୍ମନାଭ ସାହୁ, ରାମୁ କୁମ୍ଭାର, ଜିଲା କମିଟି ସଭ୍ୟ ବାଳକୃଷ୍ଣ ପୁଟେଲ, ଚନ୍ଦ୍ରହାସ୍ୟ ବାଗ, ମକୁନ୍ଦ ବର୍ଗତି, ସରୋଜ ବାଗ, ପାଦେ ତାଣ୍ଡି, ତହସିଲ ନାଗ, ମଦନ ଖର୍ସେଲ, କେଶବ ପରାଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାଜ୍ୟସ୍ତରୀୟ ଫୁଟ୍‌ବଲ: ମୁରିବାହାଲ ଫାଇନାଲରେ

ମୁରିବାହାଲ, ୨୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଖେଳାଯାଇଥିଲା। ମୁରିବାହାଲ ଦଳ ସହ ମୁହାଁମୁହିଁ ହୋଇଥିଲା ଖାଲିଆଖମାର ଏକାଦଶ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଫଳରେ ଟାଇବ୍ରେକରରେ ମୁରିବାହାଲ ଦଳ ୫-୪ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି।

ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ କୁମାର ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁଟିବାହାଲ ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ, ମୁରିବାହାଲ ଡିଗ୍ରୀ କଲେଜ ଅଧକ୍ଷ ସରୋଜ କୁମାର ନାୟକ, ଶିକ୍ଷାବିତ୍ ତରୁଣସେନ ଦୀପ, ବ୍ୟବସାୟୀ ଭାବନୀ ଶଙ୍କର ଶର୍ମା, କ୍ରୀଡ଼ାବିତ ଭାରତ ଦାଶ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା, ଅଶ୍ୱନି ଭୁକ୍ତା, ସାନ ଭାଇ, ସଞ୍ଜୟ ବାଗ ପରିଚାଳନା କରିଥିଲେ,। ଆଜିର ମ୍ୟାଚରେ ହେମନ୍ତ ଭୋଇଙ୍କୁ ପ୍ଲେୟାର ଅପ ଦ ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# 'କୃଷି ବିଶ୍ୱବିଦ୍ୟାଳୟ ଘୋଷଣା ଷଡ଼ଯନ୍ତ୍ର ନ ହେଉ'

ବଲାଙ୍ଗୀର ଅଫିସ, ୨୪।୧

ନେତାଜୀ ସଂଗ୍ରାମୀ ପରିଷଦର ୩୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସୁଭାଷ ପ୍ରତିମୂର୍ତ୍ତି ସ୍ଥଳରେ ସୁଭାଷ ପରବ ଏବଂ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବେ ନୁହେଁ ତ କେବେ ନୁହେଁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ଆବାହକ ବୀରେନ୍ଦ୍ର କୁମାର ବନ୍‌ଛୋରଙ୍କ ସଭାପତିତ୍ୱରେ ଏବଂ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ କୋଶଳବାଦୀ ନେତା ଆଡଭୋକେଟ୍ ପ୍ରମୋଦ ମିଶ୍ର, ପଦ୍ମପୁରର ଆଡଭୋକେଟ୍ ପ୍ରଶାନ୍ତ ମାଝି ଏବଂ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ଯୋଗ ଦେଇଥିଲେ। ତତ୍କାଳୀନ କୃଷିମନ୍ତ୍ରୀ କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ଏକ ଷଡଯନ୍ତ୍ର ଥିଲା। କେବିକେ ଅଞ୍ଚଳରେ



ଦୁଇ କ୍ରୀଡାବିତ୍‌ଙ୍କୁ ସୁଭାଷ ଜୟନ୍ତୀ ଏବଂ ପରିଷଦ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

୮ଟି ଜିଲା ରହିଛି। କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ହେବ ତାହା ସରକାର ସ୍ଥିର ନ କରି ଏବଂ ବିଧିବଦ୍ଧ ନିଷ୍ପତ୍ତି ନନେଇ ଏଭଳି ଘୋଷଣା କରିବା ଅର୍ଥ ହେଲା କେବିକେର ବିଭିନ୍ନ ଜିଲାର ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା। ଏଭଳି ବିଭେଦ ସୃଷ୍ଟି କୌଶଳ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ମଧ କରାଯାଇଛି। ଏହା ସରକାରଙ୍କ ଏକ ଷଡଯନ୍ତ୍ର ବୋଲି କହିବା ସହ ସ୍ୱତନ୍ତ୍ର ରାଜ୍ୟ ଗଠନ ହିଁ ଏହି ସମସ୍ୟାର ସମାଧାନ କରିବ ବୋଲି ଆଲୋଚକ ମିଶ୍ର କହିଥିଲେ। ଘୋଷଣା କରି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାନଯିବାର ଅର୍ଥ ପଶ୍ଚିମ ଓଡିଶା ଆଜିବି ଉପନିବେଶ ଭାବେ ରହିଆସିଛି ବୋଲି ଆଡଭୋକେଟ ମାଝି କହିଥିଲେ। କୃଷି ବିଶ୍ୱବିଦ୍ୟାଳୟ ପାଇଁ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଝାଙ୍କର ତାଙ୍କ ବକ୍ତବ୍ୟରେ ୧୯୩୬ ମସିହାରୁ ବଲାଙ୍ଗୀରରେ ୨୫୦ ଏକର ଜମିରେ ଡାଇରୀ ଫାର୍ମ ପ୍ରତିଷ୍ଠା ସରିଥିଲା। ୧୯୪୩ରେ ଲର୍କପାଲିଠାରେ

**ସୁଭାଷ ପରବ ଓ ଆଲୋଚନାଚକ୍ର**

୧୨୩ ଏକର ଜମିରେ ରାଜେନ୍ଦ୍ର ଏକ୍ସପେରିମେଣ୍ଟାଲ ଫାର୍ମ ପ୍ରତିଷ୍ଠା ହୋଇଥିଲା। ନିକଟରେ ବଲାଙ୍ଗୀରରେ ଦୁଗ୍ଧ ଉତ୍ପାଦନ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ପ୍ରବୀଣ କ୍ରୀଡାବିତ୍ ନରେନ୍ଦ୍ର ଆଚାର୍ଯ୍ୟ ଓ ଉଦୟୀମାନ ମହିଳା କ୍ରିକେଟର ରେସନୀ ବର୍ଗତୀଙ୍କୁ ମାନପତ୍ର, ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ପରିଷଦର ମୁଖପତ୍ର ତ୍ରୈମାସିକ ପତ୍ରିକା ସୁଭାଷ ଚିନ୍ତନର ଚତୁର୍ଥ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ପ୍ରତିଷ୍ଠିତ ଗାଳ୍ପିକ ପ୍ରଦୀପ ମିଶ୍ର ସୁଭାଷ ଚିନ୍ତନର ଉନ୍ମୋଚିତ ସଂଖ୍ୟା ସମୀକ୍ଷା କରିଥିଲେ। ଇଂ ଆଫ୍‌ତାବ ହୁସେନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ୩ ଗିରଫ

ରାଉରକେଲା ଅଫିସ: ଚୋରି ଅଭିଯୋଗରେ ଉଦିତନଗର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଗର ମହାନ୍ତ, ରାହୁଲ ପାଲ ଓ ଶମ୍ଭୁ ଲୋହାର। ସେମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳର ସାଗର, ରାହୁଲ ଓ ଶମ୍ଭୁ ବାସନ୍ତୀ କଲୋନି, ଉଦିତନଗର ଆଦି ସ୍ଥାନରୁ ଚୋରି କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାଲଗୋଦାମ ଗାନ୍ଧୀୟାନ ବସ୍ତିରୁ ମଙ୍ଗଳବାର ରାତି ସାଢେ ୮ଟାରେ ଉକ୍ତ ୩ଜଣଙ୍କୁ ଗିରଫ କରିଛି।

### ସଂକ୍ଷେପରେ

## ବିଲରୁ ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ

ହେମଗିର,୨୪।୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ଛତାବର ଗ୍ରାମର ଏକ ବିଲରୁ ମଙ୍ଗଳବାର ପୋଲିସ ଏକ ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଛତାବର ଗ୍ରାମର ଜଣେ ବିବାହିତ ଯୁବକ ଓ ଜଣେ ବିବାହିତା ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗତ ୧୨ ତାରିଖ ଦିନ ଉଭୟ ଫେରାର ହୋଇଯାଇଥିଲେ। ତେବେ ୧୫ ତାରିଖ ଦିନ ସେମାନେ ଛତାବର ଗ୍ରାମକୁ ଫେରି ଆସିଥିଲେ । କିନ୍ତୁ ପରେ ଗାଁରେ ଏହି ଦୁଇ ଜଣଙ୍କର ଦେଖା ମିଳି ନ ଥିଲା । ମଙ୍ଗଳବାର ସକାଳେ ଉଭୟଙ୍କ ମୃତଦେହ ବିଲରେ ପଡିଥିବାର ସ୍ଥାନୀୟ ଲୋକେ ଦେଖି ହେମଗିର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ କହିବା ଅନୁସାରେ ମୃତଦେହ ନିକଟରୁ ଏକ କୀଟନାଶକ ବୋତଲ ମିଳିଛି। ବିଷପାନ କରି ସେମାନେ ଆତ୍ମହତ୍ୟା କରିଥିବାର ଅନୁମାନ କରାଯାଉଛି । ତେବେ ବ୍ୟବଚ୍ଛେଦ ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ । ମୃତ ପ୍ରେମୀଯୁଗଳ ସମ୍ପର୍କରେ ଦିଅର ଭାଉଜ। ସେମାନଙ୍କର ସନ୍ତାନ ଅଛନ୍ତି। ହେମଗିର ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦେହରେ କିରୋସିନ ଢାଳି ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୨୪।୧: ଛେଣ୍ଡ୍ ଥାନା ଅନ୍ତର୍ଗତ ଖଡିଆଟୋଲା ବସ୍ତିରେ ଜଣେ ଯୁବକ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଆଡମୋନ ବିଲୁଙ୍ଗ(୨୫)। ପୋଲିସ ଏକ ମାମଲା (ନଂ.୨।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଆଡମୋନ ଗତ ମାନସିକ ରୋଗାକ୍ରାନ୍ତ ଥିଲେ। ସେ ବିଭିନ୍ନ ସମୟରେ ଘର ଲୋକଙ୍କୁ ଆକ୍ରମଣ କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଘରେ କେହି ନ ଥିବାବେଳେ ସେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ଆଡମୋନଙ୍କ ମୃତ୍ୟୁ ହୋଇଥିଲା।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ଦେବଗଡ଼,୨୪।୧(ଡି.ଏନ.ଏ.):ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସାଧାରଣ ସଭାରେ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଭଟଲି ବିଧାୟକ ସୁଶାନ୍ତ ସିଂ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ୨୦୨୪ ନିର୍ବାଚନ ପାଇଁ ମନ୍ତ୍ର ଦେଇଥିଲେ। ଓଡିଶା କେନ୍ଦୁପତ୍ର ଉନ୍ନୟନ ବୋର୍ଡ ଅଧକ୍ଷ ସଞ୍ଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଅଶ୍ୱିନୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ଜିଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣୀ, ପୋରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଇଂ. ଭୂପେନ୍ଦ୍ର ପ୍ରସାଦ ନାୟକ, ବାରକୋଟ ବ୍ଲକ ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ବେହେରା ଯୋଗ ଦେଇଥିଲେ।

# ଲୋକଙ୍କ ପକ୍ଷରୁ ଅଭିଯୋଗ ବ୍ୟବସ୍ଥା ଯୋଗୁ ଗାଁ ଅଶାନ୍ତ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ବଡ଼ଗାଁ,୨୪।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ଦୀର୍ଘ ବର୍ଷ ହେଲା ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ବହୁ ଗରିବ ପରିବାର ଚାହିଁ ରହିଥିଲେ ମଧ ଏଯାବତ୍ ପାଇନାହାନ୍ତି । ଅପରପକ୍ଷରେ ଅନେକ ଆର୍ଥିକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାରେ ଘର ପାଇଛନ୍ତି। ସେମାନଙ୍କ ମଧ୍ୟରୁ କେହି ଗୁହାଳ ଘର ତ କିଏ କୁକୁଡ଼ା ଘର କରିଛନ୍ତି। ଗାଁରେ କେଉଁ ପରିବାର ଗରିବ ଓ ଭଙ୍ଗା ଦଦରା ଘରେ ରହି ଆସୁଛନ୍ତି ତାହା ଚିହ୍ନଟ କରି ପ୍ରାଥମିକତା ଭିତ୍ତିରେ ଘର ଯୋଗାଇ ଦେବା ବ୍ୟବସ୍ଥା ସରକାର କରିନାହାନ୍ତି। ଖାଉଟି ସାମଗ୍ରୀ ପାଉଥିବା ତାଲିକାର କ୍ରମିକ ନମ୍ବର ଅନୁସାରେ ଘର ଦିଆଯାଉଛି। ଏହି ଖାଉଟି ତାଲିକାରେ ଅନେକ ସ୍ୱଚ୍ଛଳ ବର୍ଗଙ୍କ ନାମ ଥିବାରୁ ସେମାନେ ଏହି ଯୋଜନାର ଫାଇଦା ପାଇଚାଲିଛନ୍ତି। ଅନ୍ୟପକ୍ଷରେ ତାଲିକାର କ୍ରମିକ ନମ୍ବର ଏପଟ ସେପଟ କରାଯାଉଥିବାରୁ ଗରିବ ପରିବାର ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର କୌଣସି ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ପାଇଥିଲେ ଲୋକେ ଅଭିଯୋଗ କରିବାକୁ କୁହାଯାଇଛି। ଲୋକଙ୍କ ଦ୍ୱାରା ଏହି ଅଭିଯୋଗ ବ୍ୟବସ୍ଥା ଗାଁରେ ଆଶାନ୍ତି, ଗଣ୍ଡଗୋଳ ସୃଷ୍ଟି କରୁଥିବା ଦେଖାଯାଇଛି। ମଙ୍ଗଳବାର ମଧାହ୍ନରେ ବରଙ୍ଗାକଛାର ପଞ୍ଚାୟତର ୧୭ ଜଣ ମହିଳା ପୁରୁଷ ଥାନାକୁ ଆସି କୁଲଗା ଗ୍ରାମର ଜଣେ ବ୍ୟକ୍ତି ଅଭିଯୋଗ ଦେବାରୁ ଆମ ନାମରେ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର କଟିଗଲା କହି ଥାନା ପରିସରରେ ପାଟିତୁଣ୍ଡ କରିଥିଲେ। ସେହିପରି ବରଙ୍ଗାକଛାର ଗ୍ରାମର ଜଣେ ମହିଳାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିଲା। କୌଣସି କାରଣରୁ ତାଙ୍କୁ ପରେ ବାଦ ଦିଆଗଲା । କିନ୍ତୁ ସେ ଅଭିଯୋଗ କରିଥିଲେ ଯେ, ବରଙ୍ଗାକଛାର ଗ୍ରାମର ସୁକାନ୍ତି ତାଣ୍ଡିଆ ଓ ଭେଲୁଆବାହାଲ ଗାଁର ବାସମତି ଧନୁଆରଙ୍କ ଅଭିଯୋଗ କ୍ରମେ ତାଲିକାରୁ ତାଙ୍କ ନାମକୁ ବାଦ ଦିଆଯାଇଛି। ଏହାଜାଣି ସୁକାନ୍ତି ଓ ବାସମତି ସେମାନଙ୍କ ନାମକୁ ଜାଲିଆତି କରି କେହି ଏପରି ଅଭିଯୋଗ କରିଥିବା ବିଡିଓଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ଆଉ କେତେକ ପଞ୍ଚାୟତରେ ମଧ ଅଭିଯୋଗକୁ ନେଇ ଗଣ୍ଡଗୋଳ ହୋଇଥିବା ଜାଣିବାକୁ ମିଳିଛି। ତେବେ ପଞ୍ଚାୟତଗୁଡିକରେ କେଉଁମାନେ ଗରିବ ଓ ଘର ପାଇବା ପାଇଁ ଯୋଗ୍ୟ ତାହା ଜାଣିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏକ ମାସ ମଧରେ ପ୍ରତ୍ୟେକ ପଞ୍ଚାୟତର ଗାଁକୁ ଯାଇ ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧି ତାଲିକା କରିବା ଏବଂ ଯେଉଁ ଅଧିକାରୀ ତ୍ରୁଟିପୂର୍ଣ୍ଣ ତାଲିକା ଦେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା କରାଗଲେ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏହା କରା ନ ଗଲେ ଲୋକଙ୍କ ଦ୍ୱାରା ଅଭିଯୋଗ ବ୍ୟବସ୍ଥା ଗାଁରେ ଗାଁରେ ଗଣ୍ଡଗୋଳ ସୃଷ୍ଟି କରିବାର ଆଶଙ୍କା ରହିଛି।



ମଙ୍ଗଳବାର ଲହୁଣୀପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚସୀନ ଅତିଥି।

# ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଲହୁଣୀପଡା,୨୪।୧(ଡି.ଏନ.ଏ.)

ମଙ୍ଗଳବାର ସୁନ୍ଦରଗଡ ଜିଲା ଲହୁଣୀପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣେଇ ଉପଖଣ୍ଡ ଡାକ୍ତରଖାନାର ଡା. ନେପାଳ ରାଘବ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ମୁଖ୍ୟବକ୍ତା ଭାବେ ସିହିଡ଼ିହା ମହାବିଦ୍ୟାଳୟର ଅଧାପକ ପ୍ରଶାନ୍ତ କିଶୋର ଚଇନି ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ଲତିକା ବେଶ୍ରା ଅଧକ୍ଷତା କରିଥିଲେ। ଅଧାପକ ନେତ୍ରାନନ୍ଦ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧାପିକା ସୋମଦତ୍ତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ମାଝୀ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ସ୍ୱାଗତିକା ଦ୍ୱିବେଦୀ ଓ ଶ୍ରେଷ୍ଠ ଛାତ୍ର ଭାବେ ଶିବସୁନ୍ଦର ମାହାନ୍ତଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ନିରଞ୍ଜନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ । ମମତା ମାହାନ୍ତ, ନିବେଦିତା ମାହାନ୍ତ, ଶୁଶିଲ କୁମାର ଓରାମ, ମଞ୍ଜୁଲତା ମାହାନ୍ତ, ମୋନୀଷା ଟପୋ, ଉମାକାନ୍ତ ମାହାନ୍ତ, ସୁରେନ୍ଦ୍ର ମାହାନ୍ତ, ପୂର୍ଣ୍ଣଚନ୍ଦ୍ର ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ,୨୪।୧(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମମତା କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲାରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଚାକିରି ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟ ସଂପାଦନା ନିମନ୍ତେ ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଗୁଡିକରେ ୩ଜଣ ଲେଖାଏ କିରାଣି ରହିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ସୁନ୍ଦରଗଡ ଜିଲାର ଅଧିକାଂଶ ବ୍ଲକରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କିରାଣି ପଦବୀ ଖାଲି ପଡିଛି। ଫଳରେ ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଜିଲାରେ ଦୀର୍ଘଦିନ ହେଲା ନୂତନ ସିଆରସିସି ନିଯୁକ୍ତ ନ ହେବା ଯୋଗୁ ୫ବର୍ଷ ପୂରଣ କରି ସାରିଥିବା ସିଆରସିସିମାନଙ୍କୁ ବାରମ୍ବାର ସିଆରସିସି କାର୍ଯ୍ୟ ତୁଲାଇବା ପାଇଁ କୁହାଯାଉଛି। ଅବସର ଗ୍ରହଣ କରୁଥିବା ଶିକ୍ଷକମାନଙ୍କର ପେନସନ୍ କାଗଜପତ୍ର ଠିକ ସମୟରେ ଜିଲା ପ୍ରକଳ୍ପ ସଂଯୋଜକଙ୍କ ନିକଟକୁ ପଠାଯାଉ ନ ଥିବାରୁ ଏନଡିସି ପାଇବାରେ ବିଳମ୍ବ ହେଉଛି। ସୁନ୍ଦରଗଡ ଠାରେ ଅନୁଷ୍ଠିତ ଏହି ବୈଠକରେ ଏସବୁ ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାଛଡା ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଡେସ୍କର ବ୍ୟବସ୍ଥା କରାଯିବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟିକୁ ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସଂଘର ସାମ୍ବିଧାନିକ ନିୟମ ଅନୁଯାୟୀ ଚଳିତମାସ ଠାରୁ ସଭ୍ୟ ସଂଗ୍ରହ ଅଭିଯାନକୁ ତୀବ୍ରତର କରାଯିବା ସହ ସବୁବର୍ଗର ଶିକ୍ଷକମାନଙ୍କୁ ସାମିଲ କରାଯିବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ଭାବେ ଜିଲା ସଭାପତି ମମତା କର, ଜିଲା ସାଧାରଣ ସଂପାଦକ ପୁଲିନ ଚନ୍ଦ୍ର ନାଏକ, ଜିଲା ସଂଗଠନ ସଂପାଦକ କୁଲଦୀପ ସେଠ, ସୁନୀଲ କର, ବିଭୀଷଣ ତନ୍ତୀ, ସୁଶାନ୍ତ ପଟେଲ, ସୌଭାଗ୍ୟ କୁମାର ନାଏକ, ମିତ୍ରଭାନୁ ନାଏକ ଓ ସନ୍ଧ୍ୟାରାଣୀ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା।

## ରାଜଗାଙ୍ଗପୁରରେ ହକି ବିଶ୍ୱକପ ଟ୍ରଫି

ରାଜଗାଙ୍ଗପୁର,୨୪।୧(ଡି.ଏନ.ଏ.)

ଦ୍ୱିତୀୟ ଥର ପାଇଁ ଓଡିଶା ସମ୍ମାନଜନକ ଏଫଆଇଏଚ ପୁରୁଷ ହକି ବିଶ୍ୱକପ ୨୦୨୩ ଆୟୋଜନ କରିଛି। ସୋମବାର ସନ୍ଧ୍ୟାରେ ହକି ବିଶ୍ୱକପ ଟ୍ରଫି ରାଜଗାଙ୍ଗପୁରରେ ପହଞ୍ଚିବା ପରେ ରାଜଗାଙ୍ଗପୁର ପୌରାଧକ୍ଷ ମାଧୁରୀ ଲୁଗୁନ, କଂଗ୍ରେସ ଟାଉନ ସଭାପତି ଦୀପୁ ବିନୋଦ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମାଥେ ଡିଉସ ଲାକ୍ରା, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ଏହାଛଡା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା । ଟ୍ରଫି ସ୍ଥାନୀୟ ରାଣୀବନ୍ଧରେ ପହଞ୍ଚିବା ପରେ ଏହାକୁ ରାଜଗାଙ୍ଗପୁର ବିର୍ସା ଗ୍ରାଉଣ୍ଡକୁ ନେବା ପାଇଁ ଡାଲମିଆ ସିମେଣ୍ଟ କର୍ମଚାରୀମାନଙ୍କ ଦ୍ୱାରା ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଫକରପଡା, କୁରୁମିୟା ଏବଂ ଚମରାପଡା ଗ୍ରାମବାସୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ ଓ ରାଜଗାଙ୍ଗପୁର ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରିଫ୍ରାକଟୋରି ମୁଖ୍ୟ ବୀରେନ୍ଦ୍ର ପ୍ରସାଦ, ସେଲଭା ମୁଥୁକୁମାର କେ, ବିଡିଓ ପୀୟୁଷ ଲୁହାର, ତହସିଲଦାର ଇଜିୟୁସ ବିନୟ କୁଲୁ, ଆଇଆଇସି ରାଜଗାଙ୍ଗପୁର ବିଭସ୍ କୁମାର ପ୍ରଧାନ, ଏଫଆଇଏଚ ପୁରୁଷ ହକି ବିଶ୍ୱକପର ପ୍ରତିନିଧି, କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଡାଲମିଆ ବିଦ୍ୟାମନ୍ଦିର, ଡାଲମିଆ ଆଇଟିଆଇ ଏବଂ ଇନ୍ଦ୍ରଧନୁ କଳାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ବୀର ବିର୍ସା ଷ୍ଟାଡିୟମରେ ଦିଲୀପ ତିର୍କୀ ଏବଂ ନମିତା ଟପ୍ପୋ ନାମକ ଦୁଇ ଟିମ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ଖେଳାଯାଇଥିଲା। ଏହା ଏକ ଆକର୍ଷଣୀୟ ମ୍ୟାଚ ଥିଲା, ଯାହା ଡ୍ରରେ ଶେଷ ହୋଇଥିଲା । ତେବେ ପେନାଲିଟି ସୁଟ ଆଉଟରେ ଦିଲୀପ ତିର୍କୀ ଦଳ ମ୍ୟାଚକୁ ୩–୨ରେ ଜିତି ନେଇଥିଲା। ରାଜଗାଙ୍ଗପୁର ତହସିଲଦାର ଯିଏ ଏକଦା ବହୁତ ଭଲ ହକି ଖେଳାଳି ଥିଲେ ସେ ନମିତା ଟପ୍ପୋ ଦଳରୁ ଖେଳିଥିଲେ। ଅତିଥିମାନେ ବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ବାଲିଶଙ୍କରା ବ୍ଲକରେ ଯୁଗ୍ମ ଜନଶୁଣାଣି




ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ସୁନ୍ଦରଗଡ,୨୪।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଯୋଗଦେଇ ଜନସାଧାରଣଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୫୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭ଟି ଅଭିଯୋଗର ସମାଧାନ ଜନଶୁଣାଣି ସ୍ଥଳରେ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ତୁରନ୍ତ ବିଚାର କରି ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଲିଶଙ୍କରା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଲୋକମାନେ ଏହି ଜନଶୁଣାଣିରେ ଯୋଗ ଦେଇଥିଲେ। ସେମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରେ ନୂତନ ରାସ୍ତା ନିର୍ମାଣ, ପୁରୁଣା ରାସ୍ତା ମରାମତି, ଆଲୋକୀକରଣ, ଭତ୍ତା, ଆବାସ ଯୋଜନାରେ ଘର ଆଦି ପ୍ରମୁଖ ସମସ୍ୟା ରହିଥିଲା। ଏହି ଜନଶୁଣାଣି ବେଳେ ୨ ଜଣ ହିତାଧିକାରୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ସଦର ଉପଜିଲାପାଳ ଦାଶରାଥି ସରାବୁ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ଡେପୁଟି କଲେକ୍ଟର (ଜରୁରୀକାଳୀନ) କୁନ୍ତୀରାଣୀ ନାଏକ, ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ।

# ମଦ କବଳରେ ଛାମୁଣ୍ଡା ଗାଁ

### ଭୟରେ ଝିଅ, ବୋହୂ

ବଡ଼ଗାଁ,୨୪।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଧୀନ ପ୍ରାୟ ସମସ୍ତ ଗାଁରେ ଦେଶୀ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ଏହାକୁ ନେଇ କୋଶଳ ସମାଜ ପକ୍ଷରୁ ଆନ୍ଦୋଳନ ପରେ ମଧ ମଦ ବିକ୍ରି ସାମାନ୍ୟ ନିୟନ୍ତ୍ରଣକୁ ଆସିନାହିଁ। ମଦ ପାଇଁ ବହୁ ପରିବାର ତଳିତଳାନ୍ତ ହେଉଛନ୍ତି। ଗାଁ ଅଶାନ୍ତ ହେଉଛି। ସନ୍ଧ୍ୟା ହେଲେ ଝିଅ ବୋହୂ ଘରୁ ପଦାକୁ ବାହାରିବାକୁ ଡରୁଛନ୍ତି। ଏପରି ପରିସ୍ଥିତିରେ ପୋଲିସ ହାତବାନ୍ଧି ବସି ରହିଛି। ମଦ କାରବାର ରୋକିବା ପାଇଁ ଫୁଲବାରି ପଞ୍ଚାୟତ ଛାମୁଣ୍ଡା ଗ୍ରାମର ମହିଳାମାନେ ବଡ଼ଗାଁ ଥାନାରେ ଜଣାଇଥିଲେ । ସପ୍ତାହେ ହେଲା ପୋଲିସ ଏ ଦିଗରେ ପଦକ୍ଷେପ ନ ନେବାରୁ ମଙ୍ଗଳବାର ମହିଳାମାନେ ଥାନାକୁ ଆସି ପୁନର୍ବାର ଲିଖିତ ଭାବେ ଜଣାଇଛନ୍ତି। ୱାର୍ଡ ମେମ୍ବର ସାବିତ୍ରୀ ମାଝୀ, ଜୟନ୍ତୀ ନାଏକ, ଲିଲି ଡନସନା, ରଶ୍ମିତା ନାଏକ, ସୀମା ନାଏକ, ଅନୁ ପ୍ରଧାନ, ବାସନ୍ତୀ ପ୍ରଧାନ, ଶୈଳ ମାଝୀ ,ପିଙ୍କି ନାଏକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଦସ୍ତଖତ ଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଗାଁର ସମସ୍ତ ନାରୀ ସଂଘର ମହିଳାମାନେ ମଦ ବନ୍ଦ ପାଇଁ ଏକ ବୈଠକରେ ବସିଥିଲୁ। ଗାଁର ସମସ୍ତ ପଡାରେ ମଦ ବିକ୍ରି ହେଉଛି। ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଦୈନନ୍ଦିନ ମଦ ପିଇବା ଦେଖିବାକୁ ମିଳୁଛି । ଏଥିପାଇଁ ଘରେ ଘରେ କଳହ ଦେଖାଦେଉଛି। କେହି କାହାରିକୁ ମାନୁ ନାହାନ୍ତି। ଝିଅ ବୋହୂ ନିଜ ଜୀବନକୁ ନିରାପଦ ମନେ କରୁନାହାନ୍ତି। ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ତୁରନ୍ତ ମଦ ବନ୍ଦ କରିବାକୁ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ମଦ ଯୋଗୁ ପାରିବାରିକ ଅଶାନ୍ତି ବଢି ଚାଲିଛି। ମହିଳାମାନେ କିପରି ଦୁର୍ବିସହ ଜୀବନ କାଟୁଛନ୍ତି ତାର ଏକ ଜ୍ୱଳନ୍ତ ଘଟଣା ନକଟି ଗ୍ରାମରେ ଦେଖିବାକୁ ମିଳିଛି। ନକଟି ଗ୍ରାମର ଜଣେ ବ୍ୟକ୍ତି ମଙ୍ଗଳବାର ମଧାହ୍ନରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଘରର ବିଭିନ୍ନ ସାମଗ୍ରୀକୁ ଭଙ୍ଗାରୁଜା କରିବା ସହ ଅମାନବୀୟ କାଣ୍ଡ ଘଟାଇଥିଲେ । ଏନେଇ ସମ୍ପୃକ୍ତ ମହିଳାଙ୍କୁ ପଚାରିବାରେ ସେ କହିଛନ୍ତି ଅଧିକାଂଶ ଦିନ ସ୍ୱାମୀ ମଦ ପିଇ ଘରେ ଗଣ୍ଡଗୋଳ କରିଥାନ୍ତି। ନିର୍ଯାତନା ଏତେ ଅସହ୍ୟ ହେଲାଣି ଯେ, ଏ ବିଷୟରେ ଥାନାରେ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ମହିଳା ସଶକ୍ତିକରଣ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ମହିଳାମାନେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଘରୁ ପଦାକୁ ବାହାରିବାକୁ ଭୟ କରିବା, ଘରେ ନିର୍ଯାତିତା ହେବା ଦେଖିଲେ ବାସ୍ତବ ସ୍ଥିତି କଣ ତାହା ସହଜରେ ଅନୁମେୟ। ପୋଲିସ ଓ ଅବକାରୀ ବିଭାଗ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଭାଜପା କର୍ମୀଙ୍କୁ ଉଠାଇନେଲା ପୋଲିସ

### ବିଜେଡି ବିଧାୟକଙ୍କୁ ବିରୋଧ

ଦେବଗଡ,୨୪।୧(ଡି.ଏନ.ଏ.)

ଦେବଗଡ଼ ଶାସନସାହି ଛକରେ ବିଜେଡି ବିଧାୟକଙ୍କୁ କଳାପତାକା ଦେଖାଇ ବିରୋଧ ପାଇଁ ଯୋଜନା କରୁଥିବା ବେଳେ ପୋଲିସ ମଙ୍ଗଳବାର ୮ ଭାଜପା କର୍ମୀଙ୍କୁ ଉଠାଇନେଇଥିଲା। ସେମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ଭୂତିଆ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ଟିଙ୍କୁ ପାତ୍ର, ସମ୍ବିତ କୁମାର ରଣଜିତ, ସନୁ ବାଘ, ବଳରାମ ରଣଜିତ, ପ୍ରତାପ ପାତ୍ର, ଜେକି ଭୋଜ ରହିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ପୋଲିସ ଭାଜପା କର୍ମୀଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି।

ଖବର ଅନୁସାରେ, ମଙ୍ଗଳବାର ଦେବଗଡ଼ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରୁଥିଲା। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଭଟଲି ବିଧାୟକ ଶୁଶାନ୍ତ ସିଂ ଯୋଗ ଦେଇଥିଲେ। ତେବେ ପ୍ରତାପ ଜେନା ଆପରାଧିକ ମାମଲାରେ ଜଡିତ ଥିବା ଅଭିଯୋଗ କରି ଭାଜପା ଯୁବମୋର୍ଚ୍ଚା ତରଫରୁ ତାଙ୍କୁ ବିରୋଧ କରିବାକୁ ଯୋଜନା କରିଥିଲା। ପୋଲିସ ଏ ନେଇ ସୂଚନା ପାଇବା ପରେ ଶାସନସାହି ଛକରୁ ଭାଜପା ଯୁବମୋର୍ଚ୍ଚାର ସଦସ୍ୟମାନଙ୍କୁ ଉଠାଇ ନେଇଥିଲା।



ଭାଜପା କର୍ମୀମାନଙ୍କୁ ପୋଲିସ ଉଠାଇ ନେଉଛି।

### ଉତ୍ସବ ପ୍ରଧାନପାଟ ଉଦ୍‌ଯାପିତ

# ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ



ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନଙ୍କ ନୃତ୍ୟ ପରିବେଷଣ।

ଦେବଗଡ଼,୨୪।୧(ଡି.ଏନ.ଏ.)

ରାଜ୍ୟ ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚାଠାରେ ଚାଲିଥିବା ଉତ୍ସବ ପ୍ରଧାନପାଟ–୨୦୨୩ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୌରାଧକ୍ଷା ଶାନ୍ତି ମଞ୍ଜରି ଦେଇ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡିଆଇପିଆର୍‌ଓ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ଫ୍ୟୁଜନ ଡ୍ୟାନ୍ସ ଭୁବନେଶ୍ୱର, ଝୁମର ଡ୍ୟାନ୍ସ ସତରଙ୍ଗ କଳାନୃତ୍ୟ କେନ୍ଦ୍ର ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଓର୍‌ମାସ ପକ୍ଷରୁ ଲାଗିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଜିଲାସ୍ତରୀୟ କୃଷି ଓ ଖାଦ୍ୟ ମେଳା, ମୀନାବଜାରରେ ଜନସାଧାରଣଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

## ଲୁହା ରଡ୍ ଜବତ, ୩ ଗିରଫ

**ରାଉରକେଲା ଅଫିସ:** ଏକ ନିର୍ମାଣାଧୀନ ଗୃହ କାମ ପାଇଁ ରଖାଯାଇଥିବା ଲୁହା ରଡ୍‌କୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନୁ ଭୂମିଜ(୨୫), ବିଭୂତି ବେହେରା(୩୫) ଏବଂ ଜାଭଲିନ କୁଜୁ(୨୮)। ସେମାନଙ୍କଠାରୁ ଚୋରି ଲୁହାରଡ୍ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଟାଙ୍ଗରପାଲି ଥାନା ନବକୃଷ୍ଣନଗରର ବିଜୟ କୁମାର ଭୋଳ ତାଙ୍କ ଗୃହ କାମ ପାଇଁ ଛାତ ଉପରେ ଲୁହାରଡ୍ ଓ ବାଲି, ସିମେଣ୍ଟ ରଖିଥିଲେ। ଗତ ୨୧ ତାରିଖ ରାତିରେ ତାଙ୍କ ଲୁହାରଡ୍ ଚୋରି ହୋଇଥିଲା। ବିଜୟ ଥାନାରେ ଅଭିଯୋଗ କରିଥିଲେ।

## ଟ୍ରେନ୍‌ରୁ ଖସି ଯୁବତୀ ମୃତ

**ରାଉରକେଲା ଅଫିସ,୨୪।୧:** ପାନପୋଷ ରେଳ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସିପଡି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ହେଲେ କଲରା କାନ୍ତି ଧାନୱାର(୨୬)। ଏ ନେଇ ରାଉରକେଲା ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫।୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖାଯାଇଛି। ସୂଚନା ଅନୁସାରେ, ନୂଆଗାଁ ଥାନା ଅନ୍ତର୍ଗତ ସୁରୁଗୁଡା ଗ୍ରାମର କଲରାକାନ୍ତି ମଙ୍ଗଳବାର ଏକ ଯାତ୍ରୀବାହୀ ଟ୍ରେନ୍ ଯୋଗେ ରାଉରକେଲା ଫେରୁଥିବା ବେଳେ ପାନପୋଷ ଷ୍ଟେଶନ ନିକଟରେ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଫୁଟ୍‌ବଲ: ଝାରସୁଗୁଡ଼ା ଚାମ୍ପିୟନ

**ବୌଦ୍ଧ,୨୪।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପରଗଲପୁର ତସରା ଖେଳପଡିଆରେ ବୁଦ୍ଧଦେବ କ୍ଲବ ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଜୟଦୁର୍ଗା କ୍ଲବ ଝାରସୁଗୁଡା ଓ ୱାଇଏଫଏ ଫୁଟବଲ କ୍ଲବ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଝାରସୁଗୁଡା ଦଳ ୩ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ଯୋଶୀ, ପରଗଲପୁର ଗ୍ରାମ୍ୟ କମିଟି ସଭାପତି ବସୁଦେବ ପ୍ରଧାନ, ନରେଶ ସେଠୀ, ସୁଜିତ କର୍ଣ୍ଣ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳ ଓ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳକୁ ରେଫରି ସୁଜିତ ରାଜହଂସ, ଏପି ସାହୁ, ପ୍ରତାପ ପ୍ରଧାନ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ରଜତ ଖାରି କାର୍ଯ୍ୟ ତୁଲାଇଥିଲେ ।



ଅତିଥିଙ୍କ ଦ୍ୱାରା ଟ୍ରଫି ଗ୍ରହଣ କରୁଛନ୍ତି ବିଜୟୀ ଦଳ ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଶୁଣାଣି

**ସଇଁତଳା, ୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବେଲଗାଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଶୁଣାଣୀ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ପିଡ଼ି ଡ଼ିଆରଡ଼ିଏ ସୁଶାନ୍ତ ସିଂ, ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢ଼ୀ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବେଲଗାଁ ପଞ୍ଚାୟତରେ ଭୂମିହୀନ ପାଇଥିବା ୧ଏକର ୫୧ ଡ଼ିସିମିଲ ଜମିକୁ ୨୦୧୪ ମସିହାରୁ ଚିହ୍ନଟ କରି ଭୂମିହୀନମାନଙ୍କୁ ପ୍ରଦାନ କରିବା ଅଭିଯୋଗ କରୁଥିଲେ ମଧ୍ୟ ତାହା ହେଉନାହିଁ। ସେହିପରି ବେଲଗାଁ ଫାଣ୍ଡିରେ ତୁରନ୍ତ ଅଧିକାରୀ ନିଯୁକ୍ତି କରାଯାଉ ବୋଲି ବେଲଗାଁର ସୁନୀଲ ଜୈନ, ଅଶୋକ ମାଝି, ସୁଲତାନ ମହମ୍ମଦ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହିପରି ଅନ୍ୟ କେତେକ ପ୍ରସଙ୍ଗ ଜନ ଅଭିଯୋଗ ଶିବିରରେ ଶୁଣାଣି ହୋଇଥିଲା। ବିଡ଼ିଓ ଚନ୍ଦ୍ରମଣୀ ନାଗ, ତହସିଲଦାର ମନ୍ମଥିଲ କେରକେଟା ଉପସ୍ଥିତ ଥିଲେ।















**ଆମାଜନ୍ ଏୟାରର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଅନ୍ତରାଷ୍ଟ୍ରୀୟ ବାଣିଜ୍ୟିକ ସଂସ୍ଥା ତଥା ଇ-କର୍ମସ ଲିଡର ଆମାଜନ ପକ୍ଷରୁ ଏକ ନୂତନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଭାରତ ୟୁନିଟ୍ 'ଆମାଜନ ଇଣ୍ଡିଆ' ତା'ର ପରିବହନ ନେଟ୍‌ୱର୍କକୁ ଅଧିକ ଉନ୍ନତ କରିବା ଏବଂ ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଶୀଘ୍ର ଡେଲିଭରିକୁ ସକ୍ଷମ କରିବା ଲାଗି ଭାରତରେ ଆମାଜନ ଏୟାରର ଶୁଭାରମ୍ଭ କରାଇଛି। ବିଶେଷକରି ଆମାଜନ ଏକ ବୋଇଂ ୭୩୭-୮୦୦ ଏୟାରକ୍ରାଫ୍ଟର ସମଗ୍ର କାର୍ଗୋ କ୍ଷମତାର ବ୍ୟବହାର କରିବ। ଯାହାକୁ କ୍ୱିକ୍‌ଜେଟ୍ କାର୍ଗୋ ଏୟାରଲାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା କରିବ ବୋଲି ଆମାଜନ ଇଣ୍ଡିଆ ପକ୍ଷରୁ କୁହାଯାଇଛି।

# ବଢୁଛି ଫାଷ୍ଟଟାଗ୍ ଟୋଲ୍ ଟିକସ ସଂଗ୍ରହ

**ନୂଆଦିଲ୍ଲୀ,୨୪।୧**



- ପୂର୍ବ ବର୍ଷରେ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ ୩୪,୭୭୮ କୋଟି ଟଙ୍କା ଥିଲା
- ଜାତୀୟ ତଥା ରାଜ୍ୟ ରାଜପଥରେ ୪୨୦୦ କୋଟି ଟଙ୍କା ମାସିକ ଟୋଲ୍ ସଂଗ୍ରହ
- ବର୍ଷକ ମଧ୍ୟରେ ଟିକସ ସଂଗ୍ରହ ୪୬% ବଢ଼ିଛି

ଭାରତୀୟ ସଡ଼କ ପଥରେ ପ୍ରତିଦିନ ଲକ୍ଷାଧିକ ଗାଡ଼ି ଚଳପ୍ରଚଳ କରୁଥିବା ବେଳେ ସଡ଼କ ପଥରେ ଆଦାୟ ହେଉଥିବା ଟିକସ ପରିମାଣ କିନ୍ତୁ ସେହି ଅନୁସାରେ ଆଦାୟ ହେଉ ନ ଥିଲା। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣକରି କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ଫାସ୍‌ଟାଗ୍ ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ଏପରିକି ସାରା ଦେଶରେ ଟେକ୍ନୋଲୋଜି ଜରିଆରେ ସଡ଼କ ପଥର ଟିକସ ଆଦାୟ କରାଗଲା। ବିଶେଷକରି ଫାସ୍‌ଟାଗ୍ ମାଧ୍ୟମରେ ଜାତୀୟ ତଥା ରାଜ୍ୟ ରାଜପଥରେ ଟୋଲ୍ ସଂଗ୍ରହକୁ କଡ଼ାକଡ଼ି କରାଗଲା। ଅପରପକ୍ଷରେ ଫାସ୍‌ଟାଗ୍‌ର ବ୍ୟବହାର ବୃଦ୍ଧି ସାଙ୍ଗକୁ ଟିକସ ସଂଗ୍ରହରେ ମଧ୍ୟ ବୃଦ୍ଧି ଘଟିଲା। ଏପରିକି ୨୦୨୨ରେ ଫାସ୍‌ଟାଗ୍ ଜରିଆରେ ପ୍ରାୟ ୫୧,୦୦୦ (୫୦,୮୫୫) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିବା ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ କୁହାଯାଇଛି। ଏପରିକି ୨୦୨୧ ବର୍ଷର ଟିକସ ସଂଗ୍ରହଠାରୁ ୨୦୨୨ର ଟିକସ ସଂଗ୍ରହ ଯଥେଷ୍ଟ ଅଧିକ ଓ ସର୍ବାଧିକ ବୋଲି ଜଣାପଡ଼ିଛି। ଏପରିକି ୨୦୨୧ଠାରୁ ୨୦୨୨ରେ ଟିକସ ସଂଗ୍ରହ ପ୍ରାୟ ୪୬% ଅଧିକ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଉଛି। ସେହିପରି ଏନ୍‌ଏଚ୍‌ଏଆଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ପୂର୍ବ ବର୍ଷରେ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ ୩୪,୭୭୮ କୋଟି ଟଙ୍କା ରହିଥିଲା। ଏପରିକି ଫାସ୍‌ଟାଗ୍ କାରବାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୧ରେ ତୁଳନାରେ ୨୦୨୨ରେ ଏହା ୪୮% ବୃଦ୍ଧି ହୋଇଥିବା ବେଳେ ୨୦୨୧ ଏବଂ ୨୦୨୨ରେ ଫାସ୍‌ଟାଗ୍ କାରବାର ସଂଖ୍ୟା ଯଥାକ୍ରମେ ୨୧୯ କୋଟି ଏବଂ ୩୨୪ କୋଟି ରହିଥିଲା ବୋଲି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ(ମର୍ଥ) ପକ୍ଷରୁ କୁହାଯାଇଛି। ସେହିପରି ୨୦୨୨ରେ ସଂଗ୍ରହ ହୋଇଥିବା ରାଜସ୍ୱଗୁଡ଼ିକ ହାରାହାରି ପ୍ରାୟ ୪,୨୦୦ କୋଟି ଟଙ୍କା ଥିଲା। ୨୦୨୨ ମାର୍ଚ୍ଚରେ ମାସିକ ସଂଗ୍ରହ ପ୍ରଥମ ଥର ପାଇଁ ୪,୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ମର୍ଥର ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୬.୪ କୋଟି ଫାସ୍‌ଟାଗ୍ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଏପରିକି ସମଗ୍ର ଭାରତରେ ଫାସ୍‌ଟାଗ୍ ସକ୍ଷମ ଫି ପ୍ଲାଜାର ସଂଖ୍ୟା ୨୦୨୨ରେ ୧,୧୮୧କୁ ବୃଦ୍ଧି ପାଇଛି।

## ଆକ୍ସିସ୍ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୪।୧**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସମୟ ମଧ୍ୟରେ ବ୍ୟାଙ୍କ ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ଭିତ୍ତିରେ ୬୨% ବୃଦ୍ଧି ପାଇ ୫,୮୫୩ କୋଟି ଟଙ୍କାରେ ପହଞ୍ଚିଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୩,୬୧୪ କୋଟି ଟଙ୍କା ଥିଲା। ବିଶେଷକରି ବ୍ୟାଙ୍କର ନେଟ୍ ସୁଧ ଆୟ (ଏନ୍‌ଆଇଆଇ) ବାର୍ଷିକ ଭିତ୍ତିରେ ୩୨% ଏବଂ ତ୍ରୈମାସିକ ଭିତ୍ତିରେ ୧% ବୃଦ୍ଧି ପାଇ ୩ୟ ତ୍ରୈମାସିକ ଶେଷସୁଦ୍ଧା ୧୧,୪୫୯ କୋଟି ଟଙ୍କା ହୋଇଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ମଧ୍ୟରେ ୮,୬୫୩ କୋଟି ଟଙ୍କା ଥିଲା। ସେହିଭଳି ବାର୍ଷିକ ଭିତ୍ତିରେ ଏଥିରେ ୦.୭୩% ଓ ତ୍ରୈମାସିକ ଭିତ୍ତିରେ ୦.୩୦% ବୃଦ୍ଧି ଘଟିଛି। ସେହିଭଳି କାସାରେ ବାର୍ଷିକ ୧୦% ଏବଂ ତ୍ରୈମାସିକ ଭିତ୍ତିରେ ୪% ବୃଦ୍ଧି ହୋଇଥିବା ବେଳେ କାସା ଅନୁପାତ ୪୪% ରେ ରହିଛି।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୪।୧**

ସୋନିର ନୂତନ ଉତ୍ପାଦ 'ଅଲ୍‌ଟ୍ରା-ୱାଇଡ୍ ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି,ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି ଲେନ୍ସର ଷ୍ଟାଣ୍ଡାର୍ଡ ଜୁମ୍ ବର୍ଗକୁ ପୁନଃ ପରିଭାଷିତ ହୋଇଛି। ଏହି ଲେନ୍ସରେ ୨୦ଏମ୍‌ଏମ୍‌ରୁ ୭୦ଏମ୍‌ଏମ୍ ପର୍ଯ୍ୟନ୍ତ ଅଲ୍‌ଟ୍ରା ୱାଇଡ୍ ଜୁମ୍ ରେଞ୍ଜ ରହିଛି,ଯାହା ନୂଆ ଯୁଗର କଣ୍ଟେଣ୍ଟ କ୍ରିଏଟର୍ସଙ୍କୁ ଏକ୍ସଟ୍ରିମ୍ ଭର୍ସେଟିଲିଟି, ଅତ୍ୟାଧୁନିକ ଇମେଜ୍ ଏବଂ ଉଚ୍ଚସ୍ତରୀୟ ଅପରେବିଲିଟି ପ୍ରଦାନ କରିବ। ଏପରିକି ସୋନିର ଏଫ୍‌ଇ ୨୦-୭୦ଏମ୍‌ଏମ୍ ଏଫ୍୪ ଜି ଆମାଜନ୍ ଡଟ୍ ଇନ୍ ଏବଂ ସମଗ୍ର ଭାରତରେ ସମସ୍ତ ସୋନି ସେଣ୍ଟର,ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସପ୍‌ଆଟ୍‌ଏସ୍‌ସି.କମ୍ ଏବଂ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋରରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ, ଯାହାର ମୂଲ୍ୟ ୧,୨୪,୯୯୦ ଟଙ୍କା ରହିଛି। ବିଶେଷ କରି ଏହା ପ୍ରବର୍ତ୍ତନ ସହ ଲେନ୍ସର ଷ୍ଟାଣ୍ଡାର୍ଡ ଜୁମ୍ ବର୍ଗକୁ ପୁନଃ ବ୍ୟାଖ୍ୟା କରୁଛି, ଯାହା ଏକ ଉଲ୍ଲେଖନୀୟ କମ୍ପାକ୍ଟରେ ଅଲ୍‌ଟ୍ରା-ୱାଇଡ୍ ୨୦-



୭୦ ଏମ୍‌ଏମ୍ ଜୁମ୍ ରେଞ୍ଜକୁ ନେଇ ଗର୍ବ କରେ ଏବଂ ହାଲ୍‌କା ପୂର୍ଣ୍ଣ ଫ୍ରେମ୍ ଲେନ୍ସ ସହ ଏକ ନିରନ୍ତର ଏଫ୍୪ ଅପରେଟର ସହିତ ସମଗ୍ର ଜୁମ୍ ରେଞ୍ଜର ରହିଛି, ପ୍ରଭାବଶାଳୀ ଜି ଲେନ୍ସ ପ୍ରତିଛବି ଗୁଣବତ୍ତା, ଉଚ୍ଚ ବେଗ ସଠିକତା ଏବଂ ଟ୍ରାକିଂ ଏଏଫ୍ ଏବଂ ସର୍ବାଧିକ ଗତିଶୀଳତା ଏବଂ ଅପରେବିଲିଟି ପାଇଁ ଏକ ସ୍ମାର୍ଟ ଡିଜାଇନ ସହ ଏହି ନୂତନ ଲେନ୍ସ ବିଭିନ୍ନ ପ୍ରକାର ସୃଷ୍ଟିକର୍ତ୍ତାଙ୍କ ପାଇଁ ଡିଜାଇନ କରାଯାଇଛି।

## ଓଡ଼ିଶାର ୧୦ ସହରରେ ଜିଓ ଟ୍ରୁ ୫ଜି ସେବା

**ନୂଆଦିଲ୍ଲୀ,୨୪।୧**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ମଙ୍ଗଳବାର ଓଡ଼ିଶାର ଆଉ ୬ ଟି ସହରରେ ଜିଓ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରିଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ମୋଟ ୧୦ଟି ସହରରେ ଏହି ସେବା ଉପଲବ୍ଧ ହେଉଛି। ବିଶେଷକରି ଜିଓ ଟ୍ରୁ ୫ଜି ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଏବଂ ସମ୍ବଲପୁର ଭଳି ସହରରେ ଆରମ୍ଭ ହୋଇଛି। ପୂର୍ବରୁ ଜିଓ ଟ୍ରୁ ୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁର ସହରରେ ପ୍ରଚଳନ କରାଯାଇସାରିଛି। ସେହିଭଳି ଦେଶର ୫୦ଟି ସହରରେ ସର୍ବବୃହତ୍ ଟ୍ରୁ ୫ଜି ସେବା ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଦେଶର ମୋଟ ୧୮୪ ସହରରେ ଜିଓ ବ୍ୟବହାରକାରୀ ସମ୍ପ୍ରତି ଜିଓ ଟ୍ରୁ ୫ଜି ସେବା ଉପଭୋଗ କରୁଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସହରରେ ରିଲାଏନ୍ସ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ୫ଜି ସେବା ପ୍ରଚଳନ କରିଛି। ଏହି ସହରଗୁଡ଼ିକରେ ଥିବା ଜିଓ ବ୍ୟବହାରକାରୀମାନଙ୍କୁ ୧ ଜିବିପିଏସ୍+ସ୍ପିଡ୍ ପର୍ଯ୍ୟନ୍ତ ଅସୀମିତ ଡାଟା ବିନା କୌଣସି ଅତିରିକ୍ତ ଦେୟରେ ବ୍ୟବହାର କରିବା ଅନୁଭୂତି ହାସଲ ନିମନ୍ତେ ଜିଓ ୱେଲକମ୍ ଅଫରକୁ ଆମନ୍ତ୍ରଣ କରାଯିବ, ଯାହା ଆଜିଠାରୁ ଆରମ୍ଭ ହେଉଛି। ଏ ସମ୍ପର୍କରେ ଜିଓର ମୁଖପାତ୍ର କହିଛନ୍ତି, ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୫୦ଟି ସହରରେ ଜିଓ ଟ୍ରୁ ୫ଜି ସେବା ପ୍ରଚଳନ କରିବା ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ ଏବଂ ଏଥିସହିତ ଦେଶର ମୋଟ ୧୮୪ ସହରରେ ଜିଓ ଟ୍ରୁ ୫ଜି ସେବା ଉପଲବ୍ଧ ହେଉଛି। ସମଗ୍ର ଦେଶରେ ଆମେ ଟ୍ରୁ ୫ଜି ସେବା ପ୍ରଚଳନର ବେଗ(ସ୍ପିଡ୍) ଓ ସାନ୍ଦ୍ରତା (ଇଣ୍ଟେନସିଟି)କୁ ତ୍ୱରାନ୍ୱିତ କରିଛୁ।

## ଟାଟା ମୋଟର୍ସର ୨ଏସ୍ ଫ୍ୟାସିଲିଟି ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ଆଉ ଏକ ୨ଏସ୍ ଫ୍ୟାସିଲିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ପ୍ରାଧିକୃତ ଡିଲର ଅଷ୍ଟବିନାୟକ ମୋଟର୍ସ ଆନୁକୂଲ୍ୟରେ ସ୍ଥାନୀୟ ଗୋହରିଆଠାରେ ଉକ୍ତ ୨ଏସ୍ (ସ୍ପେୟାର ଏବଂ ସର୍ଭିସ୍) ଫ୍ୟାସିଲିଟି ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷକରି ଟାଟା ମୋର୍ଟସର ଭାରିଯାନ ଗ୍ରାହକମାନଙ୍କୁ ଉତ୍ତମ ସେବାର ଅନୁଭୂତି ଦେବା ଉଦ୍ଦେଶ୍ୟରେ ଟାଟା ମୋଟର୍ସର ଏଚ୍‌ସିଭି, ଆଇଏଲ୍‌ଏମ୍‌ସିଭି, ବସ୍ ଓ ୱିଙ୍ଗର୍ସ ପାଇଁ ପ୍ରାଧିକୃତ ଡିଲର ଅଷ୍ଟବିନାୟକ ମୋଟର୍ସ ପକ୍ଷରୁ ଏହି ସୁବିଧା କେନ୍ଦ୍ର କରାଯାଇଛି। ଏହି ଅବସରରେ ଟାଟା ମୋଟର୍ସ ଲିମିଟେଡ୍ (ସେଲ୍‌ସ ଓ ମାର୍କେଟିଂ)ର ଉପାଧକ୍ଷ ରାଜେଶ କଲ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର



ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ମୋଟର୍ସ ଲିମିଟେଡ୍‌ର ଆଞ୍ଚଳିକ ପରିଚାଳକ-ଇଷ୍ଟ ରଣଭୀର କନ୍‌ୱର୍ ଏବଂ ଟାଟା ମୋଟର୍ସ ଲିମିଟେଡ୍‌ର ଡୋମେଷ୍ଟିକ୍‌ର ଫିଲ୍ଡ ସର୍ଭିସ୍-ଜିଏମ୍ ଅରୁଣ ଜଲାଲୀ,ଅଷ୍ଟବିନାୟକ ମୋଟର୍ସର ଏମ୍‌ଡି ରାକେଶ ଅଗ୍ରୱାଲ, ବିନୟ ଗୁପ୍ତାଙ୍କ ସମେତ ଟାଟା ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଓ ଅନ୍ୟମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଟାଟା ମୋଟର୍ସ ଲିମିଟେଡ୍ (ସେଲ୍‌ସ ଓ ମାର୍କେଟିଂ)ର ଅଧ୍ୟକ୍ଷ ରାଜେଶ କଲ୍ କହିଛନ୍ତି, ଗ୍ରାହକଙ୍କ ପାଇଁ ପ୍ରତ୍ୟେକ ପ୍ରକାର ସୁବିଧା ସୁନିଶ୍ଚିତ କରିବା ଆମର ମୌଳିକ ଲକ୍ଷ୍ୟ।

## 'ବଜାର ସ୍ଥିତି ସହ ଖାପଖୁଆଇ ଚଳିବାକୁ ହେବ'

**ଭୁବନେଶ୍ୱର,୨୪।୧**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ହିସାର)ର ନିର୍ଦ୍ଦେଶକ ମଣ୍ଡଳଙ୍କ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିନ୍ଦଲ ଷ୍ଟେନ୍‌ଲେସ (ମିଶ୍ରିତ ସଂସ୍ଥାକୁ ବିଚାରକୁ ନେଇ) ପ୍ରୋଫର୍ମା ମିଶ୍ରିତ ରାଜସ୍ୱ, ଇବିଆଇଟିଡିଏ ଏବଂ ପିଏଟ ଯଥାକ୍ରମେ ୯୦୭୩ କୋଟି, ୯୫୧ କୋଟି ଏବଂ ୫୬୮ କୋଟି ରେକର୍ଡ କରାଯାଇଛି। ଏହି ତ୍ରୈମାସରେ ମୋଟ ଋଣ ୨୮୨୪ କୋଟି ଏବଂ ମୋଟ ଋଣ ଓ ଇକ୍ୟୁଟି ଅନୁପାତ ୦.୩ ଥିଲା, ଯାହା ମେଟାଲ ଶିଳ୍ପରେ ସର୍ବୋତ୍ତମ। ପ୍ରୋଫର୍ମା ମିଶ୍ରିତ ସଂସ୍ଥା ପାଇଁ ସୁଧ, ପୂର୍ବ ତ୍ରୈମାସିକ ତୁଳନାରେ ୧୬%କୁ ଖସିଛି। ପୂର୍ବ ତ୍ରୈମାସିକ ସହ ତୁଳନାକଲେ ଜେଏସ୍‌ଏଲ୍‌ର ବିକ୍ରୟ ପରିମାଣ, ସ୍ୱତନ୍ତ୍ର ରାଜସ୍ୱ, ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୨୨%, ୧୪%, ୫୧% ଏବଂ ୮୬% ବୃଦ୍ଧି ଦେଖାଦେଇଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଜେଏସ୍‌ଏଲର ମୋଟ ବାହ୍ୟ ଋଣ ୧,୭୧୪ କୋଟି ଟଙ୍କା ଥିଲା। ସମୁଦାୟ ମିଶ୍ରିତ ହିସାବ ଅନୁସାରେ ୨୦୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସର ଅନ୍ତରେ ଜେଏସ୍‌ଏଲ୍‌ର ଆୟ ୬,୩୫୦ କୋଟି, ଇବିଆଇଟିଡିଏ ୫୨୫ କୋଟି ଏବଂ ପିଏଟି ୨୯୯ କୋଟି ଟଙ୍କା ରହିଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବଦଳୁଥିବା ବଜାର ସ୍ଥିତି ସହ ଖାପଖୁଆଇ ଚଳିବା ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ବିକ୍ରୟ ଏବଂ କାର୍ଯ୍ୟଯୋଜନା ମୂଳ। ଏହି ରଣନୀତି ଗତ ତ୍ରୈମାସରେ ଆମକୁ ଭଲ ଭାବରେ ସାହାଯ୍ୟ କରିଛି ଏବଂ ଆମର ବିକ୍ରୟ ମିଶ୍ରଣକୁ ଘରୋଇ ଚାହିଦା ମେଣ୍ଟାଇବାକୁ ସାହାଯ୍ୟ କରିଛି। ଅକ୍ଷୟ ଶକ୍ତି ଉତ୍ସ ମାଧ୍ୟମରେ ଆମର ଶକ୍ତି ଭବିଷ୍ୟତର ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧତାକୁ ମଧ୍ୟ ଆମେ ଗୁରୁତ୍ୱ ଦେଇ ଆସୁଛୁ।

**ଫୁରସତ୍**

# ଆଜି 'ପଠାନ୍' ରିଲିଜ୍




**ମୁମ୍ବାଇ:** ବହୁ ବାଦବିବାଦ ପରେ ବୁଧବାର ରିଲିଜ୍ ହେଉଛି ବଲିଉଡ୍‌ର ଚର୍ଚ୍ଚିତ ଫିଲ୍ମ 'ପଠାନ୍'। ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ହାଇବଜେଟ୍ ସିନେମା ପାଇଁ ମଙ୍ଗଳବାର ୪.୧୯ ଲକ୍ଷ ଅଗ୍ରିମ ଟିକେଟ ବିକ୍ରି ହୋଇଛି। ଫିଲ୍ମଟି ମୋଟ ୫, ୦୦୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବାବେଳେ ଏହାର ଫାଷ୍ଟ ଶୋ' ଟାଇମିଂ ସକାଳ ୬ରୁ ୭ଟା ମଧ୍ୟରେ ହେବ। 'ପଠାନ୍' ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଶୁଭଙ୍କର ହେବ ବୋଲି ଅନେକଙ୍କ ମତ ରହିଛି। କାରଣ ମହାମାରୀ ପରେ ଏହା ହେଉଛି ପ୍ରଥମ ହିନ୍ଦୀ ଫିଲ୍ମ, ଯାହାର ରିଲିଜ୍ ପୂର୍ବରୁ ବିପୁଳ ମାତ୍ରାରେ ଟିକେଟ ବିକ୍ରି ହୋଇସାରିଛି। ମୁକ୍ତିଲାଭ ପୂର୍ବରୁ ହିଁ 'ପଠାନ୍' ମନୋରଞ୍ଜନ ଜଗତରେ ବିରଳ ରେକର୍ଡ ସୃଷ୍ଟି କରିଛି। କୋଭିଡ୍-୧୯ କାରଣରୁ ହିନ୍ଦୀ ଫିଲ୍ମ ଜଗତ ମନ୍ଦାବସ୍ଥା ଆଡ଼କୁ ଚାଲିଯାଇଥିବାବେଳେ ଶାହରୁଖ୍‌ଙ୍କ 'ପଠାନ୍' ପାଇଁ ବଲିଉଡ୍ ବିଜ୍‌ନେସ୍ ପୁଣିଥରେ ଜମିବା ଆଶା ଉଜ୍ଜୀବିତ ହୋଇଥିବା ଟ୍ରେଡ୍ ଆନାଲିଷ୍ଟ ତରନ ଆଦର୍ଶ କହିଛନ୍ତି। ପ୍ରକାଶ ଯେ, 'ବେସରମ୍ ରଙ୍ଗ୍' ଗୀତରେ ଦୀପିକାଙ୍କ ଗୈରିକ ରଙ୍ଗର ସ୍ୱଳ୍ପ ବସ୍ତ୍ର ଓ କାମୋଦ୍ଦୀପକ ଅଙ୍ଗଭଙ୍ଗୀ ନେଇ ଫିଲ୍ମକୁ ବର୍ଜନ କରାଯାଉ ବୋଲି ବଜରଙ୍ଗ ଦଳ ସମେତ ଅନେକ ଦକ୍ଷିଣପନ୍ଥୀ ସଙ୍ଗଠନ ଦାବି କରିଥିଲେ।

### ଫାଷ୍ଟ ଡେ'ରେ ୫୦ କୋଟି କଲେକ୍ସନ୍

ପ୍ରଥମ ଦିନରେ ଫିଲ୍ମର ହିନ୍ଦୀ ସଂସ୍କରଣ ବକ୍ସ ଅଫିସରେ ୪୫ରୁ ୫୦ କୋଟି ଟଙ୍କାର କଲେକ୍ସନ କରିବ ବୋଲି ଆଇନକ୍ସ ମଲ୍ଟିପ୍ଲେକ୍ସର ମୁଖ୍ୟ ପ୍ରୋଗ୍ରାମିଂ ଅଫିସର ରାଜେନ୍ଦ୍ର ସିଂ ଜ୍ୱାଲା କହିଛନ୍ତି। ଆଡ୍‌ଭାନ୍ସ ଟିକେଟ୍ ବୁକିଂରେ 'ପଠାନ୍' ପାନ୍ ଇଣ୍ଡିଆ ଫିଲ୍ମ 'କେଜିଏଫ୍-୨'ର ରେକର୍ଡ ଭାଙ୍ଗିଛି। ମୁମ୍ବାଇ, ଦିଲ୍ଲୀ, ପୁଣେ, କୋଲକାତା ଆଇନକ୍ସରେ ସକାଳ ୭ଟା ଶୋ' ପାଇଁ ୮୦% ସିଟ୍ ବୁକ୍ ହୋଇସାରିଛି। ଦକ୍ଷିଣ ଭାରତରେ 'ପଠାନ୍'କୁ ନେଇ ଲୋକେ ଉତ୍ସାହିତ ଅଛନ୍ତି।

### ୧୦୦ ଦେଶରେ ରିଲିଜ୍

ଯଶ୍ ରାଜ୍ ଫିଲ୍ମ (ୱାଇଆର୍‌ଏଫ୍) ବ୍ୟାନରରେ ନିର୍ମିତ ଏସ୍‌ଆର୍‌କେଙ୍କ 'ପଠାନ୍' ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ମୁକ୍ତିଲାଭ କରିବ। ପୂର୍ବରୁ ୱାଇଆର୍‌ଏଫ୍ ବ୍ୟାନରେ ନିର୍ମିତ କୌଣସି ଫିଲ୍ମ ଶତାଧିକ ଦେଶରେ ରିଲିଜ୍ ହୋଇନାହିଁ। ବିଶ୍ୱର ୪ର୍ଥ ଧନୀ ସେଲିବ୍ରିଟି ଭାବେ ପରିଗଣିତ କିଙ୍ଗ୍ ଖାନ୍‌ଙ୍କ ଲୋକପ୍ରିୟତା ଖାଲି ଭାରତ ନୁହେଁ, ବିଦେଶରେ ମଧ୍ୟ କାହିଁରେ କ'ଣ। ସେ ଜଣେ ସଫଳ ଅଭିନେତା ଓ ଅନେକେ ତାଙ୍କୁ ଆଇଡଲ୍ ମାନନ୍ତି। ଲୋକପ୍ରିୟତାକୁ ଦୃଷ୍ଟିରେ ରଖି 'ପଠାନ୍' ଟିମ୍ ଏହାକୁ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ରିଲିଜ୍ କରାଇବାକୁ ନିଷ୍ପତ୍ତି ନେଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'ପଠାନ୍'ରେ ଶାହରୁଖ ଓ ଦୀପିକା ପାଦୁକୋନ୍‌ଙ୍କ ଲଭ୍ ରୋମାନ୍ସ ସାଙ୍ଗକୁ ଜନ୍ ଆବ୍ରାହମ୍‌ଙ୍କ ଦମ୍‌ଦାର ଆକ୍ସନର ମଜା ଉଠାଇପାରିବେ ଦର୍ଶକେ। ୧୪୬ ମିନିଟ୍‌ର ଏହି ଫିଲ୍ମ ନିର୍ମାଣରେ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୪ ବର୍ଷ ପରେ ଶାହରୁଖ୍ ବଡ଼ ପରଦାରେ ଦେଖାଯିବେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Office-PLAN B SOLUTIONS
Recovery & Loan Agency of Bank.
Required Freshers from all Odisha Location. (Male & Female) Tellicaller Reqd. for Cuttack Location. **Qualification**- 10th/+2, **Salary**-5000-7000 Additional incentive also.
W App Mobile Number-6370238812

APPOINTMENT
Need experience / fresh Graduate with 2-wheeler for Industrial Marketing based Bhubaneswar for Odisha.
Contact: 9861161203

See Career Appointment on every Wednesday & Saturday

REQUIRED
Fresh candidate **SALES EXECUTIVE** Male or Female person (Age between 18 to 30) with good communication skills. For Garment Shop, Near Rajmahal Square, Bhubaneswar.
Contact: 9437003463

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. eT-M-OBHS-LD-BBS-210-23
କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ଭୁବନେଶ୍ୱର ଆଧାରିତ ଟ୍ରେନଗୁଡ଼ିକରେ ଲିନେନ୍ ବିତରଣ ଏବଂ ଅନ୍-ବୋର୍ଡ ହାଉସକିପିଙ୍ଗ ସେବା ଅନ୍ତର୍ଭୁକ୍ତ କୋଚ୍ ମିତ୍ର।
ବିଜ୍ଞାପିତ ମୂଲ୍ୟ : ₹24,16,88,734.76, EMD : ₹13,58,500/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹11,800/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.01.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.02.2023 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼
PR-925/N/22-23

ପୂର୍ବ ତଟ ରେଳପଥ
ଯାତ୍ରୀ ଟିକଟ ସୁବିଧା କେନ୍ଦ୍ର ନିମନ୍ତେ ଅଧିସୂଚନା
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମସ୍ତ ଷ୍ଟେସନରେ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଟିକଟ ପ୍ରଦାନ କରିବା ପାଇଁ ଯାତ୍ରୀ ଟିକଟ ସୁବିଧା କେନ୍ଦ୍ର (YTSK)ର ବ୍ୟବସ୍ଥା।
ଚୁକ୍ତିର ଅବଧି : 03 (ତିନି) ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.02.2023ରିଖ 1500 ଘଟିକାରେ।
ଷ୍ଟେସନଗୁଡ଼ିକର ସୂଚୀ ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : https://www.eastcoastrail.indianrailways.gov.in ➲ About us ➲ Division ➲ Sambalpur Divisionରେ ଉପଲବ୍ଧ।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-930/N/22-23

# ମତଦାନ ଗୁରୁତ୍ୱପୂର୍ଣ୍ଣ ଅଧିକାର



### ଜାତୀୟ ଭୋଟର ଦିବସ

**ଅ**ଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗ ନେବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ଜାନୁୟାରୀ ୨୫କୁ 'ଜାତୀୟ ଭୋଟର ଦିବସ' ଭାବରେ ପାଳନ କରିଥାନ୍ତି। ଆୟୋଗର ମୂଳ ଦିବସ ପାଳନ ପାଇଁ ଏହା ୨୫ ଜାନୁୟାରୀ ୨୦୧୧ରୁ ଆରମ୍ଭ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ର ଏକ ବୈଠକ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଭୋଟରଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମସ୍ୟାର ଫଳପ୍ରଦ ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଦେଶର ୮.୫ ଲକ୍ଷ ମତଦାନ କେନ୍ଦ୍ରରେ ପ୍ରତିବର୍ଷ ଜାନୁୟାରୀ ୧ ତାରିଖରୁ ୧୮ ବର୍ଷ ବୟସ ହାସଲ କରିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏକ ଜୋରଦାର ଉଦ୍ୟମ କରିବାକୁ ନିଷ୍ପତ୍ତି ନେଇଥିଲେ। ଯୋଗ୍ୟ ଭୋଟରମାନଙ୍କର ଠିକ ସମୟରେ ନାମ ପଞ୍ଜୀକରଣ ସହିତ ପ୍ରତିବର୍ଷ ଜାନୁୟାରୀ ୨୫ରେ ସେମାନଙ୍କର ଇଲେକ୍ଟୋରାଲ ଫଟୋ ପରିଚୟ କାର୍ଡ (ଇପିସିଆଇ) ହସ୍ତାନ୍ତର କରାଯିବ ବୋଲି ମନମୋହନ ସିଂ ସରକାର ଘୋଷଣା କରିଥିଲେ। ନିର୍ବାଚନ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟାରେ ଉତ୍କର୍ଷତା, ଦକ୍ଷତା ଏବଂ ନବସୃଜନ ପାଇଁ ଜାତୀୟ ପୁରସ୍କାର ମଧ୍ୟ ପ୍ରଚଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ମତଦାନ ଅଧିକାର ପ୍ରତି ଭୋଟରଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

कार्यपालक अभियंता का कार्यालय
पेयजल एवं स्वच्छता प्रमंडल, राँची पश्चिम, राँची
ई-प्रोक्योरमेंट अति अल्पकालीन निविदा सूचना (द्वितीय कॉल)
जिसका **PR No. 281771 (Drinking Water and Sanitaion)** 2022-23 है।
Tender Reference No. - DWSD/RW-14/2022-23 Date - 24-01-2023

| S.No | Name of the Work | Estimate Cost (in Lac) | Ernest money (in Lac) | BOQ cost (in Rs.) |
|---|---|---|---|---|
| 1 | 2 | 6 | 7 | 8 |
| 1 | Detailed survey, designing and drawing, Construction of R.C.C. Intake Well cum Pump House 50 Mtr. Long & 3.00 Mtr. Wide Gangway 1.70 MLD capacity Unconventional Water Treatment Plant, RCC Elevated Service Reservoir 1 nos., Staff Quarter, Compound Wall, Infiltration Gallery, Supplying and Laying Raw and Clear Water rising main and Distribution Network, House Connection, 2436 Nos., Supplying and Installation of VT and Centrifugal pump motor and Five years operation & maintenance with allied works etc. all complete job for **Bokranda & Danekera and adjoining villages Rural Water Supply Scheme** under D.W. & S. Division Ranchi West Ranchi on "turnkey basis", | 1846.03 | 18.47 | 10000.00 |
| 2 | कार्य पूर्ण करने की अवधि | 18 Months + 3 months (trial and run) | | |
| 3 | वेबसाइट पर निविदा प्रकाशन की तिथि एवं समय | 25-01-2023 at 05:00 P.M | | |
| 4 | बीड प्राप्ति के लिए अन्तिम तिथि/समय | 31-01-2023 up to 03:00 P.M | | |
| 5 | निविदा की हार्ड कॉपी जमा करने की तिथि/समय/स्थान | 01-02-2023 up to 03:00 P.M कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची / अधीक्षण अभियंता, पेयजल एवं स्वच्छता, राँची अंचल, राँची/क्षेत्रीय मुख्य अभियंता, पेयजल एवं स्वच्छता विभाग, राँची प्रक्षेत्र, राँची। | | |
| 6 | बीड खोलने की तिथि/समय | 01-02-2023 up to 05:00 P.M | | |
| 7 | निविदा प्रकाषित करने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची। | | |
| 8 | ई-प्रोक्योरमेंट सेल का हेल्पलाईन संख्या | 0651-2491247 | | |

- किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
- निविदा में प्राक्कलित राशि घट-बढ़ सकती है, तत्पश्चात अग्रधन की राशि मान्य होगा।

कार्यपालक अभियंता
पेयजल एवं स्वच्छता प्रमंडल, राँची पश्चिम, राँची
PR 288270 Drinking Water and Sanitation (22-23)_D

Government of Odisha
Department of Agriculture & Farmers' Empowerment
AUCTION SALE NOTICE
**No.L-125:** The auction of the Ambassador vehicle bearing Registration No. OR-02AE-5678 of the Department of Agriculture & Farmers' Empowerment published vide Auction Notice No. 24113 dt. 17.11.2022 has been cancelled due to insufficient eligible bidders. Hence, sealed tender in plain papers/pad are once again invited by the undersigned for auction to the said Ambassador vehicle bearing Registration No. OR-02AE-5678 in the upset price Rs 15,000/-. The vehicle is available for inspection in the Secretariat premises of Krushi Bhawan, Gopabandhu Marg, Bhubaneswar in any working days between 11.00 A.M. to 4.00 P.M. before the last date of tender. The tender/bid should reach the undersigned by 12.00 PM of 03.02.2023 at the latest and tenders received shall be opened before the Additional Secretary to Government, Department of Agriculture and Farmers' Empowerment, in charge of O.E.-II Section at 4.00 P.M. on 03.02.2023 in the presence of tenderers or their authorized representative.
The detailed terms & conditions is available in the Department Notice No.1718, dt.21.1.2023, which is available in the Department website http://agri.odisha.gov.in.
**Sd./- Under Secretary to Government**
OIPR-01425/11/0024/2223

# ଆଇସିସି ଟେଷ୍ଟ ଟିମ୍‌ରେ କେବଳ ପନ୍ତ

ଦୁବାଇ, ୨୪।୧(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ୨୦୨୨ ବର୍ଷର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏକ ଟେଷ୍ଟ ଦଳ ମନୋନୀତ କରାଯାଇଛି। ଏଥିରେ ଭାରତର ଜଣେ ମାତ୍ର ଖେଳାଳି ଉଇକେଟକିପର-ବ୍ୟାଟର ରିଷଭ ପନ୍ତ ସ୍ଥାନ ପାଇଛନ୍ତି। ୨୫ବର୍ଷୀୟ ପନ୍ତ ଗତ ବର୍ଷ ୧୨ଟି ଇନିଂସରେ ୬୧.୮୧ ଆଭରେଜରେ ମୋଟ ୬୮୦ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୯୦.୯୦ ରହିଥିଲା। ଗତବର୍ଷ ସେ ଦୁଇ ଶତକ ଏବଂ ୪ ଅର୍ଦ୍ଧଶତକ କରିଛନ୍ତି। ୨୦୨୨ରେ ଟେଷ୍ଟରେ ସେ ୨୧ ଛକା ମାରିଥିବା ବେଳେ ଉଇକେଟ କିପିଂରେ ୬ ଷ୍ଟମ୍ପିଂ ଓ ୨୩ଟି କ୍ୟାଚ ନେଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଟେଷ୍ଟ ଏକାଦଶର ଅଧିନାୟକ କରାଯାଇଛି। ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଟେଷ୍ଟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରୁଛି। ତାଙ୍କ ସାଥୀ ଖେଳାଳି ଜନି ବେୟାରଷ୍ଟୋ ଏବଂ ଜେମ୍ସ ଆଣ୍ଡରସନଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଆଇସିସି ଟେଷ୍ଟ ଏକାଦଶ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ସମେତ ୪ ଖେଳାଳି ସ୍ଥାନ ପାଇଛନ୍ତି। କୁମିନ୍ସ, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଓ ଆଣ୍ଡରସନଙ୍କୁ ଦଳର ପେସ୍ କମ୍ବିନେଶନ ତିଆରି କରାଯାଇଛି। ଅନ୍ୟ ଖେଳାଳି ଭାବେ ପାକିସ୍ତାନ ଅଧିନାୟକ ବାବର ଆଜମ ଓ ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍ ଦଳରେ ସ୍ଥାନ ପାଇଛନ୍ତି।

**ଆଇସିସି ଟେଷ୍ଟ ଟିମ୍ (୨୦୨୨):** ବେନ୍ ଷ୍ଟୋକ୍ସ (ଅଧିନାୟକ), କ୍ରେଗ୍ ବ୍ରାଥୱେଟ୍, ମାର୍ନସ ଲାବୁସେନ୍, ବାବର ଆଜମ, ଜନି ବେୟାରଷ୍ଟୋ, ରିଷଭ ପନ୍ତ (ଉଇକେଟକିପର), ପ୍ୟାଟ କୁମିନ୍ସ, କାଗିସୋ ରାବାଡା, ନାଥାନ ଲିଅନ୍ ଓ ଜେମ୍ସ ଆଣ୍ଡରସନ।

# ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ୍, ସିଏନ୍‌ଆର୍ ଦାଖଲ ନିର୍ଦ୍ଦେଶ

## ଯୁକ୍ତ୨ ପରୀକ୍ଷା

■ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଚିଠି ଲେଖିଲେ ପରୀକ୍ଷା ନିୟନ୍ତ୍ରକ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

୨୦୨୩ ମସିହାର ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଫେବୃୟାରୀ ୧ ତାରିଖରୁ ଆରମ୍ଭ ହେବ। ସେହିପରି ଥିଓରୀ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ କାର୍ଡ ଡାଉନଲୋଡ କରିବା ସହ ସିଏନ୍‌ଆର୍ (କାଉନସିଲ ନୋମିନାଲ ରୋଲ) ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକ ଫର୍ମାଟରେ ପ୍ରସ୍ତୁତ କରି ଫେବୃୟାରୀ ୮ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ପରୀକ୍ଷା ନିୟନ୍ତ୍ରକ ଡ. ଅଶୋକ କୁମାର ନାୟକ ମଙ୍ଗଳବାର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷକମାନଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଏଥର କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୩ ଲକ୍ଷ ୫୮ହଜାର ୪୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୧୫୯୦ ଜୁନିୟର କଲେଜ ମଧ୍ୟରୁ ୧୧୪୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିଅର କଲେଜକୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯିବ। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲାଗି ପ୍ରଶ୍ନପତ୍ର ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୨ଟି ହବ୍ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହି ହବ୍ କେନ୍ଦ୍ରରେ ପ୍ରଶ୍ନପତ୍ର, ଉତ୍ତରଖାତା ଆଦି ରଖାଯିବ। ସମସ୍ତ କଲେଜରେ ପ୍ରାକ୍ଟିକାଲ କରାଯିବ। ସବୁ ପ୍ରାକ୍ଟିକାଲ ରୁମ୍‌ରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବା ପରେ ଫେବୃୟାରୀ ୧୭ତାରିଖ ସୁଦ୍ଧା ଉତ୍ତର ଖାତା ଏବଂ ମାର୍କ ସିଏଚ୍‌ଏସ୍‌ଇରେ କଲେଜ କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### କନଷ୍ଟେବଲ ...

କୋହଳ କରାଯାଇଥିବା ସମ୍ପର୍କରେ ଏକ ସଂଶୋଧନ ବିଜ୍ଞପ୍ତି ପ୍ରକାଶ କରିବାକୁ ଅଦାଲତ କହିଛନ୍ତି। ଆବେଦନର ଶେଷ ତାରିଖକୁ ଫେବୃୟାରୀ ୧୦କୁ ବୃଦ୍ଧି କରାଯାଇଛି। ହାଇକୋର୍ଟଙ୍କ ଏହି ରାୟ ପରେ ଆଶାୟୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆମକୁ କୋର୍ଟରୁ ଉଚିତ ନ୍ୟାୟ ମିଳିଛି ବୋଲି ଜଣେ କନଷ୍ଟେବଳ ଆଶାୟୀ କହିଛନ୍ତି।

### ଫେବୃୟାରୀ ୧୫ରୁ ...

ଆକାର ଦେଖାଯାଉ ନାହିଁ। ଗତ ନଭେମ୍ବରରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଟୋପାଏ ବର୍ଷା ନାହିଁ। ବର୍ଷା ନ ଥିବାରୁ ଚଳିତ ବର୍ଷ ତାତି ଫେବୃୟାରୀରୁ ୩/୪ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୩୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ସର୍ବନିମ୍ନ ୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଷ୍କ ରହିବା ସହିତ ରାତ୍ରିରେ ହାଲୁକା ଶୀତ ଅନୁଭୂତ ହେବ।

# ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା | ଓସ୍‌ଡମାକୁ ମିଳିବ ଜାତୀୟ ପୁରସ୍କାର

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ବିଭିନ୍ନ ସମୟରେ ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଓଡ଼ିଶା ସମ୍ମୁଖୀନ ହେଉଛି। ୧୯୯୯ ମହାବାତ୍ୟା ରାଜ୍ୟ ପାଇଁ ଏକ ଅଭୁଲା ସ୍ମୃତି ଛାଡ଼ିଦେଇ ଯାଇଛି। ସେଥିରୁ ଶିକ୍ଷା ଗ୍ରହଣ କରି ରାଜ୍ୟ ସରକାର ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ବିପର୍ଯ୍ୟୟ ମୁକାବିଲା ବିଷୟକୁ ସାମିଲ କରାଯାଇଛି। ପିଲାମାନେ ଛାତ୍ର ଜୀବନରୁ ବିପର୍ଯ୍ୟୟକୁ କିପରି ସମ୍ମୁଖୀନ ହେବାକୁ ପଡ଼ିବ ଓ ସେଥିରୁ ନିଜକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଶିକ୍ଷାଗ୍ରହଣ କରିବେ। ଏଥିସହିତ ଅଙ୍ଗନୱାଡ଼ି କର୍ମୀ, ପୋଲିସ କନ୍‌ଷ୍ଟେବଲ, ଫରେଷ୍ଟର, ମିଶନ ଶକ୍ତିର ସଦସ୍ୟମାନଙ୍କୁ ଏବେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ତାଲିମ ଦିଆଯିବ ବୋଲି ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତ । ସେ କହିଛନ୍ତି ଯେ ଓଡ଼ିଶା ଫାୟାର ସର୍ଭିସ୍‌କୁ ଅତ୍ୟାବଶ୍ୟକ ଜ୍ଞାନକୌଶଳରେ ସଜ୍ଜିତ କରାଯାଇ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଓ ସରଞ୍ଜାମ ଯୋଗାଇ ଦିଆଯିବ। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)କୁ ଜାତୀୟ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ପାଇଁ ଚୟନ କରାଯାଇଛି । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ମସିହା ପାଇଁ ଓସ୍‌ଡମାକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କର୍ଷ ପାଇଁ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ଆମକୁ ଅଧିକ ଦାୟିତ୍ୱବାନ କରିଛି। ଆଗାମୀ ଦିନରେ ଏ କ୍ଷେତ୍ରରେ ଆଗକୁ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି।

୧୯୯୯ ମହାବାତ୍ୟା ପରଠାରୁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ଗତ ବାତ୍ୟାଗୁଡ଼ିକରେ କ୍ଷୟକ୍ଷତି ହ୍ରାସପାଇଛି। ମୁଖ୍ୟମନ୍ତ୍ରୀଙ୍କ ଉକ୍ତି ହେଉଛି 'ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ'। ଏହା ହିଁ ହେଉଛି ଓସ୍‌ଡମାର ଦର୍ଶନ। ଏହାକୁ ପାଥେୟ କରି ଓସ୍‌ଡମା କାର୍ଯ୍ୟକରି ଚାଲିଛି । ସରକାରଙ୍କ ଦକ୍ଷ ନୀତି ଯୋଗୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମଡେଲ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଜାତିସଂଘ ଦ୍ୱାରା ମଧ୍ୟ ଓଡ଼ିଶା ପ୍ରଶଂସିତ ହୋଇଛି। ଧନଜୀବନ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଅତ୍ୟାଧୁନିକ ଓ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ସହ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠୀ ସହଭାଗିତା ବୃଦ୍ଧିକୁ ସରକାର ଗୁରୁତ୍ୱଦେଇ ଆସୁଛନ୍ତି। ଅନ୍ୟପକ୍ଷରେ ବଜ୍ରପାତ, ଅଗ୍ନିକାଣ୍ଡ, ସାପ କାମୁଡ଼ା ଯୋଗୁ ଅନେକ ଜୀବନହାନି ହେଉଛି। ସରକାର ଏବେ ଏ ଦିଗରେ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ବର୍ଷଗୁଡ଼ିକରେ ଏହାର ସୁଫଳ ମିଳିବ । ପାଣିରେ ବୁଡ଼ି ମୃତ୍ୟୁ ମଧ୍ୟ ଏକ ଚିନ୍ତାଜନକ ବିଷୟ । ଏ କ୍ଷେତ୍ରରେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଛି । ଏବେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନାକୁ ସାମିଲ କରାଯାଇଛି। ଏଣିକି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଶିକ୍ଷା ଦିଆଯିବ। ଫଳରେ ଆପଦକାଳୀନ ପରିସ୍ଥିତିର ସମ୍ମୁଖୀନ ହେବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଏସ୍‌ଆରସି କହିଛନ୍ତି। ଏହି ଅବସରରେ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସ, ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
P.O.- NUAGAM (ASKA)- 761111, GANJAM DISTRICT, ODISHA
Phones: 06822-273464, email.askasugar@yahoo.co.in,
website: askasugar.com

**EXTENSION OF TENDER CALL NOTICE**
Letter No. Mktg./1864 Date:24.01.2023

The Aska Cooperative Sugar Industries Ltd., At: Nuagam (Aska) in Ganjam District of Odisha State intends to sale of molasess. Please visit our website: askasugar.com for detailed Extension of Tender Call Notice No. Mktg. 1768 Date: 13.01.2023, the last date for submission of tender till 3.00 P.M. on 01.02.2023.

Sd./- Secretary

**OFFICE OF THE PANCHAYAT SAMITI KHAIRA, BALASOE**
e-Mail: ori-khaira@nic.in
Notice No. 173/ Dt.24.1.23

The Panchayat Samiti, Khaira, invites sealed Quotation/s separately for each categories of items from intending reputed Suppliers / Authorized Dealers / Registered Entities having valid GST registration and PAN / TIN, for supply of supply / installation of RO (120 Lph) / Computers (HP/ Dell/ Sanitary ware as per description & specification to be used in 19 Nos. of High Schools of Khaira Block, Taken up for transformation under 5T (3rd Phase) initiative of Govt. of Odisha. For details of specification, terms and condition and last date of submission of quotation along with original quotation form vide No. 161/Dt.24.1.2023, No. 165/ Dt.24.1.2023 and No.169 dt. 24.1.2023, kindly visit the website: http// www.baleswar.nic.in.

Sd./- Block Development Officer, Khaira

**GOVERNMENT OF ODISHA** No. O-1687
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
Email: sencrwangul@yahoo.co.in, Ph.: 06764-236404
**e-Procurement NOTICE for Bridge Works in Odisha**
**Bid Identification No. Bridge Online AGL - 17/2022-23**
No. 121 Dt.21.01.2023

1. Name of the work : Bridge Works
2. Total No. of Work : 03 Nos.
3. Estimated Cost : Rs.135.83 to Rs.334.20 Lakhs
4. Class of Contractor : 'B' & 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-17/2022-23 | 04.02.2023 at 10.00 A.M. | 20.02.2023 upto 5.00 P.M. | 15.02.2023 upto 1.00 P.M. | 21.02.2023 upto 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.
OIPR-25180/11/0025/2223 Sd./- D. Padhi, Chief Construction Engineer, Rural Works Circle, Angul

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର No.O-1697:
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(E-mail:-serwbpr2004@yahoo.com, Tel/Fax:0680-2404287)
At-Ambapua, PO:Engineering School,Near Income Tax Office, Berhampur-760011
**NATIONAL COMPETITIVE BIDDING THROUGH e-PROCUREMENT**
Bid Identification No.Online Tender/70-2022-23/BPR

| Identification No. | Name of Work | No.of Works | Approx. Estimated Cost (in lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 70-2022-23/BPR | Road works including 05 years Post Construction maintenance under CMRL for the year 2022-23 | 06 Nos. | From Rs.189.76 lakhs to Rs.381.08 lakhs | "B" Class & "A" Class as applicable | 06 (Six) & 09 (Nine) Calendar Months as provided |

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/70-2022-23/BPR | 30.01.2023 at 10.00 A.M. | 14.02.2023 upto 3.00 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in.

Sd./- Chief Construction Engineer, R.W.Circle, Berhampur
OIPR-25071/11/0113/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR**
E-mail Id: serwcirclesbp@yahoo.com
**Bid Identification No. Bridge Tender Online RWCSBP - 25/2022-23 | No. 177 Dated: 21.01.2023**

No. O-1689: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 04 (Four) Nos. of Bridge work under Biju Setu Yojana for the year 2022-23.

1. Name of work : Bridge work under BSY for the year 2022-23.
2. No. of work : 04 (Four) Nos. of Bridge work Details as per DTCN
3. Estimated Cost : Approximately cost Rs.288.18 lakhs to 717.49 lakhs
4. Class of Contractor : 'B', 'A' & 'Special' Class
5. Cost of Tender paper and mode of deposit : Rs.10,000/- per set (to be deposited Online) in favour of concerned Executive Engineer
6. Mode of submission of tender : Tender should be submitted only Online in website: **www.tendersorissa.gov.in (https//tendersodisha.gov.in)**
7. EMD and mode of deposit : 1% of estimated cost of the work to be remitted online as mentioned in the DTCN
8. Summary of key dates are provided below:

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online RWCSBP - 24/2022-23 | 30.01.2023 at 11.00 A.M. | 14.02.2023 upto 5.00 P.M. | 10.02.2023 upto 5.00 P.M. | 15.02.2023 at 11.00 A.M. | To be intimated later |

- Further details can be seen from the e-procurement portal **www.tendersorissa.gov.in**. **(https//tendersodisha.gov.in)**.
- Subsequent modification/corrigendum/addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

OIPR-25091/11/0034/2223 Sd./- Chief Construction Engineer, Rural Works Circle, Sambalpur

**ଭାରତ ସରକାର**
**ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
୫ମ ମହଲା, ବି ୱିଙ୍ଗ୍, ପଣ୍ଡିତ ଦୀନଦୟାଲ, ଅନ୍ତ୍ୟୋଦୟ ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

**ଅଧ୍ୟକ୍ଷ, ନ୍ୟାସନାଲ ଟ୍ରଷ୍ଟ, ନୂଆଦିଲ୍ଲୀଙ୍କ ନିଯୁକ୍ତି**

ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ, ଭାରତ ସରକାର, ନୂଆଦିଲ୍ଲୀଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଅଧ୍ୟକ୍ଷ, ନ୍ୟାସନାଲ ଟ୍ରଷ୍ଟ, ନୂଆଦିଲ୍ଲୀ ପଦବୀରେ ନିଯୁକ୍ତି ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି ।
୨. ସବିଶେଷ ବିଜ୍ଞାପନ ବିଭାଗର ୱେବ୍‌ସାଇଟ୍ www.disabilityaffairs.gov.inରେ ଉପଲବ୍ଧ । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନେ ନିର୍ଦ୍ଧାରିତ ପ୍ରୋଫର୍ମାରେ, ସପକ୍ଷ ଦସ୍ତାବିଜ ସହିତ ଆବେଦନ କରିପାରିବେ । ଦରଖାସ୍ତ ଫର୍ମ ୱେବ୍‌ସାଇଟ୍: www.disabilityaffairs.gov.in (ହୋମ୍ ପେଜ୍: ପବ୍ଲିକେଶନ - ଡାଉନ୍‌ଲୋଡ୍ ଫର୍ମ)ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ବିଜ୍ଞାପନ ପ୍ରକାଶିତ ହେବା ତାରିଖଠାରୁ ୩୦ ଦିନ ।
CBC 38117/11/0052/2223

**OFFICE OF THE EXECUTIVE ENGINEER LIFT IRRIGATION DIVISION, DHENKANAL**
**e-TENDER NOTICE**
(E-mail:- eeolicdkl55@yahoo.in)
Bid Identification No. EE DKL (OLIC) 02/2022-23 / 24.01.2023
**No.CAD-4619:**Installation and Energisation of Revival of 03 Nos. CLIP under State Plan Projects in Dhenkanal & Parjang Block of Dhenkanal District.

1. Execution of project works at Dhenkanal & Parjang Blocks under Dhenkanal District.
2. Cost of Projects - 10.77 lakhs to 13.60 lakhs
3. Class of Contractors - Valid Civil 'D' to 'C' Class with HT Licence.
4. Availability of Bid in portal - 27.01.23 to 07.02.23 up to 5.30 P.M.
5. Bid Conference - On 31.01.23 during office hour in the Office of Executive Engineer.
6. Bid Opening - 08.02.23 at 11 A.M (Technical), Financial and Bid opening/Cover-II to be declared after technical evaluation.

**Mandatory Instruction :-**
**The bidders are requested to go through the DTCN including points below No. 01 & before bidding in portal or else the bidders must not have any claim on rejection.**
1. The bidders who have awarded the works vide this office Tender Call Notice all previous but not started or not completed are debarred to participate in the Bid.
2. Completion report of the works under all previous T.C. must be certified by the concern J.E. & A.E.E. which will be scanned in the portal failing which the bidding will be out rightly rejected.

Sd./- Er. P.K. Jena
Executive Engineer, L.I. Divn., Dhenkanal
OIPR-32141/11/0004/2223

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
Email: sdaorissa@nic.in/eic-epcei@nic.in

**Engagement of Consultant on Temporary Basis in Engergy Conservation Wing of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar Office**

No. AA-29: Engineer-in-Chief cum Principal Chief Electrical Inspector under the Department of Energy, Govt. of Odisha as the State Designated Agency (SDA), Odisha for Energy Conservation activities invites applications from eligible candidates for engagement as consultant in Energy Conservation wing of the undersigned. One number consultant is required for management of State Energy Conservation Fund. The last date of receipt of completed applications is 13.02.2023.
For further details and to download the application forms, please visit the website: **eicelectricityodisha.nic.in, Email-: sdaorissa@nic.in**.
The authority reserves the right to accept / reject any application without assigning any reason thereof.

Sd./- EIC(E)-cum-PCEI & SDA (Odisha)
OIPR-04068/11/0012/2223

**DISTRICT PROJECT OFFICE SAMAGRA SHIKSHA, DHENKANAL**
Phone & Fax:06762-223175/227082
Email: dpcdhenkssa@opepa.nic.in
No.150/dtd.24.1.23

**NOTICE INVITING TENDER (NIT)**

Sealed tenders are invited from the reputed & credible printers/ firms/ agencies for printing & supply of "Question cum Answer Sheets. Answer Key & Oral Questions" for SA-II 2022-23 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of Receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2022-23 | Rs.2000/- (Two thousand only) | Rs.35000/- (Thirty Five Thousand only) | Dt.14.02.2023 by 5.30 P.M. | 15.02.2023 at 11.30 AM in the Office Chamber of Additional District Magistrate, Dhenkanal |

The detailed Bid document is available in the website www.dhenkanal.nic.in., www.osepa.odisha.gov.in. Interested and eligible agency/ firm may download BID DOCUMENT from the above website and apply accordingly. Corrigendum/ addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman
Sd./- DEO-cum-DPC
Samagra Shiksha, Dhenkanal

**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK - 753001
**NOTICE**
No. 855/PSC Dt.24.01.2023
(DR-IV) (2PH-02-2022-23)

No. D-298: The Commission have conducted written examination for recruitment to the Post of **Assistant Director (Law),** pursuant to Advertisement No. 22 of 2021-22 on 24.09.2022 & 25.09.2022. On the basis of the said examination, **268 Nos.** of candidates have provisionally qualified to appear for the Skill Test Scheduled to be held on **05.02.2023 (Sunday)**. As decided by the Commission the qualifying marks for the Skill Test is **30%**. The list of Roll Numbers of provisionally qualified candidates is available at the website of the Commission i.e. **www.opsc.gov.in**.
It is also made clear that the candidature of such candidates for the above recruitment is **purely provisional** and is liable for rejection in the event of inadequacy/deficiency found at any stage before or after the Skill Test and it is subject to fulfilment of terms & conditions as laid down in the Advertisement.
2. The detailed programme for conduct of Skill Test will be notified shortly. The candidates are advised to visit the website of the Commission at **www.opsc.gov.in** regularly to keep track of publication of various notices to this effect.

OIPR-12002/11/0261/2223 Sd./- Secretary

Annexure - 1
**CORRIGENDUM # 1**

No. i-353: Refer the advt. on RFP for "Selection of Agency for Tentage & Allied Works for Palishree Mela - 'SANGAM' - 2023". A Corrigendum Notice is issued by Panchayat Samiti, Jajpur vide Letter No. Dt.24.01.2023. The RFP submission date has been extended from 25.01.2023 to 31.01.2023 (17.30 hrs.) along with additional changes in the bidding criteria. For more details of the Corrigendum visit the district web portal i.e. **www.jajpur.nic.in**.

Sd./- Block Development Officer, Jajpur
OIPR-19196/11/0008/2223

**DISTRICT PROJECT OFFICE SAMAGRA SHIKSHA, BALANGIR**
At: College Chowk, P.O.: Dist: Balangir - 767001
Email ID: dpcbolangirssa.opepa@nic.in

**NOTIFICATION**
No. II/PTI-01/2022/189 Dt.21.01.2023

No. n-95: The applicants, who have applied for the Post of Part Time Instructors in Art Education pursuant to this Office Advertisement No. 2057 dated 25.08.2022 are hereby informed that the Draft Provisional Merit List **(Annexure - A)**, Provisional List of Ineligible Candidates **(Annexure - B)** and List of Applicants whose applications received after due date **(Annexure - C)** are hereby published and available in the District Official Website **"www.balangir.nic.in"** and OSEPA Website: **"www.osepa.odisha.gov.in"** for inviting objection/suggestion, if any, on or before **10.02.2023**. Hence, the candidates are hereby requested to go through the list and if any omission/commission noticed in the list, they may submit in writing through **Speed Post or Registered Post** only with supporting documents in support of his/her claim on or before **10.02.2023**. The envelope containing objection/suggestion along with supporting documents must be super-scribed with **"OBJECTION/SUGGESTION FOR THE POST OF PART TIME INSTRUCTOR IN ART EDUCATION"**. The objection/suggestion recevied after 10.02.2023 shall not be considered.

By Order of the
Collector-cum-C.E.O.
Zilla Parishad, Balangir
**Sd./- District Education Officer & D.P.C.**
OIPR-27071/11/0005/2223 **Samagra Shiksha, Balangir**

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No.A 8/2, Bhoinagar, Bhubaneswar,Odisha,PIN-751022
E-mail:cemlpwr.od@gmail.com
Government of Odisha "e" Procurement Notice
Bid Identification No.12ML/2022-23

**No.A-1059:**The Chief Engineer, Mega lift on behalf of the Governor of Odisha invites online tender through "E" procurement for the works as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Third Party Inspection Agency (TPIA) for implementation of Mega Lift Projects in Cluster No.XIX |
| Cost of Tender Paper | Rs.10,000/-+GST 18% (Non-refundable) |
| EMD/Bid Security | Rs.2,52,044/- |
| Mode of payment of tender paper Cost & EMD | Online |
| Period of Completion | 36 (Thirty Six)Calendar Months |
| Availability of Bid document for sale and receipt through online | From dt.25.01.2023, 10.00 A.M. to dt. 23.02.2023 upto 5.00 P.M. |
| Last date/time of receipt of bid in the portal | 23.02.2023 (5.00 PM) |
| Date of Pre-bid Conference | 06.02.2023, 11.00 A.M. |
| Date of Opening of Techno-Commercial bid through online | On dt.24.02.2023 at 11.00 A.M. in the Office of the Chief Engineer, Mega lift |
| Class of Contractor | The bidder should be registered under the Companies Act, 1956 |
| Digital Signature Certificate of Bidder | The Bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR website https:/dowrodisha.gov.in. | |
| Name & Address of the OIT | Chief Engineer, Mega lift Plot No.A-8/2, Bhoi Nagar, Bhubaneswar-751022, Ph.No.-0674-2567252, Email ID: cemlpwr.od@gmail.com |
| Further details can be seen from the e-procurement market place. https://tendersodisha.gov.in. | |

OIPR-32301/11/0021/2223 **Sd./-Chief Engineer, Mega lift Bhubaneswar**

**ଭାରତ ଯୋଡ଼ୋ ଯାତ୍ରାକୁ ସଇଁତଲାରେ ସମ୍ବର୍ଦ୍ଧନା**

ସଇଁତଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ସ୍ୱାଧିନ ପଡ଼ାଠାରେ ଭାରତ ଯୋଡ଼ୋ ଯାତ୍ରା ପହଞ୍ଚିବାପରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ଯୁବ କଂଗ୍ରେସ ସଭାପତି ରାଜା ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ସତ୍ୟନାରାୟଣ ପଣ୍ଡା, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ ପ୍ରମୁଖ ପଦଯାତ୍ରାରେ ନବୀନ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ଏହି ଯାତ୍ରା ବେଲଗାଁ ଅଭିମୁଖେ ବାହାରି ଯାଇଥିଲା ।

## ସଂକ୍ଷେପରେ

### ଭାଜପାର ଦାବିପତ୍ର

**ଲୋଇସିଂହା,୨୪।୧(ଡି.ଏନ.ଏ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦେବା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଏକ ସ୍ମାରକପତ୍ର ଲୋଇସିଂହା ଓ ଆଗଲପୁର ବିଡିଓଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି । ଲୋଇସିଂହା ଭାଜପା ମଣ୍ଡଳ ସଭାପତି ସରୋଜ ସାହୁ ଓ ଡୁଡୁକା ମଣ୍ଡଳର ପିତାମ୍ବର କଣ୍ଟାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଦାବିପତ୍ର ଦେଇଥିଲେ । ୨୦୧୮ରେ ରାଜ୍ୟ ସରକାର ଯେଉଁ ତାଲିକା ପ୍ରସ୍ତୁତ କରିଥିଲେ ତାହା ତ୍ରୁଟିପୂର୍ଣ୍ଣଥିଲା । ସେତେବେଳେ ଭାଜପା ଏହାକୁ ବିରୋଧ କରିଥିଲା । ତାଲିକାକୁ ଠିକ କରିବା ପାଇଁ ଦଳ ପକ୍ଷରୁ ୩ ବର୍ଷ ହେଲା ଆନ୍ଦୋଳନ ଚାଲିଛି । କେନ୍ଦ୍ର ସରକାର ପର୍ଯ୍ୟାୟକ୍ରମେ ରାଜ୍ୟ ମାଗିଥିବା ଘର ଯୋଗାଇଛନ୍ତି। ହେଲେ ଏବେ ୩ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକା ଭୁକ୍ତ କରାଯାଇଛି । ଭାଜପା ଏହାର ପ୍ରତିବାଦ କରି ଯୋଗ୍ୟ ହିତାଧିକାରୀ ଚୟନ ଦାବି କରୁଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

### ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ଲାଞ୍ଜିଗଡ,୨୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁରଠାରେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ବିଜେପୁର ସିଆରପିଏଫ ୪ର୍ଥ ବାଟାଲିୟନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫ ବାଟାଲିୟାନ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଉମାକାନ୍ତ ବି. ଗିରାଡ଼କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରପିଏଫ ଦ୍ୱିତୀୟ କମନ ଅଧିକାରୀ ଜୟ କୁମାର ରାଉତ ଯୋଗଦେଇ ଅଞ୍ଚଳବାସୀଙ୍କ ଦୁଃଖଶୁଖରେ ସାଥୀହୋଇ ତାଙ୍କର ସୁରକ୍ଷା ଦିଗରେ ସର୍ବଦା ସହଯୋଗର ହାତ ବଢ଼ାଇବା ପାଇଁ ଯବାନମାନେ ସବୁବେଳେ ତତ୍ପର ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସିଆରପିଏଫ ୪ର୍ଥ ବାଟାଲିୟନ ଏସଏମଓ ଚନ୍ଦ୍ର ଶେଖର ପଟେଲ, ବିଜେପୁର ଥାନା ଅଧିକାରୀ ଲିଙ୍ଗରାଜ ସେଠୀ, ବିଜେପୁର ସରପଞ୍ଚ ଜନନୀ ମାଝି, ନାଏବ ସରପଞ୍ଚ ଇନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଜେପୁର ବିଭିନ୍ନ ଗ୍ରାମର ୭୫ ଜଣ ଗରିବ ମହିଳା ଓ ପୁରୁଷଙ୍କୁ ସୋଲାର ଦୀପ ପ୍ରଦାନ କରାଯାଇଥିଲା। ସେହିପରି ବ୍ଲକର ତ୍ରିଲୋଚନପୁର ପଞ୍ଚାୟତ ସିଆରପିଏଫ କ୍ୟାମ୍ପ ପରିସରରେ ମଧ ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ତ୍ରିଲୋଚନପୁର ସିଆରପିଏଫ ୪ର୍ଥ ବାଟେଲିୟାନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରବୀଣ କୁମାର ନେଲବାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ ରମେଶ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମ୍ମାନିତ ଅତିଥି ଭାବେ ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝି, ବିଜେପୁର ଥାନା ଅଧିକାରୀ ଲିଙ୍ଗରାଜ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ପଞ୍ଚାୟତର ୧୩ଟି ଗ୍ରାମର ୧୫୪ ଜଣ ଗରିବ ପୁରୁଷ ଓ ମହିଳାଙ୍କୁ ଛତା ବଣ୍ଟନ କରାଯାଇଥିଲା। ଏହି ଶିବିରରେ ତ୍ରିଲୋଚନପୁର ସିଆରପିଏଫ ୪ର୍ଥ ବାଟାଲିୟନ ଯବାନମାନେ ସହଯୋଗ କରିଥିଲେ।

# ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ଲୋଇସିଂହା,୨୪।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ଉଷାଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଏହାର ପ୍ରତିବାଦରେ ମଙ୍ଗଳବାର ସ୍କୁଲଗେଟ ଆଗରେ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଧାରଣା ଦେଇଥିଲେ। ଖବର ପାଇ ଏବିଓ ରଜନୀକାନ୍ତ ପଟେଲ, ଦୁତିଆ ବରିହା, ସିଆରସିସି ବାବୁଲାଲ ସାହୁ ସ୍କୁଲରେ ପହଞ୍ଚିଥିଲେ । ପ୍ରଧାନ ଶିକ୍ଷକ ଦେବରାଜ ବାରିକ, ପରିଚାଳନା କମିଟି ସଭାପତି



ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଛି।

ସୁଶୀଲ କୁମାର ଭୋଇ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ ଫେବୃୟାରୀ ସୁଦ୍ଧା ଆଉ ଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି।

**ଶିକ୍ଷକ ନିଯୁକ୍ତି ଦାବି**

ପ୍ରଥମରୁ ପଞ୍ଚମ ୧୪୦ ଛାତ୍ରୀଛତ୍ର ଓ ଷଷ୍ଠରୁ ଅଷ୍ଟମ ଯାଏ ୧୦୨ ଛାତ୍ରୀଛାତ୍ର ଅଛନ୍ତି। ବିଦ୍ୟାଳୟରେ ୨୪୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେସେହି ତୁଳନାରେ ଶିକ୍ଷକ ଅଭାବ ରହିଛି। ବିଦ୍ୟାଳୟରେ ଜଣେ କ୍ରୀଡା ଶିକ୍ଷକ ସହ ୮ ଜଣ ଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ଥିଲେ। ହେଲେ ୨୦୧୯ ମସିହାରୁ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁଙ୍କୁ ଖଲିଆପାଲି ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ଏବେ ଜଣେ କ୍ରୀଡା ଶିକ୍ଷକ ସମେତ ୭ ଜଣ ଶିକ୍ଷାଦାନ ପାଇଁ ଅଛନ୍ତି। ୬ ଜଣ ଶିକ୍ଷକରେ ୮ ଟି ଶ୍ରେଣୀ ପିଲାଙ୍କୁ ପଢାଇବା ପାଇଁ ସମସ୍ୟା ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆନନ୍ଦରାମ



@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ଶିଶୁକନ୍ୟା ଦିବସରେ ସଚେତନତା ରାଲି




ଆୟୋଜିତ ସଚେତନତା ସଚେତନତା ରାଲି।

**କୋକସରା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଜବାହାର ଉଚ୍ଚ ବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ ସ୍କୁଲ ଛାତ୍ରୀ, ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ ସମିତି ସଭ୍ୟ ସଭ୍ୟା, ଅଙ୍ଗନୱାଡି କର୍ମୀ ଆଶା କର୍ମୀ, ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ମହିଳା କର୍ମଚାରୀ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସ୍ଥାନୀୟ ପୋଲିସ, ବ୍ଲକ କର୍ମଚାରୀଙ୍କୁ ନେଇ ସଚେତନତା ରାଲି କରାଯାଇଛି। ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ନେଇ ଶିଶୁକନ୍ୟାକୁ ପୋଷଣ ରୋକିବା ଭ୍ରୁଣହତ୍ୟା ରୋକିବା ଓ ପ୍ରତିଟି ଶିଶୁକନ୍ୟାଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାର ଦେବା ଭଳି ସଚେତନତା ବାର୍ତ୍ତା ଦିଆଯାଇଛି। ବ୍ଲକ ସଭାଗୃହରେ ବିଡିଓ ଉତ୍ତମ କୁମାର ବାଗଙ୍କ ଅଧକ୍ଷତାରେ ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଡ଼.ରଜତ ସୌମ୍ୟ ଅନୁରାଗ, ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ସମିତି ସଭ୍ୟ ଘନଶ୍ୟାମ ନାଏକ, ଗଜାନନ ନିଆଲ, ଗୁପ୍ତେଶ୍ୱର ବାଗ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ପିଇଟି ଅମିତ ମହାନ୍ତି ଉପସ୍ଥିତ ରହି ଶିଶୁକନ୍ୟା ଦିବସରେ ଶିଶୁକନ୍ୟାର ଯତ୍ନ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକରୁ ରାଜ୍ୟସ୍ତରକୁ ଯୋଗରେ ସ୍ଥାନ ପାଇଥିବା ଛାତ୍ରୀ ପ୍ରୀତି ରାଉତଙ୍କ ସମେତ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ପାଇଁ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ବିଏସଏସଓ ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁରେ ଭାରତ ଯୋଡ଼ୋ ଯାତ୍ରାକୁ ସ୍ୱାଗତ

**ଦେଓଗାଁ,୨୪।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସବାହାଲ ବଙ୍ଗଳା ଛକରେ ଜାତୀୟ କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତଜୋଡ ଯାତ୍ରାକୁ କଂଗ୍ରେସ କର୍ମୀମାନେ ସ୍ୱାଗତ କରିଥିଲେ। ଯୁବନେତା ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ପିସିସି ସଭାପତି ଶରତ କୁମାର ପଟ୍ଟନାୟକ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ଦେଶରେ ଏକଛତ୍ରବାଦ ଶାସନ ଆଉ ବେଶୀଦିନ ରହିବନାହିଁ, କଂଗ୍ରେସ ଏକ ମାତ୍ର ବିକଳ୍ପ ବୋଲି କହିଥିଲେ । ବ୍ଲକ କିଷାନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ସମିତି ସଭ୍ୟ ଜନ୍ମେଜୟ ସାହୁ, ବଳରାମ ନାୟକ, ମାର୍କଣ୍ଡ ମେହେର, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ କେନ୍ଦ୍ରୀୟ ଟିମ

**ଦେଓଗାଁ,୨୪।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ନିଶ୍ଚିତକର୍ମନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରୀ ଉପରେ କେନ୍ଦ୍ରୀୟ ଟିମ ସମୀକ୍ଷା କରିଥିଲେ । ବ୍ଲକର ମକୁନ୍ଦପୁର ଓ ସରସମାଲ ପଞ୍ଚାୟତରେ ହିତାଧିକାରୀ ଓ ଶ୍ରମିକମାନଙ୍କ ସହିତ ଯୋଜନାର ଅଗ୍ରଗତି ଓ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଦିଲ୍ଲୀରୁ ଆସିଥିବା ମଙ୍ଗଳ ସିଂ ଓ ଅଭିଷେକ ଯାଦବଙ୍କୁ ଶ୍ରମିକମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରିବାପରେ ଶ୍ରମିକ ପାଉଣାରେ ବିଳମ୍ବ ହେଉଥିବା ଅଭିଯୋଗ କରିଥିଲେ। ବିଡିଓ ସୁରେନ୍ଦ୍ର କୁମାର ମେହେର ଏ ନେଇ ଏକ ରିପୋର୍ଟ ଦେବାକୁ ସମୀକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଏବିଡିଓ ପୁଷ୍ପାଞ୍ଜଳି ନାଏକ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଏପିଓ ସୁଧାଂଶୁ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର ନାଗ, ନନ୍ଦିକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ

**ଲାଞ୍ଜିଗଡ,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ନିହାରକାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ସୁଶ୍ରୀ ମଣି ମାଝି ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ବାଲ୍ୟ ବିବାହ ରୋକିବା, ଛାତ୍ରୀଛାତ୍ରଙ୍କୁ ସଫଳ



ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ଶିକ୍ଷାଦାନ ସହିତ ସରକାର ପକ୍ଷରୁ କିପରି ସ୍କଲାରସିପ ପାଇ ପାରିବେ ସେ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସୁନାମ ରହିଛି। ସମ୍ମିଳନୀରେ ଉପସ୍ଥିତ ୫୦ଜଣ ଅଭିଭାବକ ଓ ୧୫୦ଜଣ ଛାତ୍ରୀଛାତ୍ରମାନଙ୍କ ସହ ବିଦ୍ୟାଳୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଯୁକ୍ତ-୨ ପକ୍ଷରୁ ଭବାନୀ ଶଙ୍କର ଦାସ, ଅକ୍ଷୟ ପୁରୋହିତ, ବିକ୍ରମ ସ୍ୱାଇଁ, କାଶିବିଶ୍ୱନାଥ ରଣସିଙ୍ଘ, ହରଧନ ବେଦନାଥଙ୍କ ସମେତ ଅନ୍ୟ କର୍ମଚାରୀ ମଧ ଉପସ୍ଥିତ ଥିଲେ। ଡ଼. ମାନସ ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବେହେରା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରା ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସୌଜନ୍ୟରେ ୮ଦିନ ଧରି ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ମନୀଷା ମୁଣ୍ଡ ମିଶ୍ର, ସ୍ଥାନୀୟ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଜୁନାଗଡ ନିୟନ୍ତ୍ରିତ ବଜାର କମିଟି ଉପାଧକ୍ଷ ବିବେକ ରଞ୍ଜନ ମିଶ୍ର, ଅଧାପକ ରଞ୍ଜନ କୁମାର ପଣ୍ଡା, ନିକୁଞ୍ଜ ବିହାରୀ ସାହୁ, ଅକ୍ଷୟ କୁମାର ପଟ୍ଟନାୟକ, ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷିକା ମାଲତୀ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ଆତ୍ମସୁରକ୍ଷା ତାଲିମ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଲିମରେ ଅଂଶଗ୍ରହଣ କରିଥିବା ୭୪ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଅଧାପକ ମୋହନ ଚରଣ ବିଷି ମଞ୍ଚ ପରିଚାଳନା କରିଥିଲାବେଳେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ସଂଯୋଜକ ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଫକିର ଚଣ୍ଡି, ଅଶୋକ ଚଣ୍ଡି ଓ ସାନ୍ଧ୍ୟ ଗୋପାଳ ସହଯୋଗ କରିଥିଲେ।

# ଭାଜପାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

**କୋକସରା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିଠାରେ ଭାଜପାର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଭାବେ ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଆମପାଣି ମଣ୍ଡଳ ପ୍ରଭାରୀ ଗୋଦାବରୀଶ ପାତ୍ର ଯୋଗଦେଇଥିଲେ। ବୈଠକରେ ମଣ୍ଡଳସ୍ତରରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ କରିବା ଓ ମୋଦି ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟକୁ ପହଞ୍ଚାଇବାକୁ ଉପସ୍ଥିତ ଦଳୀୟନେତାମାନେ କର୍ମୀଙ୍କୁ କହିଛନ୍ତି। ବୈଠକରେ କୋକସରା ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ନୀଳକଣ୍ଠ ମାଝି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ ଧ୍ୱଜ ମାଝି, ମଣ୍ଡଳ ସାଧାରଣ ସମ୍ପାଦକ ମଧୁବନ ପାତ୍ର ଜିଲା ସଦସ୍ୟ ଭଜମନ ନାଏକ ଓ ମଣ୍ଡଳସ୍ତରୀୟ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଏହି ବୈଠକରେ ଆମପାଣି ଅଞ୍ଚଳର ଅନେକ ବୁଦ୍ଧିଜୀବୀମାନେ ଭାଜପାର ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ବେଳେ ଉପସ୍ଥିତ ନେତୃବୃନ୍ଦମାନେ ତାଙ୍କୁ ଦଳରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ବୈଠକରେ ଯୋଗଦେଇଥିବା ଭାଜପା ନେତୃମଣ୍ଡଳୀ।

# ଦର୍ଲିପଡ଼ା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

**ନୂଆପଡ଼ା ଅଫିସ,୨୪।୧**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ଗ୍ରାମପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଛି। ଏହି ଅଭିଯୋଗ ନେଇ ମଙ୍ଗଳବାର ୱାର୍ଡମେମ୍ବରମାନେ ଜିଲାପାଳ ହେମାକାନ୍ତ ସାଏଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତରେ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସହାୟକ, ଯୋଗାଣ ସହାୟକ ମନମୁଖୀ କାର୍ଯ୍ୟ କରୁଛନ୍ତି। ପଞ୍ଚାତରରେ ଯେ କୌଣସି ଉନ୍ନୟନ କାର୍ଯ୍ୟ ହେଲେ ନିର୍ବାଚିତ ୱାର୍ଡମେମ୍ବର କିମ୍ବା ପଞ୍ଚାୟତବାସୀମାନଙ୍କୁ କୌଣସି ସୂଚନା ଦେଉନାହାନ୍ତି। ଉନ୍ନୟନ କାର୍ଯ୍ୟ ସବୁ ବିନା ନାମ ଫଳକରେ ଓ ଜାଲ ଦସ୍ତଖତରେ ଚାଲିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ଶ୍ରମିକ ବର୍ଷ ବର୍ଷ ପରେ ମଧ୍ୟ ପାଉଣା



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବା ପାଇଁ ଆସିଛନ୍ତି।

ପାଇନାହାନ୍ତି। କିନ୍ତୁ କାମ କରି ନ ଥିବା ଶ୍ରମିକଙ୍କ ନାମରେ ମିଥ୍ୟା ବିଲ କରି ଟଙ୍କା ଉଠାଣ କରାଯାଉଛି। ଗତ ଗ୍ରୀଷ୍ମ ଋତୁରେ କୌଣସି ସ୍ଥାନରେ ଜଳଛତ୍ର ଖୋଲା ଯାଇ ନାହିଁ କିମ୍ବା ଚହଲା ଖନନ କରା ନ ଯାଇ ମିଥ୍ୟା ବିଲ କରି ଟଙ୍କା ଉଠାଣ କରାଯାଇଛି। ବର୍ତ୍ତମାନ ସୁଧା ହରିଶ୍ଚନ୍ଦ୍ର ଯୋଜନାରେ କାହାରିକୁ ସହାୟତା ଦିଆଯାଇ ନାହିଁ। ପିଡିଏସ ଚାଉଳ ବଣ୍ଟନରେ ମନମୁଖୀ ଚଳାଇଛନ୍ତି। ଆଜକୁ ପ୍ରାୟ ଦୁଇ ବର୍ଷ ହେବ ୱାଟର ସପ୍ଲାଇ ବନ୍ଦ ରହିଛି। ହେଲେ ବିଦ୍ୟୁତ ବିଲ ପୈଠ କରାଯାଉଛି। ସବୁ କାର୍ଯ୍ୟରେ ଅନିୟମିତତା ହୋଇଆସୁଛି। ବାରମ୍ବାର ଅଭିଯୋଗ

**ଜିଲାପାଳଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର**

କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁଜିଲାପାଳଙ୍କଠାରେ ଦାବିକରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ନାଏକ ସରପଞ୍ଚ ରାମେଶ୍ୱରୀ ସାହୁ, ୱାର୍ଡମେମ୍ବର ଲଳିତା ମାଝି, ଖିରମତି ମାଝି, ବେଳମତି ମାଝି, ଦେମତି ମାଝି, ଛତ୍ରିଏନ ଧରୁଆ, ସୁବକାନ୍ତି ମାଝି, ଶଙ୍କର ମାଝି, ଶ୍ରବଣ କୁମାର ଅହିର, ଫଗୁଣି ତାଣ୍ଡି, ମାୟା ମାଝି ପ୍ରମୁଖ ସାମିଲ ରହିଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ରଞ୍ଜିତ ସୁନାନୀଙ୍କୁ ପଚାରିବାରୁ ମୋତେ ବାରମ୍ବାର ଟଙ୍କା ପଇସା ନାମରେ ହଇରାଣ କରୁଛନ୍ତି। ନ ଦେବାରୁ ଅଭିଯୋଗ ଆଣିଛନ୍ତି ବୋଲି କହିଥିଲେ।

**ସୋଡ଼ାମାଲରେ ଯୋଗ ପ୍ରଶିକ୍ଷଣ ଶିବିର**

କୋଲାବିରା (ଡି.ଏନ.ଏ.): ସୋଡ଼ାମାଲସ୍ଥିତ ସରକାରୀ ହୋମିଓପାଥିକ ଚିକିତ୍ସାଳୟ ପରିସରରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚିକିତ୍ସାଳୟ ପରିସରରେ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ, ସଞ୍ଜୀବ ମନ୍ଦାର, ଲିଙ୍ଗରାଜ ସାହୁ, ବୁଲୁ ସାହୁ, ତରୁଣ ସାହୁ, ସଂଯୁକ୍ତା ପଟେଲ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଡା. ମାନସ କୁମାର ପିଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ପ୍ରୀତି ଜୟପୁରିଆ ଯୋଗ ପ୍ରଶିକ୍ଷଣ ଦେଇଥିଲେ।

# ମନ ମୋହିଲା ଲୋକନୃତ୍ୟ

**ସରସ ମେଳାର ୧୦ମ ଦିବସ**

ରାଉରକେଲା ଅଫିସ, ୨୪।୧

ହକି ବିଶ୍ୱକପ୍‌କୁ ଅବସରରେ ରାଉରକେଲା ସେକ୍ଟର-୫ ଭଞ୍ଜଭବନ ସ୍ଥିତ ପ୍ରଦର୍ଶନୀ ପଡିଆରେ ଚାଲିଥିବା ସରସ ମେଳାର ମଙ୍ଗଳବାର ଦଶମ ଦିବସ ଥିଲା। ସରସ ମେଳାରେ ଖାଦ୍ୟ, ବସ୍ତ୍ର ଓ ଗୃହାଦି ଉପକରଣ ସାମଗ୍ରୀର ପସରା ଜମୁଛି। ରାଜ୍ୟ ତଥା ରାଜ୍ୟ ବାହାର ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା ମଣ୍ଡଳ ଓ କ୍ଷୁଦ୍ର ଉଦ୍ୟୋଗୀ ସରସ ମେଳାରେ ନିଜ ନିଜ ପସରା ଖୋଲି ରୋଜଗାର କରୁଛନ୍ତି। ଆଜିକୁ ୧୦ ଦିନ ହେଲାଣି ସରସ ମେଳା ପ୍ରଦର୍ଶନୀ ବଜାରରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଏହା ଭିତରେ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାର ଆକର୍ଷଣକୁ ଦ୍ୱିଗୁଣିତ କରୁଛି । ଦର୍ଶକ ଓ ଗ୍ରାହକ ବିଭିନ୍ନ ଦ୍ରବ୍ୟ କିଣାବିକା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି। ୧୦ ଦିନ ମଧ୍ୟରେ ସରସ ମେଳା ମଞ୍ଚରେ ରାଜ୍ୟ ତଥା ରାଜ୍ୟ ବାହାରର ୨୬ରୁ ଊର୍ଦ୍ଧ୍ୱ ନୃତ୍ୟକଳା ପରିଷଦର କଳାକାରମାନେ ଅଂଶଗ୍ରହଣ କରି ସେମାନଙ୍କ ନୃତ୍ୟ ପରିବେଷଣ ସାରିଲେଣି। ସରସ ମେଳା ଏବେ ସାଂସ୍କୃତିକ ବର୍ଣ୍ଣାଳିର ପେଣ୍ଠସ୍ଥଳ ପାଲଟିଛି। ମଙ୍ଗଳବାର ଏହି ମଞ୍ଚରେ ରାଉରକେଲା ପ୍ରତିଭା କଳା କେନ୍ଦ୍ର, ରାୟଗଡର ଡଙ୍ଗରିଆ କନ୍ଧ ନୃତ୍ୟକଳା ପରିଷଦ, ମଣିପୁର କରମା ନୃତ୍ୟକଳା ପରିଷଦ, ଆନ୍ଧ୍ରପ୍ରଦେଶର ଭାରତ ନାଟ୍ୟମ କଳା ପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



ସରସ ମେଳାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଓସିଏମ୍‌ଏସ୍ କେନ୍ଦ୍ରୀୟ କମିଟି ନିର୍ବାଚନ କିଶୋର ସଭାପତି, ସୌଭାଗ୍ୟ ସାଧାରଣ ସମ୍ପାଦକ

ଝାରସୁଗୁଡ଼ା ଅଫିସ,୨୪।୧

ଓଡ଼ିଶା କୋଲିଆରୀ ମଜଦୁର୍ ସଂଘ (ଓସିଏମ୍‌ଏସ୍)ର କେନ୍ଦ୍ରୀୟ କମିଟି ନିର୍ବାଚନ ମଙ୍ଗଳବାର ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ବିଆଇଟି ହଷ୍ଟେଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଲୋକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଉପସଭାପତି ରବିନ୍ଦ୍ର ପ୍ରସାଦ, ବ୍ରିଜେଶ ଶର୍ମା, ଆଲୋକ ପଣ୍ଡା, କ୍ଷୀରୋଦ କୁଅଁର ଓ ଓ.ପି. ସିଂହ ପ୍ରମୁଖ ୫୪ଜଣିଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତା ୨୦୨୫ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ନିର୍ବାଚନରେ ଏମ୍‌ସିଏଲ୍ ଖଣି ଅଞ୍ଚଳରୁ ସଂଘର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

## ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା ଅଫିସ,୨୪।୧

ବଞ୍ଜାରୀ ଓ କୁଡାଲୋଇ ପଞ୍ଚାୟତରେ ରହିଥିବା ଲିଲାରୀନାଳ ଉପରେ ପୋଲ ନ ଥିବାରୁ ସ୍ଥାନୀୟ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ଏହି ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ଏପରିସ୍ଥଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବିଜୁ ସେତୁ ଯୋଜନାରେ ବଞ୍ଜାରୀ-ପିପିଲିମାଲ ରାସ୍ତାର ଲିଲାରୀ ନାଳ ଉପରେ ବ୍ରିଜ୍ ନିର୍ମାଣ ହେବାକୁ ଯୋଜନା କରାଯାଇଛି। ମଙ୍ଗଳବାର ଏହି ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ଅଳକା ମହାନ୍ତି, ବଞ୍ଜାରୀ ସରପଞ୍ଚ ସୀମା ସାହୁ, ସମିତିସଭ୍ୟା ପ୍ରତିଭା ବଡେଇ, ପିପିଲିମାଲ ସରପଞ୍ଚ ରଙ୍ଗାଧର ଡିଲା, ସମିତିସଭ୍ୟ ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଡାଲୋଇ ପଞ୍ଚାୟତ ଅନ୍ତର୍ଗତ ଏନ୍‌ଏଚ୍ ୪୯ରୁ ଭୁଲାମାଲ ରାସ୍ତାକୁ ସଂଯୋଗ କରିଥିବା ଲିଲାରୀ ନାଳ ଉପରେ ବିଜୁ ସେତୁ ଯୋଜନାରେ ବ୍ରିଜ୍ ନିର୍ମାଣ କରିବାକୁ ଯୋଜନା ହୋଇଛି। ବିଧାୟିକା ମହାନ୍ତି, କୁଡାଲୋଇ ସରପଞ୍ଚ ସନାତନ ନାୟକ, ସମିତିସଭ୍ୟା ହେମକାନ୍ତୀ ମାଝି ପ୍ରମୁଖ ଉପସ୍ଥିତ ରହି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆନନ୍ଦରାମ



@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜଗନ୍ନାଥ ମନ୍ଦିରରେ ରାମଚରିତ ମାନସ ପାରାୟଣ

ଝାରସୁଗୁଡ଼ା ଅଫିସ,୨୪।୧

ଲଖନପୁର ବ୍ଲକ୍ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ଚାଲିଥିବା ରାମଚରିତ ମାନସ ପାରାୟଣ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଶିବ ବିବାହ, ରାମସୀତା ବିବାହ, ନବାହ୍ନ ପାରାୟଣ, ବନବାସରୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଅଯୋଧ୍ୟା ଆଗମନ, କୃଷ୍ଣଗୁରୁ ଭଜନ, ହୋମଯଜ୍ଞ ଆଦି ସ୍ଥାନ ପାଇଥିଲା। ପ୍ରତ୍ୟହ ଜିଲ୍ଲା ଓ ଜିଲ୍ଲା ବାହାରର କୃଷ୍ଣଗୁରୁ ଦଳ ଯୋଗଦେଇଥିଲେ। ମୁଖ୍ୟକର୍ତ୍ତା ଶମ୍ଭୁ ତ୍ରିପାଠୀ ଓ ବିବେକ ଚୌଧୁରୀ, ସୁବାସ ବାଗ୍, ମିଳନ ନାୟକ, ବସନ୍ତ ନାୟକ, ଜିକେସି ପାତ୍ର ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ପ୍ରଫୁଲ୍ଲ କୁମାର ପଣ୍ଡା, ବିଶ୍ୱନାଥ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ପାଢୀ, ବିଭୂତି ଭୂଷଣ ମହାପାତ୍ର, ରମାକାନ୍ତ ନାୟକ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏମ୍‌ସିଏଲ୍ ଅଧିକାରୀ ନିରଞ୍ଜନ ପଟେଲ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାୟକ, ସୁରେଶ ଗୁପ୍ତା ଓ ଅରବିନ୍ଦ କୁମାର ଗୁପ୍ତା ପ୍ରମୁଖ ସ୍ଥାନୀୟ ଶ୍ରୀରାମ ଦୟା ପରିଷଦର ସଦସ୍ୟମାନେ ସାମିଲ ହୋଇ ସହଯୋଗ କରିଥିଲେ।

# ସେଲ୍ ସ୍ଥାପନା ଦିବସରେ ଗଣଦୌଡ଼



ଗଣଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ରାଉରକେଲା ଅଫିସ,୨୪।୧

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇସ୍ପାତ ଷ୍ଟାଡିୟମ୍‌ରେ ମଙ୍ଗଳବାର ସେଲ୍ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ସେଲ୍ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପି ପକ୍ଷରୁ ଗଣଦୌଡ ଓ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସେଲ୍ ପରିବାରର ହଜାରେରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଭାଗ ନେଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ , ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି. କେ. ହୋତା, ସିଆଇଏସ୍‌ଏଫ୍‌ର ଡି.ଆଇ ଡ. ଶିଖର ସହାୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ୫କି.ମି. ଦୌଡ଼ ଓ ପଦଯାତ୍ରା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସର୍ବାଧିକ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ପାଇଁ ଦିପିକା ଇସ୍ପାତ ଶିକ୍ଷା ସଦନ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

ଝାରସୁଗୁଡ଼ା ଅଫିସ,୨୪।୧

ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଜଜ୍ ପୋକ୍‌ସୋ କୋର୍ଟ ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣିକରି ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମି ଗୋଏଲକେରାର ଅଭିଯୁକ୍ତ ଗୋଦା ପୂର୍ତ୍ତି (୩୦)ଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୩୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ରାଶି ଅନାଦାୟ ହେଲେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାପାଇଁ ରାୟରେ ଉଲ୍ଲେଖ ଅଛି। ପୋକ୍‌ସୋ କୋର୍ଟର ଜଜ୍ ନୀଳଗିରି ଜେନା ଏହି ମାମଲାର ବିଚାରକରି ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କ ତରଫରୁ ସରକାରୀ ସ୍ୱତନ୍ତ୍ର ପିପି ପୃଥ୍ୱୀରାଜ ସିଂଦେଓ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ୨୦୧୪ ଫେବୃୟାରୀ ୧୪ରେ ବେଲପାହାଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଜଣଙ୍କ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୀଡିତାଙ୍କ ପରିବାର ବେଲପାହାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୧୩/୧୪) ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ବଳରେ ଅଭିଯୁକ୍ତ ଜେଲ୍‌ରେ ରହିଥିଲେ। ୯ବର୍ଷ ପରେ ଏହାର ବିଚାର ହୋଇ ଚୂଡାନ୍ତ ରାୟ ପ୍ରକାଶ ପାଇଛି ।

# ଗୌଡ଼ ସମାଜର ନୂତନ କମିଟି ଗଠନ

କୋଲାବିରା,୨୪।୧(ଡି.ଏନ.ଏ.)

କୋଲାବିରା ପଞ୍ଚାୟତସ୍ତରୀୟ ଗୌଡ଼ ସମାଜ କଲ୍ୟାଣ କମିଟି ପୁନର୍ଗଠନ ପାଇଁ ଆଞ୍ଚଳିକ ସଭାପତି ତେଜରାମ ଭଇଁସଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ବିଦେଶୀ ବିଜାର, ଉପସଭାପତି ପଞ୍ଚାନନ ଷଣ୍ଢ, ସମ୍ପାଦକ ଜୟାନନ୍ଦ ବଗାର, ସହସମ୍ପାଦକ ସୁଶୀଲ ବଗାର, କୋଷାଧ୍ୟକ୍ଷ ପ୍ରଦୀପ ପରୁଆ, ସଭ୍ୟ ମୁରଲିଧର ନାଗ, ପ୍ରନୟ ଭଇଁସା, ଦିଲିପ ପରୁଆ, ଧନୁ ବନଛୋର, ପ୍ରଫୁଲ୍ଲ ଖରସେଲ, ରମେଶ ବଗାର, ମିତ୍ର ଭଇଁସା ଓ ମହିଳା ସଭାନେତ୍ରୀ ମଦନାବତୀ ବଗାର, ମହିଳା ସମ୍ପାଦିକା ଅନିମା ବଗାର, ଯୁବ ସଭାପତି ସୁନୀଲ ବଗାର, ଯୁବ ସମ୍ପାଦକ ବିସ୍ମୟ ଭଇଁସାଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଦିଆଯାଇଥିଲା। କିର୍ମିରା ବ୍ଲକ ସମ୍ପାଦକ ଗିରିଧାରୀ ଭାଇଁସା, ସମାସିଂହା ପଞ୍ଚାୟତ ସଭାପତି ବୀର ବନଛୋର ପ୍ରମୁଖ ଉପସ୍ଥିତ ଥଲେ। ସମାଜର ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଷୟରେ ଆଲୋଚନା କରାଯାଇ ନୂତନ କମିଟି ଏ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ

ଝାରସୁଗୁଡ଼ା ଅଫିସ,୨୪।୧

ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଖଣିଜ ପ୍ରେକ୍ଷାଳୟଠାରେ ମଙ୍ଗଳବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ପରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଡୋଳାମଣି ପଟେଲ, ଡା. ସରୋଜିନୀ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସଂଯୋଜକ (ବାଲ୍ୟ ବିବାହ) ରଞ୍ଜିତା ଦାଶ, ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜୟନ୍ତ କୁମାର ବାଦୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲାରେ କନ୍ୟା ସନ୍ତାନ ଓ ସେମାନଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସଥିବା ଶୀତଳ ଯାଇଶ୍ୱାଳ (କ୍ରିକେଟ), ସୃଷ୍ଟି ଗୁପ୍ତା (କରାଟେ), ଶିଶୁ ଯତ୍ନ ଅନୁଷ୍ଠାନରୁ ଉତ୍ତିର୍ଣ୍ଣ ଚାକିରି କରିଥିବା ଝିଅ ଶାନ୍ତି ମୁଣ୍ଡା ଓ ଜ୍ୟୋତ୍ସ୍ନା ଗନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ୨୦୨୦-୨୧ ଶିକ୍ଷାବର୍ଷରେ ମାଟ୍ରିକ ଓ ଯୁକ୍ତ ୨ରେ ଅଧିକ ନମ୍ବର ରଖି ପାସ କରିଥିବା କନ୍ୟା ସନ୍ତାନମାନଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଶେଷରେ ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଏଲ୍‌ଏନ୍ ମହାବିଦ୍ୟାଳୟରେ ଜାତୀୟ ଶିଶୁକନ୍ୟା ଦିବସ

ଝାରସୁଗୁଡ଼ା ଅଫିସ,୨୪।୧

ସେହେତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ ଶିଶୁକନ୍ୟା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା ବୋର୍ଡ଼ ସଭାପତି ବଲବିନ୍ଦର କୌର ମୁଖ୍ୟ ଅତିଥି ଓ ସେହ ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ଶିଶୁ କଲ୍ୟାଣ କମିଟି ଅଧକ୍ଷ ଆଶିଷ କୁମାର ପଣ୍ଡା, ବରିଷ୍ଠ ଓକିଲ ବି. ନାଗେଶ୍ୱରୀ, ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଲିଙ୍ଗଗତ ତାରତମ୍ୟ, ମହିଳା ଓ ବାଳିକାମାନଙ୍କ ପାଇଁ ରହିଥିବା ଆଇନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ ପରିଚାଳନା କରିଥିବାବେଳେ ସଖୀ ଓ ଚାଇଲ୍ଡ଼ ଲାଇନ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ,୨୪।୧(ଡି.ଏନ.ଏ.)

ହକି ବିଶ୍ୱକପ୍ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ହକି ସମେତ ଅନ୍ୟାନ୍ୟ କ୍ରୀଡ଼ା ପ୍ରଚାର ଉଦ୍ଦେଶ୍ୟରେ ପଞ୍ଚାୟତରୁ ଜିଲ୍ଲାସ୍ତରରେ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୭୦ ପଞ୍ଚାୟତ ଏବଂ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବ୍ଲକସ୍ତରରେ ଚାମ୍ପିୟନ ଖେଳାଳିଙ୍କୁ ନେଇ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ମହୋତ୍ସବରେ ପ୍ରଥମ ଥର ପାଇଁ କିନ୍ନର, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସାମିଲ କରାଯାଇଥିଲା। ହକି, ଫୁଟ୍‌ବଲ, କବାଡି, ଡିସ୍‌କସ୍ ଥ୍ରୋ ଓ ଦୌଡ଼ ଭଳି ପ୍ରତିଯୋଗିତା ଜିଲ୍ଲା କ୍ରୀଡ଼ା ଅଧିକାରୀ କୈବଲ୍ୟ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସୋମବାର ଉଦଯାପନୀ ଦିବସରେ ଦେବଗଡ଼ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୦୦ ମିଟର ଦୌଡ଼ ପାଇଁ ବାରକୋଟ ବ୍ଲକର ବାବୁଲ ବେହେରା, ପ୍ରଦୀପ କିସାନ ଏବଂ ରିଆମାଳ ବ୍ଲକର ବବୁଲୁ କିସାନ, ୪୦୦ ମିଟର ଦୌଡ଼ ପାଇଁ ଦେବଗଡ଼ ପୌରାଞ୍ଚଳର ଦୀପନ ସାହୁ, ବାରକୋଟ ବ୍ଲକର ସୁବିଙ୍କ ପ୍ରଧାନ ଓ ରିଆମାଳ ବ୍ଲକର ସାହେବ ଦେହୁରୀ, ମହିଳା କବାଡ଼ି ଚାମ୍ପିୟନ ବାରକୋଟ ଓ ଉପବିଜେତା ଦେବଗଡ଼, ଫୁଟବଲରେ ଚାମ୍ପିୟନ ବାରକୋଟ ଓ ଉପବିଜେତା ତିଳେଇବଣି, ହକିରେ ଚାମ୍ପିୟନ ତିଳେଇବଣି ଓ ଉପବିଜେତା ରିଆମାଳ, ବରିଷ୍ଠ ନାଗରିକ ବର୍ଗରେ ଡିସ୍‌କସ୍ ଥ୍ରୋରେ ଦେବଗଡ଼ ପୌରାଞ୍ଚଳରେ ଗୌରହରି ଷଡ଼ଙ୍ଗୀ, ଲଳିତ ମୋହନ ସାହୁ ଓ ଅଶୋକ ମିଶ୍ର, କିନ୍ନରଙ୍କ ୨୦୦ ମିଟର ଦୌଡ଼ରେ ପୌରାଞ୍ଚଳରେ ହେମାନନ୍ଦ ନାୟକ ଓ ସ୍ୱାଗତିକା ନାୟକ ଓ ସିମରାନ ନାୟକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଭୀମ ସେନା

ଦେବଗଡ,୨୪।୧(ଡି.ଏନ.ଏ.)

ଅନୁସୂଚିତ ଜାତିରୁ କେକେଡି ହଟାଅ ଦାବି ଜୋର୍ ଧରିଛି। ଏହି କ୍ରମରେ ଭୀମ ସେନାର ଶତାଧିକ ସଦସ୍ୟ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାବା ସାହେବ ଆମ୍ବେଦ୍‌କର ଅସ୍ପୃଶ୍ୟ ଦଳିତମାନଙ୍କୁ ଦେଇଥିବା ସାମ୍ବିଧାନିକ ସୁରକ୍ଷା ତଥା ଆରକ୍ଷଣକୁ ସରକାର କେଉଟ, କୈବର୍ତ୍ତ ଓ ଧୀବର ଜାତିକୁ ଦେଇ ଆସୁଛନ୍ତି। ମାତ୍ର ଏହାର ଅଧିକାର ପାଇବା ପାଇଁ ସେମାନେ ଅଯୋଗ୍ୟ ବୋଲି ଅଭିଯୋଗ କରିବା ସହ ଅନୁସୂଚିତ ଜାତି କୋଟାରୁ କେଉଟ, କୈବର୍ତ୍ତ ଓ ଧୀବରମାନଙ୍କୁ ବାଦ୍ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଭୀମ ସେନା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଅନୁସୂଚିତ ଜାତିର ଶତାଧିକ ମହିଳାପୁରୁଷ ଦେବଗଡ ଗୋପାଳଜୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁରୁ ପାତ୍ର, ରାଜେଶ ନାଏକ, ମକରଧ୍ୱଜ ହସ୍ତୀ, ପଙ୍କଜ ପାତ୍ର, ପ୍ରହଲ୍ଲାଦ ରଣଜିତ, ଛବିଳ ପାତ୍ର, ସମୀର ସୁନା, ଦୀପକ ମୁଖୀ, ସୁଜିତ ସୁନା, ସତ୍ୟକାନ୍ତ ସହିସ, ସୁମନ୍ତ ଭୋଜ, ଜାଗା ରଞ୍ଜିତ, ଲିପନ ଶହୁଲା, ଦେବାନନ୍ଦ, ନାଏକ, ଶତ୍ରୁଘ୍ନ ପାତ୍ର, ରାଜେନ ମୁଖୀ, ମୁକେଶ ମୁଖୀ, ଧରଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେଇଥିବା ଭୀମ ସେନାର ସଦସ୍ୟଗଣ।

## ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ସୁବୋଧ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସାହୁ, ଅଧାପକ ଗଗନ ବିହାରୀ ମହାପାତ୍ର, ଅଧାପକ ଲମ୍ବୋଦର ସାହୁକାର, ଗ୍ରନ୍ଥ ରକ୍ଷକ ଧ୍ରୁବ ଚରଣ ସାହୁ, ପ୍ରଶିକ୍ଷିକା ବର୍ଷା ପ୍ରିୟଦର୍ଶିନୀ, କାର୍ଯ୍ୟକ୍ରମ ସଂଯୋଜକ ରାଜ କିଶୋର ରଣା ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ଶିଖିଥିବା କୌଶଳକୁ ନିଜର ବ୍ୟକ୍ତିଗତ ଜୀବନରେ ବ୍ୟବହାର କରିପାରିବେ ସେ ଉପରେ ବୁଝାଇଥିଲେ।

## ସଂକ୍ଷେପରେ

### ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ଜୁନାଗଡ଼,୨୪।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଲେଇଗାଁ ପଞ୍ଚାୟତ ଜାମଚୁଆଁ ଗ୍ରାମରେ ମଙ୍ଗଳବାର ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଏସଏସଓ ତୁଷାର ରଞ୍ଜନ ସାହୁ, ଡବ୍ଲୁଇଓ ସୁମନ୍ତ ମାଝି, ପିଇଓ ଟୁନୁ ଗଡ଼ତିଆ, ଯୋଗାଣ ସହାୟକ ଦିବାକର ବାଗ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଥର ପାଇଁ ଜାମଚୁଆଁରେ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ହୋଇଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି।

### କେସିଙ୍ଗାରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

କେସିଙ୍ଗା,୨୪।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଜିଲା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଦୁଇଟି ଦୋକାନରେ ମଙ୍ଗଳବାର ହଠାତ ଚଢ଼ାଉ କରିଛି। ସହରରେ ଅନେକ ଛୋଟ ବଡ଼ ଦୋକାନ, ଶିଳ୍ପ ପ୍ରତିଷ୍ଠାନ ଗଢି ଉଠିଛି। ସହରରେ ଅନେକ ବ୍ୟବସାୟୀ ଅଛନ୍ତି, ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଜିଏସଟି ଫାଙ୍କୁଛନ୍ତି। କଳାହାଣ୍ଡି ଅତିରିକ୍ତ ଜିଏସଟି କମିଶନର ସମୀର କୁମାର ମାଝିଙ୍କ ନେତୃତ୍ୱରେ ୧୭ଜଣିଆ ଟିମ୍ ୧୨ଟାରୁ କେସିଙ୍ଗା ସହରର ଜଗନ୍ନାଥ ମନ୍ଦିର ଛକରେ ଥିବା ଶାନ୍ତି ଟ୍ୟାକ୍ସଟାଇଲ ଏବଂ ରେଲଷ୍ଟେଶନ ଛକରେ ଥିବା କମାନି ହାଡୱେର ଦୋକାନରେ ଏକା ସାଙ୍ଗରେ ଚଢ଼ାଉ କରିଥିଲା। ଶାନ୍ତି ଟ୍ୟାକ୍ସଟାଇଲରେ ୧୧ଜଣିଆ ଟିମ ଜିଏସଟି ଅତିରିକ୍ତ କମିଶନର ମାଝି ନେତୃତ୍ୱ ନେଉଥିବା ବେଳେ କମାନୀ ହାଡୱୟର ଦୋକାନରେ ୬ଜଣିଆ ଟିମ ଜିଏସଟି ସିଟିଓ ନୀଳାଦ୍ରି ଦାଡ଼ିଆଙ୍କ ନେତୃତ୍ୱରେ ସନ୍ଧ୍ୟାଯାଏ ଚଢ଼ାଉ କରୁଥିବା ଜଣାପଡିଛି।

### ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର

ଖଡ଼ିଆଲ,୨୪।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭା ଗୃହରେ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ରାଣୀ ଲକ୍ଷ୍ମୀ ବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଅଧିନସ୍ଥ ଆତ୍ମ ରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିର ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ ଉଦ୍‌ଘାଟନ କରିବା ସହ ସଭାପତିତ୍ୱ କରିଥିଲେ। ଯୁକ୍ତ ଦୁଇ ଅଧକ୍ଷ ଅଶ୍ୱିନୀ କୁମାର ପାଢ଼ୀ, ଛାତ୍ରୀଛାତ୍ର ମଙ୍ଗଳ ଅଧିକାରୀ ଡକ୍ଟର ପଦ୍ମଲୋଚନ ବର୍ମା, ଖଡ଼ିଆଳ ଥାନା ଏସଆଇ ଦେବେନ୍ଦ୍ର ବିନ୍ଧାଣୀ, କ୍ୟାପ୍ଟେନ ଡକ୍ଟର ବିଷ୍ଣୁଦେବ ମଲ୍ଲିକ, ସଂଯୋଜୀକା ଆତ୍ମ ସୁରକ୍ଷା ତାଲିମ ଶିବିର ନିବେଦିତା ଆଚାରୀ, ଯୁଗ୍ମ ସଂଯୋଜୀକା ଆତ୍ମ ସୁରକ୍ଷା ତାଲିମ ଶିବିର ସୁଶ୍ରୀ ସରିତା ସତନାମୀ ଓ ମାଷ୍ଟର ଟ୍ରେନର ସୁଶ୍ରୀ ଲିପାକ୍ଷୀ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷଣ ଶିବିରରେ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ବୃତ୍ତିଗତର ୧୭୦ ଜଣ ଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆଇଡିପିରେ ଆସନ୍ତା ଫେବୃୟାରୀ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନଙ୍କ ଉଦଘୋଷଣା ପରେ କେ. ନିବେଦିତା ଅଚାରୀ ଧନ୍ୟବାଦ ଦେଇଥିଲେ।

# ମଣ୍ଡିରେ ପଡ଼ିଛି ୧୫ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ

ନୂଆପଡ଼ା ଅଫିସ,୨୪।୧



ଚାଷୀମାନେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଭେଲା ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ସପ୍ତାହରୁ ଊର୍ଦ୍ଧ୍ୱ ହୋଇଯିବ ଧାନ ଉଠାଣ ନ ହେବାରୁ ମଙ୍ଗଳବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ମଣ୍ଡିରୁ ଶୀଘ୍ର ଧାନ ଉଠାଇବା ପାଇଁ ଦାବି କରିଥିଲେ। ଶୀଘ୍ର ମଣ୍ଡିରୁ ଧାନ ଉଠା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଭେଲା ସରପଞ୍ଚ ବିମଳ ଯୋଶୀ, ବୁଲୁ ଯୋଶୀ, ଗୁନଧର ମାଝି, ବିଶ୍ୱମ୍ଭର ରଣା, କିଶୋର ବିଶ୍ୱାଳ, ଚନ୍ଦ୍ର ଶେଖର ପାଣିଗ୍ରାହୀ, ଚକ୍ରଧର ରଣା, ବିଜୁ ରଣା, ଲକ୍ଷ୍ମଣ ମାଝି ପ୍ରମୁଖ ଚେତବାନୀ ଦେଇଛନ୍ତି।

ଅଧିକାଂଶ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଲାଣି। ଧାନ ବିକ୍ରୟ ନ ହେବାରୁ କେତେ ଚାଷୀଙ୍କ ପୁଅଝିଅ ବାହା ଘର ହୋଇ ପାରୁନାହିଁ । ମଣ୍ଡି

**ଶୀଘ୍ର ଉଠାଣ ପାଇଁ ଯୋଗାଣ ଅଧିକାରୀଙ୍କଠାରେ ଦାବି**

ଧାନ ଉଠାଣ ଟାର୍ଗେଟ ଶେଷ ହେବାକୁ ଯାଉଥିବାରୁ ଚାଷୀ ମଣ୍ଡିରୁ ଧାନ ଉଠାଣ ହେବ କି ନାହିଁ ବୋଲି ସନ୍ଦେହରେ ପଡିଯାଇଛି। ଆଜି ଉଠିବ କାଲି ଉଠିବ ବୋଲି ମଣ୍ଡିରେ ଦିନ ରାତ୍ରି ଜଗି ରହିଛନ୍ତି। ଗୋଟିଏ ସପ୍ତାହ ହୋଇଯିବ ମଣ୍ଡିରୁ ଧାନ ଉଠାଣ ନ ହେବାରୁ ଚାଷୀ ଚିନ୍ତାରେ ପଡି ଗଲାଣି। ମଙ୍ଗଳବାର ସୁଧା ମଣ୍ଡିରେ ୧୩୦ଜଣ ଚାଷୀଙ୍କ ୧୫ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ଉପଯୁକ୍ତ ଚଟାଣ ନ ଥିବାରୁ ଧାନବସ୍ତା ଭୂଇଁରେ ରଖାଯାଇଥିବାରୁ ଉଇ ଖାଇ ବସ୍ତା ସବୁ ନଷ୍ଟ ହେବାରେ ବସିଲାଣି। ବସ୍ତାକୁ ଉଠାଇ ଦେଲେ କେବଳ ବସ୍ତା ଆସିବ ଧାନ ଆସୁନାହିଁ। ଜଗୁଆଳି ରହୁ ନ ଥିବାରୁ ବୁଲା ଗାଈ ଗୋରୁ ଧାନବସ୍ତାକୁ ଫାଡି ଧାନ ସବୁ ଖାଇ ଯାଉଛନ୍ତି ବୋଲି ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋଙ୍କୁ ପଚାରିବାରୁ ଟାର୍ଗେଟ ପାଇଁ ପଠାଇଛୁ। ଟାର୍ଗେଟ ଆସିଲେ ଶୀଘ୍ର ଧାନ ଉଠାଇବାକୁ ଚେଷ୍ଟା କରିବି ବୋଲି କହିଥିଲେ।

# ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଭବାନୀପାଟଣା,୨୪।୧(ସ୍ୱ.ପ୍ର.)

ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀରେ ବାଳିକା ଶିକ୍ଷା ସଂଯୋଜିକା ଲିପିକା ଅପରାଜିତାଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରଜମୋହନ ହାଇସ୍କୁଲ ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି, ଶିକ୍ଷକ ସଞ୍ଜୀବ ଶର୍ମା, ବିଜ୍ଞାନ ଶିକ୍ଷକ ବୀରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସମାରୋହକୁ ଯୁବ ଶିକ୍ଷକ ଡିଲେଶ୍ୱର ରଣା ସଂଯୋଜନା କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଯଥାକ୍ରମେ ପୁଷ୍ପିତା ରଣା, ଲିଜାରାଣୀ ଦେବ, ଲକ୍ଷ୍ମୀପ୍ରତିମା ରାଉତ ପ୍ରଥମ, ଦିତୀୟ, ତୃତୀୟ ହୋଇଥିଲେ। ଚିତ୍ରାଙ୍କନରେ ଚୁମକି ହରିଜନ, କୁନ୍ତଳା ରଣା, ବୈଦେହୀ ରଣା ଓ ଅଙ୍କିତା ଦୀପ ଏବଂ ତର୍କରେ ସୁମନ ପ୍ରଧାନ, ଜୁଲି ସାହା, ସାଳିନୀ ରଣା ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# କେସିଙ୍ଗା ବ୍ଲକରେ ଅଭିଯୋଗ ଶୁଣାଣି, ସମାଧାନ ଶିବିର

କେସିଙ୍ଗା,୨୪।୧(ଡି.ଏନ.ଏ.)



ଜିଲପାଳଙ୍କ ନିକଟରେ ଲୋକମାନେ ଅଭିଯୋଗ କରୁଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସଭା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଉପଜିଲାପାଳ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଅଦୁ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ସବୁ ବିଭାଗ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନେ ଜିଲାପାଳଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ଯୋଜନା ବିଷୟରେ ଅଭିଯୋଗ ହୋଇଥିଲା। ଏହି ଶିବିରରେ ୨୧୫ ଅଭିଯୋଗ କାରୀମାନେ ଯୋଗଦେଇଥିଲେ। ଏଥି ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧୮୯ଜଣ, ବ୍ୟକ୍ତିଗତ ଅଭିଯୋଗ ୫୩ଜଣ, ଗୋଷ୍ଠୀ ଭିତ୍ତିକ ୧୩ଜଣ ଅଭିଯୋଗ କରିଥିଲେ। ୯ଜଣଙ୍କ ବିଭିନ୍ନ ସମସ୍ୟା ସମାଧାନ କରାଯାଇଛି। ଶେଷରେ ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା ଓ ସମସ୍ତ ସରପଞ୍ଚମାନେ କେସିଙ୍ଗା ବ୍ଲକରେ ସରପଞ୍ଚମାନେ ବସିବା ପାଇଁ ଜାଗା ନ ଥିବା ବେଳେ ମହିଳା ସରପଞ୍ଚମାନଙ୍କ ପାଇଁ ମଧ କିଛି ସୁବିଧା ନାହିଁ ବୋଲି ଜିଲପାଳଙ୍କଠାରେ ଅଭିଯୋଗ କରିଥିଲେ। ବ୍ଲକରେ ମହିଳାମାନଙ୍କ ପାଇଁ ଶୌଚାଳୟ ସୁବିଧା ନ ଥିବାରୁ ବହୁତ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ କରିଥିଲେ।

## ତେରେସିଂହା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

କର୍ଲାମୁଣ୍ଡା,୨୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଉଚ୍ଚବିଦ୍ୟାଳୟର ୪୨ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସରପଞ୍ଚ ପ୍ରମୋଦ ସୁନା, ସମିତିସଭ୍ୟା ଚନ୍ଦ୍ରମା ରଣା, ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ମାଧବ ରଣା ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ସୁବିନ୍ଦ୍ର ରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ କଠିନ ଅଧବସାୟ, ଏକାଗ୍ରତା ଓ ଲକ୍ଷ୍ୟଯୁକ୍ତ ଶିକ୍ଷାଆହରଣ କଲେ ଜଣେ ଶିକ୍ଷାର୍ଥି ନିଶ୍ଚିତ ଭାବେ ସଫଳ ହୋଇପାରିବ। ତେଣୁ ସମସ୍ତେ ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ପାଇଁ ପାଠପଢିବା ଉଚିତ ବୋଲି କହିଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ନୀଳମଣି ଗହୀର ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜେଶ ମାଝି, ପଙ୍କଜ ବାରିକ, ପ୍ରୀତମ ହବୋ, ପର୍ଶୁରାମ ଓଝା, ସୁଧିର ରଞ୍ଜନ ସୁନା, ପ୍ରଶାନ୍ତ କୁମାର ସାହୁ, ଲକ୍ଷ୍ମଣ ଭୁଏ, ରତନ ଭୋଇ, ଆଶିଷ ମଲ୍ଲିକ, କ୍ଷୀରସାଗର ରଣା, ରୋହିତ ରଣା, ନୀଳମଣି ଗହୀର, ସୂର୍ଯ୍ୟମଣି ରଣା, ପୂର୍ଣ୍ଣଚନ୍ଦ୍ର ରଣା, ପୁଷ୍ପଲତା ନାଏକ, ଯଜ୍ଞେଶ୍ୱର ରଣା, ସଞ୍ଜୟ ନାଏକ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ବାଳିକା ଦିବସ ପାଳିତ

ଖଡ଼ିଆଲ,୨୪।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ନକୁଳ ଶବରଙ୍କ ଅଧକ୍ଷତାରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ବାଳିକା ଶିକ୍ଷା ସଂଯୋଜକ ପ୍ରତାପ ଚନ୍ଦ୍ର ପାତ୍ର, ପ୍ରୋଗ୍ରାମ ଆସିଷ୍ଟାଣ୍ଟ କିଶୋର କୁମାର ମହଲା ଯୋଗଦେଇ ବାଳିକା ଶିକ୍ଷାରେ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଓ ସଂସ୍କୃତ ଶିକ୍ଷକ ନିରଞ୍ଜନ ବିଶ୍ୱାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକ, ମନୋରମା ରଥ ଓ ସିଆର୍‌ସିସି କ୍ଷୀରୋଦ କୁମାର ଗହୀର ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ବିଜୟ କୁମାର ନାଗ, ବିଭୀଷଣ ସରାଫ, ଦୁଲ୍ଲଣୀ ସାହୁ ଓ ସଞ୍ଜୀବ ବୁଦ୍ଧିଆ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଶ୍ରୁତିମୟୀ ସାହୁ ପ୍ରଥମ, ଯୋଗେଶ୍ୱରୀ ଦାଶ ଦ୍ୱିତୀୟ, ହେମସ୍ମିତା ମେହେର ତୃତୀୟ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ତୃପ୍ତିମୟୀ ଜଗତ ପ୍ରଥମ, ଶ୍ରୁତିମୟୀ ସାହୁ ଦ୍ୱିତୀୟ ଏବଂ ବିଦୁସ୍ମିତା ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆତ୍ମରକ୍ଷା ସମ୍ପର୍କିତ ବିଷୟବସ୍ତୁକୁ ନେଇ ବିଭିନ୍ନ ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଗୌରୀ ଶଙ୍କର ଦୁବେ ଧନ୍ୟବାଦ ଦେଇଥିଲେ। ଏଥିରେ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ପ୍ରଭୁଦତ୍ତ ପୁରୋହିତ, ନୀଳିମା ରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ରତନ ସିଂ ବାରିକ, ପୁଷ୍ପାଞ୍ଜଳି ମହାପାତ୍ର, ବୈଷ୍ଣବ ମେହେର, ଆଶିଷ କୁମାର ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୨୪।୧


ଅତିଥିଙ୍କ ଗହଣରେ କ୍ରୀଡାବିତ୍।

ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ମୋହରାଡିହି ଗାଁ ଗସ୍ତିଡିହି ଆଦର୍ଶ ଯୁଥ କ୍ଲବ ଦ୍ୱାରା ଚାଲିଥିବା ଦୁଇ ଦିନିଆ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ନୂଆପଡ଼ା ନେହେରୁ ଯୁବ କେନ୍ଦ୍ରଙ୍କ ସହଯୋଗରେ ଏହି ପ୍ରତିଯୋଗିତାର ଉଦଘାଟନୀ କାର୍ଯ୍ୟକ୍ରମରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ଉମା ଠାକୁର, ନୂଆପଡା ସମିତି ସଂଘ ସଭାପତି ନୀଳକମଲ ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ଆଶିଷ କୁମାର ଠାକୁର, ଆମାନାରା ସମିତି ସଭ୍ୟ ନୂତନ ନାୟକ, ଆମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, ନାଏବ ସରପଞ୍ଚ ସରସିଂ ଠାକୁର, ଯୁଜେଷ୍ଟି ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଯୁବ କ୍ରୀଡାବିତମାନଙ୍କୁ ନେଇ କବାଡି, ରଶିଟଣା, ସ୍ଲୋ ସାଇକେଲ, ସଟପୁଟ, ଉଚ୍ଚଡିଆଁ, ଲମ୍ବଡିଆଁ ଇତ୍ୟାଦି କ୍ରୀଡା ପ୍ରତିଯୋଗିତା ହୋଇଥିଲା। ନୂଆପଡା ବ୍ଲକର ଅଧିକାଂଶ ଗାଁର ଯୁବତୀଯୁବକ, ଯୁବ ଅନୁଷ୍ଠାନ ଓ ଯୁବସଂଘରୁ ଅନେକ ପ୍ରତିଯୋଗୀ ଭାଗ ନେଇଥିଲେ। କବାଡି ପ୍ରତିଯୋଗିତାରେ ୧୮ଟି ଦଳ ଅଂଶ ଗ୍ରହଣ କରି ନବଜ୍ୟୋତି ସ୍ପୋର୍ଟ୍ସ କ୍ଲବ କୁକୁରାତାଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜୟ ବୁଢାଦେଓ ନନ୍ଦପୁର ଦ୍ୱିତୀୟ, ଶହୀଦ ସ୍ପୋର୍ଟିଂ କ୍ଲବ ସାରାବଙ୍ଗ ତୃତୀୟ, ଜୟ ବଜରଙ୍ଗ ଦଳ ପାୱାରତୋଲା ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି ରଶିଟଣାରେ ଆଦର୍ଶ ଯୁଥ କ୍ଲବ ଗସ୍ତିଡିହି ପ୍ରଥମ,ତ୍ରୀରଙ୍ଗା ସ୍ପୋର୍ଟ୍ସ କ୍ଲବ ମୋହରାଡିହି ଦ୍ୱିତୀୟ ଓ ଅମାନାରା ଜୁନିୟର ସ୍ପୋର୍ଟ୍ସ କ୍ଲବ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିମାନେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ମୁକେଶ ପାଣ୍ଡେ, ବିଶାଖା ହରିଜନ, ସଂଗ୍ରାମ ସିଂ ଓ କ୍ଲବ ସଭାପତି ଉପେସ କୁମାର ମାଝି, ସମ୍ପାଦକ ଲୋଚନ କେଉଟ, ସଦସ୍ୟ ଓମକେଶର ସାହୁ, ଯୋଗେଶ୍ୱର ସାହୁ, କମଳ ସାହୁ, ଉତ୍ତମ ସିଂ ମାଝି, ଧରମ ସିଂ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ‘ଲୋକଙ୍କ ଭିତରେ କ୍ରାନ୍ତି ଚେତନା ଜାଗ୍ରତର ପ୍ରୟାସ’

ଭବାନୀପାଟଣା,୨୪।୧(ସ୍ୱ.ପ୍ର.)



ସମ୍ମିଳନୀରେ ସୁନୀତି ମୁଣ୍ଡ ଓ ଅନ୍ୟମାନେ।

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଅବଦାନ ପାଇଁ ଭାରତର ସ୍ୱାଧୀନତା ପ୍ରାପ୍ତି ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଥିଲା। ତାଙ୍କ ଏହି ମହାନ ଆଦର୍ଶକୁ ପାଥେୟ କରି ଜନସାଧାରଣଙ୍କ ମଧରେ କ୍ରାନ୍ତି ଚେତନା ଜାଗ୍ରତ ପ୍ରୟାସରେ କଳାହାଣ୍ଡି ବିକାଶ ପରିଷଦ କ୍ରାନ୍ତିଯାତ୍ରା କରିବା ମୂଳ ଉଦ୍ଦେଶ୍ୟ ଥିଲା ବୋଲି ସୋମବାର ଭବାନୀପାଟଣାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡାକ୍ତର ସୁନୀତି ମୁଣ୍ଡ କହିଛନ୍ତି। ଗତ ଡିସେମ୍ବର ୩୦ତାରିଖ କ୍ରାନ୍ତି ଦିବସ ପାଳନ ଅବସରରେ ଭବାନୀପାଟଣାଠାରୁ ପରିଷଦର କ୍ରାନ୍ତିଯାତ୍ରା ୨୧ ଦିନ ବ୍ୟାପୀ ଅବିଭକ୍ତ କଳାହାଣ୍ଡି ଜିଲାର ୧୮ଟି ବ୍ଲକ ପରିକ୍ରମା କରି ଜାନୁୟାରୀ ୨୩ରେ ଏହା ସମାପନ ହୋଇଛି। ନେତାଜୀ ଭାରତ ଭୂମିରେ କ୍ରାନ୍ତି ଆଣିବାରେ ସଫଳ ହୋଇଥିଲେ ଏଣୁ ଲୋକଙ୍କ ଭିତରେ ସଚେତନତା ଆଣିବା ପାଇଁ କ୍ରାନ୍ତିର ଆହ୍ୱାନ ଦିଆଯିବା ସହିତ ବିକଶିତ କଳାହାଣ୍ଡି ଗଠନର ଆହ୍ୱାନ ଦିଆଯାଇଥିଲା। ଜନସାଧାରଣଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରାଇବାଥିଲା ଏହି କ୍ରାନ୍ତିଯାତ୍ରାର ଅଭିପ୍ରାୟ ବୋଲି ମୁଣ୍ଡ କହିଛନ୍ତି। ଏହି କ୍ରାନ୍ତି ଯାତ୍ରାରେ ସମସ୍ତ ବ୍ଲକରୁ ଶତାଧିକ ଲୋକଙ୍କ ସମାବେଶରେ ହାତରେ ତ୍ରିରଙ୍ଗା ଧରି ର୍ଯାଲି ସହର ପରିକ୍ରମା କରିଥିଲା। କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଟି ବ୍ଲକ ପରିକ୍ରମା ସମୟରେ ଅନେକ ସମସ୍ୟା ରହିଥିବା ଦେଖିଥିବା ସହିତ ଜିଲାର ଦୀର୍ଘସୂତ୍ରୀ ବିକାଶ ପାଇଁ କେହି ନେତା ମନ୍ତ୍ରୀ କିଛି ଦୂରଦୃଷ୍ଟି ରଖି ନ ଥିବା ସହିତ ନିଜ ହୀନମନ୍ୟତାର ଶିକାର ହୋଇ ନେତାମାନେ ଆଗାମୀ ପିଢ଼ୀଙ୍କୁ ରାସ୍ତାରୋକୋ କରିଛନ୍ତି। ଫଳରେ ନୂତନ ପିଢ଼ୀ ପ୍ରସ୍ତୁତ ହୋଇପାରୁନାହାନ୍ତି। ଏଣୁ ଜନସାଧାରଣ ନିଜ ଅଞ୍ଚଳର ବିକାଶ ପାଇଁ ସ୍ୱର ଉଠାଇବା ନିତାନ୍ତ ଜରୁରୀ ବୋଲି ସେ କହିଥିଲେ।

# କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୂଆପଡ଼ା ଅଫିସ,୨୪।୧


ଧାରଣାରତ ବ୍ୟାବସାୟୀମାନଙ୍କୁ ପୋଲିସ ବୁଝାଉଛି।

ନୂଆପଡା ଜିଲା କୋମନା ଥାନା ଅଧୀନସ୍ଥ ମିଛାପାଲି ସାପ୍ତାହିକ ହାଟରେ ଜଣେ ବ୍ୟବସାୟୀଙ୍କୁ ମାଡ ଘଟଣାକୁ ପ୍ରତିବାଦ କରି ମଙ୍ଗଳବାର ସାପ୍ତାହିକ ହାଟ ବନ୍ଦ ରହିବା ସହ ପଞ୍ଚାୟତ ସମ୍ମୁଖରେ ଗ୍ରାମବାସୀ, ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ଧାରଣାରେ ବସିଥିଲେ। ପ୍ରାୟ ୬ଘଣ୍ଟା ପରେ ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ଧାରଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହେବା ସହ ସାପ୍ତାହିକ ହାଟ ବସିଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ମିଛାପାଲି ସାପ୍ତାହିକ ହାଟକୁ କୋମନା ଥାନା ଦେଓଦର୍ହା ପଞ୍ଚାୟତ ଭୋସୋମାଲ ଗାଁର କୈଳାଶ ଦୀପ (୩୫) ପନିପରିବା ଧରି ବ୍ୟାବସାୟ ପାଇଁ ଆସିଥିଲେ। ହାଟରେ କିଛି ଲୋକ ଆସି ପନିପରିବା ଉପରେ ମୂଲଚାଲ କରି ଅଧିକ ଟଙ୍କା କାହିଁକି ନେଉଛୁ ବୋଲି କହି ବ୍ୟାବସାୟୀଙ୍କୁ ନିସ୍ତୁକ ମାଡ ମାରିଥିଲେ। ବ୍ୟବସାୟୀ ଜଣକ ଚେତାଶୂନ୍ୟ ହେବାରୁ କିଛି ବ୍ୟାବସାୟୀ ଭେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ କୋମନା ଥାନାରେ ଲିଖିତ ଅଭିଯୋଗ ପରେ ଏ ନେଇ ଏକ ମାମଲା (ନଂ.୨୮/୨୩) ରୁଜୁ ହୋଇଛି। କୌଣସି ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ବ୍ୟାବସାୟୀମାନେ ସୁରକ୍ଷିତ ମନେ କରୁନାହାନ୍ତି। ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହା

**ସାପ୍ତାହିକ ହାଟରେ ବ୍ୟବସାୟୀଙ୍କୁ ମାଡ଼ ଘଟଣା**

ବିରୋଧରେ ମଙ୍ଗଳବାର ସାପ୍ତାହିକ ହାଟ ବନ୍ଦ କରିବା ସହ ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରତିବାଦ ଧାରଣାରେ ଗ୍ରାମବାସୀ, ଅଞ୍ଚଳବାସୀ, ସ୍ୱୟଂ ସହାୟକ ଦଳ, ସ୍ଥାନୀୟ ଯୁବ ଅନୁଷ୍ଠାନ ଓ ବ୍ୟବସାୟୀମାନେ ସାମିଲ ଥିଲେ। ଏ ସଂକ୍ରାନ୍ତରେ ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ବ୍ୟାବସାୟୀମାନେ ଦୋକାନ ବଜାର ବନ୍ଦ କରି ଦେଇଥିଲେ। ଆମେ ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯାଇଥିଲୁ। ସେମାନେ ଘରେ ନ ଥିଲେ। ସେମାନଙ୍କ ଉପରେ କେସ ହୋଇଛି। ନିଶ୍ଚୟ ଗିରଫ ହେବେ ବୋଲି କହିଥିଲେ।

## ସଂକ୍ଷେପରେ

### ଭାରତ ବିକାଶ ପରିଷଦ ପକ୍ଷରୁ ଯୁବ ମହୋତ୍ସବ

**ସମ୍ବଲପୁର,୨୪।୧(ବ୍ୟୁରୋ):** ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତି ଉପଲକ୍ଷେ ଅନୁଷ୍ଠିତ ଯୁବ ମହୋତ୍ସବ ୨୦୨୩ର ସମାପନ ଉତ୍ସବ ହିଣ୍ଡାଲ୍କୋ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଛି। ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା ଓ ହିଣ୍ଡାଲ୍କୋ ସ୍ମେଲଟରର ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ସତ୍ୟ ପ୍ରସାଦ ଦାସ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପ୍ରବନ୍ଧକ ଆନନ୍ଦ କୁମାର ଚକ୍ରବର୍ତ୍ତୀ, ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତର ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ଶର୍ମା, ଭାରତୀୟ ଶିକ୍ଷଣ ମଣ୍ଡଳର ଓଡିଶା ପଶ୍ଚିମ ପ୍ରାନ୍ତ ସମ୍ପାଦକ ଡ. ଉମେଶ କୁମାର ସିଂ, ସଭାପତି ସରୋଜ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ନନ୍ଦଲାଲ ଦାସ ଅତିଥି ଭାବେ ଯୋଗଦେଇଥିଲେ। ସରୋଜ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ରଞ୍ଜନ କୁମାର ହୋତା, ଦିବାକର ମହାନନ୍ଦ, ହିମାଂଶୁ ଶେଖର ହୋତାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଆକାଶବାଣୀ ସମ୍ବଲପୁର ନ୍ୟୁଜ ବିଭାଗ ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୪।୧(ବ୍ୟୁରୋ):** ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଆଞ୍ଚଳିକ ସମ୍ବାଦ ବିଭାଗ ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଆକାଶବାଣୀ ପରିସରରେ ଉତ୍ସବର ଆୟୋଜନ କରାଯାଇଥିଲା। କେନ୍ଦ୍ରର ଯାନ୍ତ୍ରିକ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, କାର୍ଯ୍ୟକ୍ରମ୍ ମୁଖ୍ୟ ମନୋଜ ପୂଜାରୀଙ୍କ ସମେତ ଆଞ୍ଚଳିକ ସମ୍ବାଦ ବିଭାଗ ସହ ଜଡ଼ିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ବସନ୍ତ କୁମାର ମାଝି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଶିବଶଙ୍କର ନନ୍ଦ ଉପସ୍ଥିତ ରହି ସମ୍ବଲପୁରୀ ଅଞ୍ଚଳିକ ସମ୍ବାଦର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସମ୍ବାଦ ବିଭାଗର କ୍ରମବିକାଶ ବିଷୟରେ କ୍ଷେତ୍ରମଣି ବିଭାର ଆଲୋଚନା କରିଥିଲେ।

### ଯୁବ ରେଡକ୍ରସ ପକ୍ଷରୁ ଶିକ୍ଷା ତାଲିମ ଶିବିର

**କୁଚିଣ୍ଡା,୨୪।୧(ଡି.ଏନ.ଏ.):** ରାଜ୍ୟ ଶାଖା ଯୁବ ରେଡକ୍ରସ ପକ୍ଷରୁ କୁଚିଣ୍ଡା ମହାବିଦ୍ୟାଳୟଠାରେ ସ୍ୱେଚ୍ଛାସେବୀଙ୍କ ଶିକ୍ଷା ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଦାୟିତ୍ୱରେ ଥିବା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ସମ୍ବଲପୁର ଯୁବ ରେଡକ୍ରସ କନ୍‌ଭେନର ସେକ୍ରେଟାରୀ ଡ. ପବିତ୍ର କୁମାର ବେହେରା ମୁଖ୍ୟବକ୍ତା, ଜିଲା ସଂଯୋଜକ ଅଞ୍ଜନ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଯୁବ ରେଡକ୍ରସ କାଉନସିଲର ଅଧାପକ ଭିକାରୀ ଓରାମ ଶିବିର ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିବା ବେଳେ ଏହାକୁ ଅଧାପିକା ଝରଣାମୟୀ ସୁନା ପରିଚାଳନା କରିଥିଲେ। ଏଥିରେ ସମ୍ବଲପୁର ଜିଲାର ୧୭ ମହାବିଦ୍ୟାଳୟରୁ ୧୦୦ ଜଣ ଛାତ୍ରୀଛାତ୍ର ଓ ୧୫ ଜଣ କାଉନସିଲର ଯୋଗଦେଇଥିଲେ। ଶେଷରେ ଅଧାପକ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦିନତମାମ ବିଦ୍ୟୁତ୍ ସେବା ବନ୍ଦ

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଜାତୀୟ ରାଜପଥ ନିର୍ମାଣ କରୁଥିବା ସଂସ୍ଥା ଏଆଇପିଏଲ୍ କମ୍ପାନୀ ହାଇୱା ଧକ୍କାରେ ମଙ୍ଗଳବାର ବିଦ୍ୟୁତ୍ ଖୁଣ୍ଟ ଉପୁଡି ତାର ଛିଣ୍ଡିଯାଇଥିଲା। ଫଳରେ ମାନେଶ୍ୱର, ଚମାରପଡା, ଗଣେଶନଗର ଆଦି ସ୍ଥାନରେ ଦିନତମାମ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ମାନେଶ୍ୱର ଏକ ବ୍ୟବସାୟ ସ୍ଥଳ ହୋଇଥିବାରୁ ବ୍ୟାଙ୍କ, ଦୋକାନବଜାର, ପାଣି ଯୋଗାଣ ଭଳି କାମ ପ୍ରଭାବିତ ହୋଇଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଟାଟା ପାୱାର କମ୍ପାନୀର ଅଧିକାରୀ, କର୍ମଚାରୀ ପହଞ୍ଚି ମରାମତି କାମ କରିବା ପରେ ସନ୍ଧ୍ୟା ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁସାରେ ପୂର୍ବାହ୍ନରେ ରାସ୍ତା କାମରେ ନିୟୋଜିତ ଥିବା ହାଇୱା ଗଣେଶନଗର ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଖୁଣ୍ଟ ଉପୁଡିଯିବା ସହ ତାର ଛିଣ୍ଡି ଯାଇଥିଲା। ଜୋର୍‌ରେ ଶବ୍ଦ ହେବାରୁ ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଅଟକ ରଖିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଠିକାସଂସ୍ଥା ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଥିଲା। ହେଲେ ଲୋକମାନେ ଏଭଳି ଘଟଣା ପାଇଁ ଦାୟୀ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପରେ ଟାଟା ପାୱାର କର୍ମଚାରୀମାନେ ହାଇୱା (ନଂ.ଓଡି୧୯ଭି-୭୨୪୭)ର ଫଟୋ ଉତ୍ତୋଳନ କରି ଛାଡି ଦେଇଥିଲେ। ଏ ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍ ଧନୁପାଲି


ମାନେଶ୍ୱର ଛକରେ ହାଇୱା ଧକ୍କାରେ ଉପୁଡିଥିବା ବିଦ୍ୟୁତ୍ ଖୁଣ୍ଟ।

**କମ୍ପାନୀ ହାଇୱା ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା**

■ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ଡିଓ

ଏସ୍‌ଡିଓ କୈଳାଶ ଚନ୍ଦ୍ର ବଳ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇଛି। ହାଇୱା ଧକ୍କା ଦେବାରୁ ଏଭଳି ଘଟଣା ଘଟିଛି। କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଠିକା ସଂସ୍ଥା ଅଧିକାରୀ ଗୌରବ ଦାସ କହିଛନ୍ତି, ଏହା ଏକ ଦୁର୍ଘଟଣା। ମରାମତି କାମ କରିବାକୁ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରାଯାଇଥିଲା। ଆମ କମ୍ପାନୀ ପକ୍ଷରୁ ମଧ୍ୟ ସହଯୋଗ କରାଯାଇଛି ବୋଲି କହିଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ସୁଶ୍ରିତା ଭୋଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ କିଚିଣ୍ଡା ଶାଖା ପରିଚାଳକ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ୫୮ଜଣ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀମାନେ ଆତ୍ମରକ୍ଷା ବିଷୟରେ ପ୍ରଶିକ୍ଷଣ ନେବା ଜରୁରୀ। ଫଳରେ ସେମାନେ ଖଳପ୍ରକୃତି ଲୋକଙ୍କୁ ଉଚିତ ଜବାବ ଦେଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ପ୍ରତିଭା ଡାଙ୍ଗ ପ୍ରଶିକ୍ଷଣ ବିଷୟରେ ଆଲୋକପାତ କରିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ତଥା ଖେଳ ଅଧାପକ ସୁରେଶ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।


ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ସବୁ କ୍ଷେତ୍ରରେ ଝିଅମାନଙ୍କ ଦକ୍ଷତା ରହିଛି: ଜିଲାପାଳ

**ସମ୍ବଲପୁର,୨୪।୧(ବ୍ୟୁରୋ)**

ଝିଅମାନଙ୍କୁ ସବୁ କ୍ଷେତ୍ରରେ ଆଗରେ ଦେଖିବାକୁ ମିଳୁଛି। ଶିକ୍ଷା, କ୍ରୀଡା ତଥା ସାମାଜିକ ଦାୟିତ୍ୱ ଆଦି କ୍ଷେତ୍ରରେ ସେମାନେ ଦକ୍ଷତାର ସହ କାର୍ଯ୍ୟନିର୍ବାହ କରୁଛନ୍ତି। ସେମାନଙ୍କୁ ପିଲା ଦିନରୁ ପରିବାର ବର୍ଗ ପ୍ରସ୍ତୁତି କରିବାକୁ ହେବ। ସେମାନଙ୍କ ଇଚ୍ଛା ଅନୁସାରେ ଶିକ୍ଷାଦାନ କଲେ ନିଶ୍ଚିତ ଭାବେ ଜଣେ ଭଲ ଓ ଦକ୍ଷ ମଣିଷ ଭାବେ ସୁନାମ ଅର୍ଜନ କରିବେ ବୋଲି ଜିଲାପାଳ ଅନନ୍ୟା ଦାସ କହିଛନ୍ତି। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ମଙ୍ଗଳବାର ଜିଲାସ୍ତରୀୟ ଶିଶୁକନ୍ୟା ଦିବସ ଅବସରରେ ଜିଲାପାଳ ଏହା କହିଥିଲେ। ଡିଏସ୍‌ଡବ୍ଲୁଓ ଗୀତାଞ୍ଜଳି ମହାପାତ୍ର, ଏଡିଏମ୍ ଅଜାମ୍ବର ମହାନ୍ତି, ଜିଲା ଜରୁରିକାଳୀନ ଅଧିକାରୀ ମଧୁମିତା ଦଳେଇ, ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ, ଡିସିପିଓ ସୁଚସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୫୦ଜଣ ଛାତ୍ରୀ ଯୋଗଦେଇଥିଲେ। ଗୀତ, ନାଚ, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡବ୍ଲୁସି ଅଧକ୍ଷ ପ୍ରଶାନ୍ତ ପାଢୀ, ସଦସ୍ୟ ଶିବ ଶଙ୍କର ନନ୍ଦ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।



ଜିଲାପାଳ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି ।

### କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ପକ୍ଷରୁ ପଶ୍ଚିମ ଓଡିଶାରେ ଏକ କେନ୍ଦ୍ରିୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତରେ ଥିବା ସମୟରେ ସଦସ୍ୟମାନେ ଭେଟି ତାଙ୍କୁ ଦାବି କରିଥିଲେ। ଏହାସହ ନବନିର୍ମିତ ସଂସଦ ଭବନରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଦିଲ୍ଲୀର ଏକ ମାର୍ଗକୁ ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା, ବରଗଡ ଜିଲା ଚିତାଖାଇରେ ସ୍ୱାଧୀନତା ସ୍ମାରକୀ ଓ ସଂଗ୍ରାମୀଙ୍କ ସଂଗ୍ରାହାଳୟ ନିର୍ମାଣ, ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଅଭିଲେଖାଗାରରେ ତାଙ୍କର ଗାଥା ରଖିବା ପ୍ରଭୃତି ଦାବି କରିଥିଲେ। ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ସହ ସଂଯୋଜକ ଅରବିନ୍ଦ ନାୟକ, ଗୋବିନ୍ଦ ଅଗ୍ରୱାଲ, ପ୍ରଦିପ ସୁପକାର ଉପସ୍ଥିତ ରହିଥିଲେ।

# ଏସ୍‌ୟୁ କୁଳପତିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଏସ୍‌ୟୁ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି କୁଳପତି ମିଶ୍ର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ସୂଚନା ଦେଇଥିଲେ। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଲାଇବ୍ରେରୀର କାର୍ଯ୍ୟାବଳୀ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କୁଳସଚିବ ଡ଼. ନୃପରାଜ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳପତି ମିଶ୍ର ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗରେ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟରେ ପରିଣତ କରି ପାଠ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୁଳସଚିବ ଡ଼. ସାହୁ ବିଶ୍ୱବିଦ୍ୟାଳୟର ହତ ଗୌରବ ଫେରାଇଆଣିବାରେ କୁଳପତିଙ୍କ ପ୍ରତିବଦ୍ଧତା ଥିବା ଉଲ୍ଲେଖ କରି ଏ ଦିଗରେ ବୁଦ୍ଧିଜୀବୀଙ୍କ ସହଯୋଗ ଲୋଡିଥିଲେ। ଯୁଗ୍ମସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସ୍‌ସିବି କଲେଜର ସୁବର୍ଣ୍ଣ ଜୟନ୍ତୀ



ସ୍ମରଣିକା ଉନ୍ମୋଚନ କରୁଛନ୍ତି ଅତିଥିମାନେ ।

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅଧକ୍ଷା ଡ. ସିକତା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ବୀରସେନ ଦଲାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସ୍‌ୟୁ କୁଳପତି ପ୍ରଫେସର ବିଦୁଭୂଷଣ ମିଶ୍ର ମୁଖ୍ୟଅତିଥି ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦଶାଳୟ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତି ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କଲେଜର ପୂର୍ବତନ ଅଧକ୍ଷମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜର ପ୍ରତିଷ୍ଠା ବର୍ଷର ପ୍ରଥମ ଛାତ୍ର ଡ. ଆଶୋକ କୁମାର ହୋତାଙ୍କୁ ସମ୍ମାନିତ କରିଥିଲେ। ସେହିପରି ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଓ ବିଶ୍ୱବିଦ୍ୟାଳୟରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଓଡିଆ ସ୍ନାତକ ଛାତ୍ର ଶୋଭନ ବେହେରାଙ୍କୁ ଅନସୂୟା ମହାପାତ୍ର ସ୍ମୃତି ସମ୍ମାନ ୨୦୨୨ ଦିଆଯାଇଥିଲା। କଲେଜର ସ୍ମରଣିକା ଜାଗୃତି ଉନ୍ମୋଚିତ ହୋଇଥିଲା। ଅଧାପକ ରଘୁମଣି ନାୟକଙ୍କ ପରିଚାଳନାରେ ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଓଡ଼ିଶା ସାଂସ୍କୃତିକ ସମାଜ ପରିସରରେ ସଂଗ୍ରାମୀଙ୍କ ଜୟନ୍ତୀ

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜ ମିଳିତ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଡ. ଶିବପ୍ରସାଦ ବେହେରା ବକ୍ତା ଭାବେ ଯୋଗଦେଇ କହିଥିଲେ, ବୀର ସୁରେନ୍ଦ୍ର ସାଏ ୩୭ବର୍ଷ କାରାବରଣ କରିବା ପୃଥିବୀ ଇତିହାସରେ ବିରଳ। ସୁରେନ୍ଦ୍ର ଓ ସୁଭାଷ ଉଭୟେ ନିଜ ମାଟି ପାଇଁ ଭୋଗ ବିଳାସ ତ୍ୟାଗ କରିଛନ୍ତି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଶାସନ ପକ୍ଷରୁ ଉମାକାନ୍ତ ରାଜ ଉପସ୍ଥିତ ଥିଲେ। ଅପରାହ୍ନରେ ସମ୍ବଲପୁରର ୨୩ ବିଦ୍ୟାଳୟରୁ ୧୧୦୦ ଛାତ୍ରୀଛାତ୍ରଙ୍କୁ ନେଇ ପଥ ସଞ୍ଚଳନ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ବରିଷ୍ଠ ସଦସ୍ୟ ଅଶୋକ ପ୍ରଧାନ ପ୍ରଧାନ, ଡ. ବିଜୟ କୁମାର ପ୍ରଧାନ, ଡ. ସତ୍ୟନାରାୟଣ ଠାକୁର, ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜରାବଗା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି


ବୈଠକରେ ଆଲୋଚନା କରାଯାଉଛି।

**କୁଚିଣ୍ଡା,୨୪।୧(ଡି.ଏନ.ଏ.)**

ବାମରା ବ୍ଲକ ଜରାବଗା ପଞ୍ଚାୟତର ଜରାବଗା ସରକାରୀ ହାଇସ୍କୁଲରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ସୋମବାର ହାଇସ୍କୁଲ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଟ୍ଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭିଷଣ କିଷାନ, ଅବସରପ୍ରାପ୍ତପ୍ରାପ୍ତ ଶିକ୍ଷକ ରବିନାରାୟଣ ନାଏକ, ପୂର୍ବତନ ଛାତ୍ର ସୁରେନ୍ଦ୍ର ପଟେଲ, ନରେନ୍ଦ୍ର ପଟ୍ଟା, ଅରୁଣ ପଟେଲ, ରମେଶ ପଟେଲଙ୍କ ସମେତ ଜରାବଗା ଗ୍ରାମ୍ୟକମିଟି ସଭାପତି ବାଲୁଙ୍କେଶର ମିଶ୍ର ଯୋଗଦେଇଥିଲେ।

### ହିଣ୍ଡାଲ୍‌କୋରେ ଜାତୀୟ କନ୍ୟା ସନ୍ତାନ ଦିବସ

**ସମ୍ବଲପୁର,୨୪।୧(ବ୍ୟୁରୋ)**

ହିଣ୍ଡାଲ୍‌କୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଉପ ମହାପ୍ରବନ୍ଧକ ବିଘ୍ନେଶ୍ୱର ପଣ୍ଡା, ସିଏସ୍‌ଆର୍ ବିଭାଗର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ, ମାସୁମ ମହାପାତ୍ର ଯୋଗଦେଇ କନ୍ୟା ସନ୍ତାନ ଯତ୍ନ ଓ ଏହି ଦିବସ ପାଳନର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୬୦ ଜଣ ଛାତ୍ରୀ ଉପସ୍ଥିତ ଥିଲେ।

# ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ମଶାଲ ଶୋଭାଯାତ୍ରା

**ସମ୍ବଲପୁର,୨୪।୧(ବ୍ୟୁରୋ)**

ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, କେନ୍ଦୁପତ୍ର କର୍ମଚାରୀ ସଂଘର ବିଜୟ ମହାନ୍ତି ଓ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଯୋଗଦେଇଥିଲେ। ଅନୁଷ୍ଠାନର ଆବାହକ ତଥା କେନ୍ଦୁପତ୍ର କଲ୍ୟାଣ ବୋର୍ଡ କମିଟି ଉପଦେଷ୍ଟା ସଞ୍ଜିତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳା ଥାନା ସମ୍ମୁଖରୁ ମଶାଲ ଶୋଭାଯାତ୍ରା ବାହାରି ଜେଲ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ମାଲ୍ୟାର୍ପଣ ପରେ ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା ।


ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

# ପ୍ରସ୍ତାବିତ ଇଥାନଲ କମ୍ପାନୀକୁ ବିରୋଧ

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ କୁକୁଡାପାଲି ପଞ୍ଚାୟତରେ ଏକ ଇଥାନଲ କମ୍ପାନୀ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ଏହା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ବିରୋଧ କରାଯାଉଛି। ପୂର୍ବରୁ ଗ୍ରାମସଭାରେ ମଧ୍ୟ ବିରୋଧ ହୋଇଥିଲା। ମଙ୍ଗଳବାର ଶତାଧିକ ଅଞ୍ଚଳବାସୀ ସ୍ୱାକ୍ଷର ଥିବା ଅଭିଯୋଗ ପତ୍ରକୁ ଏକ ପ୍ରତିନିଧି ଦଳ ଏଡିଏମ୍ ଉମାକାନ୍ତ ରାଜଙ୍କୁ ଭେଟି ପ୍ରଦାନ କରିଛନ୍ତି।

ଅଭିଯୋଗ କ୍ରମେ ଏହି ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରନ୍ତି। ହୀରାକୁଦ ଜଳସେଚନ ହେବା ଫଳରେ ବିଭିନ୍ନ ଫସଲ ହୋଇଥାଏ। ଏହାସହ ପ୍ରସ୍ତାବିତ ଜମି ନିକଟରେ ମାଳତୀ ନଦୀ ଓ ଏକ ଗ୍ରାମ୍ୟ ଜଙ୍ଗଲ ମଧ ରହିଛି। ଯଦି ଏଠାରେ ଇଥାନଲ କମ୍ପାନୀ ଖୋଲାଯାଏ ତା'ହେଲେ ଅଞ୍ଚଳର ଚାଷ, ଗ୍ରାମ୍ୟ ଜଙ୍ଗଲ, ନଦୀ ଆଦି ପ୍ରଭାବିତ ହେବ। ବାୟୁ ଓ ଶବ୍ଦ ପ୍ରଦୂଷଣ ହେବ। ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳରେ ଦ୍ରୁତ ଶିଳ୍ପାୟନର ପ୍ରଭାବ ପୂର୍ବରୁ ଦେଖିବାକୁ ମିଳିଛି। ସ୍ଥାନୀୟ ନିଯୁକ୍ତି ନାମରେ ଲୋକମାନଙ୍କୁ ଠକି ଦିଆଯାଇଛି। ପ୍ରଦୂଷଣ କବଳରେ ଲୋକମାନେ ସନ୍ତୁଳି ହେଉଛନ୍ତି। ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଅଞ୍ଚଳରେ


ଏଡିଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

**ଏଡିଏମ୍‌ଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ**

ପରିବେଶ ପ୍ରଦୂଷଣ ମାତ୍ରାକୁ ନେଇ ପ୍ରସ୍ତାବିତ କମ୍ପାନୀ ହୋଇପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ପୂର୍ବରୁ ଅନୁଷ୍ଠିତ ଗ୍ରାମ ସଭାରେ ଅଞ୍ଚଳର ଚାଷୀ, ମହିଳା ଓ ନେତାମାନେ ଉପସ୍ଥିତ ରହି ଅନୁମତି ଦେବା ବିରୋଧରେ ପ୍ରସ୍ତାବ ଦେଇଥିଲେ। ତେଣୁ ଜନସାଧାରଣଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ପ୍ଲାଣ୍ଟକୁ ଅନୁମତି ଦିଆ ନ ଯାଉ ବୋଲି ଦାବି କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଚିନ୍ତାମଣି ନାଏକ, ଦିପକ ନାଏକ, ବିବେକାନନ୍ଦ ନାଏକ, ଗୌତମ ସାଲିମା, ସୀମା ନାଏକ, ଯୁଗଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

